ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୯/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 19/2025 Page 16 ₹ 7.00 RAYAGADA
୫୧ଶ ଭାଗ ୩୨୩ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 323 ମୂଲ୍ୟ₹୭/-




# ବନ୍ୟପ୍ରାଣୀ, ପରିବେଶ ଚିନ୍ତାରେ ଜୁଆଙ୍ଗ

**କେନ୍ଦୁଝର,୧୮।୧୦**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**


ବନ୍ଧରେ ଏକ ଛୁଆହାତୀ ମା' ସହ ଜଳକ୍ରୀଡ଼ା କରୁଛି।

- **ପାହାଡ଼ରେ ବନ୍ଧ ନିର୍ମାଣ ସହ ଗଛ ଲଗାଉଛନ୍ତି**
- **ହାତୀ-ମଣିଷ ସଂଘର୍ଷ ହ୍ରାସ କରିବାକୁ ପ୍ରୟାସ**

କେନ୍ଦୁଝର ଜିଲାର ବିଭିନ୍ନ ବ୍ଲକ୍‌ରେ ହାତୀ ଉପଦ୍ରବ ସବୁଦିନିଆ ଘଟଣାରେ ପରିଣତ ହୋଇଛି। ହାତୀପଲ ଜନବସତିରେ ପଶି ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ବନ ବିଭାଗ ପକ୍ଷରୁ କ୍ଷତିପୂରଣ ମିଳୁଥିଲେ ହେଁ ପ୍ରକୃତ କ୍ଷତିର ଭରଣା ହୋଇପାରୁ ନ ଥିବାରୁ ଅନେକ ସମୟରେ ହାତୀ-ମଣିଷ ସଂଘର୍ଷ ବୃଦ୍ଧି ପାଉଛି। ବନ୍ୟପ୍ରାଣୀ ଓ ମଣିଷ ମଧ୍ୟରେ ସଂଘର୍ଷ ଓ ବନ୍ୟପ୍ରାଣୀ ଯଥା ହାତୀଙ୍କ ଖାଦ୍ୟ ବ୍ୟବସ୍ଥା ପାଇଁ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କୋଡ଼ିପଶା ପଞ୍ଚାୟତ କଂସ ଗ୍ରାମର ଜୁଆଙ୍ଗ ଜନଜାତି ଅଣ୍ଟା ଭିଡ଼ିଛନ୍ତି। ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତାରେ ନିଜ ସୁରକ୍ଷା ସହ ପରିବେଶ, ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଚାରାରୋପଣ, ପାହାଡ଼ରେ ବନ୍ଧ ନିର୍ମାଣ ଆଦି କାର୍ଯ୍ୟ ଆରମ୍ଭ କରିଛନ୍ତି। କୋଡ଼ିପଶା ପଞ୍ଚାୟତର ତଳକଂସ ଗ୍ରାମବାସୀଙ୍କ ପ୍ରୟାସରେ ମଣିଷ ଓ ହାତୀ ସହାବସ୍ଥାନର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ତଳକଂସ ଗ୍ରାମ କଂସ ଗାଁର ଅଂଶ ହୋଇଥିଲେ ହେଁ ଏକ ପାହାଡ଼ ଗାଁକୁ ବିଚ୍ଛିନ୍ନ କରିଛି। ପାହାଡ଼ ଓ ଜଙ୍ଗଲ ଘେରା ତଳକଂସରେ ପ୍ରାୟ ୩୧ ଗରିବ ଜୁଆଙ୍ଗ ପରିବାର ରହୁଛନ୍ତି। ଗ୍ରାମବାସୀ କୌଣସି ସରକାରୀ ଯୋଜନାର ଲାଭ ପାଇନାହାନ୍ତି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ☞ପୃଷ୍ଠା-୪

# ଭାରତକୁ ନିର୍ଣ୍ଣାୟକ ଜବାବ ଦେବ ପାକ୍: ମୁନିର

ଆଫ୍‌ଗାନିସ୍ତାନ ସହ ପାକିସ୍ତାନର ସୀମା ସଂଘର୍ଷ ଜାରି ରହିଥିବାବେଳେ ଶନିବାର ପାକ୍ ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିର ପୁଣି ଭାରତ ବିରୋଧୀ ଆଭିମୁଖ୍ୟ ଦୋହରାଇଛନ୍ତି। ଖାଇବରପାଖ୍ତୁନଖ୍ୱାସ୍ଥିତ ଅବୋଟ୍ଟାବାଦର କକୁଲରେ ମିଲିଟାରୀ ଏକାଡେମୀକୁ ସମ୍ବୋଧିତ କରି ମୁନିର କହିଛନ୍ତି, ଭାରତୀୟ ସେନାର ଧମକରେ ପାକିସ୍ତାନ ଭୟଭୀତ ହେବନାହିଁ କି ଉପାୟଶୂନ୍ୟ ହୋଇ ବସିଯିବ ନାହିଁ। ଭାରତ ସାମାନ୍ୟ ଉତ୍ତେଜନା ସୃଷ୍ଟିକଲେ ପାକିସ୍ତାନ ନିର୍ଣ୍ଣାୟକ ଜବାବ ଦେବ। ଆଣବିକ ଶକ୍ତିସମ୍ପନ୍ନ ପରିବେଶରେ ଯୁଦ୍ଧର କୌଣସି ସ୍ଥାନ ନାହିଁ ବୋଲି ମୁନିର ଭାରତୀୟ ସେନାକୁ ପରାମର୍ଶ ଦେଇଛନ୍ତି। 'ଅପରେଶନ୍ ସିନ୍ଦୂର' ପରଠାରୁ ଉଭୟ ଦେଶର ସେନା ଅଧିକାରୀ ଓ ନେତାମାନେ ପରସ୍ପର ବିରୋଧୀ ମନ୍ତବ୍ୟ ଦେଇଆସୁଛନ୍ତି। ଭାରତର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଲକ୍ଷ୍ନୌସ୍ଥିତ ସରୋଜିନୀନଗରରେ ବ୍ରହ୍ମୋସ୍ ଏରୋସ୍ପେସ୍ ନିର୍ମାଣ ୟୁନିଟ୍‌ରେ ପ୍ରଥମ ବ୍ୟାଚ୍ ଉତ୍ପାଦନ ଆରମ୍ଭ ଅବସରରେ କହିଛନ୍ତି, ପାକିସ୍ତାନର ପ୍ରତି ଇଞ୍ଚ୍ ବ୍ରହ୍ମୋସ୍ ରେଞ୍ଜରେ ରହିଛି। ରାଜନାଥଙ୍କ ଏଭଳି ମନ୍ତବ୍ୟ ପରିପ୍ରେକ୍ଷୀରେ ମୁନିରଙ୍କ ଚେତାବନୀକୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।


ଆସିମ ମୁନିର

**ଇସ୍‌ଲାମାବାଦ,୧୮।୧୦(ପି.ଟି.)**

ଭାରତ ସାମାନ୍ୟ ଉତ୍ତେଜନା ସୃଷ୍ଟି କଲେ ଏହାର ନିର୍ଣ୍ଣାୟକ ଜବାବ ଦିଆଯିବ ବୋଲି ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ସୟେଦ ଆସିମ ମୁନିର ଶନିବାର ନୂଆଦିଲ୍ଲୀକୁ କଡ଼ା ଚେତାବନୀ ଦେଇଛନ୍ତି। ଏକ ପରମାଣୁକୃତ ପରିବେଶରେ ଯୁଦ୍ଧର ସ୍ଥାନ ନାହିଁ ବୋଲି ମୁନିର ଅବୋଟ୍ଟାବାଦସ୍ଥିତ ପାକିସ୍ତାନ ମିଲିଟାରି ଏକାଡେମୀ ପରିସରରେ ସେନା କ୍ୟାଡେଟ୍‌ମାନଙ୍କ ପାସିଂ ଆଉଟ୍ ଉତ୍ସବରେ ଯୋଗଦେଇ କହିଛନ୍ତି। ଆମେ କାହାର ବୟାନବାଜିରେ କଦାପି ଡରିବୁ ନାହିଁ କି ବିବଶ ହେବୁନାହିଁ। ଆମେ କୌଣସି ଚିନ୍ତା ନ କରି ସାମାନ୍ୟ ଉତ୍ତେଜନାର ନିର୍ଣ୍ଣାୟକ ଜବାବ ଦେବୁ ବୋଲି ପାକ୍ ସେନା ମୁଖ୍ୟ କହିଛନ୍ତି।

ନିକଟରେ ଭାରତ-ପାକିସ୍ତାନ ସାମରିକ ସଂଘର୍ଷରେ ତାଙ୍କ ଦେଶର ସଶସ୍ତ୍ର ବଳ ସମସ୍ତ ବିପଦକୁ ପଣ୍ଡ କରିବା ସହ ସଂଖ୍ୟା ଦୃଷ୍ଟିରୁ ଅଧିକ ଶକ୍ତିଶାଳୀ ଶତ୍ରୁ ବିରୋଧରେ ବିଜୟ ହାସଲ କରିଥିଲା, ଯାହା ଆମ ସେନାର ଉଲ୍ଲେଖନୀୟ ପେସାଦାରିତା ଏବଂ ପ୍ରଭାବକୁ ପ୍ରଦର୍ଶିତ କରିଥିଲା ବୋଲି ମୁନିର କହିଛନ୍ତି। ମେ' ୭ରେ ଭାରତୀୟ ସେନା ଅପରେଶନ ସିନ୍ଦୂର ଆରମ୍ଭ କରିବାର ୪ ଦିନ ପରେ ଅସ୍ତ୍ରବିରତି ପାଇଁ ମେ' ୧୦ରେ ☞ପୃଷ୍ଠା-୪

## ପାକିସ୍ତାନର ପ୍ରତି ଇଞ୍ଚ୍ ବ୍ରହ୍ମୋସ୍ ରେଞ୍ଜରେ: ରାଜନାଥ

**ଲକ୍ଷ୍ନୌ,୧୮।୧୦(ପି.ଟି.)**

ପାକିସ୍ତାନ ଅଞ୍ଚଳର ପ୍ରତ୍ୟେକ ଇଞ୍ଚ୍ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ ମିଶାଇଲ୍‌ର ଲକ୍ଷ୍ୟଭେଦ ସୀମା ମଧ୍ୟରେ ରହୁଛି। ଅପରେଶନ ସିନ୍ଦୂର ବେଳେ ଯାହା ଘଟିଥିଲା, ତାହା କେବଳ ଏକ ଟ୍ରେଲର ଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର କହିବା ସହ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି। ବିଜୟ ଭାରତ ପାଇଁ ଏକ ଅଭ୍ୟାସ ବୋଲି ଉକ୍ତ ଅପରେଶନ ପ୍ରମାଣିତ କରିଥିବା ରାଜନାଥ କହିଛନ୍ତି। ସରୋଜିନୀ ନଗରଠାରେ ବ୍ରହ୍ମୋସ୍ ଏରୋସ୍ପେସ୍ ୟୁନିଟ୍‌ର ପ୍ରଥମ ବ୍ୟାଚ୍ ☞ପୃଷ୍ଠା-୪

# ଦୀପାବଳି ପାଳନକୁ ନେଇ ଦ୍ୱନ୍ଦ୍ୱ

**ପୁରୀ,୧୮।୧୦**
**(ଅଜିତ୍ କୁମାର ମହାନ୍ତି)**

- **୨୦ରେ ପାଳନ କରିବାକୁ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ନିଷ୍ପତ୍ତି**
- **୨୧ରେ ଦୀପାବଳି ପାଳନ କରନ୍ତୁ: ହରିଶଙ୍କର ମିଶ୍ର**

କିଛି ବର୍ଷ ହେବ ପର୍ବ ପାଳନ ନେଇ ଦ୍ୱନ୍ଦ୍ୱ ଦେଖିବାକୁ ମିଳୁଛି। ଫଳରେ ଲୋକେ କେଉଁ ପଞ୍ଜିକା ଓ କ୍ୟାଲେଣ୍ଡର ଅନୁଯାୟୀ ପାଳନ କରିବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ରହୁଛନ୍ତି। ଏପରି ସମସ୍ୟାକୁ ଦୂର କରିବା ନିମନ୍ତେ ବାରମ୍ବାର ପଞ୍ଜିକା ସମୀକରଣ ବୈଠକ ବସି ପର୍ବପର୍ବାଣିର ତିଥି ବାବରେ ଯେପରି ସମାନତା ରହିବ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ମାତ୍ର ସେଥିରେ ସୁଧାର ଆସିପାରୁ ନାହିଁ। ଗତବର୍ଷ ଭଳି ଚଳିତ ବର୍ଷ ବିଭିନ୍ନ ପର୍ବ ପାଳନ ନେଇ ତିଥି ବାବରେ ଭିନ୍ନତା ଦେଖିବାକୁ ମିଳିଛି। ଚଳିତବର୍ଷ ଦୀପାବଳି, ପୟାଶ୍ରାଦ୍ଧ ପାଳନ ନେଇ ପାଞ୍ଜିରେ ଭିନ୍ନଭିନ୍ନ ମତ ଯୋଗୁ ଲୋକଙ୍କ ମଧ୍ୟରେ ଦୀପାବଳି ପାଳନକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ସରକାରୀ ଛୁଟି ମଧ ଏଥିପାଇଁ ପ୍ରଭାବିତ ହୋଇଛି। କିଛି ପାଞ୍ଜିରେ ଦୀପାବଳି ୨୦ ତାରିଖରେ ଓ ଆଉ କିଛି ପାଞ୍ଜିରେ ୨୧ ତାରିଖରେ ପାଳନ ନେଇ ଉଲ୍ଲେଖ ରହିଛି। ଏପରି ଦ୍ୱନ୍ଦ୍ୱ ଦେଖାଯିବା ଫଳରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ୨୦ ତାରିଖରେ ଦୀପାବଳି ଓ ପୟାଶ୍ରାଦ୍ଧ, ଶ୍ୟାମାକାଳୀ ପୂଜା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର ମତ ଉପସ୍ଥାପନା କରି କହିଛନ୍ତି, ୨୦ ତାରିଖ ଅପରାହ୍ନ ୩ଟା ୪୫ ମିନିଟ୍ ପରେ ଅମାବାସ୍ୟା ପ୍ରବେଶ କରୁଛି। ୨୧ ତାରିଖ ସନ୍ଧ୍ୟା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ**

**ଆଜିର ମନ୍ତବ୍ୟ**


" ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସହ ଆଲୋଚନା କରି ଜମ୍ମୁ-କଶ୍ମୀରକୁ ଉପଯୁକ୍ତ ସମୟରେ ରାଜ୍ୟ ମାନ୍ୟତା ଫେରାଇ ଦିଆଯିବ।

**- ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

# ୨୦, ୨୧ରେ ଦୀପାବଳି ଛୁଟି

**ଭୁବନେଶ୍ୱର, ୧୮।୧୦(ସୁନିତ୍ ମିଶ୍ର)**

ଦୀପାବଳି ଛୁଟି କେଉଁଦିନ ହେବ ତାକୁ ନେଇ ରାଜ୍ୟବ୍ୟାପୀ ଏକ ଦ୍ୱନ୍ଦ୍ୱ ସୃଷ୍ଟିହୋଇଥିଲା। କେତେଜଣ ଏହାକୁ ୨୦ ତାରିଖରେ ପାଳନ ହେବ ବୋଲି କହିଥିବାବେଳେ ପୂର୍ବରୁ ୨୧ରେ ଦୀପାବଳି ବୋଲି ଛୁଟି ନେଇ ଉଲ୍ଲେଖ ରହିଥିଲା। ଏଭଳି ଦ୍ୱନ୍ଦ୍ୱ ଉପରେ ବିଚାରକରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଶନିବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀପାବଳି ପର୍ବ ଉପଲକ୍ଷେ ୨୦ ତାରିଖକୁ ଅତିରିକ୍ତ ଛୁଟି ଘୋଷଣା କରାଯାଇଛି। ଏହିଦିନ ନୂଆପଡ଼ା ଜିଲା ବ୍ୟତୀତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ କୋର୍ଟ ବନ୍ଦ ରହିବ। ଏହାସହ ଚଳିତ ☞ପୃଷ୍ଠା-୪







No.T-
**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା20.10.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0200/2526

# ୩ ନମ୍ବର ହେଲେ ସରିଲା

- ନାମାଙ୍କନ କଲେ ଜୟ, ଘାସିରାମ
- ଆଜି ସ୍ନେହାଙ୍ଗିନୀଙ୍କ ପ୍ରାର୍ଥୀପତ୍ର ଦାଖଲ


ଜୟ ଢୋଲକିଆ


ଘାସିରାମ ମାଝୀ


ସ୍ନେହାଙ୍ଗିନୀ ଛୁରିଆ

**ଭୁବନେଶ୍ୱର, ୧୮।୧୦**
**(ସୁନିତ୍ ମିଶ୍ର)**

**ନୂଆପଡ଼ା ଉପନିର୍ବାଚନ**

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ପ୍ରମୁଖ ୩ ଦଳର ଅଧିକାଂଶ ନେତା ସେଠାରେ ପହଞ୍ଚି ସାରିଛନ୍ତି। ଶନିବାର ଭାଜପାରୁ ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ ଏବଂ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ନାମାଙ୍କନ ଦାଖଲ ସରିଛି। ରବିବାର ବିଜେଡିରୁ ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ନାମାଙ୍କନ ଦାଖଲ କରିବେ। ସ୍ନେହାଙ୍ଗିନୀଙ୍କ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ବିଜେଡିର ପ୍ରମୁଖ ନେତାମାନେ ନୂଆପଡ଼ାରେ ପହଞ୍ଚିଛନ୍ତି। ବିଜେଡି ଲାଗି ଏହି ଉପନିର୍ବାଚନ ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ନିଜେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟେଲିଫୋନ କରି ବହୁ ନେତାଙ୍କୁ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉପନିର୍ବାଚନକୁ ଭଲରେ ଲଢ଼ିବା ପାଇଁ ସେ କହିଛନ୍ତି। ବର୍ତ୍ତମାନ ଏହା ସମ୍ମାନର ପ୍ରଶ୍ନ ବୋଲି ଦଳୀୟ ନେତାଙ୍କୁ ନବୀନ କହିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ହିଁ ଏକ ପ୍ରକାର ସ୍ପଷ୍ଟ କରୁଛି। ତେଣୁ ଉପନିର୍ବାଚନରେ ଯଦି ବିଜେଡି ୩ ନମ୍ବର ସ୍ଥାନରେ ରହିଲା ତେବେ କଥା ସରିଲା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଏହାକୁ ବିଜେଡିର ବହୁ ବରିଷ୍ଠ ନେତା ମଧ୍ୟ ସ୍ୱୀକାର କରିବା ଆରମ୍ଭ କରିଦେଲେଣି।

ବିଜେଡି ନେତା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟଙ୍କୁ ଭାଜପା ପ୍ରାର୍ଥୀ କରିସାରିଛି। ସୂଚନା ମୁତାବକ, ନୂଆପଡ଼ାରେ ରାଜେନ୍ଦ୍ରଙ୍କର ଏକ ସ୍ୱତନ୍ତ୍ର ଏଜେନ୍ସି ରହିଥିଲା। ତାଙ୍କ ଏଜେନ୍ସି ଜରିଆରେ ହିଁ ସେଠାରେ ବିଜେଡି ବାରମ୍ବାର ବିଧାନସଭା ଆସନ ଦଖଲ କରିପାରୁଥିଲା। ରାଜେନ୍ଦ୍ରଙ୍କ ପରିବାର ଭାଜପାକୁ ଯିବାପରେ ବିଜେଡି ଅନ୍ୟ ଜିଲାରୁ ଜଣେ ନେତ୍ରୀଙ୍କୁ ସେଠାରେ ଟିକେଟ ଦେବାକୁ ବାଧହୋଇଛି। ସ୍ଥାନୀୟ କୌଣସି ନେତାଙ୍କୁ ଟିକେଟ ଦେଇଥିଲେ, ପରବର୍ତ୍ତୀ ସମୟରେ ଯଦି ସରକାରୀ ☞ପୃଷ୍ଠା-୪


A quality product from
PAN BAHAR
ଶୁଭ ଦୀପାବଳି
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in

# ୟୁକ୍ରେନ୍‌କୁ ମିଳି ନ ପାରେ ଆମେରିକୀୟ 'ଟୋମାହକ୍'




ୱାଶିଂଟନ୍,୧୮।୧୦

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଶୁକ୍ରବାର ୱାଶିଂଟନ୍ ଗସ୍ତ କରି ହ୍ୱାଇଟ୍‌ହାଉସ୍‌ରେ ଆମେରିକୀୟ ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ନେଇ ଆଲୋଚନା ହୋଇଥିବାବେଳେ ଟ୍ରମ୍ପ୍ ବର୍ତ୍ତମାନ ଜେଲେନ୍‌ସ୍କିଙ୍କୁ ଟୋମାହକ୍ ମିଶାଇଲ ଦେଇ ନ ପାରନ୍ତି ନାହିଁ ବୋଲି ଜଣାପଡ଼ିଛି। ସଦ୍ୟ ଇସ୍ରାଏଲ୍-ହମାସ୍ ଯୁଦ୍ଧାବସାନ ଘଟାଇଥିବା ରାଷ୍ଟ୍ରପତି ଟ୍ରମ୍ପ୍ ବର୍ତ୍ତମାନ ୟୁକ୍ରେନ୍ -ରୁଷିଆ ଯୁଦ୍ଧବିରତି ପାଇଁ ଉଦ୍ୟମ ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପଙ୍କୁ ସାକ୍ଷାତ୍ କରି ଗାଜା ଅସ୍ତ୍ରବିରତିର ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଟ୍ରମ୍ପଙ୍କ ସହଯୋଗରେ ଏହି ଯୁଦ୍ଧ ମଧ୍ୟ ବନ୍ଦ ହୋଇଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଜେଲେନ୍‌ସ୍କିଙ୍କ ମତରେ ୟୁକ୍ରେନ୍ ଆମେରିକାକୁ ଡ୍ରୋନ୍ ଦେବ ଏବଂ ଏହା ବଦଳରେ ଦୂରଗାମୀ ଟୋମାହକ୍ କ୍ଷେପଣାସ୍ତ୍ର ନେବ। ୧,୬୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ଟୋମାହକ୍ ମିଶାଇଲର ଘଣ୍ଟାପ୍ରତି ବେଗ ୫୫୦ ମାଇଲ। ଏହି ସ୍ୱତନ୍ତ୍ର କ୍ଷେପଣାସ୍ତ୍ରର ବିସ୍ଫୋରକ ଧାରଣ କ୍ଷମତା ୧,୦୦୦ ପାଉଣ୍ଡ। ଟୋମାହକ୍ ମିଶାଇଲ୍ ବଳରେ ୟୁକ୍ରେନୀୟ ସେନା ରୁଷିଆର ସାମରିକ ଓ ରଣନୈତିକ ଭିତ୍ତିଭୂମିକୁ ଟାର୍ଗେଟ କରିପାରିବ। ଟ୍ରମ୍ପ୍ ମଧ୍ୟ ୟୁକ୍ରେନ୍‌କୁ ଟୋମାହକ୍ ମିଶାଇଲ ଦେବା ପାଇଁ ପୂର୍ବରୁ ସହମତି ପ୍ରକାଶ କରିଥିଲେ। କିନ୍ତୁ ସେ ଗୁରୁବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଫୋନ୍‌ରେ ଆଲୋଚନା କରିବା ପରେ ତାଙ୍କ ମନ ବଦଳିଯାଇଛି। ଆସନ୍ତା ସପ୍ତାହରେ ଟ୍ରମ୍ପ୍ ଓ ପୁଟିନ୍ ହଙ୍ଗେରିର ବୁଦାପେଷ୍ଟରେ ପରସ୍ପରକୁ ଭେଟିବାକୁ ସ୍ଥିର ହୋଇଥିବାବେଳେ ୟୁକ୍ରେନ୍‌କୁ ଏହି ମିଶାଇଲ ଦେଲେ ରୁଷୀୟ ପ୍ରତିପକ୍ଷ କ୍ଷୁବ୍ଧ ହୋଇପାରନ୍ତି ବୋଲି ଆମେରିକା ରାଷ୍ଟ୍ରପତି ମନେକରୁଛନ୍ତି। ଇତିମଧ୍ୟରେ ଆମେରିକା ୟୁକ୍ରେନ୍‌କୁ ଏହି ମିଶାଇଲ ଦେଲେ ଉତ୍ତେଜନା ବଢ଼ିବ ବୋଲି କ୍ରେମ୍‌ଲିନ୍ ମୁଖପାତ୍ର ଡିମିତ୍ରି ପେସ୍କୋଭ୍ ଚେତାବନୀ ଦେଇଛନ୍ତି। ତେଣୁ ଟ୍ରମ୍ପ୍ ବର୍ତ୍ତମାନ ସ୍ଥିତିରେ ୟୁକ୍ରେନ୍‌କୁ ଟେମାହକ୍ ମିଶାଇଲ ନ ପଠାଇବା ନେଇ ସଙ୍କେତ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଆମେ ମଧ୍ୟ ଆମେରିକା ପାଇଁ ଟୋମାହକ୍ ଚାହୁଁଛୁ। ଆମ ପାଖରେ ଏଭଳି ବହୁ ମିଶାଇଲ ଅଛି। ତେବେ ଆମେରିକାର ଆବଶ୍ୟକତା ଥିବାରୁ ବର୍ତ୍ତମାନ ଦେଇପାରିବୁ କି ନାହିଁ ତାହା କହିହେବ ନାହିଁ।

# ୨୧ରେ ପୁଣି ଲଘୁଚାପ, ୨୩ରେ ଅବପାତ

- ବାତ୍ୟା ନେଇ ଆକଳନ କରାଯାଇନାହିଁ: ଆଇଏମ୍‌ଡି ଡିଜି
- ଆଶଙ୍କା ବଢ଼ାଇଲା ଆମେରିକାନ୍ ପାଣିପାଗ ମଡେଲ

ଭୁବନେଶ୍ୱର, ୧୮।୧୦ (ବନ୍ଦନା ସେଠୀ)

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ସଂଲଗ୍ନ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆସନ୍ତା ୨୧ ତାରିଖ ସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ୨୩ ତାରିଖ ବେଳକୁ ଏହା ଅବପାତର ରୂପ ନେଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଅନ୍ୟପକ୍ଷରେ ଆମେରିକାର ପାଣିପାଗ ମଡେଲ 'ଜିଏଫ୍‌ଏସ୍'ର ଆକଳନ କରିଛି ଯେ, ଏହି ଅବପାତ ବାତ୍ୟା ଆଣିପାରେ। ବାତ୍ୟା ସୃଷ୍ଟି ହେଲେ ଭୟଙ୍କର ରୂପ ନେବାର ଅଧିକ ସମ୍ଭାବନା ରହିଛି। ତେବେ ଆମେରିକାନ ମଡେଲର ଏହି ଆକଳନକୁ ନେଇ ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ସମ୍ଭାବ୍ୟ ଅବପାତ ବାତ୍ୟାର ରୂପ ନେବ କି ନାହିଁ ଏବେଠାରୁ ତାହାର କୌଣସି ପୂର୍ବାନୁମାନ କରାଯାଇନାହିଁ। ଜିଏଫ୍‌ଏସ୍ ମଡେଲ ଦେଖନ୍ତୁ ନାହିଁ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଯାହା ପୂର୍ବାନୁମାନ କରାଯାଉଛି ତାହା ଦେଖନ୍ତୁ। ଲଘୁଚାପ ସୃଷ୍ଟି ହେବା ପରେ ହିଁ ସ୍ଥିତି ସ୍ପଷ୍ଟ ହେବ। ତେବେ ୨୧ ତାରିଖ ପୂର୍ବରୁ ମତ୍ସ୍ୟଜୀବୀମାନେ କୂଳକୁ ଫେରି ଆସିବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି।

ଅପରପକ୍ଷେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କିଛି ଜିଲାରେ ବର୍ଷା ହୋଇଥିବାବେଳେ ଅଧିକାଂଶ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିଥିଲା। ସେହିଭଳି ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୨ଡିଗ୍ରୀ ସେଲ୍‌ସିୟସ୍ ଅଧିକ ଥିଲା ଏବଂ ଅନ୍ୟ ଜିଲାଗୁଡିକରେ ତାପମାତ୍ରା ସ୍ୱାଭାବିକ ରହିଥିଲା। ତେବେ ରବିବାର ରାଜ୍ୟର ମାଲକାନଗିରି, ରାୟଗଡ଼ା, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ ଓ ଗଜପତି ଜିଲାଗୁଡିକର କିଛି ସ୍ଥାନରେ ବିଜୁଳି, ଘଡଘଡି ଓ ଝଟ୍‌କା ପବନ ସହିତ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଏପରି ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ଭୟ ଆଣୁଛି ଅକ୍ଟୋବର

ଅକ୍ଟୋବର ଆସିଲେ ଓଡ଼ିଶାବାସୀଙ୍କ ମନରେ ବାତ୍ୟା ଭୟ ଘାରୁଛି। ଇତିମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ସମେତ ସାରା ଦେଶରୁ ବିଦାୟ ନେଇଛି। ସାଧାରଣତଃ ମୌସୁମୀର ଲେଉଟାଣି ସମୟ ଅକ୍ଟୋବରରେ ହିଁ ଓଡ଼ିଶାରେ ଅଧିକ ବଡ଼ ବାତ୍ୟା ଆସିଛି। ୧୯୯୯ ଅକ୍ଟୋବର ୨୯ରେ ପ୍ରଳୟଙ୍କରୀ ମହାବାତ୍ୟା ସୃଷ୍ଟି ହୋଇଥିବାବେଳେ ଏହାର ୧୪ବର୍ଷ ପରେ ୨୦୧୩ ଅକ୍ଟୋବର ୧୨ରେ ଗୋପାଳପୁରରେ ବାତ୍ୟା 'ଫାଇଲିନ୍' ଲ୍ୟାଣ୍ଡଫଲ୍ କରିଥିଲା। ୨୦୧୪ ଅକ୍ଟୋବର ୧୨ରେ 'ହୁଦ୍‌ହୁଦ୍', ୨୦୧୮ ଅକ୍ଟୋବର ୧୦ରେ 'ତିତ୍‌ଲି' ଏବଂ ୨୦୨୪ ଅକ୍ଟୋବର ୨୩ରେ ବାତ୍ୟା 'ଦାନା' ରାଜ୍ୟବାସୀଙ୍କ ଉପରେ ଦାଉ ସାଧିଥିଲା। ଚଳିତବର୍ଷର ପାଣିପାଗ ସ୍ଥିତିକୁ ଦେଖିଲେ ଓ ଆଗାମୀ ଲଘୁଚାପ ଅବପାତର ରୂପ ନେବା ସମ୍ଭାବନା ଥିବାରୁ ଲୋକଙ୍କ ମନରେ ବାତ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏପରିସ୍ଥିତିରେ ଆମେରିକାର ପାଣିପାଗ ମଡେଲର ବାତ୍ୟା ଆକଳନ ଚିନ୍ତା ବଢ଼ାଇଛି।

# ଚୋକ୍‌ସିଙ୍କ ଭାରତ ପ୍ରତ୍ୟର୍ପଣକୁ ବେଲ୍‌ଜିଅମ୍ କୋର୍ଟର ମଞ୍ଜୁରୀ



ନୂଆଦିଲ୍ଲୀ,୧୮।୧୦

ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ଭାରତ ପ୍ରତ୍ୟର୍ପଣକୁ ବେଲ୍‌ଜିଅମ୍‌ର ଏକ ଅଦାଲତ ଶୁକ୍ରବାର ଅନୁମୋଦନ କରିଛନ୍ତି। ଗତ ଏପ୍ରିଲ ୧୧ରେ ବେଲ୍‌ଜିଅମ୍ ପୋଲିସ ଚୋକ୍‌ସିଙ୍କୁ ଗିରଫ କରିବା ପରେ ସେ ୪ ମାସ ହେଲା ଜେଲରେ ରହିଛନ୍ତି। ଭାରତର ଅନୁରୋଧକ୍ରମେ ବେଲ୍‌ଜିଅମ୍ ପୋଲିସ ଦ୍ୱାରା ଚୋକ୍‌ସିଙ୍କ ଗିରଫଦାରିକୁ ଆଣ୍ଟେର୍ପସ୍ଥିତ ଅଦାଲତ ବୈଧ ବୋଲି କହିଛନ୍ତି। ଚୋକ୍‌ସି ଚାହିଁଲେ ଉକ୍ତ ରାୟ ବିରୋଧରେ ୧୫ ଦିନ ମଧ୍ୟରେ ବେଲ୍‌ଜିଅମ୍ ସୁପ୍ରିମକୋର୍ଟରେ ଅପିଲ କରିପାରିବେ। ଅଦାଲତ ଉଭୟ ଭାରତ ପକ୍ଷର ବେଲ୍‌ଜିଅମ୍ ଓକିଲ ଏବଂ ଚୋକ୍‌ସିଙ୍କ ଲିଗାଲ ଟିମ୍‌ର ଯୁକ୍ତି ଶୁଣିବା ପରେ ପ୍ରତ୍ୟର୍ପଣ ଆବେଦନକୁ ମଞ୍ଜୁରୀ ପ୍ରଦାନ କରିଥିଲେ।

# ୧ରୁ ଦିଲ୍ଲୀରେ ପ୍ରଦୂଷଣ ସୃଷ୍ଟିକାରୀ ଯାନ ପ୍ରବେଶ ବନ୍ଦ

ନୂଆଦିଲ୍ଲୀ,୧୮।୧୦

ନଭେମ୍ବର ୧ରୁ ଦିଲ୍ଲୀରେ ପ୍ରଦୂଷଣ ସୃଷ୍ଟିକାରୀ ବ୍ୟବସାୟିକ ଯାନ ଉପରେ ନିଷେଧାଦେଶକୁ ଶୁକ୍ରବାର ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ଅନୁମୋଦନ କରିଛି। ଏନ୍‌ସିଆର୍ ରାଜ୍ୟଗୁଡ଼ିକରେ ନଡ଼ା ପୋଡି ବନ୍ଦ କରିବାରେ ବିଫଳ ହେଉଥିବା ଅଫିସରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆୟୋଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଆୟୋଗର ୨୫ତମ ବୈଠକରେ ସିଏକ୍ୟୁଏମ୍ ଅଧ୍ୟକ୍ଷ ରାଜେଶ ବର୍ମା କେତେକ ନିର୍ଦ୍ଦେଶନାମାରେ ସଂଶୋଧନ କରିଛନ୍ତି। ତଦନୁଯାୟୀ ପଞ୍ଜାବ, ହରିୟାଣା, ଦିଲ୍ଲୀ ସମେତ ଦିଲ୍ଲୀ ଓ ରାଜସ୍ଥାନର ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଜିଲା କର୍ତ୍ତୃପକ୍ଷଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ନଡ଼ାପୋଡ଼ି ବନ୍ଦ କରିବାରେ ବିଫଳ ଅଧିକାରୀଙ୍କ ବିରୋଧରେ ସେମାନେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନଭେମ୍ବର ୧ରୁ କେବଳ ବିଏସ୍-୬, ସିଏନ୍‌ଜି, ଏଲ୍‌ଏନ୍‌ଜି ଏବଂ ବିଦ୍ୟୁତ୍‌ଚାଳିତ ବ୍ୟବସାୟିକ ଯାନକୁ ଦିଲ୍ଲୀରେ ପ୍ରବେଶ ଅନୁମତି ମିଳିବ।

# ନଭେମ୍ବର ୧୦ରୁ ଜନଗଣନା ପ୍ରାକ୍ ପରୀକ୍ଷା

ନୂଆଦିଲ୍ଲୀ,୧୮।୧୦

୨୦୨୭ ଜନଗଣନା ପାଇଁ ପ୍ରାକ୍ ପରୀକ୍ଷା ନଭେମ୍ବର ୧୦ରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନୋନୀତ ନମୁନା ଅଞ୍ଚଳରେ ପ୍ରି-ଟେଷ୍ଟ କରାଯିବ ବୋଲି କେନ୍ଦ୍ର ସରକାର ଗୁରୁବାର ଜାରି କରିଥିବା ବିଜ୍ଞପ୍ତିରେ ଘୋଷଣା କରାଯାଇଛି। ନଭେମ୍ବର ୧ରୁ ୭ ମଧ୍ୟରେ ଜନସାଧାରଣ ସେଲ୍ଫ ଇନୁମେରେଶନ ୱିଣ୍ଡୋ ଜରିଆରେ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ଡିଜିଟାଲି ଦାଖଲ କରିପାରିବେ ବୋଲି ରେଜିଷ୍ଟ୍ରାର ଜେନେରାଲ ଏବଂ ଭାରତର ସେନ୍‌ସନ କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣ କହିଛନ୍ତି। ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକାକରଣ ଏବଂ ଗୃହଗଣନା କରାଯିବ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାରସ୍ୱତ ସମାଜ ପକ୍ଷରୁ ୧୫ତମ ସ୍ୱନକ୍ଷତ୍ର ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକଦିବସୀୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ସ୍ଥାନ: ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିଦିବସୀୟ ରାଜସ୍ୱ ସମ୍ମିଳନୀର ସମାପନ ସମାରୋହ, ସ୍ଥାନ:ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ (ରୋଟି), ଗୋଠପାଟଣା, ସମୟ: ଅପରାହ୍ନ ୧ଟା ୪୫।
- ରାଜ୍ୟସ୍ତରୀୟ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ମହୋତ୍ସବ –୨୦୨୫, ସ୍ଥାନ: ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସର, ପ୍ରେସ କଲୋନୀ, ସମୟ: ଅପରାହ୍ନ ୪ଟା।
- ଅଭୟ ଅନିର୍ବାଣ ପକ୍ଷରୁ 'ବିଚିତ୍ରବର୍ଣ୍ଣା'ର ଲୋକାର୍ପଣ ଉତ୍ସବ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।
- ଝରଣା ଓ ଚିରସମର୍ଥା ସାହିତ୍ୟ ପତ୍ରିକା ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ ପକ୍ଷରୁ ମାସିକ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ଲେଖକ ସମବାୟ ସମିତି ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଓଡ଼ିଶା ପୋଲିସର କ୍ରାଇମବ୍ରାଞ୍ଚ ଶାଖା ଆନୁକୂଲ୍ୟରେ ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସି ବଜାର, ସମୟ: ସକାଳ ୮ଟା।
- ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ୧୩୮ତମ ଜୟନ୍ତୀ, ସ୍ଥାନ: ସାରଙ୍ଗଧର ଶିଶୁ ଉଦ୍ୟାନ, ଖୋଲାସାହି, ସମୟ: ସକାଳ ୮ଟା ୩୦।
- ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ସମାରୋହ, ସ୍ଥାନ: ଦି ୟୁନିଭର୍ସ, ମୈତ୍ରୀ ସରଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ କଟକ ନାଟ୍ୟୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ସେଭେନ୍ ପିଲର୍ସ ଅଫ୍ ୱିସ୍‌ଡମ ପ୍ରେକ୍ଷାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆୟୁର୍ବେଦ ପ୍ରବର୍ତ୍ତକ ଭଗବାନ ଧନ୍ୱନ୍ତରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ଜିଲା ଚେସ୍ ସଂଘ ପକ୍ଷରୁ ଆନ୍ତଃ ସ୍କୁଲ ଚେସ୍ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ବାରବାଟି ଷ୍ଟାଡିୟମ ହର୍ଷ ଗେଟ ପରିସର, ଅପରାହ୍ନ ୩ଟା।
- ମହାନଦୀ ବିହାର ମହିଳା ସମିତି ସଭ୍ୟଙ୍କ ଦ୍ୱାରା ଅଭିନୀତ ହେବ ନାଟକ ବୋହୂ କଟକିଆଣି, ସ୍ଥାନ: ହେରିଟେଜ୍ ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ନୀଳକଣ୍ଠ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗୁରୁଜଙ୍ଗ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ସାରସ୍ୱତ ବନ୍ଧୁମିଳନ ଉତ୍ସବ, ସ୍ଥାନ: ରାଜପଥ ପାର୍ଶ୍ୱ ହୋଟେଲ ଇନ୍, ଜଳେଶ୍ୱର, ସମୟ: ସକାଳ ୯ଟା।
- 'ସମୟର ଚକ୍ର' ପତ୍ରିକାର ବାର୍ଷିକ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ହିନ୍ଦୁ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ମାର୍କୋଣା ସରସ୍ୱତୀ ଶିଶୁ ମନ୍ଦିର ପରିସର, ସିମୁଳିଆ, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ଧନ୍ୱନ୍ତରୀ ଜୟନ୍ତୀ ସମାରୋହ ଓ ଆଲୋଚନା ଚକ୍ର, ସ୍ଥାନ: କୁଇନ ଅଫ ଦି ମିଶନ ଉଚ୍ଚ ବିଦ୍ୟାଳୟ ବ୍ରହ୍ମପୁର, ସମୟ: ଅପରାହ୍ନ ୫ ଟା।

## କନ୍ଧମାଳ

- ଅନ୍ତ୍ୟୋଦୟ ଗୃହ ଯୋଜନା ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ଭିଡିଓ କନ୍‌ଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।

## ଅନୁଗୋଳ

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାର ନୂତନ ପଞ୍ଚାୟତର ଭିତ୍ତିପ୍ରସ୍ତର ଓ ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନର ସିଧାପ୍ରସାରଣ, ସ୍ଥାନ: ଛେଣ୍ଡିପଦା ବ୍ଲକର ପ୍ରତ୍ୟେକ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ଶକ୍ତି ଅରୁଣ ଟ୍ରଷ୍ଟ ପକ୍ଷରୁ ଚାରା ରୋପଣ ଓ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: କାଠକୋଟ, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ଓରମାସ ପକ୍ଷରୁ ଦୀପାବଳି ଉପଲକ୍ଷେ ଟେରାକୋଟା ଦୀପ ଷ୍ଟଲ ଉଦ୍‌ଘାଟନ କାର୍ଯ୍ୟକ୍ରମ,ସ୍ଥାନ: ବାଲିଯାତ୍ରା ପଡ଼ିଆ, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- କେନ୍ଦ୍ରାପଡା ଜିଲା ଆସୋସିଏଶନ ପକ୍ଷରୁ ଚେସ୍ ଚାମ୍ପିୟନସିପ୍, ସ୍ଥାନ:ହୋଟେଲ ସ୍ୱୟଂସିଦ୍ଧା, ଗରାପୁର, କେନ୍ଦ୍ରାପଡା, ସମୟ:ସକାଳ ୮ଟା ।

## ଯାଜପୁର

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ନରସିଂହଚୌଧୁରୀ ସ୍ୱୟଂଶାସିତ କଲେଜ ପରିସର, ସମୟ: ସକାଳ ୯ଟା।
- କନକ ଦୁର୍ଗା ବିଦ୍ୟା ପୀଠ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ବରୀ ବ୍ଲକ୍ ଅଧୀନ ବିଲିବିଲ କନକ ଦୁର୍ଗା ବିଦ୍ୟା ପୀଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା କୋରେଇ ଶାଖା ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ : କୋରେଇ ବ୍ଲକର ରଗଡ଼ି ମା' କାମୁଡେଇ ପୀଠ କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଖଣ୍ଡପଡା ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା ।
- ତ୍ରିଦିବସୀୟ ଆନ୍ତଃ ଜିଲାସ୍ତରୀୟ ଜାତୀୟ ସେବା ପ୍ରଶିକ୍ଷଣ ଶିବିରର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ପଠାଣୀ ସମାନ୍ତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୩୦ ।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ଉଦ୍‌ଯାପନ ଉତ୍ସବରେ ରାଜ୍ୟାଭିଷେକ ଓ କାକଭୂଷଣ୍ଡି ଗରୁଡ ସମ୍ବାଦ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା ।

## ରାୟଗଡ଼ା

- ବିଜ୍ଞାନ ମେଳା, ସ୍ଥାନ: ଅରବିନ୍ଦ ପାଠଚକ୍ର, ଜେକେପୁର, ସମୟ: ପୂର୍ବାହ୍ନ ୧୦ଟା ।

## ନବରଙ୍ଗପୁର

- ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ସିପାକ୍ ଟାକ୍ରୋ ପ୍ରତିଯୋଗିତା ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ : ଉମରକୋଟ, ସମୟ: ସକାଳ ୯ଟା।

## କୋରାପୁଟ

- ଜୋନାଲସ୍ତରୀୟ କଳା ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର –୨୦୨୫ର ଚୟନ କାର୍ଯ୍ୟକ୍ରମ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ସକାଳ ୮ଟା।
- ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମର ସାର୍ଟିଫିକେଟ ପ୍ରଦାନ ଉତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ : ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ : ୯ଟା।
- ଶ୍ରୀଜଗନ୍ନାଥ କଥା ମୃତ କାର୍ଯ୍ୟକ୍ରମ, ସ୍ଥାନ : କମିସନର କଲୋନୀ ସ୍ଥିତ ଶ୍ରୀଶ୍ରୀ ଜ୍ଞାନ କ୍ଷେତ୍ର, ସମୟ : ଅପରାହ୍ନ ୫ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ସମ୍ବଲପୁର ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ : ବୀର୍ସା ମୁଣ୍ଡା କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୫ଟା।
- କୁମାର ହାସନଙ୍କ ୬୫ତମ ଜନ୍ମ ନିଦରେ ସାହିତ୍ୟ ଆସର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ।

## ବରଗଡ଼

- କୋଶଳ ମହାବନ୍ଦ ଉପରେ ବୈଠକ,ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ଧନଲକ୍ଷ୍ମୀ ପୂଜା ଅବସରରେ କଳସ ଶୋଭାଯାତ୍ରା,ସ୍ଥାନ: ଗୋବିନ୍ଦପାଲି, ବରଗଡ଼,ସମୟ: ମଧ୍ୟାହ୍ନ ୧୨ଟା।

## ବୌଦ୍ଧ

- ଶ୍ୟାମାକାଳୀ ପୂଜା, ସ୍ଥାନ:କଲରାକୋଠା, କଣ୍ଟାମାଳ, ସମୟ:ସନ୍ଧ୍ୟା ୭ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ଦେବଗଡ଼ ସହର ବାବୁସାହି, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା'ଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ମାତୃ କର୍ମଶାଳା, ସ୍ଥାନ : ଶିଶୁ ବିଦ୍ୟା ମନ୍ଦିର ସଭା କେନ୍ଦ୍ର , ସମୟ: ସକାଳ ୯ଟା ।
- ଓଡ଼ିଶା ସିଡୁଲ କାଷ୍ଟ ଆସୋସିଏଶନ ଆନୁକୂଲ୍ୟରେ କେଉଟ, କୈବର୍ତ୍ତ, ଧୀବରମାନଙ୍କୁ ଏସସି ତାଲିକାରୁ ବାଦ ନେଇ ଏକ ସାଧାରଣସଭା, ସ୍ଥାନ: ହାଇସ୍କୁଲ ଛକ ନିକଟ ସାଇ ଗେଷ୍ଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା ।

# ୨ ଦିନ ସ୍କୁଲ, କଲେଜ ଛୁଟି

ଭୁବନେଶ୍ୱର,୧୮।୧୦(ସୁଚିସ୍ମିତା ସାହୁ): ଦୀପାବଳି ପାଇଁ ଆସନ୍ତା ସୋମବାର ଓ ମଙ୍ଗଳବାର (୨୦ ଏବଂ ୨୧ ତାରିଖ) ରାଜ୍ୟର ସମସ୍ତ ସ୍କୁଲ ଓ କଲେଜ ଛୁଟି ରହିବ। ନୂଆପଡାରେ କେବଳ ୨୧ ତାରିଖ ଛୁଟି ଥିବା ବେଳେ ଅନ୍ୟସବୁ ଜିଲାରେ ଦୁଇଦିନ ଛୁଟି ଘୋଷଣା କରିଛି ଶିକ୍ଷା ବିଭାଗ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକ ଛୁଟି ରହିବ। ଏନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଉଚ୍ଚଶିକ୍ଷା ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଦୁଇଦିନ ଛୁଟି ରହିବ। ଏନେଇ ଉଚ୍ଚଶିକ୍ଷା ବିଭାଗର ପିଟିସି ଉପନିର୍ଦ୍ଦେଶକ ରଜତ କୁମାର ମାନସିଂହ ସମସ୍ତ ପିଜି କାଉନ୍‌ସିଲ ଅଧ୍ୟକ୍ଷ ଏବଂ ପ୍ରିନ୍ସିପାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଭାରତକୁ ନିର୍ଣ୍ଣାୟକ ଜବାବ...

ଉଭୟପକ୍ଷ ବୁଝାମଣାରେ ପହଞ୍ଚିଥିଲେ। ଦୁଇ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ସ (ଡିଜିଏମ୍‌ଓ) ସ୍ତରରେ ପ୍ରତ୍ୟକ୍ଷ ଆଲୋଚନା ହୋଇଥିଲା। ପାକିସ୍ତାନରେ ଅସ୍ଥିରତା ସୃଷ୍ଟି ପାଇଁ ଭାରତ ଆତଙ୍କବାଦକୁ ଅସ୍ତ୍ର କରିଥିବା ମୁନିର ଅଭିଯୋଗ କରିଛନ୍ତି। ତେବେ ଅଳ୍ପ କେତେଜଣ ଆତଙ୍କବାଦୀ ପାକିସ୍ତାନର କିଛି କ୍ଷତି କରିପାରିବେ ନାହିଁ। ଆଫଗାନିସ୍ତାନ ମାଟିରୁ ସମସ୍ତ ପ୍ରକ୍ସିକୁ ଧୂଳିରେ ମିଶାଇ ଦିଆଯିବ ବୋଲି ତେହେରିକ୍-ଇ-ତାଲିବାନ୍ ପାକିସ୍ତାନକୁ ଲକ୍ଷ୍ୟ କରି ମୁନିର ଚେତାବନୀ ଦେଇଛନ୍ତି। ଏଥିସହିତ ଅନ୍ତର୍ଜାତୀୟ ନିୟମାବଳୀ ଅନୁଯାୟୀ କଶ୍ମୀର ବିବାଦ ସମେତ ମୁଖ୍ୟ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ସେ ଭାରତକୁ ଆହ୍ୱାନ ଦେଇଛନ୍ତି। ଜମ୍ମୁ-କଶ୍ମୀରର ଜନସାଧାରଣଙ୍କୁ ନୈତିକ ଓ କୂଟନୈତିକ ସହାୟତା ଯୋଗାଇଦେବା ଲାଗି ପାକିସ୍ତାନ ପ୍ରତିଶ୍ରୁତିବଦ୍ଧ ବୋଲି ପାକ୍ ସେନା ମୁଖ୍ୟ ଦୋହରାଇଛନ୍ତି। ସେ ପାକିସ୍ତାନକୁ ଏକ ଶାନ୍ତିପ୍ରିୟ ରାଷ୍ଟ୍ର ଭାବେ ବର୍ଣ୍ଣନା କରିବା ସହ ଆମେରିକା ଓ ଚାଇନା ଭଳି ବୃହତ୍ ଶକ୍ତିଙ୍କ ସହ ଦୃଢ଼ ସମ୍ପର୍କ ରହିଥିବା କହିଛନ୍ତି।

## ପାକିସ୍ତାନର ପ୍ରତି ଇଞ୍ଚ୍ ...

ବ୍ରହ୍ମୋସ୍ ମିଶାଇଲ ଉତ୍ପାଦନକୁ ରାଜନାଥ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୁଭାରମ୍ଭ କରିଛନ୍ତି। ବ୍ରହ୍ମୋସ୍ ହେଉଛି ଭାରତର ବର୍ଦ୍ଧିତ ସାମର୍ଥ୍ୟର ପ୍ରତୀକ। ଏହା କେବଳ ଏକ ମିଶାଇଲ୍ ନୁହେଁ, ବରଂ ଭାରତର ରଣନୀତିକ ଆତ୍ମବିଶ୍ୱାସର ପ୍ରମାଣ। ସ୍ଥଳସେନାଠାରୁ ଆରମ୍ଭ କରି ନୌସେନା ଏବଂ ବାୟୁସେନା, ଏହା ଆମ ପ୍ରତିରକ୍ଷା ବଳର ମୁଖ୍ୟ ସ୍ତମ୍ଭ ପାଲଟିଥିବା ରାଜନାଥ କହିଛନ୍ତି। ଭାରତର ପ୍ରତିରକ୍ଷା ସାମର୍ଥ୍ୟ ଏବେ ଏକ ଶକ୍ତିଶାଳୀ ନିବାରକ ଭାବେ କାର୍ଯ୍ୟ କରୁଛି। ଏହା ପାକିସ୍ତାନକୁ ହୃଦ୍‌ବୋଧ କରାଇଦେଇଛି ଯେ, ଯଦି ଭାରତ ପାକିସ୍ତାନ ସୃଷ୍ଟି କରିପାରିଥିଲା, ତେବେ ସମୟ ଆସିଲେ କ'ଣ କରିପାରିବ, ମୋର ଅଧିକ କହିବା ଆବଶ୍ୟକ ନାହିଁ। ଆପଣମାନେ ବୁଝିପାରୁଥିବେ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ଅପରେଶନ ସିନ୍ଦୂରର ପ୍ରଶଂସା କରି ରାଜନାଥ କହିଛନ୍ତି, ଏହା ଭାରତୀୟଙ୍କ ମଧ୍ୟରେ ନୂଆ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ବିଶ୍ୱରେ ବ୍ରହ୍ମୋସ୍‌ର ପ୍ରଭାବଶୀଳତାକୁ ପ୍ରମାଣିତ କରିଛି। ସାରା ବିଶ୍ୱ ଏବେ ଭାରତର ସାମର୍ଥ୍ୟକୁ ସ୍ୱୀକୃତି ଦେଇଛି। ଭାରତ ଏହାର ସ୍ୱପ୍ନକୁ ବାସ୍ତବରେ ପରିଣତ କରିପାରେ ବୋଲି ବ୍ରହ୍ମୋସ୍ ଆମ ବିଶ୍ୱାସକୁ ସୁଦୃଢ଼ କରିଛି।

ଗତ ଏପ୍ରିଲ ୧୨ରେ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିବା ପରେ ମେ' ୭ରେ ଭାରତୀୟ ସେନା ଅପରେଶନ ସିନ୍ଦୂର ନାମରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା। ପାକିସ୍ତାନର ଏୟାରବେସ୍‌ଗୁଡ଼ିକୁ ଧ୍ୱଂସ କରିବା ପାଇଁ ଭାରତ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରକୁ ବ୍ୟବହାର କରିଥିଲା। ଲକ୍ଷ୍ନୌ ୟୁନିଟରେ ଏହି କ୍ଷେପଣାସ୍ତ୍ରର ଉତ୍ପାଦନ ଯୋଗୁ ଏହି ପ୍ରକଳ୍ପ ଭାରତର ବର୍ଦ୍ଧିତ ଆତ୍ମବିଶ୍ୱାସ ଏବଂ ପ୍ରତିରକ୍ଷା ଉତ୍ପାଦନ ସାମର୍ଥ୍ୟର ପ୍ରତୀକ ସାଜିଥିବା ରାଜନାଥ କହିଛନ୍ତି।

## ଦୀପାବଳି ପାଳନକୁ ...

୫ଟା ୫୪ ମିନିଟ୍ ପର୍ଯ୍ୟନ୍ତ ଅମାବାସ୍ୟା ରହୁଛି। ତେଣୁ ୨୧ ତାରିଖ ଦିନ ଦୀପାବଳି, ପୟା ଶ୍ରାଦ୍ଧ ପାଳନ କରିବା ବିଧେୟ ବୋଲି ମତପ୍ରକାଶ କରିଛନ୍ତି। ୨୦ କିମ୍ବା ୨୧ ତାରିଖରେ ଦୀପାବଳି ପାଳନ ହେବ ଏହି ଦ୍ୱନ୍ଦ୍ୱର ସ୍ରଷ୍ଟା ସ୍ୱୟଂ ମୁକ୍ତିମଣ୍ଡପ ପଣ୍ଡିତ ସଭା ଏଥିରେ ଦ୍ୱିରୁକ୍ତି ନାହିଁ। ଅମାବାସ୍ୟାର ୨ୟ ସନ୍ଧ୍ୟା ବା ସୂର୍ଯ୍ୟଙ୍କ ଅସ୍ତ ପରେ ଅନ୍ୟୂନ ଏକ ଦଣ୍ଡ ବା ୨୪ ମିନିଟ୍ ରହିଲେ ଦ୍ୱିତୀୟ ଦିନ ପାଳନ ପୟା ବା ଦୀପଦାନ ଶ୍ରାଦ୍ଧ ଓ ବଡ଼ବଡୁଆ ଡାକ ପାଇଁ 'ଗଦାଧର ପଦ୍ଧତି'ର ୪୬୫ ପୃଷ୍ଠା ଓ 'ପଣ୍ଡିତ ସର୍ବସ୍ୱ'ର ୨୧୯ ପୃଷ୍ଠାରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟାରେ ଦୀପଦାନ ଶ୍ରାଦ୍ଧ ପାଳନ କଲେ ପିତୃପୁରୁଷ ଅସୁଖୀ ହୋଇଥାନ୍ତି ବୋଲି ମଧ୍ୟ ସେଥିରେ ଉଲ୍ଲେଖ ରହିଛି। ଏହି ଗାଣିତିକ ତ୍ରୁଟି ପାଇଁ ପଣ୍ଡିତ ସଭା ସମ୍ପୂର୍ଣ୍ଣ ଦାୟୀ ହୋଇଥିବାବେଳେ ଏକ ତ୍ରୁଟିପୂର୍ଣ୍ଣ ପର୍ବ ପାଳନ ପାଇଁ ତ୍ରୁଟିଯୁକ୍ତ ଦିନ ତାଙ୍କ ଦ୍ୱାରା ସ୍ୱୀକୃତ ପଞ୍ଜିକାରେ ଦର୍ଶାଯାଇଛି। ଓଡ଼ିଶାର ଲୋକେ ପୟା ବା ଦୀପଦାନ ଶ୍ରାଦ୍ଧ ଓ ବଡ଼ବଡୁଆ ଡାକ ୨୧ ତାରିଖରେ ପାଳନ କରନ୍ତୁ ବୋଲି ମିଶ୍ର କହିଛନ୍ତି।

ଅପରପକ୍ଷରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର କହିଛନ୍ତି, ୨୦ ତାରିଖ ସନ୍ଧ୍ୟାରେ ଲୋକମାନେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୟାଶ୍ରାଦ୍ଧ ପାଳନ କରିବା ସହିତ ଦୀପାବଳି ପର୍ବ ମଧ୍ୟ ପାଳନ କରିବେ। ସୋମବାର ୨୦ ତାରିଖ ଅପରାହ୍ନ ୩ଟା ୨୩ ମିନିଟରୁ ଅମାବାସ୍ୟା ପ୍ରବେଶ କରୁଛି। ଏହା ପରଦିନ ଅର୍ଥାତ୍ ମଙ୍ଗଳବାର ୨୧ ତାରିଖ ଅପରାହ୍ନ ୫ଟା ୧୫ ମିନିଟ ପର୍ଯ୍ୟନ୍ତ ରହିବ। ପୟାଶ୍ରାଦ୍ଧ ରାତ୍ରିକାଳୀନ ପର୍ବ ହୋଇଥିବାରୁ ସୋମବାର ସନ୍ଧ୍ୟାରେ ଅମାବାସ୍ୟା ରହୁଥିବାରୁ ଏହିଦିନ ପୟାଶ୍ରାଦ୍ଧ ପାଳନ ହେବ। ଏହାକୁନେଇ ଲୋକମାନେ ବିଭ୍ରାନ୍ତ ନ ହୋଇ ୨୦ ତାରିଖ ସୋମବାର ସନ୍ଧ୍ୟାରେ ପୟାଶ୍ରାଦ୍ଧ ପାଳନ କରନ୍ତୁ। ମୁକ୍ତିମଣ୍ଡପ ପଣ୍ଡିତ ସଭା ଯେଉଁ ୫ଟି ପାଞ୍ଜି କରିଛି, ସେଥିରେ ଅପରାହ୍ନ ୫ଟା ୩୦ ଭିତରେ ଅମାବାସ୍ୟା ଶେଷ ହେଉଛି। ନିୟମ ଅନୁସାରେ ସନ୍ଧ୍ୟା ପରେ ଯଦି ୨୪ ମିନିଟ୍ ଅମାବାସ୍ୟା ରୁହେ ତେବେ ଦୀପଦାନ ଓ ଶ୍ରାଦ୍ଧ ହୋଇପାରିବ। ମାତ୍ର ୨୧ ତାରିଖ ସନ୍ଧ୍ୟା ପରେ ୨୪ ମିନିଟ୍ ରହୁନାହିଁ। ତେଣୁ ୨୧ ତାରିଖ ଦିନ ପାଳନ କରାଯାଇପାରିବ ନାହିଁ। ବିଭ୍ରାନ୍ତି ଘଟାଉଥିବା ବ୍ୟକ୍ତିଙ୍କୁ ବିଶୃଙ୍ଖଳା ପାଇଁ ମୁକ୍ତିମଣ୍ଡପ ପଣ୍ଡିତ ସଭାରୁ ବହିଷ୍କୃତ କରାଯାଇଛି ବୋଲି ସାଧାରଣ ସମ୍ପାଦକ ମିଶ୍ର କହିଛନ୍ତି। ଏନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଶ୍ରୀମନ୍ଦିରରେ ସୂର୍ଯ୍ୟୋଦୟକୁ ନେଇ ସମସ୍ତ ଦେବନୀତି ଅନୁଷ୍ଠିତ ହୋଇଥାଏ। ଏହି କ୍ରମରେ ୨୧ ତାରିଖ ମଙ୍ଗଳବାର ଦିନ ସୂର୍ଯ୍ୟୋଦୟ ବେଳକୁ ଅମାବାସ୍ୟା ଥିବାରୁ ମଙ୍ଗଳବାର ଶ୍ରୀମନ୍ଦିରରେ ଅମାବାସ୍ୟା ପାଳନ ହେବା ସହ ସାଗର ବିଜେ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଦେବ ଦୀପାବଳି ମାର୍ଗଶିର ଅମାବାସ୍ୟାରେ ଅନୁଷ୍ଠିତ ହୋଇଥାଏ। କାର୍ତ୍ତିକ ଅମାବାସ୍ୟାରେ ମହାପ୍ରଭୁଙ୍କ ନୀତି ନାହିଁ ବୋଲି ନୀତି ପ୍ରଶାସକ ମତବ୍ୟକ୍ତ କରି କହିଛନ୍ତି।

### ପ୍ରଥମ ପୃଷ୍ଠାରୁ...

## ୨୦, ୨୧ରେ ...

ମାସର ୪ର୍ଥ ଶନିବାର ଯେଉଁ ଛୁଟି ସରକାରୀ କର୍ମଚାରୀଙ୍କୁ ମିଳିବା କଥା ତାହା ହେବନାହିଁ। ୪ର୍ଥ ଶନିବାରକୁ କାର୍ଯ୍ୟଦିବସ ଭାବେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଅନ୍ୟପଟେ ଆସନ୍ତା ୨୧ ତରିଖ ମଧ୍ୟ ସରକାରୀ ଛୁଟି ଯେମିତି ହେବା କଥା ହେବ। ହେଲେ ୨୧ରେ ରାଜ୍ୟର ସବୁ ବ୍ୟାଙ୍କିଙ୍ଗ୍ ଏବଂ ଅଣ ବ୍ୟାଙ୍କିଙ୍ଗ୍ ସଂସ୍ଥାଗୁଡିକ ଖୋଲା ରହିବ।

## ବନ୍ୟପ୍ରାଣୀ, ପରିବେଶ ...

ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ) ଏମାନଙ୍କ ନିକଟରେ ଅପହଞ୍ଚ ହୋଇରହିଛି। ଦଶନ୍ଧି ଧରି ଗ୍ରାମବାସୀ ଅନ୍ଧାରୀମୂଳକରେ ଦୟନୀୟ ଜୀବନଯାପନ କରୁଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟପ୍ରାଣୀ ସହ ସଂଘର୍ଷ ସବୁ ସମୟରେ ଲାଗି ରହୁଥିଲା। ବିଶେଷକରି ବର୍ଷାଦିନରେ ୩ ପାହାଡ଼ରୁ ବର୍ଷାପାଣି ଗାଁ ଭିତର ଦେଇ ପ୍ରବାହିତ ହେଉଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିଲା। ଏଥିରେ ଘର, ରାସ୍ତାଘାଟ, କଲଭର୍ଟ ଧୋଇଯାଉଥିଲା। ଏଥିସହ ପାହାଡ଼ଗୁଡ଼ିକରେ ଥିବା ଚିରସ୍ଥାୟୀ ଜଳଉତ୍ସ ଶୁଷ୍କ ହୋଇଗଲେ ମଣିଷ ଏବଂ ବନ୍ୟପ୍ରାଣୀଙ୍କୁ ସଂଘର୍ଷ କରିବାକୁ ପଡ଼େ। ପାଣି ପାଇଁ ହାତୀ, ଅନ୍ୟାନ୍ୟ ବନ୍ୟପ୍ରାଣୀ ଗାଁ ଭିତରକୁ ଚାଲିଆସୁଥିଲେ। ଅନେକ ସମୟରେ ଘର, ଫସଲ କ୍ଷତି ପହଞ୍ଚାଉଥିଲେ। ଏହାର ସମାଧାନ କରିବାକୁ ଏକ ସାମ୍ପ୍ରତିକ ପଦକ୍ଷେପ ମାଧ୍ୟମରେ ଗ୍ରାମବାସୀ ଏକାଠି ହୋଇ ପାହାଡ଼ର ଶୀର୍ଷରେ ମାଟି ବନ୍ଧ ନିର୍ମାଣ କରିବାକୁ ଚିନ୍ତା କରିଥିଲେ। ବୈଷୟିକ ମାର୍ଗଦର୍ଶନ, ସମ୍ବଳ, ପରିବେଶଗତ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି(ଏଫ୍‌ଇଏସ୍) ସହ ଯୋଗାଯୋଗ କରିଥିଲେ। ଏଫ୍‌ଇଏସ୍‌ର ଡିଜାଇନ, ସମର୍ଥନ ଓ ଗ୍ରାମବାସୀଙ୍କ ଶ୍ରମଦାନରେ ପାହାଡ଼ ଶିଖରରେ ପାଣି ରଖିବା, ଜଳ ପ୍ରବାହକୁ ଧୀର କରିବା ଏବଂ ବନ୍ୟାଜଳର ବେଗକୁ ହ୍ରାସ ପାଇଁ ବନ୍ଧ ନିର୍ମାଣ କରାଯାଇଛି। ଏହାଦ୍ୱାରା ବର୍ଷା ସମୟରେ ପାହାଡ଼ରୁ ପ୍ରବାହିତ ପାଣିକୁ ରୋକାଯାଇପାରୁଛି। ନିରନ୍ତର ଇଚ୍ଛାଶକ୍ତି ବଳରେ ଗ୍ରାମବାସୀ କାର୍ଯ୍ୟକୁ ସଫଳତାର ସହ ଶେଷ କରିଛନ୍ତି। ଫଳରେ ଗତ ୫ବର୍ଷ ହେଲା ନିରନ୍ତର ବର୍ଷା ସତ୍ତ୍ୱେ ବନ୍ଧ ଯୋଗୁ ତଳକଂସ ଗ୍ରାମକୁ ବନ୍ୟାର ସମ୍ମୁଖୀନ ହେବାକୁ ପଡୁନାହିଁ। ଘର, ଫସଲ ଏବଂ ଭିତ୍ତିଭୂମିକୁ ସୁରକ୍ଷା ଦେଇଛି। ବନ୍ଧରେ ସଂଗୃହୀତ ପାଣି ହାତୀଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ଉତ୍ସ ପାଲଟିଛି। ଫଳରେ ଗ୍ରାମରେ ହାତୀ ଉପଦ୍ରବ ହ୍ରାସ ଘଟିବା ସହ ବନ୍ୟା ବିପଦ କମିଥିବା ଗ୍ରାମ ବିକାଶ କମିଟିର ସଭାପତି ଦାମୋଦର ଜୁଆଙ୍ଗ କହିଛନ୍ତି। ଏଫ୍‌ଇଏସର ଜିଲା ଟିମ୍ ଲିଡ଼ର ସାତ୍ୱିକ ତ୍ରିପାଠୀ କହିଛନ୍ତି, ମଣିଷ–ହାତୀ ସଂଘର୍ଷକୁ ବନ୍ଧ ନାଟକୀୟ ଭାବରେ ହ୍ରାସ କରିଛି। ଯାହା ମଣିଷ ଏବଂ ପଶୁ ଉଭୟଙ୍କୁ ସୁରକ୍ଷା ଦେଇଛି। ତୁରନ୍ତ ପରିବେଶଗତ ଏବଂ ସୁରକ୍ଷା ଲାଭ ବ୍ୟତୀତ ପ୍ରକଳ୍ପ ଗ୍ରାମବାସୀଙ୍କ ମଧ୍ୟରେ ସମ୍ପ୍ରଦାୟ ଏବଂ ସାମୂହିକ କାର୍ଯ୍ୟର ଭାବନାକୁ ସୁଦୃଢ଼ କରିଛି।

## ୩ ନମ୍ବର ହେଲେ ...

ଦଳ ଦ୍ୱାରା ପ୍ରଲୋଭିତ ହୋଇ ପ୍ରାର୍ଥୀ ବିକ୍ରି ହୋଇଯିବେ ତେବେ ଅଧିକ ଅସୁବିଧା ସୃଷ୍ଟି କରିପାରେ ବୋଲି ବିଜେଡି ନେତାମାନେ ଅନୁମାନ କରିଥିଲେ । ସେଥିଲାଗି ସ୍ନେହାଙ୍ଗିନୀଙ୍କୁ ପ୍ରାର୍ଥୀ କରାଗଲା। ହେଲେ ଜିଲା ବାହାର ନେତ୍ରୀ ଭାବେ ସ୍ନେହାଙ୍ଗିନୀଙ୍କୁ କେତେ ସମର୍ଥନ ମିଳିବ ତାହା ସବୁଠାରୁ ବଡ଼ କଥା। ଏଭଳି ସ୍ଥିତିରେ ୫୨ ଜଣ ନେତାଙ୍କୁ ନୂଆପଡ଼ା ଉପନିର୍ବାଚନ ପାଇଁ ଗ୍ରାଉଣ୍ଡରେ କାମ କରିବା ପାଇଁ ଦାୟିତ୍ୱ ବଣ୍ଟାଯାଇଛି। ହେଲେ ସେହି ନେତାମାନଙ୍କ ଭିତରେ ଯେଉଁ ଟିମ୍ ସ୍ପିରିଟ୍ ରହିବା କଥା, ତାହା ଦେଖିବାକୁ ମିଳୁନାହିଁ। ବାରମ୍ବାର ଫୋନ୍ କରିବା ପରେ ଦାୟିତ୍ୱ ପାଇଥିବା ନେତାମାନେ ଯିବାକୁ ବାହାରିଛନ୍ତି। ନେତାଙ୍କ ଏଭଳି ଦୁର୍ବଳ ମନୋବଳ ନିର୍ବାଚନ ଫଳାଫଳ ଉପରେ ନାକାରାତ୍ମକ ପ୍ରଭାବ ପକାଇପାରେ ବୋଲି ମଧ୍ୟ ଆଲୋଚନା ଚାଲିଛି। ଗତ ସାଧାରଣ ନିର୍ବାଚନରେ ମାତ୍ର ୧୪ଟି ବିଧାନସଭା ଆସନ ପାଇଥିବା କଂଗ୍ରେସ କିନ୍ତୁ ନିଜର ସବୁ ଶକ୍ତି ଲଗାଇ ନିର୍ବାଚନ ଲଢ଼ିବା ଆରମ୍ଭ କରିଦେଇଛି। କଂଗ୍ରେସ ପ୍ରାର୍ଥୀ ହୋଇଥିବା ଘାସିରାମ ଗତ ସାଧାରଣ ନିର୍ବାଚନରେ ସ୍ୱାଧୀନ ଭାବେ ଲଢ଼ି ଦ୍ୱିତୀୟ ସ୍ଥାନରେ ରହିଥିଲେ। ତେଣୁ କଂଗ୍ରେସ ଏହି ଉପନିର୍ବାଚନରେ ବିଜୟୀ ହେବା ଆଶା ରଖିଛି। ନିକଟରେ ନୂଆପଡ଼ା ଗସ୍ତରେ ଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଗୁରୁତ୍ୱପୂର୍ଣ୍ଣ କଥା କହି ଆସିଛନ୍ତି। ଆସନ୍ତା ଉପନିର୍ବାଚନରେ ଭାଜପା ଏବଂ କଂଗ୍ରେସ ମଧ୍ୟରେ ଲଢ଼େଇ ହେବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି କଥା ପରେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ମଧ୍ୟ କିଛି ଲାଭ ହୋଇଥିବା କଥା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ଏହିଭଳି ଭାବେ ଯଦି ଭାଜପା ଏବଂ କଂଗ୍ରେସର ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୁଏ ତେବେ ବିଜେଡିର ଭବିଷ୍ୟତ ପାଇଁ ଏକ ଜଟିଳ ସମସ୍ୟା ସୃଷ୍ଟିହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଯଦିଓ ନିର୍ବାଚନ ଫଳାଫଳ ବାହାରିବା ପୂର୍ବରୁ ଅନେକ କିଛି ଆକଳନ କରିହେବ ନାହିଁ, ତଥାପି କଂଗ୍ରେସ ଯଦି ୧ କିମ୍ବା ୨ ନମ୍ବର ସ୍ଥାନରେ ରହିଯାଏ, ଏହା ସବୁଦିନ ଲାଗି ବିଜେଡି ପାଇଁ ସମସ୍ୟା ସୃଷ୍ଟି କରିବ। ହୁଏତ ଲୋକମାନଙ୍କ ମାନସିକତାରେ କଂଗ୍ରେସ ରାଜ୍ୟରେ ବଢୁଥିବା ବାର୍ତ୍ତା ଚାଲିଯାଇପାରେ। ତେଣୁ ପରବର୍ତ୍ତୀ ସମୟରେ ରାଜ୍ୟରେ ଯଦି କୌଣସି ନିର୍ବାଚନ ହୁଏ ତୃଣମୂଳସ୍ତରର କର୍ମୀମାନେ ସରକାରୀ ଦଳ ବିରୋଧରେ ଲଢ଼ିବାକୁ ଚିନ୍ତାକଲେ, କଂଗ୍ରେସକୁ ପ୍ରଥମ ବିକଳ୍ପ ଭାବେ ବାଛିନେବେ। ଯେକୌଣସି ନିର୍ବାଚନ ଭବିଷ୍ୟତରେ ହେବ, ସେଥିରେ କଂଗ୍ରେସ ଏବଂ ଭାଜପା ମଧ୍ୟରେ ସିଧାସଳଖ ଲଢ଼େଇ ହେବା ନେଇ ଏକ ନୂଆ ସମ୍ଭାବନା ସୃଷ୍ଟି ହୋଇଯିବ ବୋଲି ଅନେକେ କୁହାକୁହି ହେବା ଆରମ୍ଭ କରିଦେଲେଣି। ଏହା ଜାଣିପାରି ଏବଂ ନିଜ ଦଳର ନେତାମାନଙ୍କ ଭିତରେ ଉପନିର୍ବାଚନରେ କାମ କରିବାର ଅନାଗ୍ରହ କଥା ବୁଝିପାରି ନିଜେ ନବୀନ କୁଆଡ଼େ ଟେଲିଫୋନ ଯୋଗେ ନେତାମାନଙ୍କ ସହ କଥା ହେଉଛନ୍ତି ବୋଲି ତାଙ୍କ ଦଳ ଭିତରେ ଚର୍ଚ୍ଚା ଜୋର୍ ଧରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବହୁତ ଦିନରୁ ଲାଗି ରହିଥିବା ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ପାଖ ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଯୋଗୁ ଅପରାହ୍ନ ସମୟରେ ମନ ଉଦାସ ରହିବ। ସହକର୍ମୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି, କିନ୍ତୁ ଆପଣଙ୍କ ଅସୁସ୍ଥତାବଶତଃ କାମ ସ୍ଥଗିତ ରହିଯିବ।

**ବୃଷ** ଦୀର୍ଘ ଦିନରୁ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ବନ୍ଧୁମାନଙ୍କ ପରିହାସଯୁକ୍ତ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିପାରନ୍ତି। ଅସାବଧାନତା ହେତୁ କେତେକ ବ୍ୟତିକ୍ରମ ସୃଷ୍ଟିର ସମ୍ଭାବନା ଅଛି। ବନ୍ଧୁମାନଙ୍କ ସମାଲୋଚନାର ଶରବ୍ୟ ହୋଇ ମାନସିକ ଅଶାନ୍ତିରେ ସମୟ କାଟିବେ।

**ମିଥୁନ** ଦୈହିକ ଦୁର୍ବଳତା ଯୋଗୁ କର୍ମକ୍ଷେତ୍ରରେ ମନୋବଳ କମିଯାଇପାରେ। ଖଳ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଗୃହ, ଜମିଜମା, ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସୁଫଳ ପାଇବେ। ଅଭାବ ଥିଲେ ମଧ୍ୟ ବନ୍ଧୁମାନଙ୍କ ସାହାଯ୍ୟ ଏବଂ ସହଯୋଗରୁ କାମ ଅଟକିବ ନାହିଁ।

**କର୍କଟ** କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ଅଫିସ୍‌ରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। କୌଣସି ଧାର୍ମିକ ଅନୁଷ୍ଠାନ ସହିତ ଜଡ଼ିତ ରହି ବ୍ୟସ୍ତତା ଅନୁଭବ କରିପାରନ୍ତି।

**ସିଂହ** ମାନସିକ ସ୍ଥିତି ବହୁତ ଭଲ ରହିବ ଏବଂ ହିତୈଷୀଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଧାର କରଜ, ଭଡ଼ାସୂତ୍ରରୁ କିମ୍ବା ବକେୟା ଟଙ୍କା ଆଜି ପାଇପାରିବେ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଫଳରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହେବେ।

**କନ୍ୟା** ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। ଅଫିସରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ନିଜ ଲୋକମାନେ ନିଜ ନିଜର ସ୍ୱାର୍ଥସାଧନ ଆଶାରେ ଆପଣଙ୍କ ଗୁଣଗାନ କରିପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା ରହିଛି।

**ତୁଳା** ଚେଷ୍ଟା କରୁଥିବା କାମରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଫେରନ୍ତା ବାଟରେ ଜଣେ ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି।

**ବିଛା** ଆବଶ୍ୟକତାକୁ ଅନୁଭବ କରି ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଖର୍ଚ୍ଚ ପରିମାଣ ଦୁଇଗୁଣା ହୋଇପାରେ, ଏଣୁ ସାମୟିକ ବିଷାଦଗ୍ରସ୍ତ ହୋଇପାରନ୍ତି। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ଆନୁଷ୍ଠାନିକ କାମ, ସଭାସମିତି, କଳା, ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାରରେ ଭୁଲ୍ ବୁଝାମଣାର କୁଫଳ ଭୋଗିବାକୁ ପଡ଼ିପାରେ।

**ମକର** କର୍ମକ୍ଷେତ୍ରରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ଦେଖି ଓ ତାଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବିଳମ୍ବରେ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାର ଆଶା ରହିଛି।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ, ଯାହାକି କାମକୁ ତ୍ୱରାନ୍ୱିତ ହେବାରେ ସାହାଯ୍ୟ କରିବ। ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ବ୍ୟବସାୟରେ ଲାଭ ମିଳିବ, କିନ୍ତୁ ବଦ୍‌ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ। କୌଣସି ଜିନିଷ ଅନ୍ୟ ସ୍ଥାନରେ ରଖି ଖୋଜିବା ସମୟରେ ପାଇପାରିବେ ନାହିଁ।

**ମୀନ** ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟାକୁ ବୃଦ୍ଧି କରିବ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

ଆଜି ଅକ୍ଟୋବର ୧୯ ତାରିଖ, ବିଶ୍ୱ ଶୌଚାଳୟ ଦିବସ, ଧନ୍ୱନ୍ତରୀ ଜୟନ୍ତୀ, କାର୍ତ୍ତିକ କୃଷ୍ଣପକ୍ଷର ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ରବିବାର। ରାଶିନକ୍ଷତ୍ର–ଉତ୍ତରା ଫାଲ୍‌ଗୁନୀ/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬।୩୨ ଗତେ ଘ.୦୮।୫୦ ମଧ୍ୟେ, ଘ.୧୨।୫୭ମି. ଗତେ ଘ.୦୨।୫୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୫୦ ଗତେ ଘ.୦୫।୧୬ ମଧ୍ୟେ ରାହୁକାଳ।

# ଜମିଜମା ସମସ୍ୟାର ସମାଧାନ ବାଟ ଖୋଜ: ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ରାଜସ୍ୱ ସେବାକୁ ସହଜ ଓ ଲୋକାଭିମୁଖୀ କରିବା ସହ ଉପଯୁକ୍ତ ସମୟରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ରାଜସ୍ୱ ଅଧିକାରୀମାନେ ଅଗ୍ରାଧିକାର ଦେବା ଉଚିତ। ଏବେ ରାଜସ୍ୱ ଆଇନରେ ସଂଶୋଧନ ଓ ସଂସ୍କାର ଆଣିବା ଜରୁରୀ ହୋଇପଡ଼ିଛି। ସରକାର ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜସ୍ୱ ସେବା ଠିକ୍ ଓ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଲୋକଙ୍କ ନିକଟରେ ପହଞ୍ଚାଇଦେବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜସ୍ୱ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ(ଆର୍‌ଓଟିଆଇ)ଠାରେ ଆୟୋଜିତ ୨ ଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ପୂଜାରୀ କହିଛନ୍ତି, ରାଜସ୍ୱ ଆଇନକୁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ସରଳ କରିବା ଦରକାର। ରାଜସ୍ୱ ଅଧିକାରୀମାନେ ଜନସାଧାରଣଙ୍କ ଜମିଜମା ସମସ୍ୟାର ସମାଧାନର ବାଟ ଖୋଜିବାକୁ ପ୍ରୟାସ କରିବା ଦରକାର। ଏହା ଫଳରେ ଠିକ୍ ସେବା ମିଳିପାରିବ। ସରକାରୀ ସମ୍ପତ୍ତିର ସୁରକ୍ଷା କରିବା ଓ ଜବରଦଖଲ ମୁକ୍ତକରିବା ମୁଖ୍ୟ ଦାୟିତ୍ୱ। ସରକାରୀ ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦେବା ଉଚିତ। ତହସିଲଦାରମାନେ ନିଜ ଅଞ୍ଚଳର ଜମିଜମା ସ୍ଥିତି ସମ୍ପର୍କରେ ଏକ ଡାଟାବେସ୍ ପ୍ରସ୍ତୁତ କରନ୍ତୁ।

ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ କହିଛନ୍ତି, ସରକାର ଜନସାଧାରଣଙ୍କ ହିତ ପାଇଁ ଯେଉଁ ରାଜସ୍ୱ ଆଇନ ପ୍ରଣୟନ କରିଛନ୍ତି ସେସବୁର ସଫଳ ରୂପାୟନ ରାଜସ୍ୱ ଅଧିକାରୀଙ୍କ ଦାୟିତ୍ୱ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳର ୧୦ଟି ଜିଲାର ଜିଲାପାଳ ଆଭାସି ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମରେ ଯୋଡ଼ିହୋଇଥିବା ବେଳେ ୯ ଜଣ ଅତିରିକ୍ତ ଜିଲାପାଳ(ରାଜସ୍ୱ), ୧୬ ଜଣ ଉପଜିଲାପାଳ, ୧୧୨ ଜଣ ତହସିଲଦାର, ୧୦ ଜଣ ଜିଲା ନିବନ୍ଧକ , ୬୨ ଜଣ ସହକାରୀ ନିବନ୍ଧକ, ୪ ଜଣ ଜିଲା ମଙ୍ଗଳ ଅଧିକାରୀ ଯୋଗଦେଇଥିଲେ।



ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଶନିବାର ଉପନ୍ୟାସ 'ମିସେସ୍ ହାପିଲି ସିଙ୍ଗଲ୍'ର ଉନ୍ମୋଚନ ଅବସରରେ (ବାମରୁ) ସାହିତ୍ୟିକ ସତ୍ୟ ମିଶ୍ର, ଲେଖିକା ଶୁଭା ଶର୍ମା, ସାହିତ୍ୟିକ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା।

# ଶୁଭା ଶର୍ମାଙ୍କ ଉପନ୍ୟାସ 'ମିସେସ୍ ହାପିଲି ସିଙ୍ଗଲ୍' ଉନ୍ମୋଚିତ

ଭୁବନେଶ୍ୱର,୧୮।୧୦(ସୌମ୍ୟରଞ୍ଜନ ରାଉତ)



କାର୍ଯ୍ୟକ୍ରମରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି।

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଲେଖିକା ଶୁଭା ଶର୍ମାଙ୍କ ରଚିତ ଇଂଲିଶ ଉପନ୍ୟାସ 'ମିସେସ୍ ହାପିଲି ସିଙ୍ଗଲ୍' ଶନିବାର ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଉନ୍ମୋଚିତ ହୋଇଯାଇଛି। ସାହିତ୍ୟିକ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସାହିତ୍ୟିକ ସତ୍ୟ ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ନାରୀ ସଂଘର୍ଷ ଓ ଅସ୍ମିତା ଉପରେ ଆଧାରିତ ଏହି ଉପନ୍ୟାସ ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଲେଖିକା ଶର୍ମାଙ୍କର ଏହା ହେଉଛି ତୃତୀୟ ପୁସ୍ତକ। ପୂର୍ବରୁ ତାଙ୍କ ଲିଖିତ ୨ଟି ପୁସ୍ତକ 'ପ୍ଲେ ଅନ୍ ଦି ୱାକ୍ ଆଣ୍ଡ୍ ଅଦର ଷ୍ଟୋରିଜ୍' (୨୦୧୩) ଏବଂ 'ଦି ଅଓ୍ୱିସ୍ ଅଫ୍ ଆମ୍ନଗରୀ' ବିପୁଳ ପାଠକୀୟ ଆଦୃତି ଲାଭ କରିଛି। ଏହା ବ୍ୟତୀତ ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କର ଅନେକ ହିନ୍ଦୀ କବିତା ପ୍ରକାଶ ପାଇଛି।

# ଅଟଳ ବିହାରୀଙ୍କ ଭଳି ନେତା ଭାରତୀୟ ରାଜନୀତିରେ ବିରଳ

ଭୁବନେଶ୍ୱର,୧୮।୧୦(ସୌମ୍ୟରଞ୍ଜନ ରାଉତ)

## ୪ ଜଣଙ୍କୁ 'ଶ୍ରୀ ଅଟଳ ବିହାରୀ ବାଜପେୟୀ ଜୀ ପୁରସ୍କାର'

ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଭଳି ରାଜନେତା ଭାରତୀୟ ରାଜନୀତିରେ ବିରଳ। ତାଙ୍କ ଭଳି ଜଣେ ରାଷ୍ଟ୍ରନାୟକ ଦେଶବାସୀଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବେ। ବାଜପେୟୀଙ୍କ ତ୍ୟାଗ, ନିଷ୍ଠା ଓ ଦେଶଭକ୍ତି ତଥା ରାଷ୍ଟ୍ର ନିର୍ମାଣରେ ଅବଦାନ ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ନୃତ୍ୟଧାମ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହଯୋଗରେ ରବୀନ୍ଦ୍ର ମଣ୍ଡପରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନ କରାଯାଇଥିଲା। ଶୁକ୍ରବାର ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ଦେଶ ପ୍ରତି ବାଜପେୟୀଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଏହି ଅବସରରେ ଭାଜପା ନେତା ତଥା ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟ, ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର ଏବଂ ଆନ୍ଧ୍ରପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଶ୍ରୀ ଅଟଳ ବିହାରୀ ବାଜପେୟୀ ଜୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ଅତିଥିମାନେ ଭାରତରତ୍ନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଏହି ମହାନ୍ ନେତାଙ୍କ ଜୀବନୀ, ଆଦର୍ଶ ଓ ଦେଶ ପାଇଁ ସେବାକୁ ନେଇ ନାଟକ ମଞ୍ଚସ୍ଥ ହୋଇଥିଲା। ଧୀର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଶତାବ୍ଦୀର କଳାକାରମାନେ ଅତି ନିଖୁଣ ଭାବେ ନାଟକ ପରିବେଷଣ କରିଥିଲେ, ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା।




ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିତ୍ୱମାନେ।

# ଗଣବଳାତ୍କାର ପୀଡ଼ିତାଙ୍କୁ ନ ଭେଟାଇ ଷଡ଼ଯନ୍ତ୍ର କରାଯାଉଛି: କଂଗ୍ରେସ

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଶନିବାର ଅପରାହ୍ନରେ କ୍ୟାପିଟାଲ ହସ୍ପିଟାଲ ଗସ୍ତକରି ଗଣବଳାତ୍କାରର ଶିକାର ପୀଡ଼ିତାଙ୍କୁ ସାକ୍ଷାତକରିବା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ମାତ୍ର ହସ୍ପିଟାଲ କର୍ତ୍ତୃପକ୍ଷ ଏଠାରେ ସେଭଳି କେହି ମହିଳା ନାହାନ୍ତି ବୋଲି କହି ଫାଙ୍କିଦେଇଥିଲେ। ସେହି ପୀଡ଼ିତାଙ୍କୁ ଭେଟିବା ପାଇଁ ଦେଇ ନ ଥିଲେ। ମହିଳା କଂଗ୍ରେସର ଟିମ୍ କ୍ୟାପିଟାଲ ହସ୍ପିଟାଲରେ ପୀଡ଼ିତାଙ୍କୁ ଭେଟିବା ପାଇଁ ଯେତେ ସମ୍ଭବ ଚେଷ୍ଟାକଲେ ମଧ୍ୟ ଡାକ୍ତରଖାନା ପକ୍ଷରୁ ଷଡ଼ଯନ୍ତ୍ରକରି ପୀଡ଼ିତାଙ୍କୁ ସାକ୍ଷାତକରାଇ ଦେଲେ ନାହିଁ। ମହିଳା କଂଗ୍ରେସ ପକ୍ଷରୁ ଉକ୍ତ ଘଟଣାକୁ ନେଇ କ୍ୟାପିଟାଲ ଥାନାକୁ ଯୋଗାଯୋଗ କରାଯାଇଥିଲା। ମାତ୍ର କ୍ୟାପିଟାଲ ଥାନା ଅଧିକାରୀ କହିଥିଲେ, ପୀଡ଼ିତା କ୍ୟାପିଟାଲ ହସ୍ପିଟାଲରେ ଅଛନ୍ତି। କ'ଣ ପାଇଁ ଘଟଣାକୁ ଲୁଚାଯାଉଛି ବୋଲି ମହିଳା କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ୧୭ ବର୍ଷର ନାବାଳିକା ଅଶୋକନଗର ଅଞ୍ଚଳରେ ଦରମରା ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗଣମାଧ୍ୟମ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ନାବାଳିକାଙ୍କ ସହ ପାଶବିକ ଅତ୍ୟାଚାର କରାଯାଇଛି। ପୋଲିସ ଉଦ୍ଧାର କରିଥିବା ଖବର ଗଣମାଧ୍ୟମରେ ମିଳିଥିବା ବେଳେ ପୋଲିସ ପକ୍ଷରୁ କୁହାଯାଇଛି, ପୀଡ଼ିତା ନିଜେ କ୍ୟାପିଟାଲ ହସ୍ପିଟାଲ ଆସିଛନ୍ତି। ଏଣୁ ରାଜଧାନୀରେ ମହିଳା ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ମହିଳା କଂଗ୍ରେସ କହିଛି।

# ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ରାଜଧାନୀ ଭୁବନେଶ୍ୱରର ଅଶୋକନଗର ଅଞ୍ଚଳରେ ଜଣେ ୧୭ ବର୍ଷୀୟ ଝିଅର ଗଣବଳାତ୍କାର ଘଟଣା ଶୁକ୍ରବାର ଲୋକଲୋଚନକୁ ଆସିବା ପରେ ଶନିବାର ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗ ଉପରେ ବିଜେଡି ପକ୍ଷରୁ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରାଯାଇଛି। ଶଙ୍ଖ ଭବନ ଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ସୁମିତ୍ରା ଜେନା କହିଛନ୍ତି, ଗତ ୧୬ ମାସର ଭାଜପା ଶାସନରେ ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜଧାନୀ ଭୁବନେଶ୍ୱରର ଛାତି ଉପରେ ଅଶୋକନଗର ଅଞ୍ଚଳରେ ଜଣେ ୧୭ ବର୍ଷର ଝିଅକୁ ଗଣବଳାତ୍କାରକରି ମୁମୂର୍ଷୁ ଅବସ୍ଥାରେ ଫିଙ୍ଗିଦିଆଯାଇଛି। କିନ୍ତୁ ପୋଲିସ ପ୍ରଶାସନ ଜାଣିପାରୁନାହିଁ। ରାଜଧାନୀର ଛାତି ଉପରେ ଯଦି ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସରକାର ସକ୍ଷମ ନୁହନ୍ତି ତେବେ ଅନ୍ୟ ଜାଗାରେ କିଭଳି କରିପାରିବେ। ରାଜ୍ୟରେ ବଳାତ୍କାର ଓ ଗଣବଳାତ୍କାର ଭଳି ଘଟଣା ପ୍ରତିଦିନ ଖବରକାଗଜର ଶିରୋନାମା ପାଲଟୁଛି। ରାଜ୍ୟରେ ଗତ ୧୬ ମାସରେ ୩୭,୭୫୦ରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା ରୁଜୁହୋଇଛି। ଏହା ଭିତରେ ବଳାତ୍କାର, ଗଣବଳାତ୍କାର, ଅସଦାଚରଣ, ହତ୍ୟା ଇତ୍ୟାଦି ଘଟଣା ରହିଛି। ବିରୋଧୀ ଦଳଗୁଡ଼ିକ ତରଫରୁ ଏଥିନେଇ ବିଧାନସଭା ଭିତରେ ଓ ବାହାରେ ସ୍ୱର ଉତ୍ତୋଳନ କରାଯାଇଆସୁଥିଲେ ମଧ୍ୟ ସ୍ଥିତିରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ସେ କହିଛନ୍ତି।



ପୁରୀ ସ୍ୱର୍ଗଦ୍ୱାର ନିକଟସ୍ଥ ଅରବିନ୍ଦ ଧାମ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ଶନିବାର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଜିଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ମ୍ୟାନେଜିଂ କମିଟି ସଭାପତି ଅକ୍ଷୟ କୁମାର ମିଶ୍ର, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ରିତମ୍ ସିହ୍ନା, ସ୍ନିଗ୍ଧା ଭଟ୍ଟାଚାର୍ଯ୍ୟ ପ୍ରମୁଖ।

# ୧୮ ହଜାର ଟଙ୍କା ବୃତ୍ତି ପାଉଥିଲେ 'ସୁଭଦ୍ରା' ପାଇଁ ଅଯୋଗ୍ୟ ହେବେ ଛାତ୍ରୀ

ଭୁବନେଶ୍ୱର,୧୮।୧୦(ସୁଚିସ୍ମିତା ସାହୁ)

## ୨ ବିଭାଗକୁ ରିପୋର୍ଟ ମାଗିଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ

ଛାତ୍ରୀମାନେ ବାର୍ଷିକ ୧୮ ହଜାର ଟଙ୍କାରୁ ଅଧିକ ଛାତ୍ରବୃତ୍ତି ପାଉଛନ୍ତି କି? କୌଣସି ମହିଳାଙ୍କୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କଠାରୁ ୧୮ ହଜାର କିମ୍ବା ଏହାଠାରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ମିଳୁଛି କି? ଯଦି ଆପଣ ଏପରିକି ସରକାରୀ ସହାୟତା ପାଉଥିବେ ତେବେ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିବେ। 'ସୁଭଦ୍ରା ଯୋଜନା'ର ଏହି ଗାଇଡ୍‌ଲାଇନ୍ ଅନୁଯାୟୀ ଅଯୋଗ୍ୟ ଚିହ୍ନଟ ଲାଗି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶିକା ମୋନିସା ବାନାର୍ଜୀ ଉଚ୍ଚଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗ ସଚିବଙ୍କୁ ପତ୍ର ଲେଖିଛନ୍ତି। ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, 'ସୁଭଦ୍ରା' ନିୟମାବଳୀ ଅନୁସାରେ ଏହି ଯୋଜନା ଅଧୀନରେ ଯୋଗ୍ୟ ହେବା ପାଇଁ ହିତାଧିକାରୀଙ୍କ ବୟସ ୨୧ ବର୍ଷ କିମ୍ବା ତାହାଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଯୋଜନା ଅଧୀନରେ ଯଦି ବାର୍ଷିକ ୧୮,୦୦୦ ଟଙ୍କା କିମ୍ବା ତାହାଠାରୁ ଅଧିକ ଅର୍ଥ ସହାୟତା ଗ୍ରହଣ କରୁଥିବେ, ସେକ୍ଷେତ୍ରରେ ସଂପୃକ୍ତ ମହିଳା ଅଯୋଗ୍ୟ ଘୋଷିତ ହେବେ। ଏହି ପରିପ୍ରେକ୍ଷୀରେ ବିଭାଗକୁ ଅନେକ ଅଭିଯୋଗ ମିଳିଛି। ସେଥିରେ ଛାତ୍ରୀମାନଙ୍କୁ ଯେଉଁ ଛାତ୍ରବୃତ୍ତି ରାଶି ପ୍ରଦାନ କରାଯାଉଛି ତାହା କେବଳ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟୟ ହେଉଛି, ହେଲେ ଏହାକୁ ଅତିରିକ୍ତ ଅର୍ଥ ସହାୟତା ଭାବେ ହିସାବକୁ ନିଆଯାଇପାରୁନାହିଁ। ଏନେଇ ବିସ୍ତୃତ ଭାବେ ଯାଞ୍ଚ କରି ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ନିର୍ଦ୍ଦିଷ୍ଟ ଫର୍ମାଟରେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ କେଉଁ ଛାତ୍ରୀମାନେ ୧୮ ହଜାର ଟଙ୍କାରୁ ଅଧିକ ଛାତ୍ରବୃତ୍ତି ନେଇଛନ୍ତି ତା'ର ସମସ୍ତ ତଥ୍ୟ ପ୍ରଦାନ କରିବା ଲାଗି ଉକ୍ତ ପତ୍ରରେ ଉଲ୍ଲେଖ ରହିଛି।

# ଭୁବନେଶ୍ୱରରେ ନାବାଳିକାଙ୍କୁ ନେଇ ସେକ୍ସ ର୍‌ୟାକେଟ

ଭୁବନେଶ୍ୱର,୧୮।୧୦(ସତ୍ୟଜିତ ରାଉତ)

## ପୀଡ଼ିତା ହସ୍ପିଟାଲରେ ଭର୍ତ୍ତି ପରେ ଫିଟିଲା ଗୁମର

- ଦୁଇ ମହିଳା ଦଲାଲ, ଜଣେ ଗ୍ରାହକ, ଘର ମାଲିକ ଗିରଫ
- ଉଦ୍ଧାର ହେଲେ ୩ ଯୁବତୀ

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ନାବାଳିକାଙ୍କୁ ନେଇ ଚାଲିଛି ସେକ୍ସ ର୍‌ୟାକେଟ। ନାବାଳିକା ଦେହଜୀବୀଙ୍କ ଅତ୍ୟଧିକ ରକ୍ତସ୍ରାବ ହେବାରୁ ସେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହି ଲିଙ୍କ୍‌ରେ ତଦନ୍ତ କରାଯିବା ପରେ ସେକ୍ସ ର୍‌ୟାକେଟର ଗୁମର ପଦାକୁ ଆସିଛି। କ୍ୟାପିଟାଲ ଥାନା ପୋଲିସ ୨ ମହିଳା ଦଲାଲ, ଜଣେ ଗ୍ରାହକ ଏବଂ ଘର ମାଲିକଙ୍କୁ ଶନିବାର ଗିରଫ କରିଛି। ଦୁଇ ଦଲାଲ ହେଲେ ମଞ୍ଚେଶ୍ୱର ପାଳା ମଣ୍ଡପ ନିକଟରେ ରହୁଥିବା ପୁରୀ ଜିଲା ବଳଙ୍ଗା ଅଞ୍ଚଳର ମଞ୍ଜୁ ସେଠୀ (୪୭), ବରମୁଣ୍ଡା କାଳୀ ମନ୍ଦିର ନିକଟରେ ରହୁଥିବା କଟକ ଜିଲା ବାଙ୍କି ପାଟପୁରର ମମତା ସାହୁ (୪୨)। ଅନ୍ୟ ଦୁଇ ଅଭିଯୁକ୍ତ ହେଲେ ସେକ୍ସ ର୍‌ୟାକେଟ ଚାଲିଥିବା ଲକ୍ଷ୍ମୀସାଗର ପ୍ଲଟ ନଂ ଇବି ୩୨୪ସ୍ଥିତ ଘର ମାଲିକ ବାପି ଓରଫ ସଞ୍ଜୀବ କୁମାର ଦାସ (୫୪) ଓ ଗ୍ରାହକ ନୟାଗଡ଼ ଜିଲା ବସନ୍ତପୁର ଘୁଙ୍ଗୁଡ଼ିପଡ଼ାର ଅବିନାଶ ମୁଦୁଲି (୨୮)। ୩ଜଣ ଯୁବତୀଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଏହି ଘଟଣାରେ କ୍ୟାପିଟାଲ ଥାନା ଓ ଲକ୍ଷ୍ମୀସାଗର ଥାନା ପକ୍ଷରୁ ପୃଥକ୍ ମାମଲା ରୁଜୁ କରାଯାଇଛି। କ୍ୟାପିଟାଲ ହସ୍ପିଟାଲ ଡାକ୍ତରଙ୍କ ଏମ୍‌ଏଲ୍‌ସି ରିପୋର୍ଟ ଆଧାରରେ କ୍ୟାପିଟାଲ ପୋଲିସ ପକ୍ଷରୁ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ଲକ୍ଷ୍ମୀସାଗର ଥାନା ପକ୍ଷରୁ ଇମୋରାଲ୍ ଟ୍ରାଫିକ୍(ପ୍ରିଭେନ୍‌ଶନ) ଆକ୍ଟର ଦଫା ୪ରେ ମାମଲା ରୁଜୁ କରାଯାଇଛି। କ୍ୟାପିଟାଲ ଥାନା ପକ୍ଷରୁ ୪ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ପୀଡ଼ିତା ଜଣକ ଝାଡ଼ଖଣ୍ଡର ଏବଂ ତାଙ୍କ ବୟସ ୧୬ ବର୍ଷ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେ କେଉଁଭଳି ସ୍ଥିତିରେ ଏବଂ କାହା ଲିଙ୍କ୍‌ରେ ଦେହ କାରବାରରେ ଲିପ୍ତ ଥିଲେ, ସେନେଇ ଅଧିକ ତଦନ୍ତ କରାଯାଉଥିବା ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି।

ମିଳିଥିବା ସୂଚନାନୁସାରେ, ଅଭିଯୁକ୍ତ ଦୁଇ ମହିଳା ଦଲାଲ ସଞ୍ଜୀବଙ୍କ ଘରେ ଦେହ ବ୍ୟବସାୟ ଚଳାଇଥିଲେ। ସେମାନେ ଏକ ପରିବାର ସଦସ୍ୟ ଭଳି ଚଳୁଥିଲେ। କିଛିଦିନ ତଳେ ଗ୍ରାହକ ଅବିନାଶ ସେଠାକୁ ଆସି ନାବାଳିକା ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ସମୟରେ ନାବାଳିକା ଜଣକ ଗୁରୁତର ହୋଇପଡ଼ିଥିଲେ। ତାଙ୍କର ବଳ ରକ୍ତସ୍ରାବ ହୋଇଥିଲା। ୩ ଦିନ ତଳେ ମହିଳା ଦଲାଲ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଆଣି ଦେଖାଇ ପୁଣି ନେଇଯାଇଥିଲେ। ତେବେ ଦେହ ଅଧିକ ଅସୁସ୍ଥ ହେବାରୁ ଅଭିଯୁକ୍ତ ଦଲାଲଦ୍ୱୟ ଗୁରୁବାର ସନ୍ଧ୍ୟାରେ ଏକ ରାପିଡୋ ଅଟୋ ବୁକ୍ କରି ପୀଡ଼ିତାଙ୍କୁ ହସ୍ପିଟାଲ ପଠାଇ ଦେଇଥିଲେ। ଅଟୋଚାଳକ ଜଣକ ନାବାଳିକାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଛାଡ଼ି ପଳାଇ ଯାଇଥିଲେ। ଚିକିତ୍ସା ସମୟରେ ନାବାଳିକା ଜଣକ ଯୌନ ନିର୍ଯାତନାର ଶିକାର ହୋଇଥିବା ଡାକ୍ତର ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ତେବେ ନାବାଳିକାଙ୍କ ପାଖରେ କେହି ନ ଥିବାରୁ ଓ ତାଙ୍କର ପରିଚୟ କିଛି ଜଣା ନ ପଡ଼ିବାରୁ ପୋଲିସ ଦ୍ୱନ୍ଦ୍ୱରେ ପଡ଼ିଥିଲା। ପୀଡ଼ିତାଙ୍କୁ ବଳାତ୍କାର କରାଯାଇଥିବା ମଧ୍ୟ ସନ୍ଦେହ କରାଯାଇଥିଲା। ତେବେ ଭଡ଼ାରେ ପୀଡ଼ିତାଙ୍କୁ ଆଣିଥିବା ଅଟୋଚାଳକ ଜଣକୁ ଚିହ୍ନଟ କରି ପଚରାଉଚରା କରାଯିବା ପରେ ସେ ମହିଳା ଦଲାଲଙ୍କ ଠିକଣା କହିଥିଲେ। ପୋଲିସ ଟିମ୍ ଲକ୍ଷ୍ମୀସାଗରରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଘଟଣା ପଛର ରହସ୍ୟ ପଦାକୁ ଆସିଥିଲା। ରାଜଧାନୀରେ ଏଭଳି ଅନେକ ସେକ୍ସ ର୍‌ୟାକେଟ ଚାଲୁଥିବା ନେଇ ଚର୍ଚ୍ଚା ହେଉଥିବାବେଳେ ପୋଲିସ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି।

ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। -ଶ୍ରୀମା



# ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ



ଆକାର ପଟେଲ

ଭାରତ ଓ ଜି୨୦ ସମ୍ପର୍କରେ କ'ଣ ମନେଅଛି ବୋଲି ଯଦି ପ୍ରଶ୍ନ କରାଯାଏ, ତେବେ ହୁଏତ ମୋ ଭଳି ଅନେକ ପାଠକ ଉତ୍ତର ଦେବେ ଯେ, ଦୁଇ ବର୍ଷ ପୂର୍ବେ ଭାରତ ଜି୨୦ର ଅଧ୍ୟକ୍ଷତା କରୁଥିଲାବେଳେ ଏ ସମ୍ପର୍କରେ ପ୍ରଚାରପତ୍ର ଓ ହୋର୍ଡିଂ ଲଗାଇଥିଲା। ତେବେ ସେହି ଅଧ୍ୟକ୍ଷତାରୁ କି ସୁଫଳ ମିଳିଲା କିମ୍ବା ଆମେ ଯେଉଁ ଯୋଜନା ଆରମ୍ଭ କରିଥିଲୁ ପରେ ତାହା ରହିଛି କି ବୋଲି ଯଦି ପ୍ରଶ୍ନ କରାଯାଏ, ତେବେ ମୁଁ ତାହାର କୌଣସି ଉତ୍ତର ଦେଇପାରିବି ନାହିଁ। କାରଣ ତୁମ ଭଳି ମୁଁ ମଧ୍ୟ କିଛି ଜାଣିନାହିଁ। ଗୋଟିଏ ବିଷୟ ପାଇଁ ଜି୨୦ ଏକ ସୁଯୋଗ ଥିଲା ଏବଂ ତାହା ହାସଲ ହୋଇନାହିଁ। କିଛିଦିନ ପୂର୍ବରୁ ଭାରତ ଜାତିସଂଘକୁ ଯାଇ ତାହାର ବ୍ୟବସ୍ଥାଗତ ପୁନର୍ଗଠନ ପାଇଁ କହିଥିଲା। ଭାରତ ଯେତେବେଳେ ଜାତିସଂଘ ପୁନର୍ଗଠନ ବିଷୟରେ କହୁଛି ସେଥିରୁ ବୁଝିବାକୁ ହେବ ଯେ, ଭିଟୋ ସହ ଆମେ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତା ଚାହୁଁଛୁ। ଭାରତର ବୈଦେଶିକ ମନ୍ତ୍ରୀ କହିଥିଲେ, ଦକ୍ଷିଣ ଆଫ୍ରିକା ପ୍ରତି କରାଯାଇଥିବା ଅନ୍ୟାୟ ଦୂର ହେବା ଉଚିତ। ପରିଷଦର ଉଭୟ ସ୍ଥାୟୀ ଓ ଅସ୍ଥାୟୀ ସଦସ୍ୟ ସଂଖ୍ୟା ବୃଦ୍ଧି କରାଯିବା ଆବଶ୍ୟକ। ପୁନର୍ଗଠିତ ପରିଷଦ ବାସ୍ତବରେ ପ୍ରତିନିଧିଭିତ୍ତିକ ହେବା ଉଚିତ ଏବଂ ଭାରତ ଅଧିକ ଉତ୍ତରଦାୟିତ୍ୱ ବହନ କରିବା ପାଇଁ ପ୍ରସ୍ତୁତ ବୋଲି ସେ କହିଥିଲେ। କୌଣସି ଦେଶର ଲକ୍ଷ୍ୟ ରହିବା ଭଲ କଥା, କିନ୍ତୁ ପ୍ରଶ୍ନ ହେଉଛି ଆମେ ତାହା ପାଇଁ କ'ଣ କରୁଛୁ। ଭାଜପାର ୨୦୨୪ ଇସ୍ତାହାରରେ ଏ ସମ୍ପର୍କରେ ଗୋଟିଏ ଧାଡ଼ି ରହିଛି। ତାହା ହେଉଛି– ''ବୈଶ୍ୱିକ ନୀତି ନିର୍ଦ୍ଧାରଣରେ ଭାରତର ସ୍ଥିତି ମଜଭୁତ କରିବା ପାଇଁ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତା ପାଇବା ସକାଶେ ପ୍ରତିବଦ୍ଧ।''ତେବେ ଏହା କେମିତି ହାସଲ କରିହେବ ସେ ସମ୍ପର୍କରେ ବିସ୍ତୃତ ଭାବେ କୁହାଯାଇ ନାହିଁ। ଭାରତକୁ ଅଧିକ କ୍ଷମତା ଦିଆଯିବା ଉଚିତ ବୋଲି ଭାରତ ଦାବି କରୁଛି। କିନ୍ତୁ ଏ ସମ୍ପର୍କରେ ୫ଟି ସ୍ଥାୟୀ ସଦସ୍ୟ ଏବଂ ସାଧାରଣ ସଭାର ଦୁଇ ତୃତୀୟାଂଶକୁ ଭାରତ କ'ଣ କହି ବୁଝେଇବ, ସେ ବିଷୟରେ କିଛି ସୂଚିତ କରିନାହିଁ। ବିଶ୍ୱରେ ଭାରତକୁ ଯେତିକି ମିଳିବା ଉଚିତ ଭାରତ ତାହାଠାରୁ ଅଧିକ ଯୋଗ୍ୟ ବୋଲି ଧାରଣା ରହିଛି। କିନ୍ତୁ ଏହି ବିଷୟରେ ବୈଦେଶିକ ନୀତିର କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥିବାଭଳି ମନେହେଉନାହିଁ। ଧରି ନିଆଯାଉ, ଆମେ ସେହି ଆସନ ପାଇଲେ । ହେଲେ ଏଥିରେ ଆମେ ଯାହା କରିବା କଥା ତାହା ବର୍ତ୍ତମାନ କରିପାରିବୁ କି ନାହିଁ ତାହା ଉପରେ କୌଣସି ସ୍ୱଷ୍ଟତା ନାହିଁ। ବିଶ୍ୱରେ ଏବେ ଗାଜା ଓ ୟୁକ୍ରେନ୍ ବଡ଼ ସମସ୍ୟା ଭାବେ ଉଭା ହୋଇଛି। କିନ୍ତୁ ଏହା ଉପରେ ଜାତିସଂଘରେ ଭୋଟିଂରୁ ଭାରତ ବିରତ ରହିଛି। ବିଶ୍ୱକୁ ଜଣାଇବା ପାଇଁ ଜଣଙ୍କ ପାଖରେ କିଛି ନ ଥିବାବେଳେ, ଭିଟୋ ଥାଉ ବା ନ ଥାଉ, ତାହାର କୌଣସି ଫରକ ପଡ଼ିବ ନାହିଁ।

ଚାଇନା ୟୁଏନ୍‌ଏସ୍‌ସି ସଦସ୍ୟତାକୁ ଆଧାର କରି ସୁପର୍‌ପାୱାର ହୋଇନାହିଁ, ବରଂ ୧୯୯୦ରୁ ଶିଳ୍ପନୀତି ଏବଂ ଆର୍ଥିକ ଅଭିବୃଦ୍ଧି ବଳରେ ଏହା ହାସଲ କରିଛି। ଭାଜପା ମଧ୍ୟ ୨୦୧୪ ଇସ୍ତାହାରରେ ଦର୍ଶାଯାଇଥିଲା ଯେ, ପୂର୍ବର ୟୁପିଏ ସରକାରଙ୍କ ବୈଦେଶିକ ନୀତିରେ ସ୍ୱଷ୍ଟତା ବଦଳରେ ଦ୍ୱନ୍ଦ୍ୱ ଦେଖିଛୁ ଏବଂ ନେତୃତ୍ୱର ଅଭାବରୁ ଭାରତ ସମସ୍ୟାରେ ଥିବା ଦେଖାଯାଇଛି ; ଯେଉଁଥିପାଇଁ ଏହା ଆତ୍ମବିଶ୍ୱାସର ସହ ବିଶ୍ୱ ସହିତ ଜଡ଼ିତ ହେବାର ଥିଲା। ହେଲେ ମନମୋହନ ସିଂଙ୍କ ଶାସନ କାଳରେ ଭାରତ ପଡ଼ୋଶୀଦେଶଗୁଡ଼ିକ ସହିତ ସ୍ଥାୟୀ ବନ୍ଧୁତ୍ୱ ଓ ସହଯୋଗୀ ସମ୍ପର୍କ ରଖିବାରେ ବିଫଳ ହୋଇଥିଲା। ଫଳରେ ଭାରତ ଓ ଏହାର ପଡ଼ୋଶୀମାନେ ପରସ୍ପରଠାରୁ ଅଲଗା ହୋଇ ରହିଲେ। ଭାଜପା ଏହାକୁ ସୁଧାରିବା ସହ ସାର୍କକୁ ମଜଭୁତ କରିଛି ବୋଲି ଇସ୍ତାହାରରେ କୁହାଯାଇଥିଲା। କିନ୍ତୁ ବାସ୍ତବତା ହେଉଛି, ନଭେମ୍ବର ୨୦୧୪ରୁ ସାର୍କର ବୈଠକ ହୋଇନାହିଁ, କାରଣ ଏଥିରେ ଆମର କୌଣସି ଆଗ୍ରହ ନାହିଁ। ସେହି ସମ୍ମିଳନୀର ଶେଷ ବୈଠକ ପରଠାରୁ ଆଫଗାନିସ୍ତାନ, ବାଂଲାଦେଶ, ମାଳଦ୍ୱୀପ, ନେପାଳ, ପାକିସ୍ତାନ ଏବଂ ଶ୍ରୀଲଙ୍କାର ନେତାମାନେ ପରିବର୍ତ୍ତନ ହୋଇଛନ୍ତି। ହେଲେ ଭାରତର ସେହି ସମାନ ବ୍ୟକ୍ତି ଶାସନରେ ଅଛନ୍ତି। ଆମେ ଆମ ପଡ଼ୋଶୀଙ୍କୁ ଏକାଠି କରି ରଖିପାରି ନାହୁଁ। କିନ୍ତୁ ବିଶ୍ୱାସ କରୁଛୁ ଯେ, ଯଦି ଜାତିସଂଘରେ ଅଧିକ କ୍ଷମତା ଦିଆଯାଏ ତେବେ ଆମେ ବିଶ୍ୱରେ ସୁଧାର ଆଣିପାରିବୁ। ଆସିଆନ ସହ ସମ୍ପର୍କ ରଖିବା ପାଇଁ ପାର୍ଟି ଅଧିକ କିଛି କରିବ ବୋଲି ଭାଜପା ଇସ୍ତାହାରରେ କୁହାଯାଇଥିଲା। କିନ୍ତୁ ୨୦୧୯ରେ ଆମେ ଆସିଆନ ନେତୃତ୍ୱରେ କରାଯାଇଥିବା ଆଞ୍ଚଳିକ ବ୍ୟାପକ ଆର୍ଥିକ ଭାଗୀଦାରି (ଆର୍‌ସିଇପି)ଭଳି ମୁକ୍ତ ବାଣିଜ୍ୟ ଚୁକ୍ତିରେ ଯୋଗଦେବାକୁ ଚାହିଁଲୁ ନାହିଁ।

ଇସ୍ତାହାରଗୁଡ଼ିକରେ 'ବସୁଧୈବ କୁଟୁମ୍ବକମ୍ ' ଦୁଇଟି ଶବ୍ଦ ରହିଛି। ଭାରତ ମାନବ ଜାତିକୁ ଗୋଟିଏ ପରିବାର ଭାବେ ଦେଖୁଛି କିନ୍ତୁ ନାଗରିକ ସଂଶୋଧନ ଆଇନରୁ ବାଂଲାଦେଶୀ ଶରଣାର୍ଥୀଙ୍କ ସମେତ ଅନ୍ୟ ଯେଉଁମାନେ ବାଦ୍ ପଡ଼ିଛନ୍ତି ସେମାନଙ୍କୁ ଛାଡ଼ି ଚାଲିଯିବା ଲାଗି କହୁଛୁ। ତେବେ ଏହି ଦୁଇ ଶବ୍ଦର କୌଣସି ମୂଲ୍ୟ ନାହିଁ ଏବଂ ଏହା କେବଳ ନିରର୍ଥକ ମନ୍ତବ୍ୟ ବ୍ୟତୀତ ଅନ୍ୟ କିଛି ନୁହେଁ। ଯଦି ସେଠାରେ ପହଞ୍ଚିବା ପାଇଁ ଆମ ପାଖରେ କୌଣସି ବାଟ ନାହିଁ ଏବଂ ଭିଟୋକୁ ନେଇ ଆମେ କ'ଣ କରିବୁ ତାହା ଯଦି ଜାଣିନାହୁଁ, ତେବେ ଆମେ କାହିଁକି ବଡ଼ ଦାୟିତ୍ୱ ପାଇଁ ଚିଲୋଉଛୁ ? ୟୁଏନ୍‌ଏସ୍‌ସିର ସ୍ଥାୟୀ ସଦସ୍ୟତା ଆମକୁ ଗର୍ବର ସହ ଚାଲିବାକୁ ଏକ ମଞ୍ଚ ଦେବ ଏବଂ ଆମେ ବିଶ୍ୱର ନେତା ବୋଲି ବାହାନା କରିବା ସହିତ ବିଶ୍ୱ ସମୁଦାୟର ଅଗ୍ରଣୀ ନେତୃତ୍ୱ ଭାବେ ଦର୍ଶାଇବାକୁ ସୁଯୋଗ ଦେବ। ଏହା ହେଉଛି ଆଉ ଏକ ଜାଗା, ଯେଉଁଠି ଆମେ ଭରସାଯୋଗ୍ୟ ବୋଲି ବାହାନା କରିପାରିବା। ଆମ ବ୍ୟକ୍ତିତ୍ୱ ଓ ନିଜସ୍ୱ କୂଟନୀତିକୁ ପ୍ରଦର୍ଶନ କରିପାରିବା। ବିଶ୍ୱ ଏହା ଜାଣେ। ଏହା ଆମକୁ ଅନୁଧ୍ୟାନ କରିଛି, ଆମର ସବୁ କଥା ଶୁଣିଛି, କୌଣସି ଘଟଣାରେ ଆମ ନୀରବତା ଏବଂ ଦୂରେଇ ରହିବାର ସ୍ୱଭାବକୁ ଦେଖିଛି। କୌଣସି ଏକ ଦେଶ ଅନ୍ୟମାନଙ୍କ ତୁଳନାରେ ଗୋଟିଏ ବିଷୟରେ ନିଜକୁ ଯୋଗ୍ୟ ମଣିବାର ବିଚାର ଠିକ୍ ଲାଗୁନାହିଁ। ଏହି କାରଣରୁ ସରକାର ୟୁଏନ୍‌ଏସ୍‌ସିରେ ଏକ ସ୍ଥାୟୀ ଆସନ ପାଇବା ପାଇଁ କୌଣସି ରାସ୍ତା ବାହାର କରିନାହାନ୍ତି।

Email:aakar.patel@gmail.com

# ଜୀବନର ଗତିପଥ



ଡ. ସୁବାସ ଚନ୍ଦ୍ର ପାତ୍ର

ଆଉ ଯାହା ହେଉ ନ ହେଉ, ଜୀବନର ଗତିପଥ କ୍ୱଚିତ ଏକ ପ୍ରତ୍ୟାଶିତ ସରଳରେଖାରେ ଗତିକରେ। ଯାତ୍ରୀକୁ ମଧୁର ପ୍ରତାରଣା ପ୍ରଦାନ କରିବା ଏହି ଗତିପଥର ପ୍ରମୁଖ ଲକ୍ଷଣ ! ଏବେ ସେମିତି କିଛି ପ୍ରତାରଣାର ସ୍ୱାଦୁ ଚାଖିବା, ଯାହା ଯାତ୍ରୀ ପାଇଁ ଥାଏ ଅକଳ୍ପନୀୟ।

ରାଜା ଚାଲିଛନ୍ତି ସୈନ୍ୟସାମନ୍ତ ଧରି ହାତୀପିଠିରେ। ନଅରରୁ କିଛି ବାଟ ଗଲାପରେ ସେ ଦେଖନ୍ତି ସମାନ୍ତରାଳ ଭାବେ ଚାଲି ଚାଲି ଯାଉଛନ୍ତି ତାଙ୍କ ରାଜସଭାର ମୁଖ୍ୟ ପରାମର୍ଶଦାତା, ଯିଏ ତାଙ୍କର ବନ୍ଧୁ ଏବଂ ଦିଗ୍‌ଦର୍ଶକ ମଧ୍ୟ। ରାଜା ବନ୍ଧୁସୁଲଭ ଉଷ୍ମତା ନେଇ ପଚାରିଲେ, 'କୁଆଡ଼େ ଚାଲିଲ ?' ପରାମର୍ଶଦାତା କହିଲେ, ''ମୁଁ କ'ଣ ଜାଣେ ?'' ସମ୍ପର୍କର ନିବିଡ଼ତାଜନିତ ଏହା ଏକ ଖାମଖିଆଲ ଉତ୍ତର ଭାବି ରାଜା ପୁଣି ପ୍ରଶ୍ନଟି ଦୋହରାଇଲେ। ମିଳିଥିଲା ସମାନ ଉତ୍ତର। ଏଣେ ସୈନ୍ୟସାମନ୍ତ, ଅନ୍ୟ ଅଧିକାରୀଗଣ ରାଜାଙ୍କ ରାସ୍ତା ମଝିରେ ଅଟକିବା ଏବଂ ଏପରି ବାର୍ତ୍ତାଳାପ କରିବା ରାଜପଦର ଅବମାନନା ବୋଲି ଭାବି ଅଶାନ୍ତ ହୋଇ ପଡୁଥିଲେ। ରାଜାଙ୍କ ଅହଂକାରକୁ ମଧ୍ୟ ଏହା ସାମାନ୍ୟ ଆଘାତ ଦେଲା। ଉତ୍‌କ୍ଷିପ୍ତ ହୋଇ ସେ କହିଲେ, ''ଯାଙ୍କୁ କାରାଗାରରେ ନିକ୍ଷେପ କର।'' ରାଜା ତାଙ୍କ ବାଟରେ ଆଗେଇଗଲେ। ସନ୍ଧ୍ୟା ଦରବାରରେ ମନ୍ତ୍ରୀ ରାଜାଙ୍କ ଏହି ସିଦ୍ଧାନ୍ତର ମୃଦୁ ପ୍ରତିବାଦ କଲେ। ନିଜ ପରାମର୍ଶଦାତାଙ୍କୁ ଅଯଥାରେ ରାସ୍ତାରେ ଅଟକାଇ ପ୍ରଶ୍ନ ପଚାରିବା ଏବଂ ପ୍ରତ୍ୟାଶିତ ଉତ୍ତର ନ ପାଇ ତାଙ୍କୁ ଜେଲରେ ପୂରାଇବା ନିତାନ୍ତ ଅନ୍ୟାୟ ବୋଲି ସେ ମତବ୍ୟକ୍ତ କଲେ। ରାଜା ତାଙ୍କ ମୁକ୍ତିର ନିର୍ଦ୍ଦେଶ ଦେଲେ। ପାଖରେ ବସାଇ ସମସ୍ତ ଘଟଣାଟିକୁ ହାଲୁକା କରି ପୁଣି ପଚାରିଲେ, 'ଆଚ୍ଛା ସତ କହିଲ, ତୁମେ ଯାଉଥିଲ କୁଆଡ଼େ ?' ଉପଦେଷ୍ଟା କହିଲେ, ''ଏତେ ଘଟଣା ପରେ ବି ଆପଣ ଉତ୍ତର ପାଇ ପାରୁନାହାନ୍ତି। ମୁଁ କ'ଣ ଘରୁ ବାହାରିଲା ବେଳେ ଜାଣିଥିଲି ମୋର କିଛି ଘଣ୍ଟାର କାରାଗାର ଯୋଗ ଅଛି ବୋଲି ? ମୁଁ ଯାଉଥିଲି କୁଆଡ଼େ, ପହଞ୍ଚିଲି କେଉଁଠି ?'' ଏ ଥିଲା ମନୋଜ ଦାସ ପରିବେଷିତ ଏକ କାହାଣୀର ପ୍ରତିଧ୍ୱନି।

ନିଜ ସ୍କୁଲମାଷ୍ଟରଙ୍କ ପ୍ରହାର ହେଉ ବା କିଶୋରସୁଲଭ ଉଦ୍ଦାମତାରେ ଜଣେ ସାମନ୍ତଶ୍ରେଣୀୟ ବ୍ୟକ୍ତିଙ୍କ ଫାର୍ମରୁ ଏକ ହରିଣ ଚୋରି ଅଭିଯୋଗରେ ପୋଲିସ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ହେଉ, ପ୍ରଖ୍ୟାତ ନାଟ୍ୟକାର ଉଇଲିୟମ୍ ସେକ୍ସପିୟର ନିଜ ଗାଁ ମାଟିରୁ ପଳାୟନ କଲେ ଲଣ୍ଡନ, ନିଜ ଭାଗ୍ୟ ଅନ୍ୱେଷଣରେ। ଥିଏଟରଗାମୀ କଳାପ୍ରେମୀଙ୍କ ଘୋଡ଼ା ଜଗିବା ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ନାଟ୍ୟକାରର ସିଂହାସନରେ ବସାଇବ, ଏହା କ'ଣ ସେ ଜାଣିଥିଲେ ? ଅବା ସେ କ'ଣ ଜାଣିଥିଲେ ଯେଉଁ ଭଦ୍ରମହିଳାଙ୍କୁ ବାହାହେବେ ସେ ତାଙ୍କଠୁ ୮ବର୍ଷ ବଡ଼ ? ଏପରି କି ଛୋଟମୋଟ ଅଭିନୟ, ନାଟ୍ୟ ନିର୍ଦ୍ଦେଶନା କ'ଣ ତାଙ୍କୁ ଜଣେଇଥିଲା ଯେ ମାତ୍ର ୫୨ ବର୍ଷ ବୟସରେ ପୃଥିବୀ ଛାଡ଼ିବାର ଢେର ପୂର୍ବରୁ ସେ ପୃଥିବୀର ସର୍ବଶ୍ରେଷ୍ଠ ନାଟ୍ୟକାରର ମୁକୁଟ ପିନ୍ଧିବେ ?



ଜୀବନର ଦୋଛକି କାହା ଆଗରେ ବା ଉଭା ହୁଏନି। କିନ୍ତୁ ସମସ୍ତେ କ'ଣ ରର୍ବଟ ଫ୍ରଷ୍ଟ ହୋଇପାରିବେ, ଯାହାଙ୍କ କବିତାର (ରୋଡ୍ ନଟ୍ ଟେକେନ୍) କେତେକ ପଂକ୍ତି ଜବାହରଲାଲ ନେହେରୁଙ୍କ ଭଳି ଅନେକ ପାଠକଙ୍କ ମାର୍ଗଦର୍ଶିକା ହୋଇ ଚିରଦିନ ରହିବ ? କବିତାରେ ଏହି 'ଦୋଛକି'ର ବ୍ୟାଖ୍ୟା କରିବାକୁ ଯାଇ ସେ କହନ୍ତି, କିପରି ଦୁଇଟି ରାସ୍ତା କବିଙ୍କ ଆଗରେ ପଡ଼ିଥିଲା। ଗୋଟିଏ ବହୁଳ ବ୍ୟବହୃତ ଓ ଅନ୍ୟଟି ଅମଡ଼ା, ଘାସଗୁଳ୍ମରେ ଭରପୂର। ସେ ଏହି ଅମଡ଼ା ବାଟଟିକୁ ପସନ୍ଦ କଲେ ଯାହା ତାଙ୍କର ଅନ୍ୟଠୁ ପୃଥକତା ପାଇଁ ଦାୟୀ। କିନ୍ତୁ ସେ ତାଙ୍କ ମନୋନୀତ ରାସ୍ତାଟି ଏକ ମହତ୍ତର ବିକଳ୍ପ ବୋଲି କହି ନାହାନ୍ତି। ସେ ଖାଲି ଘଟଣାଟି ବର୍ଣ୍ଣନା କରିଛନ୍ତି ଏବଂ ସେହି କ୍ରମରେ ସେ କହିବାକୁ ଚାହାନ୍ତି, ଦୋ'ଛକିର ରାସ୍ତା ଦ୍ୱୟ ପରସ୍ପରଠୁ ଦୂରେଇ ଯାଉଥିବା ଦୁଇଟି ମାର୍ଗ। ଗୋଟିକୁ ପସନ୍ଦ କଲାପରେ ପୁଣି ପ୍ରାରମ୍ଭରେ ପହଞ୍ଚି ଦ୍ୱିତୀୟ ମାର୍ଗରେ ଯିବା ସାଧାରଣତଃ ସମ୍ଭବ ନୁହେଁ। ଅର୍ଥାତ୍ ନଦୀର ଗତିପଥ ପରି ଜୀବନର ଗତିପଥଗୁଡ଼ିକ ସାଧାରଣତଃ ଅପରିବର୍ତ୍ତନୀୟ।

ମୁଣ୍ଡ ବାଡ଼େଇ ନିଜର ହଜିଲା ପ୍ରେମିକାକୁ ଖୋଜି ଖୋଜି ନୟାନ୍ତ ହୋଇପଡିଥିବା ପ୍ରେମିକ ଜଣକର ଏକ ରେସ୍ତୋରାଁରେ ପରଷା ଯାଇଥିବା ଖାଦ୍ୟ ତାଲିକାର ଏକ ତ୍ରୁଟିରୁ ନିଜ ହୃଦୟର ରାଣୀଙ୍କୁ ଆବିଷ୍କାର କରିବା, ଏକ ଅତ୍ୟାଶ୍ଚର୍ଯ୍ୟ ଘଟଣା ନିଶ୍ଚୟ। ଦୀର୍ଘଦିନ ଧରି ସେ ପ୍ରେମିକାଠୁ ବିଚ୍ଛିନ୍ନ। ତାଙ୍କର କୌଣସି ଖୋଜଖବର ନ ପାଇ ଭଗ୍ନ ହୃଦୟରେ ପ୍ରେମିକ (ୱାଲଟ୍‌ର) ଏକ ରେସ୍ତୋରାଁରେ ପହଞ୍ଚିଲେ କ୍ଷୁଧା ନିବାରଣ ପାଇଁ। ମାତ୍ର କିଏ ଜାଣିଥିଲା ଏହି ରେସ୍ତୋରାଁରେ ହିଁ ଭାଗ୍ୟଚକ୍ରରେ ନିଜଠୁ ବିଚ୍ଛିନ୍ନ ହୋଇଥିବା ତାଙ୍କ ପ୍ରେମିକା 'ସାରା'ର ସନ୍ଧାନ ସେ ପାଇବେ। ଅନ୍ୟମନସ୍କତା ମଣିଷ ପାଇଁ ବେଳେବେଳେ ଆଶୀର୍ବାଦ ପାଲଟେ। ଘଟଣାକ୍ରମେ ସେହି ଜଳଖିଆ ଦୋକାନରେ ତାଙ୍କ ପ୍ରେମିକା 'ସାରା' ଚାକିରି କରୁଥିଲେ, ମୁଖ୍ୟକାମ ଥିଲା ପ୍ରତିଦିନ ପରିଚାଳକ ପ୍ରଦତ୍ତ 'ନୂଆ ଖାଦ୍ୟତାଲିକା' ଟାଇପ୍ କରିବା। ଘଟଣାକ୍ରମେ ସେହି ମିଳନୀ ଦିବସରେ ଅନ୍ୟମନସ୍କ ହୋଇ ଖାଦ୍ୟତାଲିକାର ଏକ ଖାଦ୍ୟ–'ଡେଣ୍ଡେଲିଅନ ୱିଥ୍ ହାର୍ଡ଼ ବଏଲଡ୍ ଏଗସ୍' (ବସନ୍ତ ଋତୁରେ ଫୁଟୁଥିବା ଡେଣ୍ଡେଲିଅନ୍ ଏକ ଫୁଲ ଯାହା ସିଝା ଅଣ୍ଡା ସହ ଖିଆଯାଏ) ବଦଳରେ 'ଡିଏରେଷ୍ଟ ୱାଲଟାର ୱିଥ୍ ହାର୍ଡ ବଏଲଡ୍ ଏଗସ୍' ଟାଇପ କରି ଦେଇଥିଲେ। ପ୍ରେମିକ ୱାଲଟରଙ୍କ ପାଇଁ ଖାଦ୍ୟତାଲିକାର ଏହି ଭୁଲ୍ ହିଁ ତାଙ୍କୁ ଠିକ୍ ମାର୍ଗରେ ପହଞ୍ଚି ଦେଇଥିଲା। ସେ ଅନୁସନ୍ଧାନ କରି ଜାଣିଥିଲେ, 'ସାରା' ହିଁ ଏହି ଖାଦ୍ୟ ତାଲିକା ଟାଇପ କରିଛି। 'ଓ ହେନ୍‌ରୀ'ଙ୍କ ଏହି ଗଳ୍ପ 'ସ୍ପ୍ରିଙ୍ଗ ଟାଇମ୍' (ବସନ୍ତ ସମୟ)ର ଏକ ବିକଳ୍ପ ଶିରୋନାମା ବୋଧହୁଏ ହେବ, 'ଭୁଲ୍ ଯେଉଁଠି ଠିକ୍'!!

ବେଳେବେଳେ କଳାର ଗତିପଥ ଜୀବନର ଗତିପଥକୁ ସାଂକେତିକ ଭାବରେ ପ୍ରକାଶ କରେ, ବିଶେଷତଃ ଜୀବନର ବୃତ୍ତାକାର ଗତିକୁ ସୂଚିତ କରି। ସେଇଥି ପାଇଁ ଟି.ଏସ୍. ଏଲିଅଟ୍ କହନ୍ତି 'ଅନ୍ତ ହିଁ ମୋର ଆରମ୍ଭ' (ଇନ୍ ମାଇ ଏଣ୍ଡ୍ ଇଜ ମାଇ ବିଗିନିଙ୍ଗ) ଏବଂ ପ୍ରଖ୍ୟାତ ଚଳଚିତ୍ର ନିର୍ଦ୍ଦେଶକ ରିଚାର୍ଡ ଏଟେନବୋରୋ 'ଗାନ୍ଧୀ' ଚଳଚ୍ଚିତ୍ରରେ ଗାନ୍ଧୀଙ୍କ ହତ୍ୟା ଦୃଶ୍ୟକୁ ଚଳଚ୍ଚିତ୍ରର ପ୍ରଥମ ଦୃଶ୍ୟ ହିସାବରେ ପରିବେଷଣ କରିଥିଲେ। ଆଣ୍ଟୋନ ଚେକୋଭଙ୍କ ଗୋଟିଏ ଗଳ୍ପ ଏକ 'କାରୁକାର୍ଯ୍ୟ' (ଏ ୱାର୍କ ଅଫ୍ ଆର୍ଟ) ସାଂକେତିକ ଭାବରେ ଜୀବନର ଚକ୍ରାକର ଗତିର ସୂଚନା ଦିଏ। ନାଟକୀୟ ଭାବରେ ଆରମ୍ଭ ହୋଇଥିବା ଗପରେ ଛୋଟପିଲାଟି ପଶି ଆସୁଛି ଜଣେ ଡାକ୍ତରଙ୍କ ଚ୍ୟାମ୍ବରକୁ ଏବଂ କହୁଛି ତାଙ୍କ ଚିକିତ୍ସାରେ ସେ ଆରୋଗ୍ୟ ଲାଭ କରି ଥିବାରୁ ତାଙ୍କ ମାଆ ଏହି କଳାତ୍ମକ ବସ୍ତୁଟି, ଯାହା ଗୋଟିଏ କ୍ୟାଣ୍ଡେଲ ଷ୍ଟାଣ୍ଡ, ଉପହାର ଭାବେ ପ୍ରଦାନ କରିଛନ୍ତି। ଆପାତଦୃଷ୍ଟିରୁ ଷ୍ଟାଣ୍ଡର ନାରୀମୂର୍ତ୍ତିର ସାମାନ୍ୟ ଅଶ୍ଳୀଳ ଭଙ୍ଗୀ ଡାକ୍ତରଙ୍କୁ ଅଡୁଆ ଲାଗୁଥିଲାବେଳେ ପିଲାଟି କହି ଉଠିଛି, 'କି କବିତା ! କି ଗତି ! କି ପରିପ୍ରକାଶ !' ଗଲାବେଳେ ପୁଣି କହିଛି, ସେ ପୁଣି ଦିନେ ଫେରିବ ଏହାର ସାଥୀ ଷ୍ଟାଣ୍ଡଟି ନେଇ। ଅଶ୍ଳୀଳତା ଭାରରେ ଡାକ୍ତର ଛଟପଟ। ପିଲାଟିର ଭାଷାର ପୁନରାବୃତ୍ତି କରି ଡାକ୍ତର ଏହାକୁ ଭେଟି ଦେଇଛନ୍ତି ଜଣେ ଓକିଲଙ୍କୁ ଏବଂ ଓକିଲ ଜଣକ ସେହି ଏକାଭାବରେ ଅତିଷ୍ଠ ହୋଇ ତାକୁ ଦାନ କରିଛନ୍ତି ଜଣେ ହାସ୍ୟ କଳାକାରଙ୍କୁ, ଯିଏ ଅନନ୍ୟୋପାୟ ହୋଇ ଏହାକୁ ବିକ୍ରି କରିଛନ୍ତି ପୁରାତନ ମୂର୍ତ୍ତି ସଂଗ୍ରହକାରୀଙ୍କୁ, ଯାହାଠୁ କିଣି ଆଣି ସେ ପିଲାର ମା' ଏହା ପୂର୍ବ ମୂର୍ତ୍ତିର ସାଥୀ ହେଲା ଭଳି ଅନ୍ୟ ଏକ ମୂର୍ତ୍ତି ଭାବି ସେହି ପୁଅ ହାତରେ ଡାକ୍ତରଙ୍କ ପାଖକୁ ପଠାଇ ଦେଇଛନ୍ତି। କଥା ଯେଉଁଠୁ ଆରମ୍ଭ, ସେଇଠି ଶେଷ ହୋଇଛି !!

ସିଧାସିଳଖ ହେଉ କି ବକ୍ରାକାର ହେଉ କି ବୃତ୍ତାକାର, ଜୀବନର ଗତିପଥ ଯାବତୀୟ ରହସ୍ୟ ଓ କୌତୁକରେ ଭରା। ଜୀବନର ଅନ୍ୟନାମ ଯେ ଗାଣିତିକ ନିଶ୍ଚିତତା ନୁହେଁ, ଏହି କଥାଟି କହିବା ହୁଏତ ଏହାର ମୁଖ୍ୟଲକ୍ଷ୍ୟ !!

ପୂର୍ବତନ ଅଧ୍ୟକ୍ଷ,
ଜେଲ ରୋଡ୍, ବାଲେଶ୍ୱର
ମୋ : ୯୪୩୭୩୭୬୨୧୯

# ଭାବ ସଂସାରର ଖିଅ



ଡ. ଚନ୍ଦନ କୁମାର ସିଂହ

ଏହି ଚାରିପାଖର ସଂସାରକୁ ଝାଳନାଳ ହୋଇ ଭବ ସଂସାର ବୋଲିବାରେ କୋଶ କୋଶକୁ ଦୁନ୍ଦୁଭି ବାଜୁଥାଏ। ତାହାରି ଭିତରେ ମଣିଷ ଆତଯାତ ହୋଇ ଧର୍ମ, ଅର୍ଥ, କାମ, ମୋକ୍ଷର ସବୁତକ ହୁନ୍ଦର ଭିଆଣ କରିପାରୁଥାଏ। ମାତ୍ର ଖୁଦ ମଲୁଖର ଭବ ସଂସାର ଆଉ ଏକ ଦିଗକୁ ଖୁବ୍ ନିଘା କରି ରହିଥାଏ। ଯଦି ସଂସାର ଭବ ସଂସାର ହେଲା, ତେବେ କିଆଁ ଏଠାରେ ମାଳ ମାଳ ଧ୍ୱଜା କ'ଣ ଏହି ଦି'ଦିନିଆ ଭବ ସଂସାରର ? କାଳକୁ କଜ୍ଜଳ କରି ଭବ ସଂସାରକୁ ଦେଖିବା ଏବଂ ପରଚେଯିବା ବଡ଼ ମିହନତୀର କଥା ; ଅଙ୍ଗେନିଭା ଆଉଜି ହେବାର ଗୋଟେ ସମ୍ପୃକ୍ତି। ଭବ ସଂସାରକୁ ତୁଚ୍ଛ ଜ୍ଞାନରେ ମଣିଷର କାହାଣ କାହାଣ ଇତିହାସ ଆଉ କିଛିର ହରେଇବାକୁ ସଙ୍ଗରେ ନେଇଥା'ନ୍ତି ସିନା ମାତ୍ର ସାଙ୍ଗଟିଏ ହୋଇପାରନ୍ତି ନାହିଁ। ଏତେ ଏତେ ସୁଖ ଦୁଃଖର ଖେଳପଡ଼ିଆ ଭିତରେ ଭବ ସଂସାରରେ ସାଙ୍ଗ ହେବାର ସୌଭାଗ୍ୟ ଖୁବ୍ ଅଲଗା କଥାଟିଏ, ଅଲଗା ବାସନାଟିଏ, ଅଲଗା ସୌରଭର ଉଜ୍ଜ୍ୱଳ ଦିଗ୍‌ବଳୟ ; ଯାହାକୁ ଛୁଇଁପାରିଲେ ହସିହୁଏ, ଧର୍ମ, ଦେଶ, ବୟସ, ତୁଳନାର କାଉଁରିକାଠି ନିଜର ଶକ୍ତି ହରାଇଦିଏ। ନିଜକୁ ଭବ ସଂସାର ଭିତରେ ସାଙ୍ଗଟିଏ ଭଳି ଅନୁରାଗ ଆସେ। ଭବ ସଂସାରରୁ ଖିଅ ଖଣ୍ଡେ ଭାବ ସଂସାର ଭିତରକୁ ଭାସି ଆସେ, ଲକ୍ଷ୍ୟରେ ହେଉ ଅବା ଅଲକ୍ଷ୍ୟରେ। ସେଆଡ଼କୁ ଆଉ ଡର ନ ଥାଏ କି ଡର ସହେ ନାହିଁ। ଭବ ସଂସାରର ଇଶାଣ ଭାବ ସଂସାରକୁ ନିଜର ସବୁଯାକ ବିଶ୍ୱାସ ଓ ପ୍ରଶ୍ୱାସ ଅଜାଡ଼ିଦିଏ। ଏଇଠି ମନେପଡ଼ନ୍ତି ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ)। ଅକ୍ଟୋବରରେ ଜନ୍ମିତ ଏହି ପ୍ରଜ୍ଞା ପୁରୁଷଙ୍କ ଜୀବନ ଓ ଦର୍ଶନକୁ ଦେଖିଲେ ମଣିଷ କେତେ ବାସ୍ତବବାଦୀ ହୋଇପାରେ ତାହାର ପ୍ରମାଣ ମିଳେ।

୧୯୨୩ରେ ଚିତ୍ତରଞ୍ଜନଙ୍କ ଜନ୍ମ ବେଳକୁ ଦେଶର ପାଣିପାଗ ସେତେବେଳେ ସ୍ୱାଧୀନତା ଆନ୍ଦୋଳନ ଲାଗି ନିଜକୁ ପ୍ରସ୍ତୁତ କରି ଆଣୁଥିଲା ଏବଂ ଏହି ପାଣିପାଗରେ ଚିତ୍ତରଂଜନଙ୍କ ଜୀବନ–ବେଦି ଧୀରେ ଧୀରେ ରୂପ ନେଉଥିଲା। ତା'ଙ୍କ ସହ ବନ୍ଧୁ ବାନ୍ଧିବା ଯେତିକି ସହଜ, ସେତିକି ଥିଲା ସ୍ୱଚ୍ଛଳ ଓ ସ୍ୱଚ୍ଛନ୍ଦ। ବୟସ, ଯୋଗ୍ୟତା, ରୁଚି ଅରୁଚି, ଧର୍ମ, ବିଶ୍ୱାସ–ଅବିଶ୍ୱାସ, ଦେଶ–ବିଦେଶ, ଭାଷା–ପ୍ରଦେଶ ଏ ସବୁର ଅର୍ଥ ଓ ମାର୍ଗ ଚିତ୍ତଭାଇଙ୍କ ନିକଟରେ ଥିଲା ଆଉ ଏକ ଉପବୀତର କାହାଣୀ। ଠିକ୍ ଯେପରି 'ଭିନ୍ନ ଜଣେ ବିବେକାନନ୍ଦ'ର ଚିତ୍ର ଓ ସଂଳାପ ପରି। ସାଙ୍ଗ ହୋଇ ବସିଲେ, ସାଙ୍ଗର ସବୁତକ ବିଭବ କିପରି ଅକୁଣ୍ଠ–ଚିତ୍ତରେ ଜଳ ଜଳ ହୋଇ ଦିଶିଯାଆନ୍ତି, ପ୍ରିୟ ଚିତ୍ତଭାଇଙ୍କ



ସ୍ୱାଧୀନଚେତା ମୀମାଂସା ତାହାର ଅଭୁଲା ସ୍ୱାକ୍ଷର ବହନ କରିଛି। ଓଡ଼ିଆ ସାହିତ୍ୟର ଦଉଡ଼ି ବା ପଘା ପ୍ରିୟ ଚିତ୍ତଭାଇଙ୍କୁ ଗଣ୍ଠି ପକାଇ ରଖିପାରିନାହିଁ। ଯିଏ ଗଣ୍ଠିକୁ ହୁଗୁଳା କରି ଆଣୁଥିଲେ, ଆଉ ପାକଳପଣକୁ ଅଚିରେ ପରଖି ପାରୁଥିଲେ ଭବିଷ୍ୟ–ସଂସାର ଭାବମୟ ପୃଥିବୀର କଥା ମନେପଡ଼ିଲେ ଅଭୁଲା ଲାଗନ୍ତି ଚିତ୍ତଭାଇ। ସୁଦୂର ଫିନ୍‌ଲାଣ୍ଡ ହେଉ ଅବା ଗଞ୍ଜାମମାଳର ଖୋଲା ଆକାଶତଳର ମଣିଷ ହେଉ ଅବା ଇସ୍ରାଏଲ ହେଉ, ସବୁ ମଣିଷର ହେତୁକୁ ଛୁଇଁପାରୁଥିବା ଏହି ଓଡ଼ିଶାର ଯେ ମାଟିପୁତ୍ର ଥିଲେ, ସେକଥାକୁ ଜିଗର କରିହୁଏ ନାହିଁ, ମାତ୍ର ନମ୍ର ଭାବରେ ସ୍ୱୀକାର କରିହୁଏ। ଓଡ଼ିଶାର ମୌଳିକ ଭାଷା–ଭଣ୍ଡାରର ଧୁରୀଣ ବିନ୍ଧାଣି ଥିଲେ ଚିତ୍ତରଞ୍ଜନ। ସେ ସବୁର ପ୍ରୟୋଗ ଏତେ ମର୍ମ–ଭେଦୀ ହେଉଥିଲା ଯେ ଆରାମ–ଆଲୋଚନା, ଆରାମ–ଖିଆଲକୁ ତାହା ଅଣନିଃଶ୍ୱାସୀ କରି ଦେଉଥିଲା। ମାତ୍ର ସାଙ୍ଗ କିଏ ଛାଡ଼ି ହୋଇ ଯାଉଥିଲେ ସିନା, ସିଏ କିନ୍ତୁ ସାଙ୍ଗପଣରେ ଭିଡ଼ି ଧରୁଥିଲେ। ତାଙ୍କର ସାଙ୍ଗପଣ ଥିଲା ଅକ୍ଳାନ୍ତ ଏବଂ ଅତନ୍ଦ୍ର। ଭବ–ସଂସାରର ବିରାଦରୀକୁ ସେଥିପାଇଁ ସେ ଖାତିର ନ କରି ଭାବ–ସଂସାରର ସଖ୍ୟରେ ବାନ୍ଧି ହୋଇଥିଲେ। ଉଖୁରେଇ ଉଖୁରେଇ ନିଦ ଭାଙ୍ଗି ପାଉଁଶ ତଳର ଦୁକୁଦୁକୁ ଝୁଲକୁ ଜଳାଇ ଦେଉଥିଲେ କୁହୁଳାରେ। ବନ୍ଧୁପଣର ହସ ଓ ଆଭିଜାତ୍ୟରେ ଭାବ ସଂସାରର ସେ ଥିଲେ ନିକଟତର ଏକ ଅକାଟ୍ୟ ପ୍ରମାଣ। ଘୋ' ଘୋ' ଭିତରେ ସେଥିଲାଗି ସେ ମିଳୁ ନ ଥିଲେ। ଗହଳିଆ ଗଛ ତଳର ପୋଖରୀ ହୁଡ଼ା ଉପରେ ଚିତ୍ତରଞ୍ଜନ ଦେଖୁଥିଲେ ଭାବସଂସାରର ଡୋର ସୁହୃଦ୍‌କୁ–ଭବିଷ୍ୟର ଫଳନ୍ତି ଗଛକୁ, ଚଳନ୍ତି ସମାଜର ହାତପାହାନ୍ତା ଭିନ୍ନ ମେଳକୁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପରେ ଗଭୀର ଅଧ୍ୟୟନରେ ମନୋନିବେଶ କରି ତତ୍କାଳୀନ ବ୍ୟକ୍ତି–ଜୀବନ, ସାମୁଦାୟିକ ବିକାଶମୁଖୀ ଜୀବନ ଏବଂ ରାଷ୍ଟ୍ର ଭୂମିକାକୁ ବିଶ୍ଳେଷଣ କରି ମଣିଷ–ସମାଜର ବାଦ–ବିବାଦ–ସମ୍ବାଦ (ଥେସିସ୍–ଆଣ୍ଟିଥେସିସ୍ ଓ ସିନ୍‌ଥେସିସ୍)ର ହେତୁ ନିର୍ଣ୍ଣୟରେ ସେ ସଫଳ ହୋଇଥିଲେ। ସକଳ ହିଁ ସକାଳ। ତାହା ବ୍ୟକ୍ତି ଜୀବନ ହୋଇ ଅବା ସମୁଦାୟ। ସେଥିଲାଗି ସକାଳ ଥିଲା ତାଙ୍କ ଅନ୍ୱେଷା ଓ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ନିଅଁ। ସକାଳର ଜାତି ନ ଥାଏ, ସକାଳ ଏକ ଅର୍ଘ୍ୟ ଭବିଷ୍ୟ–ସଂସାର ଓ ଭାବ ସଂସାରର। ପ୍ରିୟ ଚିତ୍ତଭାଇ ଥିଲେ ସକାଳର ସ୍ଫୁରଣ ଏବଂ ଆଲୋଡ଼ନ ସକଳଙ୍କ ଲାଗି।

ବିଷମକଟକ, ରାୟଗଡ଼ା
ମୋ: ୮୨୪୯୬୫୭୭୭୮

## ଏଇ ଭାରତରେ

ଆଜକୁ ୧୬ ବର୍ଷ ପୂର୍ବେ ଜଣେ ଅଟୋ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଚାଲାଣ ହେଉଥିବା ଜଣେ ଶିଶୁକୁ ଉଦ୍ଧାର କରାଯାଇଥିଲା। ଏହି ଘଟଣା ଘଟିଥିଲା ତାମିଲନାଡୁ ତିରୁଚିରେ ଓ ସେହି ଅଟୋଚାଳକ ଜଣକ ହେଉଛନ୍ତି ଡି.ଜୋଶେଫ। କିନ୍ତୁ ଏହା କେବଳ ଏକ ଖବରରେ ସୀମିତ ରହି ନ ଥିଲା, ବରଂ ତାମିଲନାଡୁ ସରକାରଙ୍କୁ ଶିଶୁ ଚାଲାଣ ରୋକିବା ଲାଗି ସକ୍ରିୟ ପଦକ୍ଷେପ ନେବାକୁ ବାଧ୍ୟ କରିଥିଲା ଏବଂ ସେବେଠାରୁ ଅନେକ ଶହ ଶିଶୁଙ୍କୁ ଉଦ୍ଧାର କରାଯାଇପାରିଛି। ଘଟଣାଟି ଥିଲା ଏହିପରି– ଜଣେ ମହିଳା ଓ ତାଙ୍କ ସହ ଥିବା ଶିଶୁଙ୍କୁ ବସ୍‌ଷ୍ଟାଣ୍ଡରେ ଛାଡ଼ିବା ଲାଗି ନେଉଥିବାବେଳେ ଜୋଶେଫଙ୍କ ସନ୍ଦେହ ହେବାରୁ ସେ ପୋଲିସ ଆଉଟପୋଷ୍ଟରେ ଜଣାଇଥିଲେ। ପରେ ଠିକ୍ ଏହି ସମୟରେ ଜଣେ ମହିଳା ମଧ୍ୟ ସେଠାରେ ତାଙ୍କ ନିଖୋଜ ପିଲା ସମ୍ପର୍କରେ ଜଣାଇବାକୁ ଆସିଥିଲେ। ସଂଯୋଗ ଏମିତି ଥିଲା, ଯେଉଁଥିରେ ପୋଲିସ ପିଲାଟିକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଏହି ଘଟଣାରେ ସେହି ପିଲା ଚାଲାଣରେ ଜଡ଼ିତ ମହିଳାଙ୍କ ସୂଚନାକୁ ଆଧାର କରି ୧୨ ଜଣ ଶିଶୁଙ୍କୁ ସେତେବେଳେ ଉଦ୍ଧାର କରାଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଅକ୍ଟୋବର ୧୯୭୬

- ବେରୁଟ୍‌ଠାରେ ଦକ୍ଷିଣପନ୍ଥୀ ଗୋଷ୍ଠୀର ସୈନ୍ୟମାନେ ବାମପନ୍ଥୀ ଗୋଷ୍ଠୀ କବଳରୁ ଇସ୍ରାଏଲ ସୀମାନ୍ତ ନିକଟବର୍ତ୍ତୀ ହାନାଇନ୍ ଗ୍ରାମଟିକୁ ଦଖଲ କରିଦେଇଛନ୍ତି।
- ରାଜ୍ୟରେ ମଧ୍ୟମ ଜଳସେଚନ ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨ କୋଟି ଟଙ୍କା ମଞ୍ଜୁର।

## ସୁଡୋକୁ

su|do|ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | 5 | | | | | |
| | | | 2 | | 9 | | | |
| 5 | 9 | 7 | | | 8 | | | |
| 9 | | | 4 | | | | 2 | 3 |
| | | 1 | | | | 6 | | |
| | | 2 | 9 | | | | | |
| | 6 | 5 | | | 2 | 8 | | |
| 4 | | | | 8 | | | 1 | |
| | | | 3 | | 4 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 8 | 3 | 6 | 1 | 5 | 4 | 2 |
| 4 | 1 | 2 | 9 | 7 | 5 | 3 | 8 | 6 |
| 6 | 3 | 5 | 4 | 8 | 2 | 9 | 1 | 7 |
| 7 | 6 | 3 | 1 | 4 | 8 | 2 | 5 | 9 |
| 8 | 5 | 9 | 6 | 2 | 3 | 1 | 7 | 4 |
| 2 | 4 | 1 | 5 | 9 | 7 | 6 | 3 | 8 |
| 1 | 9 | 4 | 7 | 5 | 6 | 8 | 2 | 3 |
| 3 | 8 | 6 | 2 | 1 | 4 | 7 | 9 | 5 |
| 5 | 2 | 7 | 8 | 3 | 9 | 4 | 6 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରାଯାଉ

ମହାଶୟ,

ରାଜ୍ୟର ପ୍ରତ୍ୟେକ ଗ୍ରାମରେ ଭାଗବତ ଟୁଙ୍ଗି ନିର୍ମାଣ ପାଇଁ ଗତ ବିଜୁ ଜନତା ଦଳ ସରକାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରି ନାହିଁ। ଏବେ ମୁଖ୍ୟମନ୍ତ୍ରୀ ଏକ ଆଧ୍ୟାତ୍ମିକ ସଭାରେ ଯୋଗଦେଇ ଭାଗବତ ପାଠର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱ ଆରୋପ କରି ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ କହିଛନ୍ତି। ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ଗ୍ରାମ ଓ ସାହିରେ ଭାଗବତ ଟୁଙ୍ଗି ନିର୍ମାଣ ସଙ୍ଗେ ସଙ୍ଗେ ନିୟମିତ ଭାଗବତ ଏବଂ ପୁରାଣ ସାହିତ୍ୟ ଆଲୋଚନା ପାଇଁ ଅର୍ଥ ବରାଦ କରାଯାଉଛି ବୋଲି ସରକାରୀ ଭାବେ କୁହାଯାଉଛି। ବିଳମ୍ବ ହେଲେ ମଧ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରିବାକୁ ଦାବି ହେଉଛି।

**– ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

## ଚିରନ୍ତନୀ

ପଥର ପ୍ରେମିକ
ଏହି ବାଟେ ଚଳିଯାଏଁ ନିତି ମନ ଉଦାସେ
ନିରେଖଇଁ ନିତି ଏହି ପରିଚିତ ଆବାସେ
ବାତାୟନ ପାଶେ ପାଶେ ଆଖି ବୁଲେ ତୃଷିତ
ଦେଖିବାକୁ ଲାଜେ ଭୟେ କେଉଁ ରୂପ ଅବା ସେ !
–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଶାକର୍ମୀଙ୍କୁ ସରକାରୀ କର୍ମଚାରୀ ଘୋଷଣା ନେଇ ଦାବିପତ୍ର

ରାୟଗଡ଼ା,୧୮।୧୦(ଆଶିଷ ରଞ୍ଜନ ପଣ୍ଡା)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବିପତ୍ର ଶନିବାର ପ୍ରଦାନ କରାଯାଇଛି। ଏହି ଅବସରରେ ରାୟଗଡ଼ା ଗାନ୍ଧୀ ପାର୍କଠାରେ ଜିଲାର ସମସ୍ତ ଆଶାକର୍ମୀ ଏକାଠି ହୋଇ ସଂଘର ଜିଲା ସଭାନେତ୍ରୀ ତମାଳ ସାହୁକାର, ସମ୍ପାଦିକା ଗୀତାଞ୍ଜଳୀ ହିଆଲ ଏବଂ କୋଷାଧ୍ୟକ୍ଷ ପୁଷ୍ପାଞ୍ଜଳି ବେହୁରାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବିପତ୍ର ରାୟଗଡ଼ା ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲା ସମ୍ପାଦକ ଗଣେଶ କୁମାର ସାହୁ, ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ରାଜ୍ୟ ଉପସଭାନେତ୍ରୀ ମମତା ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ଲେଙ୍କାଙ୍କ ସହ ଜିଲାର ୧୧ଟି ବ୍ଲକରୁ ୨ ହଜାରରୁ ଊର୍ଦ୍ଧ୍ୱ ଆଶା କର୍ମୀ ଯୋଗଦେଇଥିଲେ ।


ଆଶାକର୍ମୀମାନେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ଦାବିପତ୍ର ଦେଉଛନ୍ତି ।

୯ ଦଫା ଦାବି ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରାଯାଉ, ଆଶାକର୍ମୀଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା କରାଯାଉ , ଯେପର୍ଯ୍ୟନ୍ତ ସରକାରୀ ମାନ୍ୟତା ଦିଆଯାଇନାହିଁ ସେମାନଙ୍କୁ ମାସିକ ୧୮ ହଜାର ଟଙ୍କା ପ୍ରଦାନ କରାଯାଉ, ସେମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯାଉ, ଅବସରକାଳୀନ ସମୟରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବା ସହ ମାସିକ ୫ ହଜାର ଟଙ୍କା ପେନ୍‌ସନ ଦିଆଯାଉ , ପ୍ରତ୍ୟେକ ମାସ ୧୦ ତାରିଖରେ ମାସିକ ଦେୟ ପ୍ରଦାନ କରାଯାଉ ଏବଂ ପ୍ରତି ପିଏଚ୍‌ସି ଓ ସିଏଚ୍‌ସିରେ ଆଶା ଗୃହ ନିର୍ମାଣ କରାଯିବାକୁ ଦାବି ହୋଇଛି। ସେହିପରି ଯୋଗ୍ୟତା ଭିତ୍ତିରେ ଆଶାକର୍ମୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇ ଏ.ଜନ.ଏମ ପଦବୀକୁ ପଦୋନ୍ନତି କରାଯାଉ , ଆଶାକର୍ମୀଙ୍କ କାର୍ଯ୍ୟ ସମ୍ପାଦନ ନିମନ୍ତେ ଉଚ୍ଚ ଗୁଣବତ୍ତାସମ୍ପନ୍ନ ୫ଜି ମୋବାଇଲ ବା ଟାବଲଏଡ୍ ପ୍ରଦାନ କରାଯିବା ସହ ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ରାଶି ୧୦ ଲକ୍ଷ ଟଙ୍କା ପ୍ରଦାନ, ପ୍ରତି ବର୍ଷ ୨ ହଳ ୟୁନିଫର୍ମ ପ୍ରଦାନ ସହ ରିପୋର୍ଟ ସମ୍ପାଦନ ନିମନ୍ତେ ରେଜିଷ୍ଟର ଯୋଗାଇ ଦିଆଯିବାକୁ ଦାବି ହୋଇଛି। ସରକାର ଯଦି ଉକ୍ତ ଦାବିଗୁଡ଼ିକ ପ୍ରତି ଦୃଷ୍ଟିଦେଇ ସମାଧାନ ନ କରନ୍ତି ତା'ହେଲେ ଆଗାମୀ ଦିନରେ ଆଶାକର୍ମୀମାନେ ଭାରତୀୟ ମଜଦୁର ସଂଘ ସହଯୋଗରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟହେବେ ବୋଲି ଶ୍ରମିକନେତା ଯୋଗେଶ୍ୱର ଦାସ କହିଛନ୍ତି।

# ପୁଣି ଏକ ମାମଲାରେ ନିର୍ଦ୍ଦୋଷରେ ଖଲାସ ହେଲେ ସବ୍ୟସାଚୀ


ଓକିଲଙ୍କ ସହ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା।

ଗୁଣପୁର,୧୮।୧୦
(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଡାରି ଥାନା ଅନ୍ତର୍ଗତ ଡିମିରିଗୁଡା ଅଞ୍ଚଳରୁ ୩ଜଣଙ୍କ ଜମିରୁ ଜୋର ଜବରଦସ୍ତି ଧାନ କାଟି ନେବା ମାମଲାରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଅତିରିକ୍ତ ଜିଲା ଦୌରା ଜଜ୍ ଶନିବାର ୨୨ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏହି ମାମଲାର ରାୟ ଶୁଣାଇଛନ୍ତି ।

ସୂଚନାଯୋଗ୍ୟ, ୨୭।୧୧। ୨୦୦୧ରେ ଗୁଡାରି ଥାନା ଅଧୀନ ଡିମିରିଗୁଡା ଅଞ୍ଚଳର ୩ ଜଣ ବ୍ୟକ୍ତ ମୀନକେତନ ପାଢ଼ୀ, ରମାକାନ୍ତ ପାତ୍ର ଏବଂ ଲୋକନାଥ ପାଣିଗ୍ରାହୀଙ୍କ ଜମିରୁ ଗ୍ରାମବାସୀ ଓ ମାଓବାଦୀମାନେ ଜୋର ଜବରଦସ୍ତି ଧାନ କାଟି ନେବା ଅଭିଯୋଗ ହୋଇଥିଲା। ଉକ୍ତ ମାମଲାରେ ମାଓବାଦୀ ନେତା ସବ୍ୟସାଚୀଙ୍କ ସମ୍ପୃକ୍ତି ଥିବା ନେଇ ଗୁଡାରି ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ଉକ୍ତ ମାମଲାର ବିଚାର ଅଦାଲତ ସବ୍ୟସାଚୀ ପଣ୍ଡାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ତାଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ପ୍ରକାଶ କରିଛନ୍ତି । ସବ୍ୟସାଚୀଙ୍କ ନାମରେ ଗୁଣପୁର କୋଟରେ ୩୦ଟି ମାମଲା ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ସେ ୨୯ଟି ମାମଲାରେ ଖଲାସ ହୋଇସାରିଲେଣି।

## ଦୀପାବଳିରେ ବାଣ ବିକ୍ରି ନେଇ ନିୟମ ପାଳନ କରାଯିବାକୁ ଦାବି

ଟିକିରି,୧୮।୧୦ (ପ୍ରଫୁଲ୍ଲ କୁମାର ବେହେରା)

ଦୀପାବଳି ସମୟରେ ବାଣ ଫୁଟା ଶବ୍ଦ ଏବଂ ବାୟୁ ପ୍ରଦୂଷଣ ରୋକିବା ନେଇ ସର୍ବୋଚ୍ଚ ଅଦାଲତ ଦେଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପଦକ୍ଷେପ ଗ୍ରହଣ କରିଥିବା ଜଣାଯାଇଛି। କିନ୍ତୁ କାଶୀପୁର ବ୍ଲକରେ ବିନା ଲାଇସେନ୍ସରେ ବିଭିନ୍ନ ଦୋକାନରେ ବାଣ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏଥିସହ ବାଣ ପ୍ୟାକେଟରେ ଶବ୍ଦର ପରିମାପକ ଏବଂ ଏହାର ପ୍ରସ୍ତୁତି ନେଇ କୌଣସି ସୂଚନା ରହୁ ନ ଥିବାରୁ ସବୁଜ ବାଣ ଏବଂ ବାଣ ବିକ୍ରେତାଙ୍କ ଲାଇସେନ୍ସ ସମ୍ପର୍କରେ ଲୋକେ ଜାଣିବାରେ ଅସୁବିଧା ହେଉଛି । ଲାଇସେନ୍ସପ୍ରାପ୍ତ ବ୍ୟକ୍ତିଙ୍କୁ ହିଁ ବାଣ ବିକ୍ରି ପାଇଁ ଅନୁମତି ଦେବା ସହ ଲାଇସେନ୍ସ ବିବରଣୀ ଦୋକାନ ଆଗରେ ଟାଙ୍ଗିବା ପାଇଁ ସାଧାରଣରେ ଦାବି ହେଉଛି ।

# ମୃତ ଡ୍ରାଇଭରଙ୍କ ପରିବାରକୁ ସହାୟତାକଲା କାଶୀପୁର ଡ୍ରାଇଭର ମହାସଂଘ

ଟିକିରି,୧୮।୧୦(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ସର୍ଗୀଗୁଡା ଗ୍ରାମର ଜଣେ ଡ୍ରାଇଭର ହରିଶ୍ଚନ୍ଦ୍ର ମାଝୀଙ୍କ ଗତ ୧ତାରିଖରେ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଶୁକ୍ରବାର ତାଙ୍କ ଦଶାହ କାର୍ଯ୍ୟ ଚାଲିଥିବାବେଳେ କାଶୀପୁର ଡ୍ରାଇଭର ମହାସଂଘ ଓ ଡୁଡୁକାବାହାଲ ପଞ୍ଚାୟତ ସମସ୍ତ ସଦସ୍ୟ ଉପସ୍ଥିତ ରହି ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ସହାୟତ କରିଛନ୍ତି। ଏହି ସମୟରେ କାଶୀପୁର ଡ୍ରାଇଭର ମହାସଂଘର ସହ ସମ୍ପାଦକ କିଶୋର ଭୂୟାଁ, ଡୁଡୁକାବାହାଲ ପଞ୍ଚାୟତ ସଭାପତି ପରମେଶ୍ୱର ମାଝୀ, ସମ୍ପାଦକ ତ୍ରିନାଥ ମାଝୀ, ଆଡମିନ ରଞ୍ଜନ ନାଏକ, କାମେଶର ମାଝୀ, ବୁଲକା ମାଝୀ, ପାତ୍ର ମାଝୀ, ସଞ୍ଜୟ ମାଝୀ, ତ୍ରିଲୋଚନ ମାଝୀ, ସୀମାଞ୍ଚଳ ମାଝୀ, ଜୟରାମ ମାଝୀ, ଗାମ୍ଭି ମାଝୀ, ଗାହିଲା ମାଝୀ, ତନୁ ଗୌଡ, ନବ ଗୌଡ, ପ୍ରଫୁଲ୍ଲ ଦିଶାରୀ, ବିନୋଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ କାଶୀପୁର ବ୍ଲକର ଅନ୍ୟ ପଞ୍ଚାୟତର ଡ୍ରାଇଭର ଭାଇମାନେ ମଧ୍ୟ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ସର୍ଗିଗୁଡା ଗ୍ରାମର ହରିଶ୍ଚନ୍ଦ୍ର ଦୁର୍ଗା ପୂଜା ବୁଲିବାକୁ ଗଲାବେଳେ ଭାରସାମ୍ୟ ହରାଇ ବାଇକ୍‌ରୁ ଖସିପଡି ଗୁରୁତର ଆହତ ହୋଇ ପ୍ରଥମେ ଉଷାପଡାସ୍ଥିତ ଉତ୍କଳ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୫ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।


ମୃତକଙ୍କ ପରିବାର ଲୋକଙ୍କ ସହ ଡ୍ରାଇଭର ସଂଘ ସଦସ୍ୟମାନେ।




# ମାଟି ବଦଳରେ ପ୍ଲାଷ୍ଟିକ୍ ଦୀପର ଚାହିଦା ବଢୁଛି

ଜେ.କେ ପୁର, ୧୮।୧୦ (ରାଜେଶ ବିଶ୍ୱାଳ )

ଦିନକ ପରେ ଆଲୋକର ପର୍ବ ଦୀପାବଳି । ରାୟଗଡା ଜିଲା ଜେକେପୁର ସ୍ଥିତ ପେପର ମିଲ ପ୍ରାଙ୍ଗଣରେ ଥିବା ବଜାରରେ ବିଭିନ୍ନ ପ୍ରକାର ମାଟି ଓ ପ୍ଲାଷ୍ଟିକ ଦୀପ, ଘର ସାଜସଜା ସାମଗ୍ରୀର ପସରା ମେଲିଛି। ସ୍ଥାନୀୟ କୁମ୍ଭକାର ପରିବାର ମାଟିରେ ନିର୍ମିତ ଦୀପ ବିକ୍ରି କରୁଥିବାବେଳେ ବିଭିନ୍ନ ଦୋକାନରେ ପ୍ଲାଷ୍ଟିକ୍ ଦୀପ ଓ ବିଭିନ୍ନ ରଙ୍ଗବେରଙ୍ଗ ଲାଇଟ୍ ବିକ୍ରି ହେଉଛି। ଲୋକେ ମାଟି ଦୀପ ବଦଳରେ ପ୍ଲାଷ୍ଟିକ ଦୀପ ଏବଂ ଲାଇଟ୍ କିଣିବାକୁ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ମାଟିଦୀପରେ ତେଲ ପକାଇ ଦୀପ ଲଗାଯାଉଥିବା ବେଳେ ତେଲ ଦର ମଧ୍ୟ ଆକାଶଛୁଆଁ। ବଜାରରେ ମିଳୁଥିବା ପ୍ଲାଷ୍ଟିକ ଦୀପ ଅତି ଶସ୍ତାରେ ମିଳିବା ସହ ମାତ୍ର ଅଳ୍ପ ପାଣି ପକାଇଲେ ରାତି ତମାମ ଜଳୁଥିବାରୁ ଲୋକେ ପ୍ଲାଷ୍ଟିକ୍ ଦୀପ ନେବାକୁ ଆଗ୍ରହ ପ୍ରକାଶ କରୁଥିବା ଜଣେ ଗ୍ରାହକ କହିଛନ୍ତି।


ଜେକେପୁର ବଜାରରେ ଖୋଲିଥିବା ଦୀପ ଏବଂ ଘର ସାଜସଜା ସାମଗ୍ରୀ ଦୋକାନ।

### କ୍ଷତି ସହୁଛନ୍ତି କୁମ୍ଭକାର ପରିବାର

ମାଟିଦୀପ ଚାହିଦା କମୁଥିବାରୁ ଜିଲାର କୁମ୍ଭକାର ପରିବାର ବହୁ କ୍ଷତି ସହୁଥିବା କହିଛନ୍ତି। ବଜାରରେ ଏବେ ସବୁ ଜିନିଷର ଦାମ ଅହେତୁକ ବଢୁଥିବାରୁ ମାଟିରେ ଦୀପ ଗଢିବା ଏବଂ ତାକୁ ପୋଡି ଆଣି ବଜାରରେ ବିକ୍ରି କରିବା ମଧ୍ୟ ବହୁ ପରିଶ୍ରମ ସହ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ତେଣୁ ମାଟିଦୀପଗୁଡ଼ିକ ଚଳିତ ବର୍ଷ ଦାମ ଅଧିକ ରହିଛି ବୋଲି ସ୍ଥାନୀୟ କୁମ୍ଭକାର କହନ୍ତି । ତେବେ ଦୀପାବଳିକୁ ଦୃଷ୍ଟିରେ ରଖି ଦୀପ ପ୍ରସ୍ତୁତ କରିଥିବାବେଳେ ବଜାରରେ ପ୍ଲାଷ୍ଟିକ ଦୀପ ଆସିଯାଇଥିବାରୁ ତାଙ୍କ ବ୍ୟବସାୟ ମାନ୍ଦା ହୋଇଥିବା କହିଛନ୍ତି। ପ୍ରତିବର୍ଷ ଦୀପାବଳି ସମୟରେ ବେଶ୍ ଭଲ ରୋଜଗାର ହେଉଥିଲା, ଚଳିତ ବର୍ଷ ଦୀପାବଳି ସେମାନଙ୍କ ପାଇଁ ଫିକା ପଡିବ ବୋଲି ମାଟି କାରିଗରମାନେ କହିଛନ୍ତି। ଲୋକେ ଯଦି ପ୍ଲାଷ୍ଟିକ ଦୀପ ସହ କିଛି ମାଟି ଦୀପ ମଧ୍ୟ ଘରକୁ କିଣି ନେବେ ତେବେ କୁମ୍ଭକାର ପରିବାର ନିଶ୍ଚିତ ଭାବେ କିଛି ରୋଜଗାର କରିପାରିବେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# କାଳୀପୂଜା ଦଶମହାବିଦ୍ୟା ଉତ୍ସବ ପାଇଁ ପ୍ରସ୍ତୁତି ଜୋର୍‌ଦାର

### ବିଭିନ୍ନ ରୂପରେ ପୂଜା ପାଇବେ ମା'

ରାୟଗଡା, ୧୮।୧୦ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ଫ୍ରେଣ୍ଡସ ୟୁଥ୍ ଆସୋସିଏଶନ ପକ୍ଷରୁ ଚଳିତ ବର୍ଷ ୪୩ତମ ବାର୍ଷିକ ମା' ଜଗଜ୍ଜନନୀ କାଳୀପୂଜା ଦଶମହାବିଦ୍ୟା ଉତ୍ସବ-୨୦୨୫ ମହା ଆଡମ୍ବର ସହକାରେ ପାଳନ କରାଯିବାକୁ ପୂଜା କମିଟି ନିଷ୍ପତ୍ତି ନେଇଛି । ଏହି କ୍ରମରେ ସହରର ବ୍ଲକ କଲୋନିସ୍ଥିତ କାଳୀପୂଜା ମଣ୍ଡପରେ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ଓ ଆକର୍ଷଣୀୟ ତୋରଣ ପ୍ରସ୍ତୁତି ଜୋର୍‌ଦାରରେ ଚାଲିଥିବା ଦେଖିବାକୁ ମିଳିଛି । ଆସନ୍ତା ଅକ୍ଟୋବର ୨୦ଦୀପାବଳି ଅମାବାସ୍ୟା ମଧ୍ୟରାତ୍ରରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ୧୨ଦିନ ଧରି ପୂଜା ଉତ୍ସବ ଅନୁଷ୍ଠିତ ହେବ। ୨୦ତାରିଖ ସକାଳେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ମଣ୍ଡପ ସାଲାସୁଦ୍ଧି, ଆବାହନ ଓ ବିଲ୍ୱବରଣ, କଳସ ଆବାହନ, ଅଧିବାସ, ସନ୍ଧ୍ୟା ଦେବୀ ସ୍ୱାଗତ ପୂଜା ସ୍ଥିର ହୋଇଛି। ସେହିପରି ୨୧ରୁ ୩୦ତାରିଖ ମଧ୍ୟରେ ମା' ଗୁରୁତାରା ପୂଜା, ମା' ତ୍ରିପୁରା ସୁନ୍ଦରୀ ପୂଜା,ମା' ଭୁବନେଶ୍ୱର, ମା' ତ୍ରିପୁରା ଭୈରବୀ, ମା' ଛିନ୍ନମସ୍ତା, ମା' ଧୂମାବତୀ, ମା' ବଗଳାମୁଖୀ, ମା' ମାତାଙ୍ଗନୀ, ମା' କମଳାମ୍ବିକା (ମହାଲକ୍ଷ୍ମୀ ପୂଜା) ଏବଂ ବାଲ୍ୟକୁମାରୀ ପୂଜା ଓ ପୂର୍ଣ୍ଣାହୁତି ପୂଜାବିଧି ନୀତିକାନ୍ତି ଅନୁଯାୟୀ ଅନୁଷ୍ଠିତ ହେବ ବୋଲି ପୂଜା କମିଟି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ସେହିପରି ଏହି ଉତ୍ସବ ପାଳନ ଅବସରରେ ପ୍ରାୟ ୨୦୦ଟି ଷ୍ଟଲ୍ ଖୋଲାଯିବା ସହ ମିନାବଜାର ଖୋଲିବ। ୨୧ରୁ ୩୦ତାରିଖ ଯାଏଁ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ଦିଲୀପ ପଟ୍ଟନାୟକ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ ଯୋଗଦେବାକୁ ଉପସଭାପତି ଶିବାଜୀ ଦାସ,ସାଧାରଣ ସମ୍ପାଦକ ଶିବ ପଟ୍ଟନାୟକ, ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରାମପୁରୀ ଗଣେଶ, ସଂଗଠନ ସମ୍ପାଦକ ଜେ.ପି.ରାଇଗୁରୁ, ପ୍ରସନ୍ନ କୁମାର ରାଓ, କୋଷାଧ୍ୟକ୍ଷ ଗୌରୀ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଅନୁରୋଧ କରିଛନ୍ତି ।


ରାୟଗଡ଼ାସ୍ଥିତ କାଳୀ ମନ୍ଦିର।


କାଳୀ ପୂଜା ମଣ୍ଡପ ତୋରଣ।



# ନଭେମ୍ବର ୨୫ରେ ପୋଡ଼ାଗଡ଼ରୁ ମଣ୍ଡେଇ ଶୁଭାରମ୍ଭ

**ମଣ୍ଡେଇ ମହୋତ୍ସବ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ**

- ଡିସେମ୍ବର ୧୨ରୁ ଜିଲାସ୍ତରୀୟ କାର୍ଯ୍ୟକ୍ରମ
- ଚଳିତବର୍ଷ ଲେଜର ଶୋ, ରେକର୍ଡ ଡାନ୍ସ ବନ୍ଦ
- ପଲ୍ଲିଶ୍ରୀ ମେଳାରେ ଖୋଲିବ ୩୭୦ ଷ୍ଟଲ



କାର୍ଯ୍ୟକ୍ରମରେ ଜିଲାପାଳ, ପ୍ରଶାସନିକ ଅଧିକାରୀ, ଜନ ପ୍ରତିନିଧିମାନେ।

ନବରଙ୍ଗପୁର,୧୮।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମଣ୍ଡେଇ ମହୋତ୍ସବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ଉମରକୋଟ ପୌରାଧ୍ୟକ୍ଷ ରାଧା ଭତରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ ବିବରଣୀ ପାଠ କରିଥିଲେ। ନବରଙ୍ଗପୁର ଜିଲାର ମହାନ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ପ୍ରତୀକ ମଣ୍ଡେଇ ମହୋତ୍ସବ। ଜିଲାର ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ଓ ସାଂସ୍କୃତିକ ବୈଭବର ଆଦାନ ପ୍ରଦାନ ପାଇଁ ଏକ ବଳିଷ୍ଠ ଅବଦାନ ରହିଛି ବୋଲି ଜିଲାପାଳ କହିଛନ୍ତି। ଚଳିତ ବର୍ଷ ମଣ୍ଡେଇ ମହୋତ୍ସବ ଆସନ୍ତା ନଭେମ୍ବର ୨୫ରେ ଉମରକୋଟ ବ୍ଲକ ଅଧୀନ ପୋଡ଼ାଗଡ଼ରେ ଶୁଭାରମ୍ଭ ହେବ। ମୁଖ୍ୟ ଜିଲାସ୍ତରୀୟ ମଣ୍ଡେଇ ମହୋତ୍ସବ ଆସନ୍ତା ଡିସେମ୍ବର ୧୨ରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ନୂତନ ମଣ୍ଡେଇ ପଡ଼ିଆରେ ଅନୁଷ୍ଠିତ ହେବ।

ଡିସେମ୍ବର ୧୨ରେ ମା' ଭଣ୍ଡାରଘରଣୀଙ୍କ ପୂଜାର୍ଚ୍ଚନା କରାଯାଇ ଜିଲାସ୍ତରୀୟ ମଣ୍ଡେଇର ଶୁଭାରମ୍ଭ ହେବ। ସେଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ମଣ୍ଡେଇ ପଡ଼ିଆ ପର୍ଯ୍ୟନ୍ତ ଯିବ। ବୈଠକରେ ଭୂମି ପୂଜନ, ମଞ୍ଚ ପ୍ରସ୍ତୁତି କମିଟି, ଅତିଥି ନିମନ୍ତ୍ରଣ, ସାଂସ୍କୃତିକ ଦଳ ଚୟନ, ଟ୍ରାଫିକ ନିୟନ୍ତ୍ରଣ, ଶାନ୍ତି ଶୃଙ୍ଖଳା, ଦେଶିଆ ନାଟକ ଆୟୋଜନ, ଅଭ୍ୟର୍ଥନା କମିଟି, ପ୍ରଚାର ପ୍ରସାର, ଅର୍ଥ କମିଟି, ପଲ୍ଲିଶ୍ରୀ ମେଳା ଷ୍ଟଲ, ଖାଦ୍ୟ ଷ୍ଟଲ, ବିଭାଗୀୟ ଷ୍ଟଲ, ସଂସ୍ଥାପନ କମିଟି, ମଞ୍ଚ କମିଟି, ସ୍ମରଣିକା, କବିତା ପାଠୋତ୍ସବ, ମଣ୍ଡେଇ ପଡ଼ିଆ ସ୍ୱେଚ୍ଛାସେବୀ କମିଟି, ମଞ୍ଚ ନାଟକ କମିଟି, ପରିବହନ କମିଟି, ମଣ୍ଡେଇ ପରିଚୟପତ୍ର ଏବଂ ପାସ୍, ପୁରସ୍କାର କମିଟି, ପ୍ରତିଯୋଗିତା କମିଟି , ଜଳ ଓ ପରିମଳ, ବିଦ୍ୟୁତ୍, ପାର୍କିଂ ଉପରେ ବିଶେଷ ଆଲୋଚନା ହୋଇଥିଲା। ଆଲୋଚନା କ୍ରମେ ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲେଜର ସୋ, ରେକର୍ଡ ଡାନ୍ସ ବ୍ୟବସ୍ଥା ବନ୍ଦ କରାଯାଇଛି। ଓରମାସ ତରଫରୁ ମଣ୍ଡେଇ ପଡ଼ିଆରେ ୩୭୦ ଷ୍ଟଲ ନିର୍ମାଣ କରାଯିବ। ଏଥିରୁ ୧୦୦ ଟି ବ୍ୟବସାୟିକ ଷ୍ଟଲ,୧୧୦ ବିଭାଗୀୟ ଷ୍ଟଲ, ୨୫ ଖାଦ୍ୟ ଷ୍ଟଲ, ୧୨୦ ଏସ୍‌ଏଚ୍‌ଜି ଷ୍ଟଲ ଓ ୧୫ଟି ଅନ୍ୟ ଷ୍ଟଲ ରହିବ। ବୈଠକରେ ପୂର୍ବତନ ପୌରାଧ୍ୟକ୍ଷ ଅର୍ଜ୍ଜୁନ ତ୍ରିପାଠୀ, ପୂର୍ବତନ କଂଗ୍ରେସ ସଭାପତି ମୁନା ତ୍ରିପାଠୀ, କାହ୍ନୁ ଦାସ, ସହରର ବୁଦ୍ଧିଜୀବୀ ପ୍ରମୁଖ ଗତ ମଣ୍ଡେଇ ମହୋତ୍ସବର ବିଭିନ୍ନ ଅସୁବିଧା ଓ ଏହାର ସଫଳ ରୂପାୟନ ପାଇଁ ମତାମତ ଦେଇଥିଲେ। ମଣ୍ଡେଇ ମହୋତ୍ସବ ଶାନ୍ତି ଶୃଙ୍ଖଳା ସହ ସଫଳ ରୂପାୟନ ପାଇଁ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରସ୍ତୁତି ବୈଠକରେ ମଣ୍ଡେଇ ଉତ୍ସବ ସହ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ବିଡିଓ, ବିଭିନ୍ନ କମିଟି ଅଧ୍ୟକ୍ଷ, ସଭ୍ୟାସଭ୍ୟ, ସହରର ବୁଦ୍ଧିଜୀବୀ, ଲେଖକ, କବି, ବିଶିଷ୍ଟ ବ୍ୟକ୍ତି, ପୂର୍ବତନ ଜନ ପ୍ରତିନିଧି, ସାଂସ୍କୃତିକ ଅନୁଷ୍ଠାନ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଖବରଦାତାମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ବିଶ୍ୱଜିତ୍ ବର୍ମନ୍ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ

**ମରଣାନ୍ତକ ଆକ୍ରମଣ ଅଭିଯୋଗ**

ନବରଙ୍ଗପୁର,୧୮।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସିଜେଏମ୍ ସୀମା ତ୍ରିପାଠୀ ଶନିବାର ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ଓ ଲୁଟ୍ ଘଟଣାର ଅଭିଯୁକ୍ତ ଭିକି ହରିଜନଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ, ୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦେୟରେ ଅଧିକ ୨ ମାସ କାରାଦଣ୍ଡ ଭୋଗିବେ ବୋଲି ରାୟ ପ୍ରକାଶ କରିଛନ୍ତି।

ମାମଲା ପରିଚାଳନା କରିଥିବା ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ମୀନ କେତନ ପୂଜାରୀଙ୍କ ସୂଚନାନୁଯାୟୀ ୨୦୨୦ ଡିସେମ୍ବର ୮ରେ ନବରଙ୍ଗପୁର ସରକାରୀ ବସ ଷ୍ଟାଣ୍ଡରେ ଥିବା ଏକ ବସ ଭିତରେ ପ୍ରମୋଦ କୁମାର ନାୟକ ଓ ଡ୍ରାଇଭର ଆର୍.ଭେଙ୍କଟ ରାଓ ଶୋଇଥିଲେ। ରାତି ୧୦ ଟା ୪୦ରେ ବସ୍‌ର ପଛପଟ କାଚଭାଙ୍ଗି ୨ ଜଣ ମୁଖାଧାରି ଭିତରେ ପସି ପ୍ରମୋଦଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ସେମାନେ ତାଙ୍କର ଡିଏଲ୍, ସିଏଲ ଓ ଆଧାର କାର୍ଡ ଛଡାଇ ନେଇଥିଲେ। ସରକାରୀ ଅର୍ଥ ୨୫୧୫ ଟଙ୍କା ଓ ନିଜସ୍ୱ ୫ ହଜାର ଟଙ୍କା ନେଇଯାଇଥିଲେ। ଏନେଇ ୨୦୨୦ ଡିସେମ୍ବର ୯ରେ ନବରଙ୍ଗପୁର ଥାନାରେ ପ୍ରମୋଦ ଏତଲା ଦେଇଥିଲେ। ପୋଲିସ କେସ୍ ନମ୍ବର ୩୧୦/୨୦୨୦ ଏକ ମାମଲା ରୁଜୁ କରି ଅଭିଯୋଗ ଫର୍ଦ୍ଦ କୋର୍ଟକୁ ଦାଖଲ କରିଥିଲେ। ନବରଙ୍ଗପୁର ମେଦିରିସାହିର ଭିକି ହରିଜନଙ୍କୁ ଏହି ମାମଲାରେ ଗିରଫ କରିଥିଲା। କୋର୍ଟ କେସ ନମ୍ବର ୨୧/୨୦୨୨ରେ ମାମଲା ରୁଜୁହୋଇ ଘଟଣାଟି ବିଚାରାଧୀନ ଥିଲା। ୮ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ସିଜେଏମ୍ ଉପରୋକ୍ତ ରାୟ ଶୁଣାଇଛନ୍ତି।

# ୨୫ରେ ସିଡିଏମ୍‌ଓ ଅଫିସ ଘେରାଉ ଚେତାବନୀ


ଧାରଣାରେ ବସିଥିବା ଆଶାକର୍ମୀ ।

**ପଞ୍ଚମ ଦିନରେ ପହଞ୍ଚିଲା ଆଶାକର୍ମୀ ସଂଘର ଅନଶନ**

ନବରଙ୍ଗପୁର,୧୮।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ କାର୍ଯ୍ୟରତ ଆଶାକର୍ମୀ ମାନଙ୍କ ଅନଶନ ଶନିବାର ପଞ୍ଚମ ଦିନରେ ପହଞ୍ଚିଛି। ଏହା ସତ୍ତ୍ୱେ କୌଣସି ଅଧିକାରୀ କିମ୍ବା ନେତା ଧାରଣା ସ୍ଥଳକୁ ଯାଇନାହାନ୍ତି। ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ରାଜ୍ୟ ବ୍ୟାପି ଏହି ଆନ୍ଦୋଳନ କରିବା ସହ ୨୫ ତାରିଖରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ତାଲା ଦେବାପାଇଁ ସଂଘ ଚେତାବନୀ ଦେଇଛି। ଏ ନେଇ ଲିଖିତଭାବେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ଏମ୍‌ପି, ବିଧାୟକ, ଏସ୍‌ପି ଓ ଜିଲାପାଳଙ୍କୁ ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି।

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛନ୍ତି ଆଶା କର୍ମୀ। ନବରଙ୍ଗପୁର ଜିଲାରେ ୫ ଦିନ ହେବ ଆଶାମାନେ ୮ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଛନ୍ତି। ସେପଟେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଠପ ହୋଇ ଯାଇଛି। ଏହିପରି ଦିନକୁ ଗୋଟିଏ ଗୋଟିଏ ବ୍ଲକର ଆଶାକର୍ମୀ ଆସି ଧାରଣା ଦେଉଛନ୍ତି। ଏହିପରି ଧାରଣା ଜାରି ରହିବ ବୋଲି ସଂଘ ସୂଚନା ଦେଇଛି। ଏଥିରେ ଭାରତୀୟ ମଜଦୁର ସଂଘ ଉପଦେଷ୍ଟା ପରମେଶ୍ୱର ବିଷୋୟୀ, ସମ୍ପାଦକ ବିଷ୍ଣୁ ପ୍ରସାଦ ବିଷୋୟୀ, ଆଶା କର୍ମୀ ସଂଘ ନବରଙ୍ଗପୁର ଜିଲା ସଭାନେତ୍ରୀ କବିତା ସ୍ୱାଇଁ, ସମ୍ପାଦିକା ଗୀତାଞ୍ଜଳି ହରିଜନ, ତେନ୍ତୁଲିଖୁଣ୍ଟି ବ୍ଲକ ସଭାନେତ୍ରୀ ବିଭାସିନୀ ହରିଜନ ସମ୍ପାଦିକା ମାନସୀ ହରିଜନ ପରିଚାଳନା କରିଥିଲେ। ସମସ୍ତ ବ୍ଲକର ସଭାନେତ୍ରୀ ସମ୍ପାଦିକା ମାନେ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ନବରଙ୍ଗପୁର ବ୍ଲକର ପ୍ରାୟ ୨୦୦ ଜଣ ଆଶା କର୍ମୀ ଉପସ୍ଥିତ ଥିଲେ ।

# ଚରାମୂଳା କସ୍ତୁରବା ଗାନ୍ଧୀ ଛାତ୍ରୀ ନିବାସ ନୂତନ କୋଠା ଭିତ୍ତିପ୍ରସ୍ତର


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ତେନ୍ତୁଳିଖୁଣ୍ଟି, ୧୮ ।୧୦(ଚିଦାନନ୍ଦ ସାହୁ)

ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶନିବାର ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଦିଗି ପଞ୍ଚାୟତ ଅଧୀନ ଚରାମୂଳା କସ୍ତୁରବା ଗାନ୍ଧୀ ବାଳିକା ଛାତ୍ରୀ ନିବାସର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମ୍ମାନୀତ ଅତିଥିଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଏମ୍‌ପିଙ୍କ ପ୍ରତିନିଧି ସନ୍ତୋଷ ପାତ୍ର , ସାମାଜିକ କର୍ମୀ ନାରାୟଣ ପାତ୍ର, ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ଅଧ୍ୟକ୍ଷା ନିଳେନ୍ଦ୍ରୀ ନାୟକ, ପଞ୍ଚାୟତ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ କିରଣ ସାମନ୍ତରାୟ, କେଜିଭିପି କୋଅର୍ଡିନେଟର ମମତା ପରିଚ୍ଛା,ତେନ୍ତୁଳୀଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ, ବିଇଓ ସୁଦୀପ୍ତ କୁମାର ଦାସ, ଏବିଇଓ କୁଳ ରଞ୍ଜନ ସୁନା, ଭାଜପା ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଅଭିମନ୍ୟୁ ହରିଜନ, ପୂର୍ବତନ ମଣ୍ଡଳ ସଭାପତି ହରେକୃଷ୍ଣ ମୁଦୁଲି, ଦିଗୀ ସରପଞ୍ଚ କିଶୋର ନାୟକ, ବରିଷ୍ଠ ନାଗରିକ ଆର୍ ସତ୍ୟମ ନାଇଡୁ, ବରିଷ୍ଠ ଭାଜପା ନେତା ମୃତ୍ୟୁଞ୍ଜୟ ସିଂହ, ଯୁବ ନେତା ଅନନ୍ତ ପଣ୍ଡା, ପୂର୍ବତନ ଭାଜପା ସଭାପତି ଜଗଦୀଶ ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ମନ୍ତ୍ରୀ ଓ ବିଧାୟକ ଚରାମୁଳା ଗ୍ରାମର ଶ୍ରୀରାମ ମନ୍ଦିରରେ ଠାକୁରଙ୍କ ଆର୍ଶୀବାଦ ନେଇ କସ୍ତୁରବା ଗାନ୍ଧୀ ବିଦ୍ୟାଳୟର ଏକ ଶହ ଶଯ୍ୟା ବିଶିଷ୍ଟ ନୂତନ କୋଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଛାତ୍ରାବାସ ଚତୁର୍ପାଶ୍ୱ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ପାଚେରୀ ନିର୍ମାଣ, ସିସି କ୍ୟାମେରା ଲାଗାଇବାକୁ କହିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପି ସୁନୀଲ କୁମାର, ଚରାମୂଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦିପ୍ତୀରାଣୀ ନାଗ, ୱାର୍ଡେନ ଉର୍ମିଳା ମଲ୍ଲିକ ପରିଚାଳନା କରିଥିଲେ। କସ୍ତୁରବା ଗାନ୍ଧୀ ବିଦ୍ୟାଳୟ କର୍ମଚାରୀଙ୍କୁ ନିୟମିତ କରିବାକୁ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି।

# ସ୍ୱାସ୍ଥ୍ୟ ପରୀକ୍ଷା ପରେ ୨୦୩ ହିତାଧିକାରୀଙ୍କୁ ୟୁଡି ଆଇଡି କାର୍ଡ

**ଡାବୁଗାଁରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ଡାବୁଗାଁ, ୧୮।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)


ଦିବ୍ୟାଙ୍ଗମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଏନ୍‌ଟି ବିଶେଷଜ୍ଞ ଡା. ସୁଦିପ୍ତା ରାଉତ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଚିନ୍ମୟ ସାହୁ, ଚକ୍ଷୁ ବିଶେଷଜ୍ଞ ଡା. ସନ୍ତୋନା ସାଗରିକା ପ୍ରଧାନ, ମାନସିକ ରୋଗ ବିଶେଷଜ୍ଞ ଡା. ଏନ୍. ଧନଞ୍ଜୟ ପଟ୍ଟନାୟକ ପ୍ରମୁଖ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହା ସହ ସାଇକୋଲୋଜିଷ୍ଟ ବିଭୂଦତ୍ତ ସେଠୀ, ଅଡିଓଲୋଜିଷ୍ଟ ଶିବପ୍ରସାଦ ସାହୁ ପ୍ରମୁଖ ଚିକିତ୍ସାରେ ସହାୟତା କରିଥିଲେ। ଏଥିରେ ପୂର୍ବରୁ ଅନଲାଇନ ମାଧ୍ୟମରେ ମୋଟ ୨୭୦ ଜଣ ହିତାଧିକାରୀ ପଞ୍ଜୀକୃତ କରିଥିଲେ। ମୋଟ ୨୦୩ ହିତାଧିକାରୀଙ୍କୁ ୟୁଡି ଆଇଡି କାର୍ଡ ପ୍ରଦାନ କରାଯାଇଛି । ବ୍ଲକ ଅଧ୍ୟକ୍ଷା ବୀଣା ମାଝି ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଜିଲାପରିଷଦ ସଭ୍ୟ ଜୋନ -୧ ଧନସିଂ ଭତ୍ରା, ଜୋନ୍-୨ ଗୁପ୍ତ ବିଷୋୟୀ, ରାଜ୍ୟସଭା ସଦସ୍ୟଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ବିଜେଡି ନେତା ଏମ୍. ଆପ୍ପା ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ଭାଜପା ଡାବୁଗାଁ ମଣ୍ଡଳ ସଭାପତି ମନୋଜ ପାତ୍ର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀଙ୍କ ପ୍ରତିନିଧି ଶୁଭଜିତ ପାଣିଗ୍ରାହୀ, ବ୍ଲକ କଂଗ୍ରେସ ସଭାପତି ଜି. ସାଇରାଜୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ବିଡିଓ ଶରତ ମାଝି, ସିଡିପିଓ ମିନତୀ ଦାଶ ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ, ଦିବ୍ୟଶଙ୍କର ପୂଜାରୀ, ଅର୍ଜୁନ ଭତ୍ରା, କାମିନୀ ହରିଜନ ଓ ରୂପାଲୀ ମଣ୍ଡଳ, ସମସ୍ତ ସରପଞ୍ଚ ଓ ସମିତିସଭ୍ୟା ସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ ପରିଚାଳନା କରିଥିଲେ। ଅମୂଲ୍ୟ ଦଳାଇ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଗଞ୍ଜେଇ ଚାଲାଣ, ୩ ଗିରଫ

ଜୟପୁର,୧୮।୧୦(ପବନ ପାଣିଗ୍ରାହୀ)

ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ କୋଟପାଡ଼ କୁସୁମି ଗ୍ରାମର ଦିନବନ୍ଧୁ ପେଣ୍ଡିଆ(୨୫), ଧଉଡପାଲର ମୋଚିରାମ କୁମ୍ଭାର(୨୫) ଓ ରାମନାଥ କୁମ୍ଭାର(୩୨)। ଅଭିଯୁକ୍ତମାନେ ଗଞ୍ଜେଇ ଧରି ଜୟପୁର ଷ୍ଟେଶନ ପଟେ ଯାଉଥିବା ବେଳେ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ଚଢ଼ାଉ କରି ୬ କେଜି ଗଞ୍ଜେଇ ଜବତ କରିଥିଲା। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ନିରୀକ୍ଷକ ଶଶୀକାନ୍ତ ଗଉ ସୂଚନା ଦେଇଛନ୍ତି।

# ଅଗ୍ନିଶମ ବିଭାଗର ଉପକରଣ ପ୍ରଦର୍ଶନୀ

ନବରଙ୍ଗପୁର,୧୮।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଅଗ୍ନିଶମ ବିଭାଗ ପକ୍ଷରୁ ହିଲ୍‌ସ୍ଥିତ ଦମକଳ କେନ୍ଦ୍ରରେ ସଚେତନତା ଓ ଅତ୍ୟାଧୁନିକ ଉପକରଣ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଯୋଗଦେଇଥିଲେ। ରାଜ୍ୟସରକାରଙ୍କ ପକ୍ଷରୁ ଦମକଳ କେନ୍ଦ୍ର ଗୁଡିକରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ଲୋକଙ୍କ ଧନଜୀବନର ସୁରକ୍ଷା ପାଇଁ ଅତ୍ୟାଧୁନିକ ଉପକରଣ ଓ ବିଭିନ୍ନ ସରଞ୍ଜାମ ପ୍ରଦାନ କରାଯାଇଛି। ଗଳିକନ୍ଦିରେ ନିଆଁକୁ ଆୟତ ପାଇଁ ଗ୍ୟାସ୍ ଓ ପାଣିରେ ନିଆଁକୁ ଆୟତ ପାଇଁ ମୋବାଇଲ ବାଇକ୍ ଯୋଗାଣ ହୋଇଛି। ସେଭଳି ଅଗ୍ନିକାଣ୍ଡରେ ଧୂଆ ନିର୍ଗତ ଯନ୍ତ୍ର, ଅତ୍ୟାଧୁନିକ ଗୱାର ଲାଇଟ୍, ବ୍ରୋଏର ଭଳି ଅନେକ ସରଞ୍ଜାମ ପ୍ରଦାନ କରାଯାଇଛି ବୋଲି କହିଛନ୍ତି। ସେଭଳି କୌଣସି ପ୍ରାକୃତିକ ବିପର୍ଯ୍ୟୟ ବେଳେ ଜନସାଧାରଣ ନିଜକୁ ସୁରକ୍ଷିତ ରଖି ଅନ୍ୟର ଜୀବନ ରକ୍ଷା କରିବା ଲାଗି ବିଭାଗ ପକ୍ଷରୁ ସଚେତନ କରାଯାଉଛି। ପ୍ରତି ଶନିବାର ସଚେତତା ଓ ଉପକରଣ ପ୍ରଦର୍ଶିତ କରି ବ୍ୟବହାର ଉପରେ ଜନସଚେତନା କରାଯାଉଥିବା ସହକାରୀ ଅଗ୍ନିଶମ ଅଧିକାରୀ ଦେବୀ ପ୍ରସାଦ ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କମଳାକାନ୍ତ ଦାସ, ବିକାଶ ମାଝୀ, ଦିଗାମ୍ବର ମାଝୀ, ବନବାସୀ ମହାପାତ୍ର, ହରିଶ୍ଚନ୍ଦ୍ର ବାଘ ପ୍ରମୁଖ ଉପସ୍ଥିତ ଥିଲେ।


ଅଗ୍ନିଶମ ବିଭାଗ ପକ୍ଷରୁ ଅଧିକାରୀମାନେ ସରଞ୍ଜାମ ପ୍ରଦର୍ଶନ କରୁଛନ୍ତି।

# ଉତ୍ତମ ନୃତ୍ୟ ପରିବେଷଣ କରି ୪ ଛାତ୍ରୀ ରାଜ୍ୟସ୍ତରକୁ ମନୋନୀତ



କୁନ୍ଦୁରା,୧୮।୧୦(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲାସ୍ତରୀୟ କଳା ଉତ୍ସବରେ ଅଂଶଗ୍ରହଣ କରି କୁନ୍ଦୁରା ପଞ୍ଚାୟତ କାଉଡିଆଗୁଡା ଗ୍ରାମସ୍ଥିତ ପିଏମ୍ ଶ୍ରୀ ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ରାଜ୍ୟସ୍ତର ନୃତ୍ୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। କୋରାପୁଟସ୍ଥିତ ସରକାରୀ ବାଳିକ ଉଚ୍ଚ ବିଦ୍ୟାଳୟରେ ନୃତ୍ୟ ପ୍ରତିଯୋଗିତାରେ ଜିଲାର ୧୪ ବ୍ଲକର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉତ୍ତମ ନୃତ୍ୟ ପରିବେଷଣ କରି ଛାତ୍ରୀ ସୀତା ପୁଜାରୀ,ନବୀନା ଭୁମିଆ,ଲିମବତୀ ଭତ୍ରା ଓ ଗୁଣମତୀ ଭତ୍ରା ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଏହି ଅବସରରେ ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। କୁନ୍ଦୁରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା, ବିଦ୍ୟାଳୟ ସଂଯୋଜକ ସଞ୍ଜୟ ସାନ୍ତ୍ରା, ଶିକ୍ଷାବିତ ରାମକୃଷ୍ଣ ସାବତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ୭ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ନେଇ ଚାଲିଛି ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଆଜି ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡ୍‌ମିଣ୍ଟନ ଓ ସିପକ୍ ଟାକ୍ରୋ ପ୍ରତିଯୋଗିତାର ଶେଷ ଦିନ**

ନବରଙ୍ଗପୁର/ଉମରକୋଟ,୧୮।୧୦ (ସଦାଶିବ ପ୍ରହରାଜ/ସନ୍ତୋଷ ଶତପଥୀ)


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

ନବରଙ୍ଗପୁର ଜିଲା ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିଅମରେ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡ୍‌ମିଣ୍ଟନ ଓ ସିପକ୍ ଟାକ୍ରୋ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦଘାଟିତ ହୋଇଛି। ନବରଙ୍ଗପୁର ଜିଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବରେଣ୍ୟ ଅତିଥିଭାବେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ଉମରକୋଟ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝୀ, ସମ୍ମାନିତ ଅତିଥିଭାବେ ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲାପାଳ ତପନ ଖୁଣ୍ଟିଆ, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ମହାଲିକ, ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ, ସହକାରୀ ଶାରୀରିକ କ୍ରୀଡ଼ା ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା କେବଳ ଏକ ଖେଳାଳି ମିଳନ ନୁହେଁ, ଏହା ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ ଓ ସାମାଜିକ ବିକାଶର ଏକ ମଞ୍ଚ ବୋଲଇ ଅତିଥିମାନେ କହିଥିଲେ। ବ୍ୟାଡମିଣ୍ଟନ ଓ ସିପାକ୍ ଟାକ୍ରୋ ଦୁଇଟି ଖେଳ ନିପୁଣତା ଓ ସମୟୋଚିତ ପ୍ରତିକ୍ରିୟା ଶିଖାଏ। ଏହା ଦ୍ୱାରା ଛାତ୍ରୀଛାତ୍ର ଶାରୀରିକ ଫିଟନେସ୍ ଓ ସୁସ୍ଥ ଜୀବନ ଶୈଳୀର ଅଭ୍ୟାସ ଗଢ଼ି ତୋଳିବାକୁ ସୁଯୋଗ ପାଇ ପାରିବେ। ଏହି ପ୍ରତିଯୋଗିତାରେ ନୂଆ ଓଡିଶାର କ୍ରୀଡା ପ୍ରତିଭାମାନଙ୍କୁ ଚିହ୍ନଟ କରାଯାଏ। କୃତୀ ଖେଳାଳିମାନେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ସୂଚନା ମିଳିଛି।

ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ୭୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି। କ୍ଷୀରୋଦ କୁମାର ପଟ୍ଟନାୟକ ଓ ବୀରେନ୍ଦ୍ର ପାଢ଼ୀ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ନିରଞ୍ଜନ ଶତପଥୀ ଓ ଚନ୍ଦନା ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଜିଲାର ସମସ୍ତ ବିଇଓ, କ୍ରୀଡ଼ା ଶିକ୍ଷକ, ଜିଲା ବିଜ୍ଞାନ ନିରୀକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ, ମନୋରଞ୍ଜନ ପ୍ରହରାଜ, ବିଭାଶିଷ ଦେ, ଉମରକୋଟ ବ୍ଲକର ସମସ୍ତ ସିଆର୍‌ସିସି, ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ରାଉତ, ବଂଶୀଧର ଭୂୟାଁ, ନରେଶ ଚନ୍ଦ୍ର ପଟ୍ଟନାୟକ, ତ୍ରିପତି ପଟ୍ଟନାୟକ, ସୁନୀଲ ନାୟକ, ଏମ୍. ଚିନା, ପ୍ରଦୀପ ବିଶ୍ୱାସ, କିଶୋର ସିଲ, ବ୍ରଜବନ୍ଧୁ କାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ସ୍ଥାନୀୟ ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅସୀମ କୁମାର ବିଶ୍ୱାସ ଧନ୍ୟବାଦ ପ୍ରଦାନ କରିଥିଲେ। ବ୍ୟାପକ ପୋଲିସ ମୁତୟନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ଓ ଅଗ୍ନିଶମ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଜିଲ୍ଲାରେ ତମାଖୁ ବିରୋଧୀ ଆନ୍ଦୋଳନକୁ ସକ୍ରିୟ କରିବା ଲକ୍ଷ୍ୟ

**ମାଲକାନଗିରି,୧୮।୧୦(ଦୁର୍ଯ୍ୟୋଧନ ପାତ୍ର)**

### ତମାଖୁମୁକ୍ତ ଯୁବ ଅଭିଯାନ ୩.୦ର ଶୁଭାରମ୍ଭ

ମାଲକାନଗିରି ସଦର ମହକୁମା ଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଆରମ୍ଭ ହୋଇଥିବା ତମାଖୁମୁକ୍ତ ଯୁବ ଅଭିଯାନ ୩.୦ର ଶୁଭାରମ୍ଭ ହୋଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଜିଲା ଶିକ୍ଷାଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଓ ପୋଲିସ ପ୍ରଶାସନ ସମନ୍ୱୟ ରଖି ଜନସାଧାରଣଙ୍କ ମଧ୍ୟରେ ତମାଖୁର କ୍ଷତିକାରକ ପ୍ରଭାବ ନେଇ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଓ କୋଟପା ଆଇନର ସକ୍ରିୟ ଅନୁପାଳନ ସୁନିଶ୍ଚିତ କରିବା ସହ ଜିଲାରେ ତମାଖୁ ମୁକ୍ତ ଗ୍ରାମ ଗଠନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ମାଧ୍ୟମରେ ୭ରୁ ୧୨ ବର୍ଷ ଓ କଲେଜ ପଢୁଥିବା ଯୁବପୀଢ଼ିଙ୍କ ମଧ୍ୟରେ ତମାଖୁ ବିରୋଧୀ ସଚେତନତା ସୃଷ୍ଟି କରିବା ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲା ଚିକିତ୍ସାଧିକାରୀ ଡା.ଡୋଲାମଣି ପ୍ରଧାନ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଏମ୍.ଏମ୍. ଆବିଦ ହୁସେନ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ନିହାର ରଞ୍ଜନ ପ୍ରହରାଜ, ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲା ଶିକ୍ଷାଧିକାରୀ ଚିତରଞ୍ଜନ ପାଣିଗ୍ରାହୀ, ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋ, ଅଭିଯୋଗ ଶାଖା ଅଧିକାରୀ ରମେଶ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ, ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା, ଡିପିଏମ୍. ଏନ୍ଏଚ୍ଏମ୍ ଡା.ମୌସୁମୀ ମିଶ୍ର, ଏପିଡେମିଓଲୋଜିଷ୍ଟ ଡା.ଡିପି ରାଜ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିବ ସୁନ୍ଦର ପାଣିଗ୍ରାହୀ ପରିଚାଳନା କରିଥିଲେ। ଏହି ଅଭିଯାନ ମାଧ୍ୟମରେ ଜିଲାରେ ତମାଖୁ ବିରୋଧୀ ଆନ୍ଦୋଳନକୁ ଅଧିକ ସକ୍ରୀୟ ଓ ପ୍ରଭାବଶାଳୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଅନ୍ୟ ଅଧିକାରୀମାନେ।

# ପିଲାଙ୍କ ଲୁକ୍କାୟିତ ପ୍ରତିଭା ପରିପ୍ରକାଶକରେ ସୁରଭି


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

**ଚିତ୍ରକୋଣ୍ଡା,୧୮।୧୦ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)**

### କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ବଡ଼ପଦର କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ ଆର୍ଏସ୍ସି ୧୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଲାମାନଙ୍କ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ପାଇଁ ବିଭିନ୍ନ ସ୍କୁଲରୁ ଚୟନ ହୋଇଥିବା ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ମୂଲ୍ୟାୟନ କରିବାକୁ ସମସ୍ତ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ସଭାର ଆୟୋଜନକରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ବଡ଼ପଦର ପଞ୍ଚାୟତ ସାମାଜିକ କର୍ମୀ ଜଗୁ ଡୁରୁ, ମୁଖ୍ୟବକ୍ତା ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ସଭାପତି ବଡ଼ପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କିତେଶ୍ୱର ସରକାର, ସମ୍ମାନିତ ଅତିଥି ନୀଳାଦ୍ରି କୁମାର ରାଉତ ସାମନ୍ତ, ସବିତା ତ୍ରିପାଠୀ, ରଚନା ପୁରୋହିତ, ରାଜୁ ଅନୁପାଲ ଓ ରଞ୍ଜନ କୁମାର ତୋରେଇ ପ୍ରମୁଖ ଯୋଗଦେଇଥିଲେ। ସିଆର୍ସିସି ଲଳିତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜୀବନକୁ ଶୃଙ୍ଖଳିତ କରି ନୀରୋଗ ରହିବାକୁ ପରାମର୍ଶ

### ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ନେଇ ସଚେତନତା

**କୋରାପୁଟ,୧୮।୧୦(ଅମିତାଭ ବେହେରା)**

କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟରେ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ଶନିବାର ପାଳିତ ହୋଇଛି। ଏଥିରେ ଲାଣ୍ଡିଗୁଡା ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ପିଲାମାନଙ୍କୁ ନୀରୋଗ ରହିବା ନେଇ ଯୋଗ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ, ସହକାରୀ ପ୍ରଫେସର ଶୁଭଦର୍ଶନୀ ପ୍ରଧାନ,ଡ.କାଞ୍ଚନ ତାଣ୍ଡି ଏବଂ ଛାତ୍ରୀଛାତ୍ର ଯୋଗ ଶିକ୍ଷା ଦେଇଥିଲେ। ଏହି ଅବସରରେ ରକ୍ତହୀନତା ନିରାକରଣ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଡ.ପ୍ରୀତିଧାରା ସାମଲ ପରିଚାଳନା କରିଥିଲେ। ଡ.ଦିଲରାଜ ପୁଭାଲା ଓ ସୈରିନ୍ଧ୍ରୀ ମହାରଣା ପିପିଟି ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ସୁସ୍ଥ ଜୀବନଯାପନ ପାଇଁ ସୁସ୍ଥ ଖାଦ୍ୟ ଅଭ୍ୟାସ ଓ ବ୍ୟାୟାମ ସମ୍ପର୍କରେ ଅଧ୍ୟକ୍ଷ ପଟ୍ଟନାୟକ ବ୍ରାହ୍ମ ମୁହୂର୍ତ୍ତରେ ଉଠିବା, ଶୀଘ୍ର ଶୋଇବାର ଉପକାରିତା ସହ ଜୀବନକୁ ଶୃଙ୍ଖଳିତ କରି ନିରୋଗୀ ରହିବାକୁ ପରାମର୍ଶ ଦେଇଥିଲେ। ସୁଷମ ଖାଦ୍ୟ ଓ ସୁସ୍ଥ ଜୀବନ ନେଇ ମୁଖ୍ୟବକ୍ତା ଡ.ଲହରୀ ବେହେରା ମତ ରଖିଥିଲେ। ପିଲାଙ୍କ ଉଚ୍ଚତା ଓ ଓଜନ ମାପ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ.ସୁଶୀଳ ଗଡ଼ନାୟକ, ଡ.ବ୍ରହ୍ମଚାରୀ ଖମାରୀ ଓ ଜାହ୍ନବୀ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ କଲେଜ ଅଧ୍ୟକ୍ଷ ଓ ଅନ୍ୟ ପ୍ରଫେସରମାନେ।

# ସରପଞ୍ଚଙ୍କ ଆକ୍ରମଣରେ ନାଏବ ସରପଞ୍ଚଙ୍କ ସ୍ୱାମୀ ଆହତ

**ନନ୍ଦପୁର/ପାଡୁଆ,୧୮।୧୦ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ବାଲଡ଼ା ସରପଞ୍ଚଙ୍କ ବିରୋଧରେ ୱାର୍ଡ ସଭ୍ୟମାନେ ଶୁକ୍ରବାର ଅନାସ୍ଥା ପ୍ରସ୍ତାବ ଆଣିବା ପରେ ନାଏବ ସରପଞ୍ଚଙ୍କ ସ୍ୱାମୀଙ୍କୁ ସରପଞ୍ଚ ଆକ୍ରମଣ କରିଥିବା ଜଣାପଡ଼ିଛି। ସରପଞ୍ଚ ବିକ୍ରମ ଶୀସାଙ୍କ ଆକ୍ରମଣରେ ନାଏବ ସରପଞ୍ଚଙ୍କ ସ୍ୱାମୀ ରାଜେନ୍ଦ୍ର ଖରା ଆହତ ହୋଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ନାଏବ ସରପଞ୍ଚ ପାଡୁଆ ଥାନାର ଦ୍ୱାରସ୍ଥ ହୋଇ ସ୍ୱାମୀଙ୍କ ସୁରକ୍ଷା ଲୋଡିଛନ୍ତି। ପାଡୁଆ ଥାନା ପକ୍ଷରୁ ଘଟଣା ଉପରେ ତୀକ୍ଷଣ ନଜର ରଖାଯାଇଥିବା କୁହାଯାଇଛି। ସରପଞ୍ଚ ଶୀସାଙ୍କ ମୋବାଇଲ ସ୍ୱିଚ ଅଫ ଥିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।

# ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ୩ ଛାତ୍ରୀଛାତ୍ର ମନୋନୀତ

**ବନ୍ଧୁଗାଁ, ୧୮।୧୦ (ବେଣୁଧର ଲାବାଲା)**

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକର ୩ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ କବାଡି ଓ ଖୋଖୋ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ବ୍ଲକସ୍ତରୀୟ କବାଡି ଓ ଖୋ ଖୋ ରେ ଅଣ୍ଡର ୧୭-୧୪ ବର୍ଷର ୨୫ ଛାତ୍ରୀଛାତ୍ର ଭଲ ପ୍ରଦର୍ଶନ କରି ଜିଲା ସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବନ୍ଧୁଗାଁ ବ୍ଲକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ପୂର୍ଣ୍ଣ ଜାକାକା କବାଡି ଅଣ୍ଡର ୧୭ ବର୍ଗ, କେଜିବିଭିର ଛାତ୍ରୀ ଗାଙ୍ଗତ୍ରି ପିଡ଼ିକା କବାଡି ଅଣ୍ଡର ୧୪ ବର୍ଷ ବର୍ଗ ଓ ଏକ୍ସ ବୋର୍ଡ ସ୍କୁଲର ଛାତ୍ର ଚିନୁ ପିଡ଼ିକା ଖୋଖୋ ଅଣ୍ଡର ୧୪ ବର୍ଷ ବର୍ଗରେ ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। ବ୍ଲକ ସେକ୍ରେଟାରୀ ପିଟି ଶିକ୍ଷକ ଦିବ୍ୟରଞ୍ଜନ ମହାନ୍ତି, ଚିନ୍ତାମଣି ବେହେରା, ସଞ୍ଜୁକ୍ତା ସିଂ ଓ ରୋଜାଲିନ ଦିକ୍ସିଏକ ଟିମ ଜିଲାସ୍ତରୀୟ ପ୍ରତିଯୋଗିତା ଅଂଶଗ୍ରହଣ କରିଥିଲେ।


## ସାର୍ବଜନୀନ ବିଜ୍ଞପ୍ତି

ମୋର ମହକିଲ: ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ଏଚ୍ପିସିଏଲ୍), (ଭାରତ ସରକାର ଏଣ୍ଟରପ୍ରାଇଜେସ୍)ର ନିର୍ଦ୍ଦେଶ ଅନୁସାରେ, ଜାମସେଦଜୀ ଟାଟା ରୋଡ୍, ମୁମ୍ବାଇ-400020ରେ ଏହାର କର୍ପୋରେଟ୍ ଅଫିସ୍ ପେଟ୍ରୋଲିୟମ୍ ଉତ୍ପାଦର ବିଶୋଧନ, ବିତରଣ ଏବଂ ମାର୍କେଟିଂରେ ନିୟୋଜିତ ଅଛି ଏବଂ ଏହାର ଏକ କାର୍ଯ୍ୟାଳୟ ଦକ୍ଷିଣ କେନ୍ଦ୍ରୀୟ ଏଲପିଜି ଜୋନ୍, ତୃତୀୟ ମହଲା, ଦକ୍ଷିଣପନ୍ଥୀ ଏଲ୍ଆଇସି, ଜୀବନ ସମୃଦ୍ଧି ବିଲ୍ଡିଂ, ଥିକ୍କାନା ରୋଡ୍‌ରେ ରହିଛି, ବିଶାଖାପାଟଣା-530004, ଏହାର ଡେପୁଟି ଜେନେରାଲ ମ୍ୟାନେଜରଙ୍କ ପକ୍ଷରୁ ନିମ୍ନଲିଖିତ ସର୍ବସାଧାରଣ ବିଜ୍ଞପ୍ତି ଜାରି କରାଯାଇଛି।

ଯେ ମୋର ମହକିଲ - ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍, ଶ୍ରୀମତୀ ପସରା ଶର୍ମିଳା ଓ ଶ୍ରୀମତୀ ପାସରା ମାଧୁରୀ, ମାତା: ଶ୍ରୀମତୀ ପାସରା ଲକ୍ଷ୍ମୀ, ସ୍ୱା: ସ୍ୱର୍ଗତ ପସରା ବୀରଭଦ୍ର, ସ୍ୱାମୀଙ୍କଠାରୁ ସେକ୍ସନାଲାଇଜିଂ ଭଲଭ୍ ଷ୍ଟେସନ୍ ନିର୍ମାଣ ପାଇଁ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତି କିଣିବା ପାଇଁ ପ୍ରସ୍ତାବ ଦେଇଛନ୍ତି।

ତେଣୁ, ଏତଦ୍ୱାରା ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଯଦି କୌଣସି ବ୍ୟକ୍ତି (ମାନଙ୍କ)ର ନିମ୍ନଲିଖିତ ଅନୁସୂଚିତ ଜମିରେ କୌଣସି ଦାବି, ଆପତ୍ତି କିମ୍ବା ଅଧିକାର, ମାଲିକାନା, ବିକ୍ରୟ ଚୁକ୍ତିନାମା, ଅଧିକାର କିମ୍ବା ସ୍ୱାର୍ଥ ଇତ୍ୟାଦି ଅଛି, ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର 15 ଦିନ ମଧ୍ୟରେ ଅର୍ଥାତ୍ ୦୩।୧୧।୨୦୨୫ରେ ବ୍ୟକ୍ତିଗତ ଭାବରେ କିମ୍ବା ପଞ୍ଜୀକୃତ ଡାକ ମାଧ୍ୟମରେ ନିଜର ଲିଖିତ ଆପତ୍ତି (ଗୁଡ଼ିକ) ଦାଖଲ କରିବେ ଏବଂ ଯଦି ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ କୌଣସି ଆପତ୍ତି ପ୍ରାପ୍ତ ନହୁଏ, ତେବେ ମୋର ମହକିଲ କ୍ଲାଏଣ୍ଟ- ଏଚ୍ପିସିଏଲ୍ ଏହା ବୁଝିବେ ଯେ କାହାର କୌଣସି ଆପତ୍ତି ନଥିଲା ଏବଂ ନିର୍ଦ୍ଧାରିତ ସମୟ ପରେ ନିଗମ ଦ୍ୱାରା ଆଉ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ ଏବଂ ନିଗମ ଜମି ମାଲିକ (ମାନଙ୍କ) ଠାରୁ କ୍ରୟ ପାଇଁ ଅନୁସୂଚିତ ଜମି ନେବାକୁ ଅଗ୍ରସର ହେବେ।

ଅନୁସୂଚିତ ସମ୍ପତ୍ତି : ଗ୍ରାମ: ଖେଦପଡା-୧୯, ତହସିଲ-କୋଲନାରା, ଜିଲ୍ଲା-ରାୟଗଡ଼ା, ଓଡ଼ିଶା ଖାତା ନଂ.୧୬/୬୧ ଅଧୀନସ୍ଥ ପ୍ଲଟ୍ ନଂ. ୪୪୭, ରକବା ଏ ୦.୬୬ ମଧ୍ୟରୁ ଏ.୦.୩୦ ଏବଂ ପ୍ଲଟ୍ ନଂ. ୪୪୬/୨ ରକବା ଏ.୦.୪୩ ମଧ୍ୟରୁ ଏ.୦.୨୦ ଯାହାର ଚଉହଦି ପୂର୍ବ : ୪୪୦, ଦକ୍ଷିଣ: ୪୪୮, ପଶ୍ଚିମ: ୪୪୫ , ଉତ୍ତର: ୪୪୧, ୪୪୨ ଏବଂ ୪୪୩ ଦ୍ୱାରା ପରିସରିତ।

**ମନୋଜ କୁମାର ମହାପାତ୍ର, ଏଲଏଲଏମ (ଓକିଲ)**
ବିଳାସ ନିବାସ, ନବରାଜ ବିହାର ଲେନ୍, ଦକ୍ଷିଣକାଳୀ ରୋଡ୍, ଢେଙ୍କାନାଳ-୭୫୯୦୦୧
ହା/ସା: କୈକେଇ ନିବାସ, ପ୍ଲଟ୍ ନଂ. ୫୦୬/୧୦, କ୍ୟାମ୍ପସ-୪,
ବାଳକ ହଷ୍ଟେଲ, ଏସ୍ଓଏ, ସାମ୍ପୁର, ଭୁବନେଶ୍ୱର-୭୫୧୦୦୩
ଇ-ମେଲ : manojkumar1970@gmail.com, ଫୋନ ନଂ: : 9437382136, 9437140971


# ଜେଲ ଅନ୍ତେବାସୀଙ୍କ ସହ ଜନ୍ମଦିନ ପାଳିଲେ ରୋଟାରିଆନ


ଜେଲ କର୍ମଚାରୀ, ଅନ୍ତେବାସୀଙ୍କ ସହ ରୋଟାରି କ୍ଲବ୍ କର୍ମକର୍ତ୍ତା।

**ମାଲକାନଗିରି,୧୮।୧୦ (ଗୌରୀ ଶଙ୍କର ପଣ୍ଡା)**

ମାଲକାନଗିରି ଜିଲା ରୋଟାରି କ୍ଲବ୍ ତରଫରୁ ବୟୋଜ୍ୟେଷ୍ଠ ରୋଟାରିଆନ ଦୁର୍ଯ୍ୟୋଧନ ପାତ୍ରଙ୍କ ୭୪ତମ ଜନ୍ମ ଦିବସ ମାଲକାନଗିରି ଜିଲା କାରାଗାର ଅନ୍ତେବାସୀଙ୍କ ସହ ପାଳନ କରାଯାଇଛି। ମାଲକାନଗିରି ଜିଲା କାରାଗାରରେ ୫ ଶହରୁ ଊର୍ଦ୍ଧ୍ୱ ଜେଲ ଅନ୍ତେବାସୀଙ୍କ ମାନସିକ ଚିନ୍ତା ଦୂରକରିବା ପାଇଁ ଜିଲା ରୋଟାରି କ୍ଲବ୍‌ର ସଭାପତି ଲବ ସାହୁ, ସମ୍ପାଦକ ଦିଲୀପ ସୋମାନଙ୍କ ନେତୃତ୍ୱରେ ପାତ୍ରଙ୍କ ଜନ୍ମଦିନ ପାଳନ କରାଯିବା ସହ ଅନ୍ତେବାସୀଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇଥିଲେ। ପ୍ରତ୍ୟେକ ପୁରୁଷ ଓ ମହିଳା ଅନ୍ତେବାସୀ ଦୀପାବଳି ଦିନ ଦୀପ ଲଗାଇ ନିଜ ଜୀବନରେ ଘଟିଥିବା ଅନ୍ଧକାରମୟ ଘଟଣାକୁ ଭୁଲି ଜୀବନର ଆଗାମୀ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବା ପାଇଁ ଶପଥ ନେବା ଉଚିତ ବୋଲି କହିଥିଲେ। ଜେଲ ସୁପରିଣ୍ଟେଣ୍ଡେଣ୍ଟ ଦିଲୀପ କୁମାର ଜେନା, ଜେଲର ଦିଲୀପ କୁମାର ବେହେରା, ସହକାରୀ ଜେଲର ମାନସରଞ୍ଜନ ତ୍ରିପାଠୀ ରୋଟାରି କ୍ଲବ୍‌ର ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଭିନ୍ନ ପର୍ବପର୍ବାଣିରେ ଅନ୍ତେବାସୀମାନେ ଭଜନ ସଂକୀର୍ତ୍ତନ କରିବା ପାଇଁ କେତେକ ସାମଗ୍ରୀର ଆବଶ୍ୟକ ପଡୁଥିବା କହିଥିଲେ। ଦୀପାବଳି ପୂର୍ବରୁ କ୍ଲବ୍ ତରଫରୁ ଅନ୍ତେବାସୀଙ୍କୁ ହାରମୋନିୟମ ଏବଂ ବାଦ୍ୟଯନ୍ତ୍ର ଯୋଗାଇ ଦିଆଯିବା ସହ ଆଗାମୀ ଦିନରେ ଏକ ବଡ଼ ଆକ୍ୱାଗାର୍ଡ ଯୋଗାଇ ଦିଆଯିବ ବୋଲି କ୍ଲବ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା । କାର୍ଯ୍ୟକ୍ରମରେ କାରାଗାରର ମଙ୍ଗଳ ଅଧିକାରୀ ସଂଗ୍ରାମ ମଲ୍ଲିକ, ରୋଟାରିଆନ ଏ. ଈଶ୍ୱର ରାଓ, ଜଗଦୀଶ ପଟ୍ଟନାୟକ, ପୂର୍ବତନ ସଭାପତି ସୁରେନ୍ଦ୍ର ପାଢ଼ି, ସମ୍ପାଦକ ଜି. ଶ୍ୟାମବାବୁ ଦୋରା, ସୁଶାନ୍ତ ସାମଲ, ଜଗଦୀଶ ତ୍ରିପାଠୀ, ନାରାୟଣ ବୈରାଗୀ, ନୀତୀଶ ସରକାର, ରବି ରାଜେଶ, ସତ୍ୟନାରାୟଣ ଦାସ, ପ୍ରିୟବ୍ରତ ରାଉତ, ମୌସୁମୀ ତ୍ରିପାଠୀ, କିରଣ ଗୌଡ଼ଙ୍କ ସହ ସମସ୍ତ ଜେଲ କର୍ମଚାରୀ ଉପସ୍ଥିତ ଥିଲେ।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. MCSW-ShellRep-25-26-21
**କାର୍ଯ୍ୟର ନାମ :** 24 (ଚବିଶି) ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ICF ଏବଂ LHB କୋଚ୍‌ଗୁଡ଼ିକର ହେଭି ଶେଲ୍ (Heavy Shell) ମରାମତି।
**ବିଜ୍ଞାପିତ ମୂଲ୍ୟ :** ₹ 3,89,85,092.46, EMD : ₹ 3,44,900/-, ଶେଷ ହେବା ଅବଧି : 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.21.10.2025ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.11.2025ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II), CRW/ମଞ୍ଚେଶ୍ୱର
PR-696/Q/25-26

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIVBBS 2025046, ତା.10.10.2025ରିଖ
**କାର୍ଯ୍ୟର ନାମ :** କଣ୍ଟାବାଞ୍ଜି ଠାରେ 200 ସଂଖ୍ୟକ କ୍ଷମତା ବିଶିଷ୍ଟ ୱାଗନ POH କାରଖାନାର ସଂସ୍ଥାପନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 23019.30 ଲକ୍ଷ, EMD : ₹ 1,15,10,000/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.12.2025ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-139/CI/25-26

## कार्यपालक अभियन्ता का कार्यालय, लघु सिंचाई प्रमंडल, राँची

कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची- 834001
ई-मेल - eemidran-cemr-jhr@nic.in, midranchi2018@gmail.com, फोन नं० - 0651-3512781

पत्रांक................./ | **शुद्धि-पत्र** | राँची, दिनांक ......../......../2025

कार्यपालक अभियंता, लघु सिंचाई प्रमण्डल, राँची का पत्रांक -616 दिनांक-25.09.25 द्वारा PR No.362990 Minor Irrigation (25-26).D दिनांक 27.09.2025 को प्रकाशित निविदा में निम्न प्रकार संशोधन किया जाता है:-

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of e-tender on website | 18.10.2025 up to 2:00 pm | 03.11.2025 up to 2.00 pm |
| 2 | Last date for /time for submission of e-tender BID's | 25.10.2025 up to 5:00pm | 10.11.2025 up to 3:00 pm |
| 3 | Last date for online Submission of tender fee and EMD | 25.10.2025 up to 5:00pm | 10.11.2025 up to 3:00 pm |
| 4 | Date of opening tender | 30.10.2025 at 2:00 Pm | 12.11.2025 at 4:00 pm |

निविदा की शेष सभी शर्तें पूर्वतः बनी रहेगी।
विश्वासभाजन
कार्यपालक अभियन्ता, लघु सिंचाई प्रमंडल, राँची
PR 364512 Minor Irrigation(25-26)#D

## OFFICE OF THE EXECUTIVE ENGINEER

National Highway Division, RCD, Deoghar
Circular Road, Near D.C. Residence, Deoghar, Jharkhand (814112)
E-mail ID : eenhdeoghar@gmail.com

**Corrigendum**

Tender Ref. No. NH/DEOGHAR /STMC/01/2025-26 Dated. 09.10.2025, which was published in daily newspaper [PR No. 364122 (Deoghar)25-26*D] the following corrigendum has been made.

| Sl. No. | Section | Length (km) | Estimated Cost (Rs. Lakhs) | Bid Security (Rs. Lakhs) | Contract Duration *(months) |
|---|---|---|---|---|---|
| 1. | STMC Work from Km 65.500 to Km 87.475(excluding 84.950 km to 85.785 Km) of NH-114A for the year 2025-26 | 21.14 Km | 388.50 (Excluding GST) | 3.89 | 12 months |

Important Dates.

| | | |
|---|---|---|
| 1. | Date of Issue of Notice Inviting RFP | 09.10.2025 |
| 2. | Period of Sale of Bid Document | From 30.10.2025 12:00 HRS to 20.11.2025 upto 17:00 HRS Through official portal of : [https:// eprocure.gov.in] |
| 3. | Pre Bid meeting | 07.11.2025 (12:30 HRS) |
| 4. | BID Due Date | 20.11.2025 Upto 17:00 HRS Through official portal of : [https:// eprocure.gov.in] |
| 5. | Last date of physical submission of bid security, POA and other documents in original | 21.11.2025, up to 17.00 HRS |
| 6 | Time and Date of Opening Technical Bid (RFP) | 24.11.2025 15:00 HRS Through official portal of : [https:// eprocure.gov.in] |
| 7. | Time and Date Opening Financial Bid | To be notify. Through official portal of : [https:// eprocure.gov.in] |
| 8. | Place of Opening of Bids | Office of the Chief Engineer, NH Wing, Jharkhand, Ranchi Through official portal of: [https:// eprocure.gov.in/] |
| 9. | Bid Validity | 120 Days From the Bid Due Date. |
| 10. | Officer Inviting Bids | Executive Engineer NH Division, Deoghar RCD Jharkhand. |

PR 364528 (Deoghar)25-26*D
Executive Engineer NH Division, Deoghar

## कार्यालय, जिला अभियंता जिला परिषद गिरिडीह

**अतिअल्पकालीन निविदा आमंत्रण सूचना**
ई0-निविदा संख्या- **DE/ZP/GIRIDIH/11/2025-26**
ई- निविदा सूचना संख्या - DE/ZP/GIRIDIH/11/2025-26
1. कार्य की विस्तृत विवरणी :- 15वें वित्त आयोग के स्वास्थ्य प्रक्षेत्र योजना मद।

| क्र0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य अवधि |
|---|---|---|---|---|---|
| 1 | Construction of Primary Health Centre at Udnabad under Block Giridih District Giridih | 1,42,99,800.00 | 2,86,000.00 | 10,000.00 | 12 माह |
| 2 | Construction of Primary Health Centre at Balhara under Block Dhanwar District Giridih | 1,42,99,800.00 | 2,86,000.00 | 10,000.00 | 12 माह |

2. वेबसाइट में निविदा प्रकाशन की तिथि - 25.10.2025
3. ई-निविदा प्राप्ति की तिथि एवं समय दिनांक 25.10.2025 से दिनांक 04.11.2025 को अपराह्न 5:00 बजे तक
4. ई-निविदा खोलने का स्थान- जिला अभियंता, जिला परिषद का कार्यालय, गिरिडीह।
5. ई-निविदा खोलने की तिथि एवं समय- 06.11.2025 अपराह्न 3:00 बजे
6. ई-निविदा आमंत्रित करने वाले पदाधिकारी का नाम एवं पता :- जिला अभियंता, जिला परिषद, गिरिडीह।
7. ई-निविदा प्रकोष्ठ का दूरभाष संख्या - 7979762672 (संबंधित जिला अभियंता, गिरिडीह का दूरभाष नम्बर)
8. परिमाण विपत्र की राशि घट-बढ़ सकती है। तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही संवेदक की होगी।
11. जिला परिषद, गिरिडीह के समुचित श्रेणी एवं उससे एक उपर के निबंधित संवेदक ही भाग ले सकते है।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
जिला अभियंता, जिला परिषद, गिरिडीह
PR 364456 Rural Development (25-26)_D

## B.I.T. SINDRI

P.O.-SINDRI INSTITUTE
DIST; DHANBAD (JHARKHAND) PIN: 828123
**e-tender Notice - BIT/20/2025-26/Envi/Chem2**
Reference Number: BIT/20/2025-26/Envi/Chem2 Dated :- 17-10-2025
Tender ID: 2025_DHTE_105984_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand - 828123 |
| 2 | Name or work | Supply and installation of Equipment of Environmental Engineering Lab of Chemical Engineering Department BIT Sindri, Dhanbad, Jharkhand. |
| 3 | Document download start date | 21-10-2025 |
| 4 | Document download end date | 11-11-2025 |
| 5 | Bid submission end date | 11-11-2025 |
| 6 | Bid opening date | 12-11-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders.gov.in
PR 364508 Higher Education,Technical Education and Skill Development Department (25-26)_D
Sd/- Director, B.I.T., Sindri

## Government of Odisha
## Information and Public Relations Department

IPR-FP-GP-0003-2025/15613/IPR Dated: 16.10.2025

**1st Corrigendum**

Tender Call Notice No.15037, Dtd:06.10.2025
No.Z-18: In continuation of the RFP No.15037, Dated 06.10.2025 inviting eligible bidders to "Conceptualize, Design and Fabricate the Odisha Pavilion at India International Trade Fair (IITF)-2025, Bharat Mandapam, New Delhi", it is hereby informed all concerned that some modifications are made in the RFP document. Please visit the website i.e. https://inpr.odisha.gov.in & https://odisha.gov.in. for detailed information.
OIPR-15001/11/1229/2526 **Sd./- Director**

## STEEL AUTHORITY OF INDIA LIMITED

Rourkela Steel Plant
Rourkela - 769 011, Odisha, India
**CSR DEPARTMENT**
**SUB: FINANCIAL ASSISTANCE TO STUDENTS FOR PURSUING PROFESSIONAL STUDIES (AY 2025-26 JOINING)**
ABRIDGED VERSION OF CIRCULAR NO. CSR/2025-26/200 Dtd. 09/10/2025
LAST DATE FOR SUBMISSION OF APPLICATION - 30/11/2025

Applications in the prescribed format are invited for grant of the above financial assistance from the eligible students as per details given below.

**Eligibility criteria for application:**
- The student should belong to Scheduled Caste or Scheduled Tribe/others, and should be a resident of Sundargarh district, Odisha.
- The applicant should have taken admission in academic year 2025-26: **Graduation course in Engineering, Medical or Agriculture (including integrated/dual degree M.Tech. Course) OR Post Graduation course of at least two years duration in Engineering/ Medical/ Agriculture/ Business Administration.**
- Details of professional course, in the academic year 2025-26 in a recognized institution should be as follows,–
  i. For Graduation Courses of at least four years duration (B.Tech./B.Sc(Engg.)/B.Sc(Ag) etc.).
  ii. For Graduation Courses of less than 4-years duration (e.g. Lateral entry in B.Tech./B.Sc(Engg.) after Diploma in Engg.).
  iii. For Graduation courses of more than 4-years duration (e.g. 5 yrs MBBS, 5-yr integrated/dual degree M.Tech.). **OR**
  iv. For Post Graduate course of at least two years duration (e.g. M.Tech./MD/MS M.Sc.(Ag)/MBA etc.)
- The student, whose parents (taken together) are having annual income from all sources **not exceeding Rs.2,50,000/- (Rupees Two Lakhs Fifty Thousand)**, shall be eligible for the financial assistance.

**Basis of Selection:** The best twenty students (10 boys and 10 girls) separately for the graduation courses including 5-yr MBBS/5-yr integrated/dual degree M.Tech.) and best 10 students (5 boys and 5 girls) for Post-graduation courses will be selected from amongst the eligible applicants. In case there is a shortfall in number of selected candidates in either of the categories i.e Boys or Girls for which merit lists are prepared separately, then the applicants from the merit list of the other category may be additionally selected for the scholarship keeping the total number of scholarships as 20 in case of Graduation courses and 10 in case of Post-Graduation courses.

**Financial assistance amount:** The amount of financial amount is Rs.1,20,000/- (Rupees One Lakh Twenty Thousand Only) for the graduation courses of 4-year duration, Rs.90,000/- (Rupees Ninety Thousand only) for the graduation courses of less than 4 years (e.g. lateral entry in B.Tech./B Sc (Engg.) after Diploma in Engg., Rs.1,50,000/- (Rupees One Lakh Fifty Thousand Only) for courses of 5-yr duration and Rs.60,000/- (Rupees Sixty Thousand Only) for the post-graduation courses, per student for entire duration of the course. The amount will be released in equal yearly installments @ Rs. 30.000/- (Rupees Thirty Thousand Only) per Academic Year based on documentary evidence of admission and continuation in the course.

For further details on the basis of selection, financial assistance amount and mode of payment, application format etc., the main circular as referred above may be referred to. The details along with application format are available in the 'News' section of "Career" page at our company's website **www.sail.co.in** or **www.sailcareers.co.in**. The duly completed application along with required documents are to be submitted in a sealed envelope at the office of the **General Manager I/c, CSR Department, IPD Building, Sector-20, Rourkela - 769 005** latest by **30/11/2025 (4.00 PM).**

**General Manager I/c (CSR)**
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

## ସଂକ୍ଷେପରେ

### ଯୁବକଙ୍କ ଆକ୍ରମଣରେ ଜଣେ ଆହତ, ଅଭିଯୁକ୍ତ ଗିରଫ

ଜୟପୁର,୧୮।୧୦(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ବାର୍ଲାହାଣ୍ଡି ଗ୍ରାମରେ ଅଟୋ ଚାଳନାକୁ ନେଇ ୨ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଜଣଙ୍କ ଠେଙ୍ଗା ମାଡରେ ଅନ୍ୟ ଜଣେ ଯୁବକ ଗୁରୁତର ହୋଇଥିବା ବେଳେ ଅଭିଯୁକ୍ତଙ୍କୁ ପୋଲିସ ଶନିବାର ଗିରଫ କରିଛି। ଅଭିଯୁକ୍ତ ହେଲେ ବାର୍ଲାହାଣ୍ଡି ଗ୍ରାମର ଈଶ୍ୱର ହରିଜନ(୨୬)। ସୂଚନାନୁଯାୟୀ, ବାର୍ଲାହାଣ୍ଡି ଗ୍ରାମର କୈଳାସ ହରିଜନ ଓ ଫାମ୍ପୁଣି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ଅଟୋ ଡ୍ରାଇଭର ଭାବେ କାର୍ଯ୍ୟ କରୁଛନ୍ତି। ଗୁରୁବାର ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଈଶ୍ୱର ଅଟୋ କାହିଁକି ଚଳାଉଛୁ, ମୁଁ ଚଲାଇବି କହି ଗାଳିଗୁଲଜ ସହ ଗଣ୍ଡଗୋଳ କରିଥିଲେ। ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ଉଭୟ ଘରକୁ ଚାଲି ଯାଇଥିଲେ। କିନ୍ତୁ ଶୁକ୍ରବାର ପୂର୍ବାହ୍ନରେ କୈଳାସ ଗ୍ରାମର ଏକ ହୋଟେଲରେ ବସିଥିବା ବେଳେ ପୁଣି ଈଶ୍ୱର ଆସି ଗଣ୍ଡଗୋଳ କରି ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ କୈଳାସ ଆହତ ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ଟ୍ରକ୍ ଚୋରି ମାମଲା: ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୧୮।୧୦(ପବନ ପାଣିଗ୍ରାହୀ)

ମକା ବୋଝେଇ ଟ୍ରକ୍ ଚୋରି ମାମଲାରେ ଜୟପୁର ସଦର ପୋଲିସ ଫେରାର ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉମୁରୀ ଅଞ୍ଚଳର ନରେଶ ହରିଜନ(୨୭)। ସୂଚନାନୁଯାୟୀ, କଲସାହାଣ୍ଡି ଗ୍ରାମର ପ୍ରକାଶ ପୂଜାରୀ ୨୦୨୪ ନଭେମ୍ବର ୧୮ରେ ତାଙ୍କର ମକା ବୋଝେଇ ଟ୍ରକ୍ ଚୋରି ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ସଦର ପୋଲିସ ବୋରିଗୁମ୍ମା ସୋଲାଗୁଡା ଗ୍ରାମରେ ମକା ଗାଡ଼ିରୁ ଏକ ପିକ୍ଅପ୍‌ରେ ଅନ୍‌ଲୋଡ୍ ହେଉଥିବା ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟ୍ରକ୍ ଓ ପିକ୍ଅପ୍‌କୁ ଜବତକରି ମୁଖ୍ୟ ଅଭିଯୁକ୍ତ ରଘୁନାଥ ଜାନୀକୁ ଗିରଫକରି କୋର୍ଟ ଚାଲାଣ କରିଥିଲେ। ଉକ୍ତ ମାମଲାରେ ପୂର୍ବରୁ ୨ଜଣ ଗିରଫ ହୋଇଥିଲେ। ନରେଶ ଫେରାର ରହିଥିଲେ ବୋଲି ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ୨ ପୃଥକ୍ ଗଞ୍ଜେଇ ଚାଲାଣ ମାମଲାରେ ୪ ଗିରଫ

କୋରାପୁଟ,୧୮।୧୦(ଅମିତାଭ ବେହେରା)

କୋରାପୁଟ ଜିଆରପି ପୋଲିସ କିରୋଣ୍ଡୁଲ-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍‌ରୁ ୪ କିଲୋ ସହ ଅନ୍ୟ ଏକ ସ୍ଥାନରୁ ୧୬ କେଜି ଗଞ୍ଜେଇ କରି ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଣ୍ଡିଚେରୀର ଏ.ପ୍ରଭାକରନ(୧୯), ଅଜୟ ଓ ୧୬ କେଜି ଗଞ୍ଜେଇ ଚାଲାଣ ଘଟଣାରେ ଜଡ଼ିତ ବିହାର ଅଞ୍ଚଳର ୨ ରେଲୱେ ପୋଲିସ କର୍ମଚାରୀ। ସୂଚନାନୁଯାୟୀ, ଶୁକ୍ରବାର ଏକ ପାସେଞ୍ଜର ଟ୍ରେନ୍‌ରେ ଜିଆରପି ପୋଲିସ ଓ ଆରପିଏଫ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ୨ ଯୁବକଙ୍କ ଉପରେ ସନ୍ଦେହ କରି ସେମାନଙ୍କ ବ୍ୟାଗ ଯାଞ୍ଚ କରିଥିଲେ। ଏହି ୨ ଯୁବକ ବିଶାଖାପାଟଣା ଯିବା ପାଇଁ ଜୟପୁର ଷ୍ଟେଶନରୁ ପାସେଞ୍ଜର ଟ୍ରେନ୍‌ରେ ଚଢ଼ିଥିଲେ। ଯାଞ୍ଚ ବେଳେ ବ୍ୟାଗର ପୋଷାକ ଭିତରେ ୪ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଜିଆରପି ପୋଲିସ ସେମାନଙ୍କୁ କୋରାପୁଟ ଥାନାକୁ ନେଇ ପଚରାଉଚୁରା କରିବାରୁ ସେମାନେ ଜୟପୁରରୁ ଗଞ୍ଜେଇ ନେଇ ପଣ୍ଡିଚେରୀ ଯାଉଥିବା ସ୍ୱୀକାର କରିଥିଲେ। ଏ ନେଇ ଜିଆରପି ଥାନାରେ ୩୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜିଆରପି ଥାନା ଓଆଇସି ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି। ଅନ୍ୟ ଏକ ଘଟଣାରେ ୧୬ କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ଏଥିରେ ଜଡ଼ିତ ବିହାର ଅଞ୍ଚଳର ୨ ରେଲୱେ ପୋଲିସ କର୍ମଚାରୀ ଗିରଫ କରାଯାଇଛି। ଏ ନେଇ ଥାନାରେ ୩୩/୨୫ରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଛି।

# ହିତାଧିକାରୀଙ୍କୁ ଜବ୍‌କାର୍ଡ, ଭତ୍ତା ସହ ଜଙ୍ଗଲ ଜମି ପଟ୍ଟା ପ୍ରଦାନ

## ଆର୍‌ଡିସିଙ୍କ ଦେଓମାଳି, କୋଟିଆ ପରିଦର୍ଶନ

ପଟ୍ଟାଙ୍ଗି/କୋରାପୁଟ,୧୮।୧୦
(ଶରତ କୁମାର ଧଳ/ଅମିତାଭ ବେହେରା)



ଆର୍‌ଡିସି ସଂଗ୍ରାମ କେଶରୀ ମହାପାତ୍ର ଜଣେ ଚାଷୀଙ୍କୁ ବିହନ ପ୍ରଦାନ କରୁଛନ୍ତି।

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆର୍‌ଡିସି) ସଂଗ୍ରାମ କେଶରୀ ମହାପାତ୍ର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ ଓ ଦେଓମାଳି ଶନିବାର ପରିଦର୍ଶନ କରିଛନ୍ତି। ଗଞ୍ଜେଇ ପଦର ଗ୍ରାମରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଆୟୋଜିତ ମେଳାରେ ଯୋଗଦେଇଥିଲେ। ଏଥିରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଆଇଏଏସ ପ୍ରୋବେସନାରୀ ସନ୍ତୋଷ କୁମାର ପାତ୍ର, ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ବନଖଣ୍ଡ ଅଧିକାରୀ କେ.ଭି.ଭାସ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀଙ୍କୁ ବିଭିନ୍ନ କିଷମର ବିହନ ସହ ନୂତନ ଭାବେ ଚିହ୍ନଟ ହୋଇଥିବା ୧୦ ହିତାଧିକାରୀଙ୍କୁ ଜବ କାର୍ଡ,ନୂତନ ଭତ୍ତା,ରେଶନ କାର୍ଡ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରି ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଥିଲେ। ଆର୍‌ଡିସି ମହାପାତ୍ର ଉକ୍ତ ଗ୍ରାମକୁ ନେଇ ଆନ୍ଧ୍ର ସରକାର କରିଥିବା ପଞ୍ଚାୟତର ସ୍ଥିତି ଅନୁଧ୍ୟାନ କରିଥିଲେ। ଗ୍ରାମର ଜଣେ ବ୍ୟକ୍ତି ଗାଁ ଏବଂ ପଞ୍ଚାୟତକୁ ପ୍ରତ୍ୟେକ ମାସରେ ଓଡ଼ିଶା ସରକାରଙ୍କ ବିଭିନ୍ନ ପଦାଧିକାରୀ ଗସ୍ତ କରୁଛନ୍ତି। କିନ୍ତୁ କୌଣସି ସୁଫଳ ମିଳୁ ନାହିଁ ବୋଲି କହିଥିଲେ। ୬ ମାସ ମଧ୍ୟରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇ ନ ଥିବା ପ୍ରକାଶ କରିଥିଲେ। ରାଜ୍ୟ ସରକାର ସୀମାନ୍ତ କୋଟିଆ ପାଇଁ ସବୁବେଳେ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ଚେଷ୍ଟିତ ଥିବା ଓ ବ୍ୟସ୍ତ ନ ହେବାକୁ ଆର୍‌ଡିସି ମହାପାତ୍ର ଆଶ୍ୱାସନା ଦେଇଥିଲେ। ସୀମାନ୍ତବାସୀଙ୍କ ସହ ପ୍ରଶାସନ ସର୍ବଦା ରହିଛି ବୋଲି ବୁଝାଇଥିଲେ। ସେଠାରୁ କୋଟିଆ ପଞ୍ଚାୟତ ସଦର ମହକୁମାରେ ପଞ୍ଚାୟତ କାର୍ଯ୍ୟାଳୟ ସହ ଅନ୍ୟ ବିଭାଗର କାର୍ଯ୍ୟାଳୟ ଏବଂ ନବନିର୍ମିତ ଗେଷ୍ଟ ହାଉସ୍‌ରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଦେଓମାଳି ପର୍ଯ୍ୟଟନସ୍ଥଳୀରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ପଚାରି ବୁଝିଥିଲେ। ନିର୍ମାଣାଧୀନ ରାସ୍ତା ସମ୍ପର୍କରେ ଜିଲା ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ପୂର୍ବତନ ଏମ୍‌ପି ତଥା କଂଗ୍ରେସ ବରିଷ୍ଠ ନେତା ଜୟରାମ ପାଙ୍ଗୀ କୋଟିଆ ପଞ୍ଚାୟତର ବିବାଦୀୟ ୨୧ ଖଣ୍ଡ ଗ୍ରାମ ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରି ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ଆରଡିସି ମହାପାତ୍ରଙ୍କୁ କହିଥିଲେ। ପଡୋଶୀ ଆନ୍ଧ୍ରଠାରୁ ଅଧିକ ସହାୟତା ଦେବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ଗସ୍ତ ସମୟରେ ସରପଞ୍ଚ ଲିଉ ଗେମେଲ୍, ଆଇଏଏସ୍ ସନ୍ତୋଷ କୁମାର ପାତ୍ର, ଏଡିଏମ୍ ତପନ କୁମାର ନାୟକ, ସିଡିଓ ବେଣୁଧର ଶବର, ପିଏଆଇଟିଡିଏ ସ୍ନେହ ପ୍ରଭା ମାଝୀ, ଜିଲା ମଙ୍ଗଳ ଅଧିକାରୀ ସୁନିଲ୍ କୁମାର ତାଣ୍ଡି, ବିଡିଓ ରାମକ୍ରିଷ୍ଣା ନାୟକ, ଏଇଇ ଅଜୟ ରାମ ତରାଇ, ବ୍ଲକ୍ ଯୋଗାଣ ଅଧିକାରୀ ଅଶୋକ କୁମାର ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଦୈନିକ ବଜାର ପ୍ରବେଶ ଦ୍ୱାରରେ ଫାଟକ ସ୍ଥାପନ ଦାବି

ଜୟପୁର,୧୮।୧୦(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଚାମ୍ବର ଅଫ କମର୍ସ ପକ୍ଷରୁ ସହରର ବିଦ୍ୟାଧର ସିଂଦେଓ ମୁଖ୍ୟ ଦୈନିକ ବଜାରର ଚାରିପାଖରେ ଥିବା ୫ ପ୍ରବେଶ ଦ୍ୱାର ମଧ୍ୟରୁ ୩ ମୁଖ୍ୟ ପ୍ରବେଶ ଦ୍ୱାରରେ ଫାଟକ ସ୍ଥାପନ ଦାବି କରାଯାଇଛି। ୩ ମୁଖ୍ୟ ପ୍ରବେଶ ଦ୍ୱାରରେ କୌଣସି ଫାଟକ ନ ଥିବାରୁ ବଜାର ପରିସର ଭିତରକୁ ବାଇକ, ଅଟୋ, ଗାଈଗୋରୁଙ୍କ ଅବାଧ ପ୍ରବେଶ ହୋଇ ସମସ୍ୟା ସୃଷ୍ଟି ହେଉଛି। ଉକ୍ତ ପ୍ରବେଶ ଦ୍ୱାରରେ ଲୁହା ଫାଟକ ନିର୍ମାଣ କରିବାକୁ ଦାବି ହୋଇଛି। ଅବାଧ ପ୍ରବେଶ ଯୋଗୁ ରାସ୍ତାର ସଙ୍କୀର୍ଣ୍ଣ ହୋଇ ଲୋକଙ୍କ ଯାତାୟାତରେ ସମସ୍ୟା ହେଉଛି। କିଛିଦିନ ପୂର୍ବରୁ ଜୈନିକ ମହିଳା ବଜାରରେ ବୁଲା ଷଣ୍ଢର ଆକ୍ରମଣରେ ଗୁରୁତର ହୋଇଥିଲେ। ବଜାରର ମୁଖ୍ୟ ଫାଟକ ଖୋଲା ରହିଛି। ବଜାରରେ ବ୍ୟବସାୟୀଙ୍କ ପନିପରିବା ଗାଈଗୋରୁ ଟାଣି ଖାଇଦେଉଥିବାରୁ ସେମାନେ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ପୌରସଂସ୍ଥା ପକ୍ଷରୁ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। କିଛିଦିନ ପୂର୍ବରୁ ବଜାରରେ ଅଗ୍ନିକାଣ୍ଡ ଯୋଗୁ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିବାରେ ସମସ୍ୟା ହେବାରୁ ଫାଟକଗୁଡ଼ିକ ବାହାର କରାଯାଇଥିଲା। କିନ୍ତୁ ଏହାର ଅନ୍ୟ ବ୍ୟବସ୍ଥା କରାଯାଇ ସୁରକ୍ଷିତ ଫାଟକ ନିର୍ମାଣ ଦାବି ନେଇ ଚାମ୍ବର ଅଫ କମର୍ସରେ ଏକ ପ୍ରତିନିଧି ଟିମ୍ ଉପଜିଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଏ.ଶସ୍ୟା ରେଡ୍ଡୀଙ୍କୁ ସାକ୍ଷାତ କରି ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଆଗାମୀ ପୌର ବଜେଟରେ ଏହାର ନିର୍ମାଣ କରିବାକୁ ପାଣ୍ଠି ପ୍ରଦାନ କରାଯିବ ବୋଲି ନିର୍ବାହୀ ଅଧିକାରୀ ରେଡ୍ଡୀ ପ୍ରତିଶ୍ରୁତି ଦେଇଥିବା ଚାମ୍ବର ଅଫ କମର୍ସର ସଭାପତି ଭି.ପ୍ରଭାକର ସୂଚନା ଦେଇଛନ୍ତି।

# ଶୁଣିଲାନି ପ୍ରଶାସନ, କୂଅ ସଫାକଲେ ଗ୍ରାମବାସୀ

ନନ୍ଦପୁର,୧୮।୧୦(ତୁଷାରକାନ୍ତ ମହାନ୍ତି)



କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଖୁର୍ଜୀ ପଞ୍ଚାୟତର ଜିରେଲପୁଟ ଗ୍ରାମବାସୀ ଗ୍ରାମର ଏକ ପଥର କୂଅ ଭିତର ଭାଗରେ ଗଛଲତା ଉଠି ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଯାଇଥିଲା। କୂଅ ସଫା କରିବାକୁ ପଞ୍ଚାୟତ ଓ ବ୍ଲକ୍ ପ୍ରଶାସନକୁ ବାରମ୍ବାର ଗୁହାରି କରାଯିବା ସତ୍ତ୍ୱେ କେହି ନ ଶୁଣିବାରୁ ଗ୍ରାମବାସୀ ମିଳିତ ଭାବେ ଏହାକୁ ଶନିବାର ସଫା କରିଛନ୍ତି। ଗ୍ରାମର ଯୁବଗୋଷ୍ଠୀ ଜୟରାମ, ପ୍ରହଲ୍ଲାଦ, ଡମ୍ବରୁ, ଧନୁର୍ଜୟ, ଗୌର, ନାରାୟଣ, ରତନ, ତ୍ରିନାଥ, ଗୋକୁଳ, ପଦ୍ମନାଭ, ସଞ୍ଜୟ ପ୍ରମୁଖ କୂଅ ଭିତରେ ପଶି ଅନାବନା ଲତା ଗଛ ଓପାଡ଼ିଥିଲେ। ପାଣିରେ ଥିବା ଅଳିଆ ଆବର୍ଜନା କୂଅ ବାହାରକୁ କାଢ଼ି ସଫା କରିଥିଲେ। ଏହାକୁ ଦେଖି ଗ୍ରାମର ମହିଳା,ପୁରୁଷ ଓ ବୁଦ୍ଧିଜୀବୀ ଯୁବଗୋଷ୍ଠୀଙ୍କ ପ୍ରଶଂସା କରିଛନ୍ତି।

# ଜିଲାସ୍ତରୀୟ କଳା ଉତ୍ସବରେ ଛାତ୍ର ପୁରସ୍କୃତ

ନନ୍ଦପୁର,୧୮।୧୦(ତୁଷାରକାନ୍ତ ମହାନ୍ତି)


ଅତିଥି ଗୋପୀନାଥଙ୍କୁ ପୁରସ୍କୃତ କରୁଛନ୍ତି।

ଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ଆୟୋଜିତ ଜିଲାସ୍ତରୀୟ କଳା ଉତ୍ସବରେ ନନ୍ଦପୁର ବ୍ଲକ୍ ଚାଟୁଆ ଉଚ୍ଚ ବିଦ୍ୟାଳୟ ଛାତ୍ର ପୁରସ୍କୃତ ହୋଇଛନ୍ତି। ଛାତ୍ର ଗୋପୀନାଥ ଦିଶାରି ଦୃଶ୍ୟ କଳା ପ୍ରତିଯୋଗିତାରେ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରଙ୍କ ସଫଳତାରେ ବିଦ୍ୟାଳୟ ସମେତ ନନ୍ଦପୁର ବ୍ଲକ ଗୌରବାନ୍ୱିତ ହୋଇଛି। ଜିଲା ଶିକ୍ଷାଧିକାରୀ କରୁଣାକର ଭୋଇ ଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଗୋପୀନାଥ ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣା ବୋଲି ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଟି.ଜଗଦିଶ୍ୱରୀ କହିଛନ୍ତି।

# ଜିଲାସ୍ତରୀୟ କଳା ଉତ୍ସବ ଉଦ୍‌ଯାପିତ

କୋରାପୁଟ,୧୮।୧୦(ଅମିତାଭ ବେହେରା)


କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା ଶିକ୍ଷାଧିକାରୀ ଓ ଅନ୍ୟ ଅଧିକାରୀମାନେ।

କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ କଳା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ବିଭିନ୍ନ ବ୍ଲକ୍‌ରୁ ମନୋନୀତ ୧୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଚମେଲି ମଜୁମଦାର, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରିତା ମହାନ୍ତି, ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବରର୍ଡ଼ି ଯୋଗଦେଇଥିଲେ। ରବିବାର ଜୋନାଲସ୍ତରୀୟ କଳା ଉତ୍ସବ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରମେଶ ସାହୁ,ଧରଣୀଧର ରଣା,ଭବେସ ପତି,ପ୍ରଦୀପ ପାତ୍ର,ହର ମିଶ୍ର,ପ୍ରିୟରଞ୍ଜନ ଦାସ ଏବଂ ତ୍ରିଲୋକେଶ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୦୮ ଆମ୍ବୁଲାନ୍ସ ଧକ୍କାରେ ୩ ଆହତ

ଜୟପୁର,୧୮।୧୦(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅଧୀନ ରଣ୍ଡାପାଲି ନିକଟରେ ୧୦୮ ଆମ୍ବୁଲାନ୍ସ ଧକ୍କାରେ ୩ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଭଗବାନ ବିଷୋୟୀ(୩୮),ଆଲୋକ ବେହେରା(୨୯) ଓ ସିନ୍ଧୁ ତନ୍ତି(୩୫)। ସୂଚନାନୁଯାୟୀ, ଶୁକ୍ରବାର ରାତିରେ ଆମ୍ବୁଲାନ୍ସ ଜୟପୁରଠାରୁ ଜୟନ୍ତଗିରି ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟିପ୍ପର ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ୩ କର୍ମଚାରୀ ଆହତ ହୋଇଛନ୍ତି। ସିନ୍ଧୁଙ୍କୁ ସାମାନ୍ୟ ଆଘାତ ଲାଗିଥିବାରୁ ସେ ସ୍ଥାନୀୟ ଜିଲା ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଭଗବାନ ଓ ଆଲୋକଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଏ ନେଇ ସଦର ପୋଲିସ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ବନ୍ଧୁଗାଁ,୧୮।୧୦(ବେଣୁଧର ଲାବାଲା)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ୍ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକ୍ ଏବିଇଓ ମଦନ ପାଣିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବ୍ଲକ୍ ଅଧକ୍ଷା ଲକ୍ଷ୍ମୀ ମିଣିଆକା, ବ୍ଲକ୍ ଉପାଧକ୍ଷା ଗୀତାଞ୍ଜଳୀ ପିଡିକା,



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ।

ଲକ୍ଷ୍ମୀପୁର ବ୍ଲକ ଏବିଇଓ ମଦନ ମୁଦୁଲି, ନାରାୟଣପାଟଣା ଏବିଇଓ ଈଶ୍ୱର ଚନ୍ଦ୍ର ମୁଦୁଲି, ଆଇଆଇସି ପ୍ରସନ୍ନ କୁମାର ମିଶ୍ର,ବ୍ଲକ ବିଜେଡି ସଭାପତି ବାଲା ନାଗ, ବ୍ଲକ୍ ବିଧାୟକ ପ୍ରତିନିଧି ଡି.ଏଙ୍କାଟି, ଭାଜପା ବ୍ଲକ ସଭାପତି ଶରତ ପାତ୍ର, ବନ୍ଧୁଗାଁ ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ କାଡ୍ରାକା, ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ଚୌଧୁରୀ, ଜିଲା ଶିକ୍ଷକ ସଂଘ ଯୁଗ୍ମ ସମ୍ପାଦକ ସଞ୍ଜୟ କୁମାର ସିଂ,ବନ୍ଧୁଗାଁ ଶିକ୍ଷକ ସଂଘ ସଭାପତି ମନୋଜ ବାଗ,ଶିକ୍ଷକ ସଂଘ ସମ୍ପାଦକ କେ. ପ୍ରତାପ କୁମାର, ବ୍ଲକ୍‌ର ୯ କ୍ଲଷ୍ଟର ସମସ୍ତ ସିଆର୍‌ସିସି ଉପସ୍ଥିତ ଥିଲେ। କମୁଗଣ୍ଡା ସ୍କୁଲର ଶିକ୍ଷକ ଯୋଗବନ୍ଧୁ ତୁରୁକ ଓ କାତୁଲପେଟା ସ୍କୁଲର ବିଷ୍ଣୁପ୍ରସାଦ ଦ୍ୱିବେଦୀଙ୍କ ଆତ୍ମାର ଶାନ୍ତି ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ୯ କ୍ଲଷ୍ଟରରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଗ୍ରାମ ନାଇକ, ପ୍ରଶାନ୍ତ ମହାନ୍ତି, ଚନ୍ଦନ ନାଇକ ଓନମିତା ବାରିକ,ପରିଚାଳନା କରିଥିଲେ। ନୃତ୍ୟରେ ପ୍ରଥମ କେଜିଭିବି ଛାତ୍ରୀ, ଦ୍ୱିତୀୟ କେ.ଜାଗୁଗୁଡା ସ୍କୁଲ ଓ ତୃତୀୟ ୟୁପିଏସ ଆଲମଣ୍ଡା ସ୍କୁଲର ଛାତ୍ରୀମାନେ ଜିଲାସ୍ତରୀପାଇଁ ମନୋନୀତ ହୋଇଥିଲେ।

# କାର୍, ୨ ବାଇକ୍ ଧକ୍କା: ୨ ଗୁରୁତର

ସୁନାବେଡା/ସେମିଳିଗୁଡ଼ା,୧୮।୧୦
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ଥାନା ଅଧୀନ କୋଡିଗାଁ ଛକରେ କାର ସହ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ୨ ଯୁବକ ଶନିବାର ଗୁରୁତର ହୋଇଛନ୍ତି। ୨ ଯୁବକ ମଧ୍ୟରୁ ଜଣେ ସେମିଳିଗୁଡ଼ା ଜଗମପୁଟର ଓ ଅନ୍ୟ ଜଣେ ପଟ୍ଟାଙ୍ଗି ପୁକାଲି ଅଞ୍ଚଳର ବୋଲି ସୂଚନା ରହିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଛି। ସୂଚନାନୁଯାୟୀ, ଏକ କାର(ଓଡି-୦୨ସିବି-୯୪୨୧) ନନ୍ଦପୁରରୁ ସେମିଳିଗୁଡ଼ା ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଇକ(ଓଡି-୧୦ ଏନ୍-୧୨୧୭) ଏବଂ ଅନ୍ୟ ବାଇକ୍ (ଓଡି-୧୦ଜେ-୩୬୭୨)କୁ ଧକ୍କା ଦେଇଥିଲା। ଖବର ଲେଖାଯିବା ସୁଦ୍ଧା ଘଟଣାକୁ ନେଇ ଥାନାରେ କୌଣସି ମାମଲା ହୋଇ ନ ଥିବା ଜଣାପଡ଼ିଛି।

# ଖଦି ବ୍ୟବହାର କରି ବୁଣାକାରଙ୍କୁ ରୋଜଗାର ଦେବାକୁ ପରାମର୍ଶ

ବୈପାରିଗୁଡା,୧୮।୧୦(କଳ୍ପତରୁ ମହାନ୍ତି)

## ଖଦି ମହୋତ୍ସବ ପାଳିତ

କୋରାପୁଟ ଜିଲା ବୈପାରିଗୁଡ଼ାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସାଇଟ୍ ଫର ହେଲ୍‌ଥ ଏଜୁକେସନ ଆଣ୍ଡ ଡେଭଲପ ମେଣ୍ଟାଲ ଆକ୍ସନ(ସେଡା) ପକ୍ଷରୁ ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଖଦି ମହୋତ୍ସବ ଶନିବାର ପାଳିତ ହୋଇଛି। ଭାରତ ସରକାରଙ୍କ ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗଙ୍କ ଦ୍ୱାରା ଏହି ମହୋତ୍ସବ ଆରମ୍ଭ ହୋଇଛି। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମେ ୪ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଦଯାତ୍ରା କରି ସହର ପରିକ୍ରମା କରିଥିଲେ। ରାମଗିରି ପଞ୍ଚାୟତ ନୂଆଗୁଡା ଗ୍ରାମର ପରଜା ନୃତ୍ୟ ଦଳଙ୍କ ଦ୍ୱାରା ଢେମସା ନାଚ କରାଯାଇଥିଲା। ଏହାପରେ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଖଦିକୁ ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ସ୍ଥାନୀୟ ଥାନା ଭାରପ୍ରାପ୍ତ ଅଧିକାରୀ ଡମ୍ବରୁଧର ବାତ୍ରିଆ, ହୋମିଓପାଥୀ ଡା. ମହେନ୍ଦ୍ର ପ୍ରସାଦ ଦାସ ଓ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ କୁମୁଦ ରଞ୍ଜନ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଖଦିର ବିଭିନ୍ନ ଗୁଣ ନେଇ ଆଲୋଚନା କରି ଏହାକୁ ବ୍ୟବହାର କଲେ ସୂତା କଟାଳି ଓ ବୁଣାକରଙ୍କ ରୋଜଗାର ହେବା ବୋଲି ଅତିଥି କହିଥିଲେ। ସ୍ୱଦେଶୀ ଭାବନା ଓ ଦେଶପ୍ରେମ ମନରେ ଜାଗ୍ରତ ହେବ ବୋଲି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସେଡାର ସମ୍ପାଦକ ମୂରଲୀଧର ବରାଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କନିଷ୍ଠ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ସେଚ୍ଛାସେବୀ ସନ୍ତୋଷ କୁମାର ପଟ୍ଟନାୟକ ଓ ଲଇଛନ ମାଝି ପ୍ରମୁଖ ସହଯୋଗ କରିଥିଲେ।

# ଭାରିଯାନ ଅଟକି ଭାଙ୍ଗିଲା ରେଲୱେ ସୁରକ୍ଷା ଫାଟକ

କୋରାପୁଟ,୧୮।୧୦(ଅମିତାଭ ବେହେରା)

## ୬ ଘଣ୍ଟା ଜାତୀୟ ରାଜପଥ ବନ୍ଦ ପରେ ଯାତାୟାତ ସ୍ୱାଭାବିକ

କୋରାପୁଟ-ବିଶାଖାପାଟଣା ୨୬ ନଂ. ଜାତୀୟ ରାଜପଥରେ ଏକ ମାଲବାହୀ ଗାଡ଼ି ରେଳ ସୁରକ୍ଷା ଫାଟକ ଲୁହା ବିମ୍‌କୁ ଧକ୍କାଦେବାରୁ ଏହା ଭାଙ୍ଗିଯାଇଛି। ଏଥିପାଇଁ ୬ ଘଣ୍ଟା ଯାଏ ଗାଡ଼ି ଚଳାଚଳ ଠପ୍ ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। କୋରାପୁଟ ପଟୁ ସୁନାବେଡ଼ା ଆଡ଼କୁ ଯାଉଥିବା ଏକ ବଡ଼ ମାଲବାହୀ ଗାଡ଼ି ଏହି ରେଲୱେ ସୁରକ୍ଷା ଫାଟକ ଉପର ଲୁହା ବିମ୍‌କୁ ଧକ୍କାଦେବାରୁ ଏହା ତଳକୁ ଖସି ରାସ୍ତା ଅବରୋଧ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ହଜାରେ ସଂଖ୍ୟାରେ ଗାଡ଼ି ପ୍ରାୟ ୨ କି.ମି. ଯାଏ ଅଟକିରହିଥିଲା। କୋରାପୁଟ ଟାଉନ ଥାନାଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ନିର୍ଦ୍ଦେଶରେ ୧ ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳକୁ ଯାଇ ଟ୍ରାଫିକ୍ ପରିଚାଳନା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ରେଲୱେ ଅଧିକାରୀ ଓ ଶ୍ରମିକ ୨ କ୍ରେନ୍ ସହାୟତାରେ ପ୍ରାୟ ୩ ଘଣ୍ଟା ପରିଶ୍ରମ ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# କରାଟେ ପ୍ରତିଯୋଗିତାରେ ସୁନାବେଡ଼ାରୁ ୩ ପ୍ରତିଯୋଗୀ


କାଚ ମହେଶ ବରାଳଙ୍କ ସହ ୩ ପ୍ରତିଯୋଗୀ।

ସୁନାବେଡା,୧୮।୧୦(କୃତ୍ତିବାସ ପ୍ରଧାନ)

ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲରେ ରବିବାର ଅନୁଷ୍ଠିତ ହେବାକୁ ଥିବା କ୍ଲଷ୍ଟର ଓ ଜୋନାଲ କରାଟେ ପ୍ରତିଯୋଗୀତାରେ ସୁନାବେଡ଼ା ଉତ୍କଳ କରାଟେ ସ୍କୁଲରୁ ୩ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସ୍କୁଲର ଅର୍ଣ୍ଣଭ ବିଶୋୟୀ ୪୮ କେଜି, ଶ୍ରୀକୃତି ନାୟକ ୩୮କେଜି ଓ ହର୍ଶିକା ମୁନି ୩୩ କେଜି ବର୍ଗ କରାଟେ ଫାଇଟ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲ୍‌ର ଜାତୀୟ କୋଚ ତଥା ରେଫେରୀ ମହେଶ ବରାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗୀ ଟ୍ରେନିଂ ନେଇଛନ୍ତି।

# ‘ଶିକ୍ଷା ସହ କଳା,ସଂସ୍କୃତି ଦ୍ୱାରା ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ’

କୁନ୍ଦୁରା,୧୮।୧୦(ସନ୍ତୋଷ ପ୍ରହରାଜ)

## କ୍ଲଷ୍ଟରସ୍ତରୀୟ ସୁରଭି ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ସରପଞ୍ଚ ଓ ଅନ୍ୟ ଅତିଥି ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅଧୀନ ଫୁପୁଗାଁ ପଞ୍ଚାୟତ ସଦର ମହକୁମାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ସରପଞ୍ଚ ମୁକୁନ୍ଦ ସମରଥ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପପେୟା ବେହେରା, ସମିତିସଭ୍ୟା ଚନ୍ଦ୍ରିକା କାନ୍ଦୁଲିଆ, କୁନ୍ଦୁରା ବ୍ଲକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା, କ୍ଲଷ୍ଟର ସଂଯୋଜକ ସଞ୍ଜୟ ସାନ୍ତ୍ରା,ପ୍ରଧାନଶିକ୍ଷକ ବିଜୟ ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ଗ୍ରହଣ କରିବା ସହ ଖେଳକୁଦ, ଅନ୍ତର୍ନିହିତ କଳା ଓ ସଂସ୍କୃତି ଦ୍ୱାରା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି ଅତିଥି ମୁଖ୍ୟବକ୍ତା ବେହେରା କହିଥିଲେ। କାର୍ଯ୍ୟକ୍ରମରେ ୧୫ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ଡଙ୍ଗରପାଉଁଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ମାନପତ୍ର ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ କେ.କମଳାପତି ପାତ୍ର, ଦିଲ୍ଲୀପ ଦାସ, ଦୀପକ ଶତପଥୀ, ଜିତେନ୍ଦ୍ର ଭଞ୍ଜ,ସନ୍ତୋଷ ପାଢ଼ୀ,ମିଥୁନ ମଜୁମଦାର, ରଶ୍ମିତା ପଣ୍ଡା, ସରିତା କୁମାରୀ ହୋତା, ସଂଘମିତ୍ରା ଶାନ୍ତ୍ରା, ରାମୁ ନାୟକ, ସୁଜିତ କୁମାର ନାଗ, ସିଦ୍ଧାନ୍ତ ବିଜୟ କୁମାର ଏବଂ ମହେନ୍ଦ୍ର କୁଣ୍ଡ ଉପସ୍ଥିତ ଥିଲେ।

# ବେସରକାରୀ ଅନୁଦାନ ଓ ଅଣ ଅନୁଦାନପ୍ରାପ୍ତ ଅଧ୍ୟାପକ କର୍ମଚାରୀଙ୍କୁ ସରକାରୀ ଅନୁଦାନ ମିଳୁ



ଖବରଦାତା ସମ୍ମିଳନୀରେ ଓଡ଼ିଶା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର କର୍ମକର୍ତ୍ତା।

**ଭୁବନେଶ୍ୱର,୧୮।୧୦(ସୁଚିସ୍ମିତା ସାହୁ)**

୨୦୦୮ରୁ ୨୦୨୫ ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ କରିବାକୁ ଓଡ଼ିଶା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଦାବି କରିଛି। ସଂଘର ସମ୍ପାଦକ ନରେନ୍ଦ୍ର କୁମାର ମହାଲିକଙ୍କ ସଭାପତିତ୍ୱରେ ଶୁକ୍ରବାର ଉତ୍କଳ ସାମ୍ବାଦିକ ସଂଘଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଂଘର ଉପସଭାପତି ସବିତା ବାରିକ, ସହ ସମ୍ପାଦିକା ମଧୁସ୍ମିତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ଶୃତିରଞ୍ଜନ ପ୍ରଧାନ, ଅନ୍ୟତମ ଉପସଭାପତି ସରୋଜ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଦାବି ସମ୍ପର୍କରେ କହିଥିଲେ। ସାରା ଓଡ଼ିଶାରେ ଅଣ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ ମହାବିଦ୍ୟାଳୟ ଏବଂ କମ୍ପୋଜିଟ ମହାବିଦ୍ୟାଳୟରେ ୨୦୦୮ରୁ ନିଯୁକ୍ତି ହୋଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ସମାନ କାମକୁ ସମାନ ଦରମା ଆଧାରରେ ସରକାର ଏକ ନୂତନ ପଲିସି ଦ୍ୱାରା ପୂର୍ଣ୍ଣ ସରକାରୀ ଅନୁଦାନଭୁକ୍ତ କରନ୍ତୁ। ଏହି ସମ୍ପର୍କରେ ସଂଘ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରାଯିବା ସହ ଅଭିଯୋଗ ଶୁଣାଣିରେ ସଚିବଙ୍କ ଦୃଷ୍ଟିକୁ ଆଣିଥିଲେ। ସ୍ୱଳ୍ପ ବେତନରେ ୧ ଦଶନ୍ଧିଠାରୁ ଅଧିକ ସମୟ ସରକାରଙ୍କ ପ୍ରତ୍ୟେକ ନ୍ୟସ୍ତ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଅଣଦେଖା କରାଯାଉଛି। ଯଦି ରାଜ୍ୟ ସରକାର ଆମ ଦାବିକୁ କ୍ରମାଗତ ଅଣଦେଖା କରନ୍ତି, ତେବେ ସଂଘ ରାଜରାସ୍ତାକୁ ଓହ୍ଲାଇବା ସହ ଆମରଣ ଅନଶନ କରିବାକୁ ବାଧ୍ୟହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ସାଇବର ଅପରାଧ ରୋକିବାରେ ସଚେତନତା ଶକ୍ତିଶାଳୀ ଅସ୍ତ୍ର: ମୁଖ୍ୟମନ୍ତ୍ରୀ

- ବିଶ୍ୱରେ ଇଣ୍ଟରନେଟ୍ ବ୍ୟବହାର କ୍ଷେତ୍ରରେ ଭାରତର ସ୍ଥାନ ୨ୟ
- ଖୁବ୍‌ଶୀଘ୍ର ୨୦ ନୂତନ ସାଇବର ଅପରାଧ ଥାନା କାର୍ଯ୍ୟକ୍ଷମ ହେବ
- ୧,୧୨୭ ନୂଆ ପୋଲିସ ପଦବୀ, ୧୭୦ ଟେକ୍ନିକାଲ ଏକ୍ସପର୍ଟ ନିଯୁକ୍ତି ଖୁବ୍‌ଶୀଘ୍ର

**ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)**

ବର୍ତ୍ତମାନ ବଡ଼ ଚ୍ୟାଲେଞ୍ଜ ହୋଇଥିବା ସାଇବର ଅପରାଧକୁ ରୋକିବା ନିମନ୍ତେ ସଚେତନତା ସବୁଠୁ ବଡ଼ ଶକ୍ତିଶାଳୀ ଅସ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଶନିବାର ଆୟୋଜିତ ଏହି ରାଜ୍ୟସ୍ତରୀୟ ସଚେତନତା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ପ୍ରାୟ ୮୨ କୋଟି ଅର୍ଥାତ୍ ୫୫% ଲୋକ ବର୍ତ୍ତମାନ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ବିଶ୍ୱରେ ଇଣ୍ଟରନେଟ୍ ବ୍ୟବହାର କ୍ଷେତ୍ରରେ ଭାରତର ସ୍ଥାନ ୨ୟ ରହିଛି। ଦୈନନ୍ଦିନ ଜୀବନରେ ଆମେ ସମସ୍ତେ ଡିଜିଟାଲ ବ୍ୟବସ୍ଥା ସହ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ ହୋଇଯାଇଛୁ। ଇଣ୍ଟରନେଟ୍ ଓ ଟେକ୍ନୋଲୋଜି ଆମ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ବର୍ତ୍ତମାନ ଇଣ୍ଟରନେଟ୍ ବ୍ୟବହାରୀକାରୀଙ୍କୁ ସାଇବର ଅପରାଧ, ଅନ୍‌ଲାଇନ ଠକେଇ ଭଳି ଅପରାଧର ଶିକାର ହେବାକୁ ପଡୁଛି। ଏହି ଅପରାଧ ରୋକିବା ପାଇଁ ଆମ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଆମ ସରକାର ସାଇବର ପୋଲିସକୁ ଶକ୍ତିଶାଳୀ କରିବା, ସଚେତନତା ବୃଦ୍ଧି କରିବା ଓ ସୁରକ୍ଷିତ ଡିଜିଟାଲ ପରିବେଶ ଗଠନ କରିବା ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି।

ସାଇବର ଅପରାଧ ରୋକିବା କ୍ଷେତ୍ରରେ ଓଡ଼ିଶା ପୋଲିସକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ନ୍ୟାଶନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ଏବଂ ସାଇବର




ହେଲ୍ପଲାଇନ ୧୯୩୦ ମାଧ୍ୟମରେ ଅନେକ ହଜାର ଅଭିଯୋଗକାରୀଙ୍କୁ ଠିକ୍ ସମୟରେ ସହାୟତା ପ୍ରଦାନ କରାଯାଇଛି। ସାଇବର ଅପରାଧକୁ ପ୍ରତିରୋଧ କରିବା ପାଇଁ ରାଜ୍ୟରେ ଖୁବ୍‌ଶୀଘ୍ର ଆଉ ୨୦ଟି ନୂତନ ସାଇବର ଅପରାଧ ପୋଲିସ ଷ୍ଟେଶନ କାର୍ଯ୍ୟକ୍ଷମ ହେବ। ଏହା ସହ ପୂର୍ବରୁ ଥିବା ୧୪ଟି ସାଇବର ପୋଲିସ ଷ୍ଟେଶନର ଆଧୁନିକୀକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଏ କ୍ଷେତ୍ର ପାଇଁ ୧,୧୨୭ଟି ନୂତନ ପୋଲିସ ପଦବୀ ସହ ୧୭୦ ଟେକ୍ନିକାଲ ଏକ୍ସପର୍ଟଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ। ଏଥିସହ କ୍ରାଇମବ୍ରାଞ୍ଚ ଅଧୀନରେ ଏକ ରାଜ୍ୟସ୍ତରୀୟ କମାଣ୍ଡ୍ ସେଣ୍ଟର ଗଠନ କରାଯିବ। ଏହି ସେଣ୍ଟରଟି ସାଇବର ଅପରାଧ ରୋକିବା କ୍ଷେତ୍ରରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ଭାବେ କାର୍ଯ୍ୟ କରିବ। ସରକାରଙ୍କ ପକ୍ଷରୁ ଏଥିପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। କିନ୍ତୁ ଅଧିକାଂଶ ସାଇବର ଠକାମିର ପ୍ରମୁଖ କାରଣ ହେଉଛି ସଚେତନତାର ଅଭାବ। ଏଥିପାଇଁ ଅନ୍‌ଲାଇନ, ଡିଜିଟାଲ ଓ ଇଣ୍ଟରନେଟ୍ ବ୍ୟବହାରକାରୀ ସତର୍କ ରହିବା ସାଙ୍ଗକୁ ସଚେତନ ହେବାକୁ ପଡ଼ିବ। ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆଜିଠାରୁ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଇଣ୍ଟରନେଟ୍ ଜରିଆରେ ଝିଅମାନଙ୍କୁ ବ୍ଲାକ୍‌ମେଲିଂ ଓ ମାନସିକ ନିର୍ଯାତନା ଉପରେ କ୍ଷୋଭ ପ୍ରକାଶ କରି ଓଡ଼ିଶା ପୋଲିସକୁ ଏହି ମାନସିକତା ରଖୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପଦକ୍ଷେପ ନ ନେଲେ ସମ୍ପୃକ୍ତ ପୋଲିସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୭ଟି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଉକ୍ତ ରଥଗୁଡ଼ିକ ନୂଆପଡ଼ା ଜିଲାକୁ ଛାଡ଼ି ରାଜ୍ୟର ଅନ୍ୟ ସବୁ ଜିଲାରେ ମାସେ ଧରି ଲୋକଙ୍କୁ ସଚେତନ କରାଇବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅତିଥି, ସରକାରୀ ଅଧିକାରୀ ଓ ଛାତ୍ରୀଛାତ୍ରମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ଏକ ଶପଥ ପାଠ କରାଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓଡ଼ିଶା ପୋଲିସକୁ ଏହି ସଚେତନତାମୂଳକ କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଦେଇ କହିଛନ୍ତି, ସାଇବର ସୁରକ୍ଷା ବିଷୟରେ ସମସ୍ତେ ସଚେତନ ହେବା ଅତ୍ୟନ୍ତ ଜରୁରୀ। ସଚେତନତା କାର୍ଯ୍ୟକ୍ରମ କେବଳ ଗୋଟିଏ ବିଭାଗର କାର୍ଯ୍ୟକ୍ରମରେ ସୀମିତ ନ ରଖି ଏହି ଆଭିମୁଖ୍ୟକୁ ସମସ୍ତେ ଆପଣେଇବା ଉଚିତ ବୋଲି ସେ କହିଛନ୍ତି। ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତକରି ସାଇବର ଅପରାଧ କ୍ଷେତ୍ରରେ ଓଡ଼ିଶା ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଓ ସଫଳତା ବିଷୟରେ ଉଲ୍ଲେଖ କରିଛନ୍ତି। କ୍ରାଇମବ୍ରାଞ୍ଚ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଛନ୍ତି।








(ବାମରୁ) ଜୟ ଢୋଲକିଆ, ଘାସିରାମ ମାଝୀ ଓ ଶୁକଧର ଦଣ୍ଡସେନା ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଉଛନ୍ତି।

# ଜୟ, ଘାସିରାମ, ଶୁକଧରଙ୍କ ପ୍ରାର୍ଥୀପତ୍ର ଦାଖଲ

**ନୂଆପଡ଼ା,୧୮।୧୦(ମକାରୁ ବେମାଲ)**

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ଶନିବାର ଭାଜପା ପ୍ରାର୍ଥୀ ଜୟ ଢୋଲକିଆ, କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ, ଓଡ଼ିଶା ଜନତା ପାର୍ଟି (ଓଜେପି) ପ୍ରାର୍ଥୀ ଶୁକଧର ଦଣ୍ଡସେନା, ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ବେହେରା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ଜୟ ଢୋଲକିଆ ମା'ଙ୍କ ଆଶୀର୍ବାଦ ନେଇ ବାପା ସ୍ୱର୍ଗତ ରାଜେନ୍ଦ୍ରଙ୍କ ଫଟୋକୁ ଗାଡ଼ି ଆଗରେ ଲଗାଇ ଶୋଭାଯାତ୍ରାରେ ବାହାରିଥିଲେ। ରାଜୁ (ରାଜେନ୍ଦ୍ର)ଭାଇ ଅମର ରହେ, ଜୟ ଭାଇ ଜିନ୍ଦାବାଦ୍ ବୋଲି ସ୍ଲୋଗାନ ସହ ଶୋଭାଯାତ୍ରା ଖରିଆରରୋଡ୍ ଜୋନ୍ ଥାନା ଛକଠାରୁ ବାହାରି ସହର ପରିକ୍ରମା କରି ନୂଆପଡ଼ା ଉପଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହାପରେ ନିଜ ସମର୍ଥକଙ୍କ ସହ ଉପଜିଲାପାଳ ସୁର୍ମି ସୋରେନଠାରେ ଜୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ସମୟରେ ଜୟଙ୍କ ମା' କଳ୍ପନା, କଳାହାଣ୍ଡିର ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ରାଜ୍ୟ ପ୍ରଭାରୀ ଲତା ଉସେଣ୍ଡି, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଶୀ, ଜିଲା ସଭାପତି କମଲେସ ଦୀକ୍ଷିତ, ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ନିଜ ବାସଭବନଠାରୁ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଉପଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ସମୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ଭବାନୀପାଟଣା ବିଧାୟକ ସାଗର ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ଜଟଣୀ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ କଂଗ୍ରେସ କମିଟି ସଭାପତି ଶ୍ରୀକାନ୍ତ ଜେନା, ପ୍ରସାଦ ହରିଚନ୍ଦନ, ସନ୍ତୋଷ ସିଂ ସାଲୁଜା,ରାଜ୍ୟ କିଷାନ ସେଲ ସଭାପତି ଅଭୟ ସାହୁ, ନାରୀନେତ୍ରୀ ସସ୍ମିତା ବେହେରା ପ୍ରମୁଖ କର୍ମକର୍ତ୍ତା ଓ କର୍ମୀ ସାମିଲ ହୋଇଥିଲେ। ସେହିପରି ଓଡ଼ିଶା ଜନତା ପାର୍ଟି (ଓଜେପି)ର ଶୁକଧର ଦଣ୍ଡସେନା ନିଜ ସମର୍ଥକଙ୍କ ସହ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହା ପୂର୍ବରୁ ଗୁରୁବାର ଜଣେ ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନନ୍ଦ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ନୂଆପଡ଼ା ଉପନିର୍ବାଚନ ପାଇଁ ମୋଟ ୨୪ଜଣ ପ୍ରାର୍ଥୀ ୩୧ ସେଟ ନାମାଙ୍କନ ଫର୍ମ କ୍ରୟ କରିଛନ୍ତି। ସେଥିମଧ୍ୟରୁ ୫ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

**ନୂଆପଡ଼ା ଉପନିର୍ବାଚନ**

## ନାମାଙ୍କନ କଲେଣି ୫ ଜଣ

**ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)**

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଶନିବାର ସୁଦ୍ଧା ମୋଟ୍ ୫ ଜଣ ୭ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନନ୍ଦ ନାମାଙ୍କନପତ୍ର ଦାଖଲ କରିଥିଲେ। ବର୍ତ୍ତମାନ ଆଉ ୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଶୁକଦେବ ଦଣ୍ଡସେନା, ପୁରୁଷୋତ୍ତମ ବେହେରା, ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଭାବେ ଘାସିରାମ ମାଝୀ ଏବଂ ଭାଜପାରୁ ଜୟ ଢୋଲକିଆ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଉଭୟେ ଘାସିରାମ ଏବଂ ଜୟ ୨ଟି ଲେଖାଏ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଭାରତର ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ଉପନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ଆସନ୍ତା ୨୦ ଯାଏଁ ରହିଛି। ସେହିପରି ଆସନ୍ତା ୨୨ରେ ନାମାଙ୍କନପତ୍ର ଯାଞ୍ଚହେବାକୁ ଥିବାବେଳେ ୨୪ ତାରିଖକୁ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ନଭେମ୍ବର ୧୬ ସୁଦ୍ଧା ଉପନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶେଷହେବ ବୋଲି ଜଣାପଡ଼ିଛି।

# ଇଭିଏମ୍, ଭିଭିପିଏଟି ଷ୍ଟ୍ରଙ୍ଗ୍‌ରୁମ୍ ପରିଦର୍ଶନକଲେ ମୁଖ୍ୟ ନିର୍ବାଚନ ଅଧିକାରୀ

**ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍.ଏସ୍. ଗୋପାଳନ ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଇଭିଏମ୍ ଓ ଭିଭିପିଏଟି ଗୋଦାମ ଗୃହ ପରିଦର୍ଶନ କରଛନ୍ତି। ଏହାସହ ଆଗାମୀ ଉପନିର୍ବାଚନର ନ୍ୟାଶନାଲ କଲେଜସ୍ଥିତ ଭୋଟ ଗଣତି କେନ୍ଦ୍ର ଇଭିଏମ୍ ଓ ଭିଭିପିଏଟି ଷ୍ଟ୍ରଙ୍ଗ୍‌ରୁମ୍ ପରିଦର୍ଶନ ସହ ସାମ୍ପ୍ରତିକ ସ୍ଥିତି, ସରଞ୍ଜାମ, ସୁରକ୍ଷା ବ୍ୟବସ୍ଥା ଆଦିର ସବିଶେଷ ନିରୀକ୍ଷଣ କରିଛନ୍ତି। ଏହାପରେ ନୂଆପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବୁଥ୍ ପରିଦର୍ଶନକରିବା ସହ ବୁଥ୍‌ଗୁଡ଼ିକରେ ମତଦାତାଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ମୌଳିକ ସୁବିଧାର ତଦାରଖ କରିଛନ୍ତି। ଜିଲା ପ୍ରଶାସନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ଜିଲାପାଳ ମଧୁସୂଦନ ଦାଶ ସିଇଓଙ୍କୁ ଏହି ପରିଦର୍ଶନ ସମୟରେ ଅବଗତ କରାଇଛନ୍ତି। ପରିଦର୍ଶନ ସମୟରେ ଅତିରିକ୍ତ ସିଇଓ ତଥା ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରାଉତ, ଉପଜିଲାପାଳ ସୁର୍ମି ସୋରେନ୍ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ପରିଚାଳନା ସମ୍ବନ୍ଧୀୟ ନୀତିନିୟମ, ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀର ପ୍ରୟୋଗାତ୍ମକ ଦିଗ ସମ୍ପର୍କରେ ଗୋପାଳନ ଅଧିକାରୀମାନଙ୍କୁ ଅବଗତ କରିଛନ୍ତି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ନେତୃତ୍ୱରେ ଜିଲାର ସମସ୍ତ ଅଧିକାରୀ ଉପନିର୍ବାଚନର ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନକରି ମତଦାତାଙ୍କ ସହ ନିର୍ବାଚନ ଆୟୋଗଙ୍କ ପ୍ରଶଂସାର ପାତ୍ର ହେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି।

# ସଂଗ୍ରାମୀ ସାରଙ୍ଗଧର ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ଥିଲେ


ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ 'ସଂଗ୍ରାମୀ ସାରଙ୍ଗଧର' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

**ରାଜ୍ୟସ୍ତରୀୟ ଜୟନ୍ତୀ**

**ଭୁବନେଶ୍ୱର,୧୮।୧୦(ସୌମ୍ୟରଞ୍ଜନ ରାଉତ)**

ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଜଣେ ସ୍ୱାଧୀନ ଚିନ୍ତକ ଓ ସଂଗ୍ରାମୀ ଭାବେ ଏ ଜାତିକୁ ସ୍ୱତନ୍ତ୍ର ପରିଚୟ ଦେଇଯାଇଛନ୍ତି। ଓଡ଼ିଆ ଜନମାନସରେ ସେ ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ଥିଲେ ବୋଲି ତାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ ଫାଉଣ୍ଡେଶନ ପକ୍ଷରୁ ସଂସ୍କୃତି ଭବନସ୍ଥିତ ଏକାଡେମୀ ପରିସରରେ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଫାଉଣ୍ଡେଶନର ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ଆଇଚଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପଦ୍ମଶ୍ରୀ ଡ. ଅଦ୍ୱୈତ ଚରଣ ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ମାଟିର ମହାନ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧରଙ୍କ ସଂଗ୍ରାମୀ ଜୀବନ ଓ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ସନାତନ ମଲ୍ଲିକ ଯୋଗଦେଇ ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ଜୀବନାଦର୍ଶ ଓ କୃତି ଉପରେ କହିଥିଲେ। ସମ୍ମାନିତ ବକ୍ତା ଭାବେ ସାହିତ୍ୟିକ ଡ. ଉଦ୍ଧବ ଚରଣ ନାୟକ ଗଡ଼ଜାତ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ ସାରଙ୍ଗଧରଙ୍କ ଅବଦାନ ସମ୍ପର୍କରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଡ. ସଂଗ୍ରାମ ଜେନା ଯୋଗଦେଇ କହିଲେ, ସାରଙ୍ଗଧର ଛାତ୍ର ଜୀବନରୁ ସଂଗ୍ରାମୀ ଥିଲେ। ବିଦେଶୀ ସରକାରଙ୍କ ପାଖରେ ଚାକିରି ନ କରି ଦେଶର ଶିଳ୍ପ ବିକାଶ ଲାଗି ଅଣ୍ଟା ଭିଡ଼ିଥିଲେ। ଏଥିପାଇଁ ସେ ଚିନି, କାଗଜ ଓ ସିମେଣ୍ଟ ଶିଳ୍ପ ସମ୍ପର୍କରେ ଜ୍ଞାନ ଆହରଣ ଲାଗି ରସାୟନଶାସ୍ତ୍ର ପଢ଼ିବାକୁ ଜାପାନ ଓ ଆମେରିକା ଯାତ୍ରା କରିବା ସହ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ବିଜ୍ଞାନରେ ଶିକ୍ଷାଲାଭ କରିଥିଲେ। ଫେରିବା ପରେ ଗଡ଼ଜାତ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ସେ କହିଥିଲେ। ଗ୍ରନ୍ଥକାର ତଥା ଫାୟାର ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ସାରଙ୍ଗଧରଙ୍କ ସଂଗ୍ରାମୀ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଜୟନ୍ତୀ ଉତ୍ସବର ଆଭିମୁଖ୍ୟ ଏବଂ ସାରଙ୍ଗଧରଙ୍କ କୃତି ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ. ସଂଗ୍ରାମ ଜେନାଙ୍କ ଲିଖିତ 'ସଂଗ୍ରାମୀ ସାରଙ୍ଗଧର' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋଲିଲା ଶିମିଳିପାଳ

- ନୃତ୍ୟଗୀତରେ ପର୍ଯ୍ୟଟକଙ୍କୁ ସ୍ୱାଗତ
- ଖୋଲା ସଫାରିରେ ବୁଲିଲେ ପର୍ଯ୍ୟଟକ

**ବାରିପଦା,୧୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଅଭୟାରଣ୍ୟ ବିଶ୍ୱ ଦରବାରରେ ପରିଚିତ। ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଜୈବମଣ୍ଡଳ ତଥା ପ୍ରକୃତିର ଗନ୍ତାଘର ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କ ପାଇଁ ଶନିବାରଠାରୁ ଖୋଲାଯାଇଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବାରିପଦାର ପିଠାବଟା ଓ ଯଶୀପୁର କାଳିଆଣି ତନଖି ଫାଟକରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଇଛି। ସକାଳ ୬ଟାରୁ ୯ଟା ମଧ୍ୟରେ ପର୍ଯ୍ୟଟକମାନେ ଅଭୟାରଣ୍ୟକୁ ପ୍ରବେଶ କରିଛନ୍ତି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ଉପସ୍ଥିତ ରହି ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି। ବନବିଭାଗ ପକ୍ଷରୁ ସଫାରୀରେ ଅଭୟାରଣ୍ୟ ବୁଲିବାର ବ୍ୟବସ୍ଥା ହୋଇଥିବାରୁ ପର୍ଯ୍ୟଟକମାନେ ଏହାର ସୁଯୋଗ ନେଇଛନ୍ତି। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା, ଆମୋଦପ୍ରମୋଦ ଓ ରହଣି ନିମନ୍ତେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକମାନେ ବୁକିଂ କାଉଣ୍ଟରରୁ ଅନୁମତି ପତ୍ର ନେଇ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବା ବେଳେ ପ୍ରବେଶ ଓ ରାତ୍ରିଯାପନ ପାଇଁ ଅନଲାଇନର ସୁବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ନୃତ୍ୟ ଗୀତ ଗାଇ ପର୍ଯ୍ୟଟକଙ୍କୁ ପାଛୋଟି ନେଇଛନ୍ତି।




ଓଡ଼ିଶାର ଏକମାତ୍ର ଅଭୟାରଣ୍ୟ ଶିମିଳିପାଳରେ ମହାବଳ ବାଘ ଓ କଳା ବାଘ ରହିଥିବା ବେଳେ ଅତି ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବା ପ୍ରାଣୀପ୍ରେମୀଙ୍କୁ ଆକର୍ଷିତ କରିଥାଏ। ଅଭୟାରଣ୍ୟ ଖୋଲିବାର ପ୍ରଥମ ଦିବସରେ ପିଠାବଟା ଦେଇ ୮ଟି ସଫାରୀ ଜିପ୍‌ରେ ୩୫ଜଣ, ୧୨ଟି ଗାଡିରେ ୪୦ ପର୍ଯ୍ୟଟକ ଏବଂ ଯଶିପୁରପଟୁ କାଳାଆମୀ ଗେଟ ଦେଇ ୩ଟି ସଫାରୀ ଜିପ୍‌ରେ ୧୮ ଜଣ ଓ ୧୦ଟି ଗାଡିରେ ୩୬ ପର୍ଯ୍ୟଟକ ଶିମିଳିପାଳକୁ ପ୍ରବେଶ କରିଛନ୍ତି। ଉଭୟ ଗେଟ୍ ଦେଇ ମୋଟ ୧୨୯ପର୍ଯ୍ୟଟକ ଶିମିଳିପାଳର ମଜା ଉଠାଇଛନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିବା ସହିତ ଗାଇଡ ବ୍ୟବସ୍ଥା କରାଯାଇଛି। ଜାମୁଆଣି, କୁମାରୀ, ଗୁଡୁଗୁଡିଆ, ମୁକ୍ତାପୁର, ବରେହିପାଣି ଓ ରାମତୀର୍ଥଠାରେ ପର୍ଯ୍ୟଟକଙ୍କ ରାତ୍ରିଯାପନ ଓ ରେଷ୍ଟୁରାଣ୍ଟ ବ୍ୟବସ୍ଥା କରାଯାଇଛି। ଏଥିରେ ରହିବା ପାଇଁ ଅଗ୍ରିମ ଅନଲାଇନ ବୁକିଂ କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ନିମନ୍ତେ ସାନ୍ତାଳି ସମ୍ପ୍ରଦାୟର କୁଟୀର, ଆଦିବାସୀ କୁଟୀର, ବାଉଁଶକୁଟୀର ଓ ଟ୍ରି ହାଉସ ଭଳି ବ୍ୟବସ୍ଥା କରାଯାଇଛି। ସେହିପରି ପଲିଥିନ, ଅଗ୍ନି ସଂଯୋଗକାରୀ ସାମଗ୍ରୀ, ଆମିଷ ଓ ମାଦକ ଦ୍ରବ୍ୟ ବ୍ୟବହାର ଉପରେ କଟକଣା କରାଯାଇଛି। କୋର୍ ଅଞ୍ଚଳରେ ଜୀବଜନ୍ତୁଙ୍କୁ ଅତି ନିକଟରେ ଦେଖିବା ପାଇଁ ସଫାରୀର ବ୍ୟବସ୍ଥା କରାଯାଇଛି। ଖୋଲାଗାଡିରେ ପର୍ଯ୍ୟଟକମାନେ ଜୀବଜନ୍ତୁଙ୍କୁ ଅତି ନିକଟରୁ ଦେଖିବା ସହ ଫଟୋ ଉଠାଇବାର ସୁବିଧା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା କହନ୍ତି, ଚଳିତବର୍ଷ ପର୍ଯ୍ୟଟକଙ୍କ ନିମନ୍ତେ ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି। ବନ୍ୟଜନ୍ତୁଙ୍କୁ ଅତି ନିକଟରୁ ଦେଖିବା ପାଇଁ ୩୫ଟି ଜିମନୀ(ଖୋଲା ସଫାରି)ର ବ୍ୟବସ୍ଥା କରାଯାଇଛି। ଗାଡିକୁ ପରିବର୍ତ୍ତନ କରାଯାଇ ଡ୍ରାଇଭରମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି । ପର୍ଯ୍ୟଟକଙ୍କୁ ନେବା ଆଣିବା କରିବା ସହିତ ସୁରକ୍ଷିତ ଭାବେ ଛାଡିବା ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା କରାଯାଇଛି। ୧୦ଟି ଗାଡି ପିଠାବଟାରୁ ଓ ୨୫ଟି ଗାଡି କାଳିଆମୀ ଗେଟରୁ ଯିବା ପାଇଁ ବ୍ୟବସ୍ଥା କରାଯାଇଛି। ସଫାରୀ ଗାଡିଗୁଡିକ ସକାଳ ୬ଟାରୁ ଆରମ୍ଭ ହେବାକୁ ଥିବା ବେଳେ ପ୍ରାଇଭେଟ ଗାଡିଗୁଡିକ ଦିନ ୧୧ଟାରୁ ଶିମିଳିପାଳକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇଛି। ଶିମିଳିପାଳର ବିଭିନ୍ନ ଜଳପ୍ରପାତ ସାଙ୍ଗକୁ ଜୀବଜନ୍ତୁଙ୍କୁ ଦେଖିବା ସହ ନୂତନ ଭାବେ ଖଇରୀ ବାଘୁଣୀ ସମ୍ପର୍କିତ ଏକ ମ୍ୟୁଜିୟମ ଖୋଲାଯାଇଛି। ଶିମିଳିପାଳ ଅଭୟାରଣ୍ୟକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପର୍ଯ୍ୟଟକଙ୍କୁ ନିବେଦନ କରାଯାଇଛି। ପରିବେଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଲେ ବନ୍ୟପ୍ରାଣୀ ସମେତ ଜୀବଜଗତ ସୁରକ୍ଷିତ ରହିପାରିବେ ବୋଲି କହିଛନ୍ତି।

# ମାଷ୍ଟରମାଇଣ୍ଡ ମୁନାଙ୍କ ଘରେ କ୍ରାଇମ୍‌ବ୍ରାଞ୍ଚ ଚଢ଼ାଉ

## ଏସ୍‌ଆଇ ନିଯୁକ୍ତି ଜାଲିଆତି

### ଚା' ବିକାଳିରୁ କୋଟିପତି

ବାଙ୍କୀ/କଳାପଥର,୧୮।୧୦
(ଶୁଭେନ୍ଦୁ ମହାପାତ୍ର/ଗଙ୍ଗାଧର ସାହୁ)

ବହୁଚର୍ଚ୍ଚିତ ଏସ୍‌ଆଇ ନିଯୁକ୍ତି ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ମାଷ୍ଟରମାଇଣ୍ଡ ମୁନା ମହାନ୍ତିଙ୍କ କାରନାମା ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି। କଟକ ଜିଲା ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ତଳସାହିସ୍ଥିତ ତାଙ୍କ ଘରେ କ୍ରାଇମ୍‌ବ୍ରାଞ୍ଚ ଚଢ଼ାଉ କରି ବହୁ କାଗଜାଦି ଜବତ କରିଛି। ରାଜଧାନୀ ଭୁବନେଶ୍ୱରର ନଅ ତାଲା ନିକଟରେ ଏକଦା ଚା' ବିକ୍ରି କରୁଥିବା ମୁନା ପରବର୍ତ୍ତୀ ସମୟରେ ଜମି ଦଲାଲି କରିବା ସହ ବାଲିଘାଟ କାରବାରରେ ସାମିଲ ହୋଇ ଅନେକ କୋଟି ଟଙ୍କା ସମ୍ପତ୍ତିର ମାଲିକ ହୋଇପାରିଛନ୍ତି। ସେନେଇ କ୍ରାଇମ୍‌ବ୍ରାଞ୍ଚ ଖୋଳତାଡ଼ କରୁଛି।


କଳାପଥର ତଳସାହିସ୍ଥିତ ମୁନା ମହାନ୍ତିଙ୍କ ଘର ନିକଟରେ କ୍ରାଇମ୍‌ବ୍ରାଞ୍ଚ ଟିମ୍।

କ୍ରାଇମବ୍ରାଞ୍ଚ ବିଭାଗର ଏକ ୩ ଜଣିଆ ସ୍ୱତନ୍ତ୍ର ପ୍ରତିନିଧି ଦଳ ମୁନାଙ୍କ ବାଙ୍କୀ ଉପଖଣ୍ଡ କଳାପଥର ଅନ୍ତର୍ଗତ ତଳସାହିସ୍ଥିତ ବାସଭବନରେ ଅପରାହ୍ନ ସମୟରେ ଚଢ଼ାଉ କରିଛି। ଚଢ଼ାଉ ସମୟରେ ମୁନାଙ୍କ ଘରେ କେବଳ ତାଙ୍କ ମା' ଥିଲେ। ଟିମ୍ ମୁନା ମା'ଙ୍କ ଅନୁମତି ନେଇ ତାଙ୍କ ଘରେ ଯାଞ୍ଚ କରିଥିଲା। ସେଠାରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅନୁସନ୍ଧାନ କରିବା ପରେ କିଛି ଜରୁରୀ କାଗଜପତ୍ର ନେଇ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଚାଲିଯାଇଛନ୍ତି। ବୈଦେଶ୍ୱର ଥାନା ଅଧିକାରୀ ସଞ୍ଜୟ କୁମାର ଜେନାଙ୍କ ନିର୍ଦ୍ଦେଶ ଅନୁସାରେ ଏହି ଚଢ଼ାଉରେ ଜଣେ ଏସ୍‌ଆଇ ଓ ମହିଳା କନ୍‌ଷ୍ଟେବଲ ସାମିଲ ହୋଇଥିଲେ। ତଦନ୍ତରେ ବ୍ୟାଘାତ କାରଣରୁ ବିସ୍ତୃତ ପ୍ରତିକ୍ରିୟା ଦେବାକୁ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ ମନା କରିଦେଇଛନ୍ତି।

ଭୁବନେଶ୍ୱରରେ ଚା' ବିକ୍ରି କରୁଥିବା ଥିବା ମୁନା କିଭଳି ବହୁ କୋଟି ଟଙ୍କାର ମାଲିକ ହେବା ସହ ଆଲିସାନ ଗୃହ ନିର୍ମାଣ କଲେ ଏବଂ ଦାମୀ ଗାଡି ବ୍ୟବହାର କରି ରାଜକୀୟ ଜୀବନ ବିତାଉଥିଲେ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ ଏସ୍‌ଆଇ ପ୍ରଶ୍ନପତ୍ର ଜାଲିଆତି ପଛରେ କୌଣସି ବଡ଼ ରାଜନେତା ଅବା ଅଧିକାରୀଙ୍କ ସମ୍ପୃକ୍ତି ରହିଛି ତାହା ତଦନ୍ତ ପରେ ଜଣାପଡ଼ିବ। ଏହି କାଣ୍ଡରେ ସମ୍ପୃକ୍ତି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନ ସାଧାରଣ ଦାବି କରିଛନ୍ତି। ପ୍ରକାଶ ଯେ, ମୁନା ଏବଂ ତାଙ୍କ ୩ ସହଯୋଗୀଙ୍କୁ ଗୁରୁବାର ରାତିରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଦଶପଲ୍ଲାସ୍ଥିତ ଏକ ଫାର୍ମ ହାଉସ୍‌ରୁ ଗିରଫ କରିଥିଲା।

# ଅଧିକ ସୁଧ ଦେବା ଆଳରେ ୧୦୦୦ କୋଟିର ଠକେଇ

ଭୁବନେଶ୍ୱର,୧୮।୧୦
(ସତ୍ୟଜିତ ରାଉତ)

## ହେଡ୍‌ଜେକ୍ସ ଫଣ୍ଡ ଓଡ଼ିଶା ମୁଖ୍ୟ ଗିରଫ

- ୧୦ ରାଜ୍ୟରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଠକେଇର ଶିକାର
- ଓଡ଼ିଶାର ୧୨ ହଜାର ଲୋକଙ୍କଠାରୁ ନେଇଯାଇଛନ୍ତି ୧୩୯ କୋଟି


ପ୍ରତାପ କୁମାର ରାଉତ

ନିବେଶରୁ ଅଧିକ ଲାଭ ଦେବା ଆଳରେ ୧୦୦୦ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜଣେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ସେ ହେଲେ କଟକ ୪୨ ମୌଜା ଝିଙ୍କିରିଆ ଅଞ୍ଚଳର ପ୍ରତାପ କୁମାର ରାଉତ। ତାଙ୍କଠାରୁ ଠକେଇ ସମ୍ବନ୍ଧୀୟ ବହୁ ଦସ୍ତାବିଜ୍ ଜବତ ହୋଇଛି। ପ୍ରତାପଙ୍କୁ କଟକ ଓପିଆଡି କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, ହେଡ୍‌ଜେକ୍ସ ଫଣ୍ଡ ଏଲ୍‌ଏଲ୍‌ପି ସଂସ୍ଥାରେ ପ୍ରତାପ ନିଜକୁ ଓଡ଼ିଶା ମୁଖ୍ୟ ବୋଲି ପରିଚୟ ଦେଉଥିଲେ। ତାଙ୍କ କଥାରେ ବିଶ୍ୱାସ କରି ବିଜୟ କୁମାର ପାଣିଗ୍ରାହୀ ୯୨ ଲକ୍ଷ ୬୦ ହଜାର ୪୮୦ ଟଙ୍କା ନିବେଶ କରି ଠକେଇର ଶିକାର ହୋଇଥିଲେ। ପ୍ରତାପଙ୍କ କଥାରେ ପ୍ରଲୋଭିତ ହୋଇ ବିଜୟ ନିଜ ଅବସରକାଳୀନ ଟଙ୍କାକୁ ମାସକୁ ୧୧%ରୁ ୧୮% ଲାଭ ପାଇବା ଆଶାରେ ନିବେଶ କରିଥିଲେ। କିଛିଦିନ ପରେ କମ୍ପାନୀ ବନ୍ଦ ହୋଇଯାଇଥିଲା। ବିଜୟଙ୍କ ଟଙ୍କା ମଧ୍ୟ ବ୍ଲକ ହୋଇଯାଇଥିଲା। ଏହା ଜାଣିବା ପରେ ଗତ ଅକ୍ଟୋବର ୧୪ରେ ବିଜୟଙ୍କ ଏତଲାକ୍ରମେ ଏକ ମାମଲା(ନଂ.୧୪/୨୦୨୫) ରୁଜୁ ହୋଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଏହି କମ୍ପାନୀ ୨୦୨୩ରେ ଗୋଆରେ ପଞ୍ଜୀକୃତ ହୋଇଥିଲା। ୨୦୨୩-୨୦୨୪ରେ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଆସାମ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ତାମିଲନାଡୁ, ଦିଲ୍ଲୀ ଓ ଓଡ଼ିଶାର ୩ ଲକ୍ଷରୁ ଊର୍ଦ୍ଧ୍ୱ ନିବେଶକାରୀ ଠକେଇର ଶିକାର ହୋଇଛନ୍ତି। ଏପରିକି ଓଡ଼ିଶାର ୧୨ ହଜାର ଲୋକଙ୍କଠାରୁ ଉକ୍ତ କମ୍ପାନୀ ୧୩୯ କୋଟି ଟଙ୍କା ଠକି ନେଇଥିଲା। ପ୍ରତାପ ଲୋକାଲ କୋ-ଅର୍ଡିନେଟର ଭାବେ କାମ କରିବା ସହ ଭୁବନେଶ୍ୱର ଓ କଟକରେ ବିଭିନ୍ନ ସମୟରେ ମିଟିଂ କରି ହେଡଜେକ୍ସ ଫଣ୍ଡକୁ ପ୍ରମୋଶନ କରାଉଥିଲେ। ସଂସ୍ଥାକୁ ଚଳାଉଥିବା ମୁଖ୍ୟ ଅଭିଯୁକ୍ତ ଦୀନେଶ କୁମାର ଜୈନ ଓ କୁଲ୍‌ଦୀପ ସିଂ ପନ୍‌ୱାରଙ୍କ ସହ ପ୍ରତାପ ନିୟମିତ ଯୋଗାଯୋଗରେ ରହି ହାୱାଲା ଜରିଆରେ ଟଙ୍କା କାରବାର କରୁଥିଲେ। ଇଓଡବ୍ଲ୍ୟୁ ଏହି ମାମଲାରେ ଅଧିକ ଖୋଳତାଡ଼ ଜାରି ରଖିବା ସହ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିବାକୁ ପ୍ରୟାସ କରୁଛି।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

## ନାବାଳିକା ବଳାତ୍କାର ଓ ହତ୍ୟା ମାମଲା

କେନ୍ଦୁଝର,୧୮।୧୦(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟରେ ଏକ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ଘଷିପୁରା ଥାନା ଅନ୍ତର୍ଗତ ମୁରବାଲି ଗ୍ରାମର ପୁଜୁନ ପାତ୍ର(୨୬)ଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ପୋକ୍‌ସୋ ଦଫାରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ୨୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟେ ୬ ମାସ ଅଧିକ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କ ପରିବାରକୁ ୧୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣକୁ ସୁପାରିସ କରିଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ୧୭ ଜୁଲାଇ ୨୦୨୩ରେ ପୁଜୁନ ପୀଡ଼ିତାଙ୍କ ବାପାଙ୍କୁ ଧାର ଦେଇଥିବା ପଇସା ମାଗିବାକୁ ତାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ପୀଡ଼ିତା ତାଙ୍କ ମାମୁଘରକୁ ଯିବାକୁ ବାହାରିବାରୁ ଅଭିଯୁକ୍ତ ଛାଡ଼ି ଦେବେ କହି ବାଇକ୍‌ରେ ବସାଇ ନେଇଥିଲେ। ତା' ପରଦିନ ହରିଚନ୍ଦନପୁର ସିଙ୍ଗବିଲ ବାଇପାସ୍ ମୂଷଳ ନଦୀ ନିକଟରେ ପୀଡ଼ିତାଙ୍କ ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ। ହରିଚନ୍ଦନପୁର ପୋଲିସ ମୃତଦେହ ଜବତକରି ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଅଭିଯୁକ୍ତ ବଳାତ୍କାର ପରେ ହତ୍ୟାକରି ଫିଙ୍ଗିଦେଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଥିବା ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ସୂଚନା ଦେଇଛନ୍ତି।

# ୨ ଦୋଷୀଙ୍କୁ ଆଜୀବନ ଜେଲ

## ୪ ଭାଇଙ୍କୁ ଗୋଡ଼ାଇ ହତ୍ୟା ଘଟଣା

ଆନନ୍ଦପୁର/ବଞ୍ଚୋ,୧୮।୧୦(ସୁଶାନ୍ତ ସାହୁ/ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟରେ ୪ ଭାଇଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଦେବଦତ୍ତ ଦାସ ମହାପାତ୍ର ମାମଲାର ବିଚାରକରି ଆନନ୍ଦପୁର ଥାନା ଅନ୍ତର୍ଗତ ପଞ୍ଚୁଗୋଛିଆ ଗାଁର ଧନେଶ୍ୱର ଓଝା ଓ ଦାମୋଦର ଓଝାଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ ଲକ୍ଷ ଲେଖାଏ ଜରିମାନା ଓ ଅନାଦାୟେ ଅଧିକ ଆଉ ୨ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପଞ୍ଚୁଗୋଛିଆ ଗାଁରେ ପୂର୍ବ ବିବାଦକୁ ନେଇ ଜଳଧର ଦଳେଇ, ବୁଦ୍ଧିଆ ଦଳେଇ, ସାଧୁଆ ଦଳେଇ ଓ ଉଦ୍ଧବ ଦଳେଇଙ୍କ ସହ ସେହି ଗ୍ରାମର ଧନେଶ୍ୱର ଓଝା ଓ ଦାମୋଦର ଓଝାଙ୍କ ତିକ୍ତତା ଲାଗି ରହିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜୁଲାଇ ୨୦୦୨ରେ ଜଳଧରଙ୍କ ସମେତ ଅନ୍ୟ ୩ ଭାଇଙ୍କୁ ଦିନ ଦୁଇ ପ୍ରହରରେ ଧନେଶ୍ୱର ଓ ଦାମୋଦର ମାରଣାସ୍ତ୍ରରେ ଗୋଡ଼ାଇ ହାଣିଥିଲେ। ପରବର୍ତ୍ତୀ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ୪ ଭାଇଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ଭାଇ ମାଧବାନନ୍ଦ ଦଳେଇଙ୍କ ଅଭିଯୋଗ ଆଧାରରେ ୭ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପୋଲିସ ୭ ଜଣଙ୍କୁ ଗିରଫକରି କୋର୍ଟଚାଲଣ କରିଥିଲା। ଘଟଣାରେ ୨୫ ଜଣ ସାକ୍ଷୀ ଓ ୮୦ ଦସ୍ତାବିଜ୍ ଆଧାରରେ ବିଚାରପତି ଉକ୍ତ ରାୟ ଶୁଣାଇଛନ୍ତି। ଏଥିସହ ଘଟଣାରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣଙ୍କୁ ପ୍ରମାଣ ଅଭାବରୁ ବିଚାରପତି ଦୋଷମୁକ୍ତ କରିଥିବା ମାମଲା ପରିଚାଳନା କରୁଥିବା ଅତିରିକ୍ତ ସରକାରୀ ଓକିଲ ସୌମିତ୍ରୀ କୁମାର ରାଉତ, ସ୍ୱତନ୍ତ୍ର ସରକାରୀ ଓକିଲ ବାଇଧର ସେଠୀ ସୂଚନା ଦେଇଛନ୍ତି।

# ଜଣେ କର୍ପୋରେଟର, ମଦ ବ୍ୟବସାୟୀଙ୍କୁ ପଚରାଉଚରା

## ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୧୮।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୋଲିସ ବ୍ରହ୍ମପୁର ମହାନଗର ନିଗମର ଜଣେ କର୍ପୋରେଟର ଓ ଜଣେ ମଦ ବ୍ୟବସାୟୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଜଣାଶୁଣା କର୍ପୋରେଟର ଜଣକ ହତ୍ୟା ଘଟଣାର ମଧ୍ୟସ୍ଥ ଭାବେ କାର୍ଯ୍ୟ କରୁଥିଲେ ବୋଲି କୁହାଯାଉଛି। ଏ ନେଇ ପୋଲିସ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିଲେ ମଧ୍ୟ ଗତ ୨ ଦିନ ଭିତରେ ସମ୍ପୃକ୍ତ କର୍ପୋରେଟରଙ୍କୁ ବାରମ୍ବାର ଜେରା କରାଯାଇଛି। ପୂର୍ବରୁ ମଧ୍ୟ ଜଣେ କର୍ପୋରେଟରଙ୍କୁ ପୋଲିସ ପଚରାଉଚରା କରିଥିଲା।

ସେହିପରି ପୋଲିସ ଏହି ମାମଲାରେ ପୂର୍ବରୁ ଜଣେ ଯୁବ ନେତାଙ୍କ ସହ ଜଣେ ବ୍ୟବସାୟୀଙ୍କୁ ମଧ୍ୟ ପଚରାଉଚରା କରି ଛାଡି ଦେଇଛି। ହତ୍ୟା ମାମଲାକୁ ୧୩ ଦିନ ବିତି ସାରିଥିବା ବେଳେ ପୋଲିସ ରାଜ୍ୟ ବାହାରୁ ୫ ଜଣ ଅଭିଯୁକ୍ତଙ୍କୁ ଉଠାଇ ଆଣି ଏକ ଅଜଣା ସ୍ଥାନରେ ଅଟକ ରଖି ଜେରା ଜାରି ରଖିଛି। ଏଯାବତ ୧୦/୧୨ ଜଣଙ୍କୁ ଅଟକ ରଖି ମୁହାଁମୁହିଁ ଜେରା କଲାଣି ପୋଲିସ। ଏହି ଅଭିଯୁକ୍ତଙ୍କ ମଧ୍ୟରେ ସାର୍ପ ସୁଟର ଓ ଯୋଜନା ପ୍ରସ୍ତୁତକାରୀ ବ୍ୟକ୍ତି ରହିଥିବା ଶୁଣାଯାଉଛି। ପୀତବାସଙ୍କୁ ଅତି ନିକଟରୁ ଗୁଳିମାଡ଼ କରିଥିବା ଏହି ସାର୍ପ ସୁଟରଙ୍କୁ ଜେରା ବେଳେ ଯେଉଁ ସବୁ ବ୍ୟକ୍ତିଙ୍କ ନାଁ ସାମ୍ନାକୁ ଆସୁଛି ପୋଲିସ ସେମାନଙ୍କୁ ଡାକି ପଚରାଉଚରା କରୁଥିବା କୁହାଯାଉଛି।

## Business

# ପାର୍ବଣରେ ଉଲ୍ଲେଖନୀୟ କାରବାର

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ଚଳିତ ବର୍ଷ ଅତ୍ୟାବଶ୍ୟକ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ କମ୍ ଟିକସ ସାଧାରଣ ପରିବାରକୁ ଆଶ୍ୱସ୍ତି, ବଜାରକୁ ଶକ୍ତି ଦେଇଛି। ମୁଦ୍ରାସ୍ଫୀତି ଗତ ୮ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସିପିଆଇ ମୁଦ୍ରାସ୍ଫୀତି ମାତ୍ର ୧.୫୪%ରେ ପହଞ୍ଚିଥିବାବେଳେ ଖାଦ୍ୟ ମୁଦ୍ରାସ୍ଫୀତି ନକାରାତ୍ମକ (-୨.୩%) ହୋଇଛି। ଜିଏସ୍‌ଟି ହାର ହ୍ରାସ ପାଇବା ସହ ମୂଲ୍ୟ କମି କ୍ରୟ ଶକ୍ତି ବୃଦ୍ଧିପାଇଛି। ପର୍ବପର୍ବାଣି ଏବଂ ବିବାହଋତୁର କାରବାର ୭ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଜିଏସ୍‌ଟି ସଞ୍ଚୟର ଲାଭ ଉଠାଇବା ପାଇଁ ଗ୍ରାହକମାନଙ୍କ ମଧ୍ୟରେ ଆଗ୍ରହ ବଢ଼ିବାରୁ ଡିଜିଟାଲ ପେମେଣ୍ଟ ୧୦ ଗୁଣ ବୃଦ୍ଧି ପାଇ ୨୧ ସେପ୍ଟେମ୍ବରରେ ୧.୧୮ ଲକ୍ଷ କୋଟି ଟଙ୍କାରୁ ୨୨ ସେପ୍ଟେମ୍ବରରେ ୧୧.୩୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଦିଲ୍ଲୀ ଭଳି ସହରରେ ଉତ୍ସବ ବିକ୍ରୟ ୭୫,୦୦୦ କୋଟି ଟଙ୍କା ଥିବା ଆକଳନ କରାଯାଇଛି। ୨,୫୦୦ ଟଙ୍କାରୁ କମ୍ ପୋଷାକ ଉପରେ ଜିଏସ୍‌ଟି ହ୍ରାସ ପରେ ଅହମଦାବାଦର ସୂତା କପଡ଼ା ଚାହିଦା ପ୍ରାୟ ୧୦% ବୃଦ୍ଧି ପାଇଛି। ଅଟୋମୋବାଇଲ ଶିଳ୍ପ ଗତ ଦଶନ୍ଧି ମଧ୍ୟରେ ଏହାର ସର୍ବୋତ୍ତମ ନବରାତ୍ରି ପ୍ରଦର୍ଶନ କରିଛି । ମାରୁତି ସୁଜୁକିର ବିକ୍ରୟ ଗତ ବର୍ଷ ତୁଳନାରେ ଦ୍ୱିଗୁଣିତ ହୋଇଛି। ଅଷ୍ଟମୀରେ ୩୦,୦୦୦ ବାହନ ବିକ୍ରି ରେକର୍ଡ କରିଛି । ମହିନ୍ଦ୍ରାର ଏକ୍ସୟୁଭି ୭୦୦ ଏବଂ ସ୍କର୍ପିଓ ବିକ୍ରି ୬୦% ବୃଦ୍ଧି ପାଇଛି। ଟାଟା ମୋଟର୍ସ ୫୦,୦୦୦ରୁ ଅଧିକ ଯାନ ବିକ୍ରି କରିଥିବା ବେଳେ ଯେତେବେଳେ ହ୍ୟୁଣ୍ଡାଇର କ୍ରେଟା ଓ ଭେନ୍ୟୁ ବିକ୍ରି ୭୨% ପ୍ରତିଶତ ଅଂଶ ହାସଲ କରିଛି । ହିରୋ ଏବଂ ବଜାଜ ପରି ଦୁଇଚକିଆ ଯାନ କମ୍ପାନୀଗୁଡ଼ିକ ଗତ ବର୍ଷ ତୁଳନାରେ ୨ଗୁଣା ବିକ୍ରି କରିଛନ୍ତି । ଫାଡାର ତଥ୍ୟ ଅନୁସାରେ ଅଟୋମୋବାଇଲ ଶିଳ୍ପରେ ଏଥର ୩୪% ବାର୍ଷିକ ଅଭିବୃଦ୍ଧି ଦେଖିବାକୁ ମିଳିଛି। ଟିଭି, ଫ୍ରିଜ୍, ୱାଶିଂମେଶିନ ଭଳି ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବିକ୍ରି ୪୦୪୫% ବୃଦ୍ଧି ପାଇଛି । ହାୟର କମ୍ପାନୀ ଅଢ଼େଇ ଲକ୍ଷରୁ ଅଧିକ ଦାମ୍‌ର ଟିଭି ବିକ୍ରିରେ ୮୫% ଅଭିବୃଦ୍ଧି ହାସଲ କରିଛି । ରିଲାଏନ୍ସ ରିଟେଲରେ ଟିଭି ଓ ସ୍ମାର୍ଟଫୋନ୍ ବିକ୍ରି ୨୦-୨୫% ବୃଦ୍ଧି ପାଇଛି । ବିଜୟ ସେଲନ୍ସ, ଏଲ୍‌ଜି, ଗୋଦ୍‌ରେଜ୍‌ର ବିକ୍ରି ମଧ୍ୟ ଦୁଇ ଅଙ୍କ ଅଭିବୃଦ୍ଧି ହାସଲ କରିଛି । ଓଣମରୁ ନବରାତ୍ରି ପର୍ଯ୍ୟନ୍ତ ଭାରତର ପାର୍ବଣ ବିକ୍ରି ୪୦-୪୫%ରେ ପହଞ୍ଚିଛି । ଇ-କମର୍ସ ପ୍ଲାଟ୍‌ଫର୍ମରେ ମଧ୍ୟ ବିକ୍ରି ବଢ଼ିଛି । ଟିୟର ୨ ଏବଂ ଟିୟର ୩ ସହରରେ ଆମାଜନ୍ ଇଣ୍ଡିଆର ପାର୍ବଣ ଗ୍ରାହକ ସଂଖ୍ୟା ୨୭୬ କୋଟିକୁ ବୃଦ୍ଧି ପାଇଛି । ମେଟ୍ରୋ ସହର ବାହାରେ ଛୋଟ ସହରରୁ ପ୍ରାଇମ ମେମ୍ବରଶିପ ବଢ଼ିବା ସହ ୭୦% ନୂଆ ଗ୍ରାହକ ଯୋଡ଼ିହୋଇଛନ୍ତି।

## ଧନ୍‌ତେରସ୍‌ରେ ୨୫୦କୋଟିର ଅଳଙ୍କାର ବ୍ୟବସାୟ

**ଭୁବନେଶ୍ୱର,** ସୁନା ଓ ରୁପା ଦରରେ ଅହେତୁକ ବୃଦ୍ଧି କାରଣରୁ ଚଳିତ ବର୍ଷ ଧନ୍‌ତେରସ୍‌ରେ ଅଳଙ୍କାର ବ୍ୟବସାୟ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଥିଲା। ମାତ୍ର ଶନିବାର ଧନ୍‌ତେରସ୍‌ର ଉତ୍ସାହ ଏକ ପ୍ରକାର ପରିବେଶ ଓ ପରିସ୍ଥିତି ସବୁ ଦୃଷ୍ଟିକୋଣରୁ ଭଲ ରହିଛି। ଏହାର ପ୍ରଭାବ ଅଳଙ୍କାର ବ୍ୟବସାୟ ଉପରେ ପରିଲକ୍ଷିତ ହୋଇଛି। ଚଳିତ ବର୍ଷର ଧନ୍‌ତେରସ୍ ପାଇଁ ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ରହିଛି। ରାଜଧାନୀ ଭୁବନେଶ୍ୱରରୁ ଆରମ୍ଭକରି ରାଉରକେଲା ଏବଂ ବ୍ରହ୍ମପୁରରୁ ବାଲେଶ୍ୱର ଏବଂ କଟକରୁ କୋରାପୁଟ ପର୍ଯ୍ୟନ୍ତ ସବୁବର୍ଗର ଅଳଙ୍କାର ପ୍ରତିଷ୍ଠାନ ଚଳଚଞ୍ଚଳ ହୋଇଉଠିବା ସହ ରାଜ୍ୟର ସମସ୍ତ ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଓ ୩୦ ଜିଲାର ଜଣାଶୁଣା ସୁନା ଦୋକାନଗୁଡ଼ିକ ୨୫୦ କୋଟିରୁ ଅଧିକ ଟଙ୍କାର ସୁନା, ରୁପା ଓ ହୀରା ଆଦି ଅଳଙ୍କାର ବ୍ୟବସାୟ କରିଥିବା ଜଣାପଡ଼ିଛି। ଦୀପାବଳି ୨ଦିନ ମଧ୍ୟ ବ୍ୟବସାୟ ଜମିବ ବୋଲି ଅଳଙ୍କାର ବ୍ୟବସାୟୀମାନେ ଆଶା ରଖିଛନ୍ତି।

# ପାର୍ବତୀ ହିରୋର ଅତ୍ୟାଧୁନିକ ସର୍ଭିସ୍ ସେଣ୍ଟର ଉଦ୍‌ଘାଟିତ


ପାର୍ବତୀ ହିରୋର ଅତ୍ୟାଧୁନିକ ସର୍ଭିସ୍ ସେଣ୍ଟରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଅନୁଗୋଳ,୧୮।୧୦(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସହରରେ ଥିବା ପାର୍ବତୀ ହିରୋର ଅତ୍ୟାଧୁନିକ ସର୍ଭିସ୍ ସେଣ୍ଟର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ହିରୋ କମ୍ପାନୀର ଓଡ଼ିଶା ମୁଖ୍ୟ ନୀତୀଶ କୁମାର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅତ୍ୟାଧୁନିକ ସର୍ଭିସ୍ ସେଣ୍ଟରରେ ଇଭି ତଥା ପ୍ରିମିୟମ ଗାଡ଼ିର ସର୍ଭିସିଂ ସୁବିଧା ଓ ଗ୍ରାହକମାନଙ୍କ ପାଇଁ ନୂତନ ପ୍ରତୀକ୍ଷା ଗୃହ ତଥା କ୍ୟାଫେଟେରିଆ ରହିଛି। ଏହି ଅବସରରେ ପାର୍ବତୀ ହିରୋର ସ୍ୱତ୍ୱାଧିକାରୀ ଅଶୋକ ମାଣ୍ଡୋଠିଆ ଏବଂ ଅନେକ ଗ୍ରାହକ ଉପସ୍ଥିତ ଥିଲେ। ଏଠାକୁ ଆସୁଥିବା ଗ୍ରାହକଙ୍କ ପାଇଁ ଏହା ଅଧିକ ସୁବିଧା ଯୋଗାଇବ ବୋଲି ପାର୍ବତୀ ହିରୋ ପକ୍ଷରୁ ସୂଚନା ଦିଆଯାଇଛି।

# ରାଉରକେଲାରେ ବିଗ୍ ବାସ୍କେଟ ୧୦ ମିନିଟ୍ ଡେଲିଭରି ସେବା




ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ଟାଟା ଏଣ୍ଟରପ୍ରାଇଜ, ବିଗ୍ ବାସ୍କେଟ, ରାଉରକେଲାରେ ଏହାର ଦ୍ରୁତ ଡେଲିଭରି ସେବା ଆରମ୍ଭ କରିଛି। ବିଗ୍ ବାସ୍କେଟ ରାଉରକେଲା ବାସିନ୍ଦାଙ୍କୁ ୧୦,୦୦୦ରୁ ଅଧିକ ଉତ୍ପାଦର ବିବିଧ ଚୟନ ପ୍ରଦାନକରେ, ଯେଉଁଥିରେ ତାଜା ଉତ୍ପାଦ, ଇଲେକ୍ଟ୍ରୋନିକ୍ସ ଏବଂ ବ୍ୟକ୍ତିଗତ ଯତ୍ନ ଆବଶ୍ୟକ ସାମଗ୍ରୀ ଅନ୍ତର୍ଭୁକ୍ତ, ଯାହା ସମସ୍ତ ଏକ ପ୍ରଭାବଶାଳୀ ୧୦ ମିନିଟ୍ ମଧ୍ୟରେ ବିତରଣ କରାଯାଏ। ଏହି ସେବା ସୁବିଧାକୁ ପୁନଃ ପରିଭାଷିତ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ଗ୍ରାହକମାନଙ୍କୁ ଅଭୂତପୂର୍ବ ଗତିରେ ସେମାନଙ୍କ ଘରୁ ଆରାମରେ କିଣାକିଣି କରିବାକୁ ସକ୍ଷମ କରିଥାଏ। ବିଗ୍ ବାସ୍କେଟ୍‌ର ଜାତୀୟ ବ୍ୟବସାୟ ମୁଖ୍ୟ - ଟିୟର ୨, ଶଶିଶେଖର କହିଛନ୍ତି, 'ଆମେ ରାଉରକେଲାରେ ବିଗ୍ ବାସ୍କେଟକୁ ପରିଚିତ କରାଇ ଆନନ୍ଦିତ। ଆମର ସାମ୍ପ୍ରତିକ ସମ୍ପ୍ରସାରଣ ଏକ ଗୁରୁତ୍ୱପୂର୍ଣ୍ଣ ସକାରାତ୍ମକ ପ୍ରତିକ୍ରିୟା ଦେଖାଇଛି ଏବଂ ଆମେ ନିଶ୍ଚିତ ଯେ ରାଉରକେଲାର ବାସିନ୍ଦାମାନେ ସମାନ ଭାବରେ ୧୦ ମିନିଟ୍ ଡେଲିଭରିର ସୁବିଧାରୁ ଲାଭ ପାଇବେ ଏବଂ ଏହାର ପ୍ରଶଂସା କରିବେ। ଏହି ସେବା ଆଜିର ଦ୍ରୁତଗତି ଜୀବନଶୈଳୀର ବିକଶିତ ଆବଶ୍ୟକତା ପୂରଣକରି ଗ୍ରାହକ ସନ୍ତୁଷ୍ଟି ବୃଦ୍ଧିକରିବା ପାଇଁ ଆମର ପ୍ରତିବଦ୍ଧତାକୁ ସ୍ପଷ୍ଟକରେ। ୧୦ ମିନିଟ୍ ଡେଲିଭରି ସେବା ପ୍ରଚଳନ ସହ ବିଗ୍ ବାସ୍କେଟ ଦ୍ରୁତ, ନିର୍ଭରଯୋଗ୍ୟ ଏବଂ ବିବିଧ ଡେଲିଭରି ସେବା ପ୍ରଦାନକରି ରାଉରକେଲାରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିଚାଲିଛି।

# ଭିନଫାଷ୍ଟ ଲଗଜରୀ କାର ବିକ୍ରୟ ଓ ଡେଲିଭରୀ ଆରମ୍ଭ

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠ ପାହାଲସ୍ଥିତ ଏଏମ୍‌ପି ଗ୍ରୁପ୍ ଦ୍ୱାରା ପରିଚାଳିତ ଭିନ୍‌ଫାଷ୍ଟ ଇଣ୍ଡିଆ ଲଗ୍‌ଜୁରି କାର୍ ବିକ୍ରୟ କ୍ଷେତ୍ରରେ ନୂଆ ପ୍ରବେଶ କରିଛି। ଅଟୋମୋବାଇଲ ବଜାରରେ ନୂଆ ହେଲେ ମଧ୍ୟ ଏଏମ୍‌ପି ଗ୍ରୁପ୍ ୪୦ରୁ ଅଧିକ ବୁକିଂ ସହ ସଫଳତାର ସହିତ ଆଗେଇ ଚାଲିଛି। ଧନ୍‌ତେରସ୍ ଅବସରରେ ଭିନ୍‌ଫାଷ୍ଟ ଶୋ'ରୁମ୍‌ରେ ୫ଟି ଲଗ୍‌ଜୁରି କାର୍ ଡେଲିଭରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏଏମ୍‌ପି ଗ୍ରୁପ୍‌ର ଏମ୍‌ଡି ଅର୍ଣ୍ଣବ ପ୍ରଧାନ, ଜେନେରାଲ ମ୍ୟାନେଜର(ସେଲ୍‌ସ) ସୁସ୍ମିତା ପଟ୍ଟନାୟକ, ଭିନ୍‌ଫାଷ୍ଟ ଇଣ୍ଡିଆର ଏଚ୍‌ଆର୍ ମ୍ୟାନେଜର ଲିଜା ସିଂହ ଓ ଟିମ୍ ଲିଡର ଅରିଜିତ୍ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ଭିନ୍‌ଫାଷ୍ଟ ଇଣ୍ଡିଆ ପକ୍ଷରୁ ବଜାର ପ୍ରବେଶ ହୋଇଥିବା ଇଲେକ୍ଟ୍ରିକ୍ ଏସ୍‌ୟୁଭି, ଭିଏଫ୍୬ ଓ ଭିଏଫ୍୭ ଅତ୍ୟାଧୁନିକ ପ୍ରଯୁକ୍ତି, ଆରାମ ଓ ସୁରକ୍ଷା ସହ ଉଚ୍ଚ କାର୍ଯ୍ୟଦକ୍ଷତା ପ୍ରଦାନ କରୁଛି। କମ୍ପାକ୍ଟ ଇଲେକ୍ଟ୍ରିକ୍ ଏସ୍‌ୟୁଭି ଭିଏଫ୍ ୬ ହେଉଛି ଏକ ୫ ଆସନ ବିଶିଷ୍ଟ ସ୍ପୋର୍ଟି ଇଲେକ୍ଟ୍ରିକ୍ ଏସ୍‌ୟୁଭି ।




ଏହା ଦୁଇଟି ଭାରିଆଣ୍ଟରେ ଉପଲବ୍ଧ।। ୫୯.୬ କିଲୋୱାଟ ବ୍ୟାଟେରି ସହ ୧୦୦ କିଲୋୱାଟ ଡିସି ଚାର୍ଜିଂ (୧୦-୭୦% ୨୫ ମିନିଟ୍‌ରେ) ସୁବିଧା ରହିଛି। ଏହାର ଭିତରେ ଭେଗାନ ଲେଦର ସିଟ୍, ଭେଣ୍ଟିଲେଟେଡ୍ ସିଟ୍, କଲର ହେଡ୍-ଅପ୍ ଡିସ୍‌ପ୍ଲେ, ଡୁଆଲ-ଜୋନ୍ ଏସି, ଲେଭେଲ ୨ ଏଡାସ (ଆଡାପ୍ଟିଭ କ୍ରୁଜ୍, ଲେନ୍ କିପ୍) ଓ ୪୨୩ ଲିଟର ବୁଟ୍ ସ୍ପେସ୍ ରହିଛି। ଅନ୍ୟାନ୍ୟ ବୈଶିଷ୍ଟ୍ୟ ମଧ୍ୟରେ ପାନୋରାମିକ୍ ଗ୍ଲାସ୍ ରୁଫ୍ ଓ ଓଟିଏ ଅପ୍‌ଡେଟ୍ ରହିଛି। ମୂଲ୍ୟ ଆରମ୍ଭ ପ୍ରାୟ ୧୬.୫ ଲକ୍ଷ ଟଙ୍କା। ସେହିପରି ପ୍ରିମିୟମ ମିଡ୍-ସାଇଜ ଇଲେକ୍ଟ୍ରିକ୍ ଏସ୍‌ୟୁଭି ଭିଏଫ୍୭ ହେଉଛି ଏକ ବୃହତ୍ ଓ ଆକର୍ଷଣୀୟ ଏସ୍‌ୟୁଭି ଯାହା ୫ ସିଟ୍ ସହ ୫୩୭ ଲିଟର ବୁଟ୍ ସ୍ପେସ୍ ପ୍ରଦାନକରେ। ଏହା ତିନୋଟି ଭାରିଆଣ୍ଟରେ ଉପଲବ୍ଧ। କିଲୋୱାଟ୍ ବ୍ୟାଟେରି ସହ ୧୧୦ କିଲୋୱାଟ୍ ଡିସି ଚାର୍ଜିଂ (୧୦-୭୦% ୨୮ ମିନିଟ୍‌ରେ) ସୁବିଧା ରହିଛି। ଏହାର ଭିତରେ ପ୍ରଶସ୍ତ ଭେଗାନ ଲେଦର ସିଟ୍, ଲେଭେଲ ୨ ଆଡାସ, ହେଡ୍-ଅପ୍ ଡିସ୍‌ପ୍ଲେ, ଡୁଆଲ-ଜୋନ୍ ଏସି ଓ ପାନୋରାମିକ୍ ରୁଫ୍ ସହ ପ୍ରାୟ ୨୦.୯ ଲକ୍ଷ ଟଙ୍କା ପ୍ରାରମ୍ଭିକ ମୂଲ୍ୟ ରହିଛି।

# ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ତ୍ରୈମାସିକର ଆର୍ଥିକ ଫଳାଫଳ

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ୨୦୨୫-୨୬ ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ତ୍ରୈମାସିକରେ ଜିଓ ପ୍ଲାଟ୍‌ଫର୍ମସର ସମନ୍ୱିତ ନେଟ୍ ଲାଭରେ ବାର୍ଷିକ ୧୨.୮% ବୃଦ୍ଧିପାଇ ୭,୩୭୯ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। ସେପ୍ଟେମ୍ବର ଶେଷ ସୁଦ୍ଧା ଜିଓର ମୋଟ ଗ୍ରାହକ ସଂଖ୍ୟା ୫୦ କୋଟି ଅତିକ୍ରମକରି ୫୦ କୋଟି ୬୪ ଲକ୍ଷରେ ପହଞ୍ଚିଛି। ଜିଓ ପ୍ଲାଟ୍‌ଫର୍ମସର ପରିଚାଳନାରୁ ରାଜସ୍ୱ ସେପ୍ଟେମ୍ବର ତ୍ରୈମାସିକରେ ୧୪.୬% ବୃଦ୍ଧି ପାଇ ୩୬,୩୩୨ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ସମାନ ଅବଧିରେ ୩୧,୭୦୯ କୋଟି ଟଙ୍କା ଥିଲା। ଏହି ତ୍ରୈମାସିକରେ ଜିଓର ଫିକ୍ସଡ୍ ବ୍ରଡ୍‌ବ୍ୟାଣ୍ଡ ସେବାରେ ପ୍ରତି ମାସରେ ୧୦ ଲକ୍ଷ ଘର ଓ ପରିସରକୁ ବ୍ରଡ୍‌ବ୍ୟାଣ୍ଡ ସହ ସଂଯୁକ୍ତ କରାଯାଇଛି। ଏଥିସହ ସାରା ଦେଶରେ ୨ କୋଟି ୩୦ ଲକ୍ଷ ପରିସର ଜିଓ ଫିକ୍ସଡ୍ ବ୍ରଡ୍‌ବ୍ୟାଣ୍ଡ ସହ ଯୋଡ଼ିହୋଇଛନ୍ତି। ଜିଓ ଏୟାରଫାଇବର ବିଶ୍ୱର ସର୍ବବୃହତ୍ ହୋଇଛି ଏବଂ ଏହାର ଉପଭୋକ୍ତା ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇ ୯୫ ଲକ୍ଷରେ ପହଞ୍ଚିଛି। ଜିଓର ଉପଭୋକ୍ତା ପିଛା ହାରାହାରି ମାସିକ ରାଜସ୍ୱରେ ବୃଦ୍ଧି ହେବା ସହ ଏହା ୨୧୧.୪ ଟଙ୍କାରେ ପହଞ୍ଚିଛି। ସେହିଭଳି ଜିଓ ଏଆଇ କ୍ଲାଉଡ୍‌ରେ ପଞ୍ଜୀକୃତ ବ୍ୟବହାରକାରୀ ସଂଖ୍ୟା ଏବେ ୪ କୋଟି ୨୦ ଲକ୍ଷ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି । ଡିଜିଟାଲ ସେବାରେ ନିଜର ୧ ନମ୍ବର ସ୍ଥାନ ବଜାୟ ରଖିଥିବା ଜିଓ ନେଟ୍‌ୱର୍କରେ ଗ୍ରାହକ ପିଛା ପ୍ରତିମାସ ଡାଟା ବ୍ୟବହାର ୩୮.୭ ଜିବିକୁ ବୃଦ୍ଧି ପାଇଛି ଏବଂ ଏହି ତ୍ରୈମାସିକରେ ଜିଓ ନେଟ୍‌ୱର୍କରେ ମୋଟ ଡାଟା ବ୍ୟବହାର ୨୯.୮% ବୃଦ୍ଧି ପାଇ ୫୮.୪ ବିଲିୟନ ଜିବି ହୋଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଫଳାଫଳ ଅନୁଯାୟୀ କମ୍ପାନୀର ନେଟ୍ ଲାଭ ଗତ ବର୍ଷ ସମାନ ଅବଧି ତୁଳନାରେ ୧୪.୩% ଅଧିକ ରହିଛି ଏବଂ ୨୨୦୯୨ କୋଟି ଟଙ୍କାରେ ପହଞ୍ଚିଛି। ଏହି ତ୍ରୈମାସିକରେ କମ୍ପାନୀର ମୋଟ ରାଜସ୍ୱ ଗତବର୍ଷ ସମାନ ସମୟ ତୁଳନାରେ ୯.୯% ବୃଦ୍ଧି ପାଇ ୨୮୩୫୪୮ କୋଟି ଟଙ୍କା ହୋଇଛି। ରିଲାଏନ୍ସ ରିଟେଲ ଦ୍ୱିତୀୟ ତ୍ରୈମାସିକରେ ମୋଟ ରାଜସ୍ୱ ଗତ ବର୍ଷ ତୁଳନାରେ ୧୮% ବୃଦ୍ଧି ପାଇ ୯୦୦୧୮ କୋଟି ଟଙ୍କା ରହିଛି। ଏହି ତ୍ରୈମାସିକରେ ରିଲାଏନ୍ସ ରିଟେଲ ୪୧୨ ନୂଆ ଷ୍ଟୋର ଖୋଲିବା ସହ ଦେଶରେ ମୋଟ ଷ୍ଟୋର ସଂଖ୍ୟା ୧୯୮୨୧ ରେ ପହଞ୍ଚିଛି ।

## ସଂକ୍ଷେପରେ

### ଟ୍ରମ୍ପ୍ ପୁଣି ଦୋହରାଇଲେ, ରୁଷିଆରୁ ତେଲ କିଣିବନି ଭାରତ

ୱାଶିଂଟନ,୧୮।୧୦

ରୁଷିଆରୁ ଭାରତ ଆଉ ତେଲ କିଣିବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୁଣିଥରେ ଦୋହରାଇଛନ୍ତି। ସେ କହିଛନ୍ତି ନୂଆଦିଲ୍ଲୀ ମସ୍କୋରୁ ତେଲ କିଣିବା କମାଇଦେଇଛି ଏବଂ ଖୁବ୍‌ଶୀଘ୍ର କିଣା ବନ୍ଦ କରିବାକୁ ଯାଉଛି। ଶୁକ୍ରବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ଅବସରରେ ଟ୍ରମ୍ପ୍ ଗଣମାଧ୍ୟମକୁ ଏହା କହିଛନ୍ତି। ଭାରତ ରୁଷିଆରୁ ଯେତିକି ତେଲ କିଣୁଥିଲା ଏବେ ତା'ର ୩୮ ପ୍ରତିଶତ ନେଉଛି। ସେମାନେ ଆଉ କିଣିବେ ନାହିଁ ବୋଲି ଗଣମାଧ୍ୟମର ଏକ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ୍ କହିଥିଲେ। ସୂଚନାଯୋଗ୍ୟ, ରୁଷିଆରୁ ଅଶୋଧିତ ତୈଳ କିଣିବା ବନ୍ଦ କରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ୍ ୨ ଦିନ ପୂର୍ବରୁ କହିଥିବାବେଳେ ନୂଆଦିଲ୍ଲୀ ଏହାକୁ ଖଣ୍ଡନ କରିଥିଲା। ବଜାର ସ୍ଥିତିକୁ ଦୃଷ୍ଟିରେ ରଖି ତୈଳ କ୍ରୟ ଜାରି ରହିବ ବୋଲି ଭାରତ କହିଥିଲା।

### ପାକିସ୍ତାନୀ ଅପରେଟିଭ୍‌ଙ୍କୁ ସହାୟତା କରୁଥିବା ଭାରତୀୟ ଗିରଫ

ନୂଆଦିଲ୍ଲୀ,୧୮।୧୦(ପି.ଟି.)

ପାକିସ୍ତାନର ଜଣେ ଅପରେଟିଭ୍‌ଙ୍କୁ ବେଆଇନ ବାଂଲାଦେଶୀ ନାଗରିକ ଭାବେ ପାସ୍‌ପୋର୍ଟ ପାଇବାରେ ସହାୟତା କରୁଥିବା ପଶ୍ଚିମବଙ୍ଗର ଜଣେ ବ୍ୟକ୍ତିଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିଛି। ପ୍ରାୟ ୨୫୦ଟି ଘଟଣାରେ ଏଭଳି ବେଆଇନ କାର୍ଯ୍ୟ ହୋଇଥିବା ଜଣାପଡ଼ିଛି। କୋଲକାତାସ୍ଥିତ ଇଡି କାର୍ଯ୍ୟାଳୟର ଅଧିକାରୀମାନେ ଗତ ୧୩ ତାରିଖରେ ଇନ୍ଦୁଭୂଷଣ ହାଲ୍‌ଦାର ଓରଫ ଦୁଲ୍ଲାଲଙ୍କୁ ଗିରଫ କରିଥିଲେ। ହାଲ୍‌ଦାରଙ୍କ ଘର ଭାରତ-ବାଂଲାଦେଶ ସୀମା ନିକଟବର୍ତ୍ତୀ ନଦିଆ ଜିଲାର ଚକଡାହ ଗ୍ରାମରେ। ପାକିସ୍ତାନୀ ନାଗରିକ ଆଜାଦ ହୁସେନ୍ ଓରଫ ଆଜାଦ ମଲ୍ଲିକ୍ ବା ଅହମଦ ହୋସେନ୍ ଆଜାଦ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ। ଗତ ଏପ୍ରିଲରେ ଇଡି ତାଙ୍କୁ ଗିରଫ କରିଥିବାବେଳେ ଏବେ ସେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଆଜାଦ ହୁସେନ୍ ଭାରତରେ ଆଜାଦ ମଲ୍ଲିକ୍ ପରିଚୟରେ ରହି ବାଂଲାଦେଶରୁ ବେଆଇନ ଆପ୍ରବାସନ ପାଇଁ ଜାଲିଆତି କରି ଭାରତୀୟ ପରିଚୟ କାଗଜପତ୍ର ସଂଗ୍ରହ କରିବାରେ ନିୟୋଜିତ ଥିଲେ ବୋଲି ଇଡି କହିଛି।

### ଏମ୍‌ପିଙ୍କୁ ଆବଣ୍ଟିତ ବ୍ରହ୍ମପୁତ୍ର ଆପାର୍ଟମେଣ୍ଟରେ ନିଆଁ

ନୂଆଦିଲ୍ଲୀ, ୧୮।୧୦

ଦିଲ୍ଲୀର ବି.ଡି. ମାର୍ଗସ୍ଥିତ ବ୍ରହ୍ମପୁତ୍ର ଆପାର୍ଟମେଣ୍ଟରେ ଶନିବାର ନିଆଁ ଲାଗିଯାଇଥିଲା। ଏହି ଆପାର୍ଟମେଣ୍ଟରେ ରାଜ୍ୟ ସଭା ସଦସ୍ୟମାନଙ୍କୁ ଫ୍ଲାଟ୍ ଆବଣ୍ଟିତ ହୋଇଛି। ସୂଚନା ପାଇ ତୁରନ୍ତ ପୋଲିସ ଓ ଅଗ୍ନିଶମବାହିନୀର ୬ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ଅନେକ ଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଅଗ୍ନିକାଣ୍ଡରେ କେହି ଆହତ ହୋଇନାହାନ୍ତି, କେବଳ କିଛି ଆସବାବପତ୍ର ନଷ୍ଟ ହୋଇଥିବା ନୂଆଦିଲ୍ଲୀ ଡିସିପି ଦେବେଶ ମହଲା କହିଛନ୍ତି। ପ୍ରକାଶ ଯେ, ବ୍ରହ୍ମପତ୍ର ଆପାର୍ଟମେଣ୍ଟର ପ୍ରଥମ ୩ ମହଲାରେ ସର୍ଭ୍ୟାଣ୍ଟ କ୍ୱାର୍ଟର୍ସ ରହିଛି ଏବଂ ଏହା ଉପର ୫ ମହଲାରେ ରାଜ୍ୟ ସଭା ସଦସ୍ୟଙ୍କୁ ଫ୍ଲାଟ୍ ଆବଣ୍ଟିତ ହୋଇଛି। ଏହି ଆପାର୍ଟମେଣ୍ଟ ସଂସଦ ଭବନଠାରୁ ୨୦୦ ମିଟର ଦୂରରେ ଅବସ୍ଥିତ।

### ମୋଜାମ୍ବିକ୍‌ରେ ବୋଟ୍ ଦୁର୍ଘଟଣା: ୩ ଭାରତୀୟ ମୃତ

ନୂଆଦିଲ୍ଲୀ,୧୮।୧୦

ମୋଜାମ୍ବିକ୍‌ର ବେଇରା ଉପକୂଳରେ ଏକ ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୩ ଭାରତୀୟଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ଆହତ ହୋଇଛନ୍ତି। ଅନ୍ୟ ୫ ଜଣଙ୍କୁ ଉଦ୍ଧାର କରାଯାଇଥିବା ଭାରତୀୟ ଉଚ୍ଚାୟୁକ୍ତ ଶନିବାର ସ୍ପଷ୍ଟ କରିଛନ୍ତି। ଗତ ଗୁରୁବାର ଏକ ଟ୍ୟାଙ୍କର୍‌ର କର୍ମଚାରୀମାନଙ୍କୁ ବୋଟ୍ ଯୋଗେ ଅନ୍ୟତ୍ର ନିଆଯାଉଥିବାବେଳେ ଏହା ଓଲଟିପଡ଼ିଥିଲା। ବୋଟ୍‌ରେ ୧୪ ଜଣ ଭାରତୀୟ ଥିଲେ। ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିନାହିଁ।



ଢାକାସ୍ଥିତ ହଜରତ ଶାହଜଲାଲ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ଜଳୁଛି।

## ଢାକା ବିମାନବନ୍ଦରରେ ନିଆଁ

### ବିମାନ ଚଳାଚଳ ସ୍ଥଗିତ

ଢାକା,୧୮।୧୦(ପି.ଟି.)

ବାଂଲାଦେଶ ରାଜଧାନୀ ଢାକାସ୍ଥିତ ଅନ୍ତର୍ଜାତୀୟ ବିମାନବନ୍ଦରରେ ଶନିବାର ଅପରାହ୍ନରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ସମ୍ପୂର୍ଣ୍ଣ ଅଞ୍ଚଳକୁ ଘନ କଳାଧୂଆଁ ଘୋଡ଼ାଇ ରଖିଥିବାବେଳେ ସମସ୍ତ ବିମାନ ଚଳାଚଳକୁ ସ୍ଥଗିତ ରଖାଯାଇଛି। ତେବେ ଅଗ୍ନିକାଣ୍ଡଜନିତ ମୃତାହତଙ୍କ ସମ୍ପର୍କରେ କୌଣସି ଖବର ମିଳିନାହିଁ।

ବାଂଲାଦେଶ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ସିଏଏବି)ଙ୍କ କହିବା ଅନୁଯାୟୀ, ଅପରାହ୍ନ ପ୍ରାୟ ୨ଟା ୧୫ ମିନିଟ୍‌ରେ ହଜରତ ଶାହଜଲାଲ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ନିଆଁ ଲାଗିଥିଲା। ନିଆଁ ଲିଭାଇବା କାର୍ଯ୍ୟରେ ୩୬ ଫାୟାରଫାଇଟିଂ ୟୁନିଟ୍ ଓ ଅତିରିକ୍ତ ଟିମ୍‌କୁ ନିୟୋଜିତ କରାଯାଇଥିଲା। ଢାକାରେ ଅବତରଣ କରିବାକୁ ଥିବା ଅନ୍ୟୂନ ୯ଟି ବିମାନକୁ ଚଟ୍ଟୋଗ୍ରାମର ଶାହ ଅମାନତ ଏୟାରପୋର୍ଟ ଏବଂ ସିଲହେଟ୍‌ର ଓସ୍‌ମାନି ଏୟାରପୋର୍ଟକୁ ପଠାଯାଇଛି। କାର୍ଗୋ ଜୋନ୍‌ରେ ରାସାୟନିକ ପଦାର୍ଥ ଗଚ୍ଛିତ ଥିବାରୁ ନିଆଁ ଲିଭାଇବାରେ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ନିଆଁଲିଭା ଓ ଉଦ୍ଧାର କାର୍ଯ୍ୟରେ ୩ ସେନାର ଯବାନ ସାମିଲ ହୋଇଛନ୍ତି।

## ଆଫଗାନିସ୍ତାନରେ ପାକିସ୍ତାନର ଆକ୍ରମଣ
# ୩ କ୍ରିକେଟରଙ୍କ ସମେତ ୮ ମୃତ

ଇସ୍‌ଲାମାବାଦ/କାବୁଲ,୧୮।୧୦

ଆଫଗାନିସ୍ତାନର ସୀମାନ୍ତ ପାକ୍‌ଟିକା ପ୍ରଦେଶରେ ପାକିସ୍ତାନୀ ସେନାର ଏୟାରଷ୍ଟ୍ରାଇକ୍ ଯୋଗୁ ୩ ଆଫଗାନ କ୍ରିକେଟରଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ କ୍ରିକେଟରମାନେ ଉର୍ଗୁନ୍‌ରୁ ପାକ୍‌ଟିକା ପ୍ରଦେଶର ଶାରନାକୁ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାକୁ ଯାଉଥିଲେ ବୋଲି ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) କହିଛି। ମୃତ ୩ କ୍ରିକେଟର ହେଲେ କବୀର, ସିବଘାତୁଲ୍ଲାହ ଏବଂ ହାରୁନ୍। ଏହି ଆକ୍ରମଣରେ ଅନ୍ୟ ୫ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଛି। ପାକିସ୍ତାନର ଏହା ଏକ ଭୀରୁତାପୂର୍ଣ୍ଣ ଆକ୍ରମଣ ବୋଲି ଏସିବି କହିଛି। ଆକ୍ରମଣ ପରେ ଆଫଗାନିସ୍ତାନ ଆସନ୍ତା ମାସରେ



ସିବଘାତୁଲ୍ଲାହ, ହାରୁନ୍ ଏବଂ କବୀର।

ପାକିସ୍ତାନ ଓ ଶ୍ରୀଲଙ୍କା ସହ ହେବାକୁ ଥିବା ତ୍ରିରାଷ୍ଟ୍ରୀୟ ସିରିଜ୍‌ରୁ ଓହରିଯାଇଛି।

ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ୨ ଦିନର ଅସ୍ତ୍ରବିରତିକୁ ବଢ଼ାଇବା ପାଇଁ ଉଭୟ ଦେଶ ରାଜି ହେବାର କିଛି ସମୟ ପରେ ଶୁକ୍ରବାର ରାତିରେ ଇସ୍‌ଲାମାବାଦ ପୁନର୍ବାର ଆକ୍ରମଣ କରିଥିଲା। ସ୍ଥାୟୀ ଅସ୍ତ୍ରବିରତି ପାଇଁ ଆଗକୁ ଦୋହାରେ ଆଲୋଚନା ହେବାକୁ ଥିବାବେଳେ ଏହା ପୂର୍ବରୁ ସୀମାନ୍ତ ଅଞ୍ଚଳରେ ପାକିସ୍ତାନର ଆକ୍ରମଣ ଉକ୍ତ ଆଲୋଚନାକୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି। ପାକ୍ ସେନା ପକ୍ଷରୁ ଏନେଇ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। ଶୁକ୍ରବାର ମୀର୍ ଅଲିସ୍ଥିତ ଖଦ୍ଦିଫୋର୍ଟରେ ଆକ୍ରମଣ ପାଇଁ ତେହରିକ୍-ଇ-ତାଲିବାନ୍ ପାକିସ୍ତାନ୍ (ଟିଟିପି)ର ହଫିଜ୍ ଗୁଲ୍ ବାହାଦୁର ନିଜକୁ ଦାୟୀ କରିଛି।

ଦୋହାରେ ଆଫଗାନିସ୍ତାନର ତାଲିବାନ୍ ପ୍ରତିନିଧିଙ୍କ ସହ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଲୋଚନା କରିବେ ବୋଲି ଇସ୍‌ଲାମାବାଦ ଶନିବାର ସ୍ପଷ୍ଟ କରିଛି। ୨ ଦେଶ ମଧ୍ୟରେ ସୀମା ଉତ୍ତେଜନା ବଢ଼ିଚାଲିଥିବାବେଳେ କାତାର ସେମାନଙ୍କ ମଧ୍ୟରେ ବୈଠକର ଆୟୋଜନ କରିଛି।

## ନୀରବ ଶୋଭାଯାତ୍ରା ପୂର୍ବରୁ କାର୍‌ଗିଲରେ ଲାଗିଲା କଟକଣା

ଶ୍ରୀନଗର,୧୮।୧୦

ସେପ୍ଟେମ୍ବର ୨୪ ହିଂସାକାଣ୍ଡର ପ୍ରତିବାଦରେ ଲେହ ଆପେକ୍ସ ବଡ଼ି ଏବଂ କାର୍‌ଗିଲ ଡେମୋକ୍ରାଟିକ୍ ଆଲିଆନ୍ସ ପକ୍ଷରୁ ମିଳିତ ଭାବେ ଶନିବାର ଶାନ୍ତିପୂର୍ଣ୍ଣ ନୀରବ ଶୋଭାଯାତ୍ରା ଏବଂ ବ୍ଲାକ୍‌ଆଉଟ୍ ଡାକରା ଦିଆଯାଇଥିବାବେଳେ ଏହାକୁ ଭଣ୍ଡୁର କରିବା ପାଇଁ ଲଦାଖ ପ୍ରଶାସନ କାର୍‌ଗିଲ ଜିଲାରେ ବିଏନ୍‌ଏସ୍‌ଏସ୍‌ର ଧାରା ୧୬୩ ଅନୁଯାୟୀ କଟକଣା ଲଗାଇଛି। ପୂର୍ବରୁ ଲେହ ଜିଲାରେ ଏହି କଟକଣା ଲାଗୁ ହୋଇଛି। କାର୍‌ଗିଲ ସହର ପରିସରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସମ୍ଭାବନା ଥିବା ନେଇ କାର୍ଗିଲ ଏସ୍‌ଏସ୍‌ପି ରିପୋର୍ଟ ଦେବା ପରେ କାର୍ଗିଲ ଜିଲାପାଳ ରାକେଶ କୁମାର କଟକଣା ଲଗାଇଛନ୍ତି। ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ପ୍ରାକ୍ ଅନୁମତି ବିନା ଶୋଭାଯାତ୍ରା, ରାଲି ଆଦିକୁ ନିଷେଧ କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ଡାକବାଜି ଯନ୍ତ୍ର କିମ୍ବା ଗାଡ଼ି ଉପରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ବ୍ୟବସ୍ଥା ଉପରେ ନିଷେଧାଦେଶ ଲାଗିଛି। ୫ କିମ୍ବା ତଦୂର୍ଦ୍ଧ୍ୱ ଲୋକ ଏକାଠି ହେବ ଉପରେ କଟକଣା ଲାଗିଛି। ସୂଚନାଯୋଗ୍ୟ, ଲଦାଖକୁ ରାଜ୍ୟ ମାନ୍ୟତା ଏବଂ ଷଷ୍ଠ ପରିଚ୍ଛେଦ ଲାଗୁ ଦାବିରେ ସେପ୍ଟେମ୍ବର ୨୪ରେ ଲେହରେ ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟି ୪ ଜଣଙ୍କ ମୃତ୍ୟୁ ହେବା ସହ ୮୦ ଆହତ ହୋଇଥିଲେ। ଏହାର ପ୍ରତିବାଦରେ ଶନିବାର ଲଦାଖରେ ୨ ଘଣ୍ଟା ନୀରବ ଶୋଭାଯାତ୍ରା ଓ ୩ ଘଣ୍ଟା ବ୍ଲାକ୍‌ଆଉଟ୍ ଡାକରା ଦିଆଯାଇଥିଲା।

## ଡାକ୍ତର ସାଜିଲେ ନିଲମ୍ବିତ ସ୍କୁଲ ପିଅନ

### ବେଆଇନ ଲିଙ୍ଗ ନିରୂପଣ କରି ଗିରଫ

ମୋରେନା (ମଧ୍ୟପ୍ରଦେଶ) ,୧୮।୧୦

ମଧ୍ୟପ୍ରଦେଶର ମୋରେନା ଜିଲାରେ ଜଣେ ନିଲମ୍ବିତ ସ୍କୁଲ ପିଅନ ସଞ୍ଜୁ ଶର୍ମା (୩୦) ଡାକ୍ତର ସାଜି ବେଆଇନ ଭାବେ ଭ୍ରୂଣର ଲିଙ୍ଗ ନିରୂପଣ କରି ଅନେକ ଲକ୍ଷ ଟଙ୍କା ରୋଜଗାର କରିଥିଲେ। ଶୁକ୍ରବାର ପୋଲିସ ମୋରେନାର ଗାଦୋରାପୁରାଳରୁ ସଞ୍ଜୁଙ୍କୁ ଗିରଫ କରିଛି। ଘଟଣାକୁ ନେଇ ଜିଲାର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପଦ୍ମେଶ ଉପାଧ୍ୟାୟ କହିଛନ୍ତି, ଜଣେ ବ୍ୟକ୍ତି ଏକ ପୋର୍ଟେବଲ ଅଲ୍‌ଟ୍ରାସାଉଣ୍ଡ ମେଶିନ ବ୍ୟବହାର କରି ଲିଙ୍ଗ ନିରୂପଣ ପାଇଁ ପରୀକ୍ଷା କରୁଥିବାର ସୂଚନା ମିଳିଥିଲା। ତାଙ୍କୁ ଧରିବା ପାଇଁ ଗ୍ୱାଲିୟର ଏବଂ ମୋରେନାର ସ୍ୱାସ୍ଥ୍ୟ ବିଭାଗର ଟିମ୍ ପୋଲିସ ସହ ମିଶି ଜାଲ ବିଛାଇଥିଲେ। ସାଦା ପୋଷାକରେ ଜଣେ ମହିଳା ପୋଲିସ ନିଜକୁ ଗର୍ଭବତୀର ପରିଚୟ ଦେଇ ସଞ୍ଜୁଙ୍କ ସହ ସମ୍ପର୍କ କରିଥିଲେ ଏବଂ ପୋଲିସ ତାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଚଢ଼ାଉ ସମୟରେ ସଞ୍ଜୁଙ୍କ ନିକଟରୁ ପୋର୍ଟେବଲ ଅଲ୍‌ଟ୍ରାସାଉଣ୍ଡ ମେଶିନ ଜବତ ହୋଇଛି। ପୋଲିସ ମାମଲା ରୁଜୁ କରି ସଞ୍ଜୁଙ୍କୁ ପଚରାଉଚରା ଜାରି ରଖିଛି। ସଞ୍ଜୁ ପୂର୍ବରୁ ବିଲଗାଁଓ ସରକାରୀ ସ୍କୁଲରେ ପିଅନ ଥିଲେ। ୨୦୨୪ ନଭେମ୍ବରରେ ବିଭିନ୍ନ ବେଆଇନ କାର୍ଯ୍ୟରେ ସାମିଲ ଥିବା ଜଣାପଡ଼ିବା ପରେ ତାଙ୍କୁ ନିଲମ୍ବିତ କରାଯାଇଥିଲା। ସ୍ଥାନୀୟ ସାମାଜିକ କର୍ମୀ ମୀନା ଶର୍ମା କହିଛନ୍ତି, ସଞ୍ଜୁ ଓ ତାଙ୍କ ସହଯୋଗୀ ୨ରୁ ୪ ହଜାର ଟଙ୍କା ନେଇ ଘରକୁ ଘର ଯାଇ ଲିଙ୍ଗ ନିରୁପଣ ପରୀକ୍ଷା କରୁଥିଲେ। ଭ୍ରୂଣ ଶିଶୁକନ୍ୟା ବାହାରିଲେ, ଗର୍ଭପାତ ପାଇଁ ସେମାନେ ଅଧିକ ଟଙ୍କା ଆଦାୟ କରୁଥିଲେ।

## ଅମୃତସର-ସହରସା ଗରିବ ରଥ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ

ଫତେଗଡ଼ ସାହିବ, ୧୮।୧୦

ପଞ୍ଜାବର ଅମୃତସରରୁ ବିହାରର ସହରସା ଯାଉଥିବା ଗରିବ ରଥ ଏକ୍ସପ୍ରେସ୍ ଟ୍ରେନ୍‌ର (ନମ୍ବର-୧୨୨୦୪)ରେ ଶନିବାର ସକାଳେ ନିଆଁ ଲାଗିଯାଇଥିଲା। ପଞ୍ଜାବର ସରହିନ୍ଦ ରେଲୱେ ଷ୍ଟେଶନ ନିକଟରେ ଟ୍ରେନ୍ ଯାଉଥିବା ସମୟରେ ସେଠାରେ ଉପସ୍ଥିତ ଯାତ୍ରୀମାନେ ଟ୍ରେନ୍‌ର ଏକ କୋଚ୍‌ରୁ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ଟ୍ରେନ୍‌ଟିକୁ ଅଟକାଇ ଦିଆଯାଇଥିଲା ଏବଂ ପୋଲିସ ଓ ରେଳ କର୍ମଚାରୀଙ୍କ ପକ୍ଷରୁ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ କରାଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି ଏବଂ ସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ପୋଲିସ କହିଛି।




ଜଣେ ମହିଳା ଯାତ୍ରୀ ଆହତ ହୋଇଛନ୍ତି ଏବଂ ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଗ୍ନିଶମବାହିନୀ ସହାୟତାରେ ଉକ୍ତ ଟ୍ରେନ୍‌ରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଥିଲା। ଟ୍ରେନ୍‌ର ସୀମିତ ଅଞ୍ଚଳରେ ନିଆଁ ଲାଗିଥିଲା, ଯାହାକୁ ଖୁବ୍‌ଶୀଘ୍ର ଲିଭାଯାଇଥିଲା ବୋଲି ଜଣେ ଅଗ୍ନିଶମ ଅଧିକାରୀ କହିଛନ୍ତି।

## ଫୁର୍‌ସତ୍

## ଦୀର୍ଘତମ ବିମାନ ଉଡ଼ାଣରେ ରେକର୍ଡ

ନ୍ୟୁୟର୍କ

ଶିଆମେନ୍ ଏୟାର ନିକଟରେ ବିଶ୍ୱର ଦୀର୍ଘତମ ଅନବରତ ଉଡ଼ାଣର ରେକର୍ଡ ହାସଲ କରିଛି। ପୂର୍ବରୁ ସିଙ୍ଗାପୁର ଏୟାରଲାଇନ୍ସ ନିକଟରେ ଏହି ରେକର୍ଡ ରହିଥିଲା। ଶିଆମେନ୍ ଏୟାରର ବିମାନ ନ୍ୟୁୟର୍କର ଜନ୍ ଏଫ୍. କେନେଡି ଅନ୍ତର୍ଜାତୀୟ ବିମାନବନ୍ଦରରୁ ଚାଇନାର ଫୁଝୋ ଚାଙ୍ଗଲେ ଅନ୍ତର୍ଜାତୀୟ ବିମାନବନ୍ଦର ପର୍ଯ୍ୟନ୍ତ ନନ୍‌ଷ୍ଟପ୍ ଉଡ଼ାଣ କରିଥିଲା। ଉଡ଼ାଣର ମୋଟ ଅବଧି ୧୯ ଘଣ୍ଟା ୨୦ ମିନିଟ୍। ଉକ୍ତ ଉଡ଼ାଣରେ ବିମାନଟି ୧୦ ହଜାର କି. ମି.ରୁ ଅଧିକ ଦୂରତା ଅତିକ୍ରମ କରୁଛି। ପୂର୍ବରୁ ଜନ୍ ଏଫ୍. କେନେଡି ଅନ୍ତର୍ଜାତୀୟ ବିମାନବନ୍ଦରରୁ ସିଙ୍ଗାପୁରର ଚାଙ୍ଗି ଏୟାରପୋର୍ଟକୁ ଯାଉଥିବା ସିଙ୍ଗାପୁର ଏୟାରଲାଇନ୍ସର ବିମାନ ନାଁରେ ସବୁଠାରୁ ଲମ୍ବା ଅନବରତ ଉଡ଼ାଣର ରେକର୍ଡ ଥିଲା। ଏଥିପାଇଁ ସିଙ୍ଗାପୁର ଏୟାରଲାଇନ୍ସର ବିମାନକୁ




୧୯ ଘଣ୍ଟା ୧୦ ମିନିଟ ସମୟ ଲାଗୁଥିଲା।

ରେକର୍ଡ ସୃଷ୍ଟିକାରୀ ନୂତନ ଉଡ଼ାଣର ରୁଟ୍ ୨୦୧୭ରୁ ୨୦୨୦ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଥିଲା। କୋଭିଡ୍ ମହାମାରୀ ସମୟରେ ଏହି ରୁଟ୍ ବନ୍ଦ ହୋଇଥିବାବେଳେ ୨୦୨୪ରେ ପୁନଃ କାର୍ଯ୍ୟକ୍ଷମ କରାଯାଇଥିଲା। ନିକଟରେ ଏହି ରୁଟ୍‌କୁ ଆନୁଷ୍ଠାନିକ ଭାବେ ବିଶ୍ୱର ସବୁଠାରୁ ଲମ୍ବା ଅନବରତ ଉଡ଼ାଣ ରୁଟ୍ ଭାବେ ଘୋଷଣା କରାଯାଇଛି। ଏହି ରୁଟ୍‌ର ମୋଟ ଦୂରତା ୭୦୭୭ ମାଇଲ୍ (ପ୍ରାୟ ୧୦,୮୦୦ କି.ମି.)। ତେବେ ଦୂରତା ଦୃଷ୍ଟିରୁ ଏହି ଉଡ଼ାଣ ସବୁଠାରୁ ଲମ୍ବା ନୁହେଁ ବରଂ ସମୟ ଦୃଷ୍ଟିରୁ ସବୁଠାରୁ ଲମ୍ବା। ଶିଆମେନ୍ ଏୟାର ରୁଷିଆର ଆକାଶମାର୍ଗ ଦେଇ ଉଡ଼ାଣ କରେ ନାହିଁ, ଫଳରେ ଏହାକୁ ଏକ ବିକଳ୍ପ ମାର୍ଗ ଦେଇ ଉଡ଼ାଣ କରିବାକୁ ପଡ଼ିଥାଏ। ଫଳରେ ବିମାନ ଯାତ୍ରାର ସମୟ ସର୍ବାଧିକ ରହିବା ସହ ଏହା ରେକର୍ଡ ସୃଷ୍ଟି କରିଛି।

ଉନ୍ନତ ପ୍ରଯୁକ୍ତି ସହ ସମ୍ପ୍ରତି ନୂତନ ବିମାନ ମଡେଲଗୁଡ଼ିକ ଅଧିକ ଇନ୍ଧନ ବହନ କରୁଥିବାରୁ ଅତ୍ୟଧିକ ଲମ୍ବା ଏବଂ ଅନବରତ ଉଡ଼ାଣକୁ ସମ୍ଭବ କରିପାରିଛି। ସମ୍ପ୍ରତି ଅନେକ ଲୋକ ଗୋଟିଏ ଥରରେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ପସନ୍ଦ କରୁଛନ୍ତି। ଫଳରେ ସାମ୍ପ୍ରତିକ ସମୟରେ ଏପରି ବିମାନ ଯାତ୍ରା ଅନେକ ଯାତ୍ରୀଙ୍କ ପାଇଁ ସୁବିଧାଜନକ ବିକଳ୍ପ ପାଲଟିଛି।

## ଐଶ୍ୱର୍ଯ୍ୟାଙ୍କ ଲୁକ୍‌କୁ ରିକ୍ରିଏଟ୍ କଲେ ଅଙ୍କିତା

ମୁମ୍ବାଇ

ମୁମ୍ବାଇର ଏକ ବିଳାସପୂର୍ଣ୍ଣ ହୋଟେଲରେ ଛୋଟ ପରଦାର ଲୋକପ୍ରିୟ ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ ଓ ତାଙ୍କ ସ୍ୱାମୀ ତଥା ବ୍ୟବସାୟୀ ଭିକି ଜୈନ ଶୁକ୍ରବାର ଏକ ଦୀପାବଳି ପାର୍ଟିର ଆୟୋଜନ କରିଥିଲେ। ଏହି ପାର୍ଟିରେ ଅଙ୍କିତାଙ୍କ ଲୁକ୍‌କୁ ସୋସିଆଲ ମିଡିଆରେ ଖୁବ୍ ପସନ୍ଦ କରାଯାଉଛି। ୧୯୯୯ରେ ରିଲିଜ୍ ହୋଇଥିବା ସୁପରହିଟ ଫିଲ୍ମ 'ହମ୍ ଦିଲ୍ ଦେ ଚୁକେ ସନମ'ର ପ୍ରସିଦ୍ଧ ଗୀତ 'ଚାନ୍ଦ ଛୁପା ବାଦଲ ମେଁ'ରେ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଆଇକନିକ୍ ଲୁକ୍‌କୁ ଅଙ୍କିତା ରିକ୍ରିଏଟ କରି ଏହି ପାର୍ଟିରେ ନଜରକୁ ଆସିଥିଲେ। ପାର୍ଟିରେ ଅଙ୍କିତା ଏକ ସୁନ୍ଦର ଗୋଲ୍ଡେନ୍ ଏମ୍ବ୍ରୋଇଡୋରି ଥିବା ଲାଭେଣ୍ଡର ଶାଢ଼ି ପିନ୍ଧିଥିଲେ। ନିଜର ଏହି ଲୁକ୍‌ର କେତେକ ଫଟୋକୁ ଅଙ୍କିତା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯାହାକୁ ତାଙ୍କ ପ୍ରଶଂସକ ଖୁବ୍ ପସନ୍ଦ କରିଛନ୍ତି। ଅଙ୍କିତାଙ୍କ ଏହି ଦୀପାବଳି ପାର୍ଟିରେ ଅନେକ ଟିଭି ଏବଂ ଫିଲ୍ମ କଳାକାର ସାମିଲ ହୋଇଥିଲେ। ଅଙ୍କିତା ଓ ଭିକି ଅତିଥିଙ୍କ ସହ ଖୁବ୍ ମସ୍ତି କରିଥିଲେ।



ଅଙ୍କିତା ଲୋଖଣ୍ଡେ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଣା ହିଡ଼ ଯେଉଁଠି ପାଣି ଗଡ଼େ ସେଇଠି ।**

ପାଣିର ଧର୍ମ ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ବହି ଚାଲିବା । ଯେଉଁଠି ଗଡ଼ାଣିଆ ବା ଖାଲିସ୍ଥାନ ରହିଥାଏ ସେହି ଆଡ଼କୁ ପାଣି ସହଜରେ ଗଡ଼ି ଆସିଥାଏ । ଅନ୍ୟ ଅର୍ଥରେ ଦୁର୍ବଳତାର ସୁଯୋଗ ନେଇ ଆଧିପତ୍ୟ ବିସ୍ତାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଁଚେଇବୁ, ମାରିବୁ ନାହିଁ ଗୋଡ଼େଇବୁ, ଧରିବୁ ନାହିଁ।**

ପିଲାଙ୍କୁ ବାରମ୍ବାର ମାଡ଼ ଦେଲେ ତାଙ୍କର ମାଡ଼ ପ୍ରତି ଆଉ ଭୟ ରହେ ନାହିଁ। ପୁଣି ଯେଉଁଠି ଧମକାଇଲେ କାମ ହୋଇଯାଉଛି, ସେଠି ମାଡ଼ ଦେବା କି ଦରକାର ? ସେହିପରି ଭୟରେ ଦୌଡ଼ୁଥିବା ଲୋକଙ୍କୁ ଧରିପକାଇଲେ ତା'ର ଭୟ ତୁଟିଯିବ। ତେଣୁ ଗୋଡ଼ାଉଥିବ, ଧରିବନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୨ ବାଇକ୍ ମୁହାଁମୁହିଁ ଧକ୍କା, ୩ ମୃତ

**କୋରୁକୋଣ୍ଡା/ମାଲକାନଗିରି,୧୮।୧୦ (ଶିବଦତ୍ତ ସାହୁ/ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅଧୀନ ଟେକଗୁଡା ଗ୍ରାମ ନିକଟ ମାଲକାନଗିରି-ବାଲିମେଳା ମୁଖ୍ୟ ରାସ୍ତାରେ ଶନିବାର ସକାଳେ ୨ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୋହନ ମାଝୀ, ଯମୁନା ସରକାର ଓ ତାଙ୍କ ସମ୍ପର୍କୀୟ ରାମକୁମାର। ଏହି ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହେଉଥିବା ଜଣାପଡ଼ିଛି।

କୋରୁକୋଣ୍ଡା ସଦର ବ୍ଲକ୍ ସୁଲିଆ କଲୋନିର ମୋହନ ମାଝୀ (୨୬) ଓ ତାଙ୍କ ସମ୍ପର୍କୀୟ ମଧୁ ଜାନୀ ଗୋଟିଏ ବାଇକ୍‌ରେ ମାଲକାନଗିରି ଅଭିମୁଖେ ଆସୁଥିଲେ। ଏହି ସମୟରେ ମାଲକାନଗିରିରୁ ବାଲିମେଳା ଅଭିମୁଖେ ଅନ୍ୟ ଏକ ବାଇକ୍‌ରେ ଏମ୍‌ଭି ୩୬ ଗ୍ରାମର ଯମୁନା ସରକାର ଓ ରାମକୁମାର ଯାଉଥିଲେ। କୋରୁକୋଣ୍ଡା ନିକଟ ଟେକଗୁଡ଼ା ଛକ ନିକଟରେ ଶନିବାର ସକାଳ ପ୍ରାୟ ୮ଟା ୩୦ରେ ଉଭୟ ବାଇକ୍ ମୁହାଁମୁହିଁ ଧକ୍କାହେବା ଫଳରେ ଘଟଣାସ୍ଥଳରେ ମୋହନଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଡକାଇ ୩ ଗୁରୁତରଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାମକୁମାର ଓ ଯମୁନାଙ୍କ ମୃତ୍ୟୁ ଘଟିଥିବା ବେଳେ ମଧୁଙ୍କ ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି। ଖବରପାଇ କୋରୋକୋଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କ ମୃତଦେହ ଜବତ କରିଛି। ଏନେଇ ପୋଲିସ ୧୬୫/୨୫ରେ ଏକ ମାମଲା ରୁଜୁକରି ବ୍ୟବଚ୍ଛେଦ ପରେ ମୋହନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ରାମକୁମାର ଓ ଯମୁନାଙ୍କ ପରିବାର ଲୋକଙ୍କ ପରିଚୟ ମିଳି ନ ଥିବାରୁ ଉକ୍ତ ୨ ମୃତଦେହକୁ ଚିକିତ୍ସାଳୟରେ ରଖାଯାଇଛି। ପରିବାର ଲୋକେ ଚିହ୍ନଟକରିବା ପରେ ପରବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି କୋରୁକୋଣ୍ଡା ଥାନା ଅଧିକାରୀ ହିମାଂଶୁ ଶେଖର ବାରିକ ସୂଚନା ଦେଇଛନ୍ତି।

# ଜଣେ ଦୁର୍ଦ୍ଦାନ୍ତ ମାଓବାଦୀ ଗିରଫ, ଅସ୍ତ୍ରଶସ୍ତ୍ର ଜବତ


ଯବାନଙ୍କ ସହ ଗିରଫ ମାଓବାଦୀ।

**ମାଲକାନଗିରି,୧୮।୧୦(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲା ପୋଲିସ ଜଣେ ଦୁର୍ଦ୍ଦାନ୍ତ ମାଓବାଦୀଙ୍କୁ ଗିରଫକରିବା ସହ ତାଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ଗିରଫ ମାଓବାଦୀ ହେଲେ ମୁଚାକୀ ବୁଦ୍ରା ଏବଂ ତାଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିବା ଜଣାପଡ଼ିଛି।

ସୁକ୍‌ମା ଜିଲା କୋଣ୍ଟା ଥାନା ପୋଲିସ ଏବଂ ସିଆର୍‌ପିଏଫ୍ ୨୧୮ ବାଟାଲିୟନ ଶନିବାର ସକାଳେ ମିଳିତ ଭାବେ କୋଣ୍ଟା ଓ ଭେଜିଥାନା ଅଞ୍ଚଳରେ କୋମ୍ବିଂ ଅପରେଶନ କରୁଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ପୋଲିସ ଓ ଯବାନଙ୍କୁ ଦେଖି ଲୁଚିବା ପାଇଁ ଚେଷ୍ଟା କରୁଥିଲେ। ପୋଲିସ ସନ୍ଦେହରେ ଉକ୍ତ ବ୍ୟକ୍ତିଙ୍କୁ କାବୁକରି ପଚରାଉଚୁରା କରିବାରୁ ସେ ଜଣେ ମାଓବାଦୀ ବୋଲି ଜଣାପଡ଼ିଥିଲା। ଏଥିସହ ଉକ୍ତ ମାଓବାଦୀଙ୍କ ନିକଟରେ ଗୋଟିଏ ବ୍ୟାଗ୍‌ରେ ଅସ୍ତ୍ରଶସ୍ତ୍ର ଥିବା ଦେଖି ଜବତ କରିଥିଲେ। ଜବତ ଅସ୍ତ୍ରଶସ୍ତ୍ର ମଧ୍ୟରେ ଜିଲେଟିନ ରଡ୍, ବିଦ୍ୟୁତ୍ ଡିଟୋନେଟର, ବନ୍ଧୁକରେ ବ୍ୟବହାର ପାଉଡର, କଡେକ୍ସ ତାର, ଚାର୍ଜର, ମାଓବାଦୀ ବ୍ୟାନର, ପୋଷ୍ଟର ଓ ଅନ୍ୟ ସାମଗ୍ରୀ ରହିଛି। ମାଓବାଦୀ ମୁଚାକୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ଏସ୍‌ପି ସୂଚନା ଦେଇଛନ୍ତି।

# ଟୁଙ୍କି ଜଳପ୍ରପାତରେ ବୁଡ଼ିଗଲେ ଡିପ୍ଲୋମା ଛାତ୍ର

**ଉଦଳା(ସନ୍ତୋଷ କୁମାର ବାଛିନି)/ ଗୋପବନ୍ଧୁନଗର (ଶାନ୍ତନୁ କୁମାର ମଢୁଆଲ),୧୮।୧୦**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଟୁଙ୍କି ଜଳପ୍ରପାତରେ ବୁଡ଼ି ଜଣେ ଡିପ୍ଲୋମା ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରିପଦା ମୁର୍ଗାବାଡ଼ି ଅଞ୍ଚଳର ସୌମିତ କୁମାର ପାତ୍ର। ସେ ଲକ୍ଷ୍ମୀପୋଷି ମୟୂରଭଞ୍ଜ ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ଡିପ୍ଲୋମା କରୁଥିଲେ।

ପ୍ରକାଶ ଯେ, ସୌମିତ ଅନ୍ୟ ଜଣେ ସାଙ୍ଗଙ୍କ ସହ ଟୁଙ୍କି ଜଳପ୍ରପାତ ବୁଲିବାକୁ ଆସିଥିଲେ। ଜଳପ୍ରପାତରେ ପଶି ଗାଧୋଉଥିବା ବେଳେ ତାଙ୍କ ସାଙ୍ଗ ବାହାରେ ଛିଡ଼ାହୋଇ ଭିଡିଓ ଉତ୍ତୋଳନ କରୁଥିଲେ। ଅସାବଧାନତାବଶତଃ ସୌମିତଙ୍କ ଗୋଡ଼ ଖସିଯିବାରୁ ସେ ଜଳ ପ୍ରପାତ ଭିତରେ ବୁଡ଼ିଯାଇଥିଲେ। ତାଙ୍କ ସାଙ୍ଗ ଉଦ୍ଧାର କରିବାକୁ ଚେଷ୍ଟାକରିବା ସହ ପାଟି କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜିକରି ସୌମିତଙ୍କୁ ଉଦ୍ଧାରକରି ଖୁଣ୍ଟା ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ମାମଲା (ନଂ. ୭୧/୨୫)ରୁଜୁକରି ତଦନ୍ତ କରୁଛି।

# ଦୀପାବଳି ପାଇଁ ବଦଳିଲା ଡିଏଲ୍‌ଇଡି ପରୀକ୍ଷା ସୂଚୀ

## ୨୦ ପରିବର୍ତ୍ତେ ୨୯ରେ ହେବ ପରୀକ୍ଷା

**କଟକ,୧୮।୧୦(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଡିଏଲ୍‌ଇଡି ପେପର-୧ ପରୀକ୍ଷା ଅକ୍ଟୋବର ୨୦ ପରିବର୍ତ୍ତେ ୨୯ ତାରିଖରେ ହେବ। ଦୀପାବଳି ପାଳନ ପାଇଁ ରାଜ୍ୟ ସରକାର ୨୦ ତାରିଖକୁ ଛୁଟି ଘୋଷଣା କରିଥିବାରୁ ବୋର୍ଡ ପକ୍ଷରୁ ଉକ୍ତ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ହେଲେ ପୂର୍ବରୁ ଘୋଷଣା କରାଯାଇଥିବା ସ୍ଥାନ ଓ ସମୟ ଅପରିବର୍ତ୍ତିତ ରହିଛି। ପରୀକ୍ଷାର୍ଥୀମାନେ ତଦନୁଯାୟୀ ପରବର୍ତ୍ତୀ ତାରିଖରେ ପରୀକ୍ଷା ଦେବାକୁ ବୋର୍ଡ ପକ୍ଷରୁ ଶନିବାର ବିଜ୍ଞପ୍ତି ଜାରି କରାଯାଇଛି।


# Classified Everyday
0674-2580101, 9692975378





## BRIDE WANTED

Khandayat Boy 1997 5'6" B.tech MBA continued Ph.D. Asst. Professor Business. 8908069176. D-2277

## GROOM WANTED

Tanti groom-30, Mechanical Engineer required established family background bride-9853366347. D-2278



## REAL ESTATE SALE

3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992. D-76860

Duplex sale near Aiims Hospital, Patrapada, Bhubaneswar. Gated Society: 9777433701. D-03

Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call-9861642492. D-2018

ପୁରୀ ମଙ୍ଗଳଘାଟ ଛକ ଶ୍ରୀସେତୁ ନିକଟରେ 200ଫୁଟ ରାସ୍ତାପାଖରେ ସ୍ଥିତିବାନ୍ ପ୍ଲଟ୍ ବର୍ଗଫୁଟକୁ 2700ଟଙ୍କା। Registration, Conversion and Mutation Free. Contact: 9438220432/ 8144658008. D-2306


ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ **N.H.-16** ପାଖରେ **Litigation free 30ft. Road,** ଇଲେକ୍ଟ୍ରି, **Possession** ଥାଇ ଉପଲବ୍ଧ। **6372526344.** D-04

Flat 3 BHK unused furnished, Jharpada Location, only Rs. 65lakhs. Genuine Buyers please contact- # 8249191613. D-2320



## CONSTRUCTION

Construct your Building with quality Materials by SCPL Construction in time. We provide all Approval plans, finance Estimates, Designs, Interiors & Borings. 9938745568, 9937069140. D-2328




RCC Hall 1000sft. (40ft. x25ft.) with toilets, electrical fittings, facing 100ft. wide Lewis Road, Bhubaneswar-2, Hotel Gouri Premises, adjacent to IndusInd bank, surrounded by tourism spots, suitable for Dental, Eye Clinics, Office, Shop on monthly rental basis. Contact: 9861129953. D-2259




The massage felt totally professional! & comfortable at all times- 7978109255. D-76500

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

Newly open Jyoti spa positively health benefits (Expert therapist). 8458067955. D-76942

## LOST

This is to inform the public that the original +3 Pass Certificate of Sri Sanjeeb Kumar Mohanty, son of Bipini Bihari Mohanty, resident of Adharjodi, Kendrapara, Odisha-754211 has been lost/damaged beyond recovery due to termite infestation. The Certificate was issued by Sam Higginbottom Institute of Agriculture, Technology and Science (Enrollment Number: G-1105300170, Batch: Autumn-2010, Exam held in June 2013). Sri Sanjeeb Kumar Mohanty requests the concerned authority to issue a Duplicate Certificate for necessary purposes. If anyone finds any information regarding the lost Certificate, please contact: Sri Sanjeeb Kumar Mohanty, Adharjodi, Kendrapara, Odisha-754211. D-2321

ନୋଟାରୀ ଯାଜପୁର, ଥାନା: ବରୀ- ରାମଚନ୍ଦ୍ରପୁର, ତା- ୧୪।୧୦।୨୦୨୫ରିଖ ସତ୍ୟପାଠ ନଂ.- ୪୨୭୯/୨୦୨୫ ଅନୁଯାୟୀ, ମୁଁ ରମେଶ ଚନ୍ଦ୍ର ଶ୍ୟାନ୍ତୀ, ପିତା- ଶରତ ଚନ୍ଦ୍ର ଶ୍ୟାନ୍ତୀ, ଗାଁ- ରତ୍ନଗିରି, ପିଏସ୍- ବରୀ- ରାମଚନ୍ଦ୍ରପୁର, ଜିଲ୍ଲା- ଯାଜପୁର, ମୌଜା :ଅଲିଆବାଦର ପଟ୍ଟା(ଓରିଜିନାଲ) ଯାହାର ଖାତା ନଂ.- ୬୭୩ ଏବଂ ପ୍ରଥମ କବଲା (ଓରିଜିନାଲ) ଯାହାର ନଂ.- ୧୦୮୦୧୪୦୦୧୧୧, ତାରିଖ- ୩୧।୦୧।୨୦୧୪ ଓ ଦ୍ୱିତୀୟ କବଲା (ଓରିଜିନାଲ) ଯାହାର ନଂ.- ୧୦୮୦୧୮୦୧୧୪୮, ତାରିଖ- ୧୬।୧୧।୨୦୧୮, ବ୍ୟାଗରେ ନେଇ ମୁଁ ମୋର ମୋଟର ସାଇକେଲରେ ଯାଉଥିବା ବେଳେ କେଉଁଠାରେ ହଜିଯାଇଛି। ଯଦି କେହି ପାଆନ୍ତି, ଦୟାକରି ଯୋଗାଯୋଗ କରନ୍ତୁ- ୯୭୭୭୨୦୫୧୭୦. ଧ-୨୩୨୨

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

By Virtue of an affidavit sworn before Executive Magistrate, Kutra, dated-14.10.25, I, Padmini Bahala, Address: Vill- Jharbeda, P.O.- Tunmura, P.S.-Kutra, Dist.- Sundargarh, Odisha, PIN-770070 declare that I have changed my name from Padmini Majhi to Padmini Bahala. Henceforth, I shall be known as Padmini Bahala for all purposes.
Padmini Bahala D-2319

By virtue of an affidavit sworn before Executive Magistrate, Balasore, dated- 24.07.2025, I Sanjukta Sethy, At- Aladia, P.O.- Ranasahi, P.S.- Chandipur, Dist.- Balasore, Odisha declare that I have changed my name from Sanjukta Sethi to Sanjukta Sethy. Henceforth, I shall be known as Sanjukta Sethy for all purpose.
Sanjukta Sethy D-2327

By virtue of an affidavit sworn before Executive Magistrate, Balasore, dated- 22.08.2025, I Srimanta Kumar Sethi, At- Aladia, P.O.- Ranasahi, P.S.- Chandipur, Dist.- Balasore, Odisha declare that I have changed my name from Srimanta Sethi to Srimanta Kumar Sethi. Henceforth, I shall be known as Srimanta Kumar Sethi for all purpose.
Srimanta Kumar Sethi D-2326

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate Bhubaneswar, I, Bikash beura, aged about 36years, S/o- Kanhu Charan Beura, At- Padasahi, P.O.- Raghunathpur, P.S.- Nandankanan, Dist.- Khordha, hereby declare that I have changed my Father's Name from Kanu Charan Beura to Kanhu Charan Beura. Henceforth, I shall be known as Kanhu Charan Beura for all purposes. D-2325

By virtue of an affidavit sworn before Notary Public, Jatni, Odisha, dated- 17-10-2025, I, G. Abhishek Devadanam, Address: Madhusudan Nagar, Jatni, Khordha, Odisha – 752050, declare that I have changed my name from Abhishek Devdanab to G. Abhishek Devadanam. Henceforth, I shall be known as G. Abhishek Devadanam for all purposes. D-2324

By virtue of an affidavit sworn before Executive Magistrate, Bhubaneswar on dtd.- 16.10.2025, I, Shaikh Nazimuddin resident of At- plot No.-3/421/596, Dev Village, Near Shiridi Sai ITC, P.O.- Dumduma HB Colony, P.S.- Khandagiri, Bhubaneswar, Dist.- Khordha, PIN- 751019 Odisha declare that I have changed the name of the son from Sk. Nafis Uddin to Shaikh Nafis Uddin. Henceforth he shall be known as Shaikh Nafis Uddin for all purpose.
Shaikh Nazimuddin D-2306

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## LEGAL NOTICE

PR. No.- 168
Dtd.- 12.09.25

ମାନ୍ୟବର ଚକବନ୍ଦୀ ଓ ବନ୍ଦୋବସ୍ତ ଓଡ଼ିଶା ଭୁବନେଶ୍ୱର ୪ର୍ଥ ମହଲା, ହେଡ୍ସ ଅଫ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର ଆର.ସି.କେସ୍ ନଂ- ୮୦/୨୦୧୮

ମହାଦେଇ ଦେଇ ...... ବାଦୀ

ବନାମ

ଚନ୍ଦ୍ରଶେଖର ନାୟକ ଏବଂ ଅନ୍ୟମାନେ ........ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫ ରୁଲ-୨୦ ମୁତାବକ

୧. ଚନ୍ଦ୍ରଶେଖର ନାୟକ ପିତା ସ୍ୱର୍ଗତ ନୟା ନାୟକ ସା/ପୋଷ୍ଟ- କୋଟପଲ୍ଲୀ, ଥାନା- ବଢମାରି, ଜିଲ୍ଲା- ଖୋର୍ଦ୍ଧା, ୨. ବୀରକିଶୋର ଦାଶ, ୩. ନବକିଶୋର ଦାଶ, ୪. କୃଷ୍ଣ ଚନ୍ଦ୍ର ଦାଶ ୨ରୁ ୪ଙ୍କ ପିତା ଦୁଃଖୀଶ୍ୟାମ ସାଶ, ୨ରୁ ୪ଙ୍କ ବାସସ୍ଥାନ- ସା- ବରସହି, ପୋଷ୍ଟ- କୋଟପଲ୍ଲୀ, ଥାନା/ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉ ଅଛିଯେ, ଉପରଲିଖିତ ଆର.ସି କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ତା- ୨୪.୧୧.୨୦୨୫ରିଖ ଦିବା ଘ.୩.୩୦ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା- ବରସହି, ତହସିଲ- ବେଗୁନିଆ, ଥାନା- ଖୋର୍ଦ୍ଧା, ଜିଲ୍ଲା- ଖୋର୍ଦ୍ଧା

ସାବକ- ଖାତା ନଂ- ୧୨୭, ପ୍ଲଟ ନଂ- ୬୮୧/୧୨୧୩, କିସମ- ବଗାୟତ ଦୁଇ, ରକବା, ଏ.୦.୮୨୦ଡି., ସ୍ୱତ୍ୱ-ସ୍ଥିତିବାନ୍

ହାଲ- ଖାତା ନଂ- ୩୨୨, ଚକ ନଂ-୨୬୮, ଚକ ପ୍ଲଟ ନଂ.- ୬୯୧, କିସମ- ବଗାୟତ ଦୁଇ, ରକବା- ଏ.୦.୮୨୦ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମାମଲର ପ୍ରତିବାଦୀମାନେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ତା.- ୨୨।୦୮।୨୫
ଭୁବନେଶ୍ୱର
ଚକବନ୍ଦୀ ଓ ବନ୍ଦୋବସ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୩୨୩

# ମଜା ନ ହେଉ ସଜା

**ଆସୁଛି ଆଲୋକର ପର୍ବ ଦୀପାବଳି। ଦୀପ, ବିଭିନ୍ନ ରଙ୍ଗୋଲୀ, ଭଳିକି ଭଳି ଆଲୋକ ମାଳାରେ ଘର ସଜାଇବାଠୁ ଆରମ୍ଭ କରି ବାଣଫୁଟାକୁ ନେଇ ସମସ୍ତେ ଉତ୍କଣ୍ଠିତ। ହେଲେ ଦୀପାବଳିର ଆନନ୍ଦ ନେବା ଲାଗି ଆମେ ଫୁଟାଉଥିବା ବାଣରୁ ବାହାରୁଥିବା ରାସାୟନିକ ଧୂଆଁ ବାୟୁମଣ୍ଡଳରେ ବିଷ ଭରିଦେଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ ତ ଆଉ ପୁଣି କେତେବେଳେ ଏହି ଖୁସିର ମୁହୂର୍ତ୍ତକୁ କ୍ୟାମେରାରେ କଏଦ କରିବା ବେଳେ ସାମାନ୍ୟ ଅସାବଧାନତା ବି ସାଜିଥାଏ ବଡ଼ ବିପଦର କାରଣ। ତେଣୁ ଉଭୟ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ଲାଗି ବିଭିନ୍ନ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...**



ଆଲୋକର ପର୍ବ ଦୀପାବଳି ବହୁ ପୁରୁଣା କାଳରୁ ପାଳନ କରାଯାଇ ଆସୁଅଛି। ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସଭିଙ୍କ ମନରେ ବିଶେଷକରି ଯୁବପିଢ଼ିଙ୍କ ମନରେ ଏହାକୁ ନେଇ ଉତ୍କଣ୍ଠା ଭରି ରହିଥାଏ। ଘରେ ଘରେ ଆଲୋକସଜାଠୁ ଆରମ୍ଭ କରି ପୂଜା ଏବଂ ବାଣଫୁଟାର ଆସର ଜମେ। ହେଲେ ଖୁସି ଆଳରେ ଫୁଟାଯାଉଥିବା ଏହି ବାଣ ନା କେବଳ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାର ବଡ଼ କାରଣ ସାଜିଥାଏ ବରଂ ସୋସିଆଲ୍ ମିଡିଆରେ ଫଟୋ ପୋଷ୍ଟ କରିବା ଲାଗି ଫଟୋ ଉଠାଇବା ସମୟରେ ସାମାନ୍ୟ ଅସାବଧାନତା ଯୋଗୁ କେବେକେବେ ଅଗ୍ନିକାଣ୍ଡ ଘଟି ଧନ ଓ ଜୀବନ ବି ହାନି ହୋଇଥାଏ। ତେଣୁ ଏହି ଆନନ୍ଦର ପର୍ବ ଯେପରି ଦୁଃଖର କାରଣ ନ ସାଜୁ, ସେଥିପାଇଁ କେଉଁସବୁ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ ଜାଣିରଖନ୍ତୁ ସେ ସମ୍ପର୍କରେ...

**ବାୟୁ ପ୍ରଦୂଷଣ ରୋକନ୍ତୁ:** ଯଦିଓ ବାଣ ଫୁଟିଲେ ମଜା ଲାଗେ, ଏହାର ଶବ୍ଦ ଓ ଆଲୋକ ଆମକୁ ଆନନ୍ଦ ଦିଏ। ହେଲେ ଦୁଃଖର କଥା, ବାଣ ପ୍ରସ୍ତୁତ ଲାଗି ବ୍ୟବହୃତ ବାରୁଦରୁ ବାହାରୁଥିବା ରାସାୟନିକ ଧୂଆଁ ବାୟୁମଣ୍ଡଳରେ ବିଷ ଭରିଦିଏ। ଅଧିକାଂଶ ରାସାୟନିକ ବାଣର ଧ୍ୱନିସ୍ତର ୧୪୦ ଡେସିବେଲରୁ ଅଧିକ। ତେଣୁ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ କରିବା କ୍ଷେତ୍ରରେ ରାସାୟନିକ ବାଣର ଅନେକ ଭୂମିକା ରହିଛି। ଫଳରେ ପରିବେଶ ପ୍ରଦୂଷଣ ହେବା ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ହେଲେ ଦୁଃଖର ବିଷୟ, ସବୁ ଜାଣି ସୁଦ୍ଧା ଆମେ ଏଥିପାଇଁ ଟଙ୍କା ଖର୍ଚ୍ଚ କରୁ। ତେଣୁ ସଚେତନ ନାଗରିକ ଭାବେ ଏଥିପାଇଁ କମ୍ ଖର୍ଚ୍ଚ କରନ୍ତୁ ଏବଂ ଅଧିକ ଧୂଆଁ କିମ୍ବା ଶବ୍ଦ ସୃଷ୍ଟି କରୁଥିବା ବାଣଠୁ ଦୂରେଇ ରୁହନ୍ତୁ।

**ସ୍ୱାସ୍ଥ୍ୟ ପ୍ରତି ସଚେତନ ହୁଅନ୍ତୁ:** ଦୀପାବଳିରେ ଦୀପ ଜାଳି ଅନ୍ଧକାର ବିପକ୍ଷରେ ଆଲୋକର ବିଜୟ ଦିବସ ପାଳନ କରାଯାଏ। କିନ୍ତୁ ଅଧିକାଂଶ ବିଶେଷକରି ଆଜିର ଯୁବପିଢ଼ି ଦୀପ ଜାଳିବା ବଦଳରେ ବାଣ ଫୁଟେଇବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। କାରଣ, ବାଣର ଶବ୍ଦ ଓ ଆଲୋକ ସେମାନଙ୍କୁ ଆନନ୍ଦ ଦିଏ। ହେଲେ ବାରୁଦରୁ ବାହାରୁଥିବା ରାସାୟନିକ ଧୂଆଁ ପରିବେଶ ପ୍ରଦୂଷଣ କରେ। ଯେଉଁଥିପାଇଁ କାଶ, ଶ୍ୱାସ, କଫ ଭଳି ସମସ୍ୟା ଉପୁଜିଥାଏ। ଏମିତିକି ବାଣ ଫୁଟାଇବା ବେଳେ କେବେକେବେ ବାରୁଦ ଆଖିରେ ପଡ଼ିଯାଏ, ଯଦ୍ୱାରା ବିଭିନ୍ନ ଚକ୍ଷୁ ସମସ୍ୟା ଦେଖାଦିଏ। ଏମିତିକି ଏଥିପାଇଁ କେତେକଙ୍କ ଦୃଷ୍ଟିଶକ୍ତି ନଷ୍ଟ ହୋଇଯିବା ଘଟଣାର ବି ନଜିର ରହିଛି। ତା'ଛଡ଼ା କୌଣସି କାରଣବଶତଃ ଏହି ବାରୁଦ ପେଟ ଭିତରକୁ ଚାଲିଗଲେ ବିଭିନ୍ନ ରୋଗ ସୃଷ୍ଟି କରେ। ସେହିପରି ୧୪୦ ଡେସିବେଲରୁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ଯୋଗୁ ଅନେକଙ୍କଠାରେ ଶ୍ରବଣଜନିତ ସମସ୍ୟା ବି ଦେଖାଦେଇଥାଏ।





**ଫଟୋଶୁଟ୍ ବେଳେ ରୁହନ୍ତୁ ସତର୍କ:** ଦୀପାବଳିରେ ଦୀପ ସହ ଫଟୋଶୁଟ୍ କରିବା ଏବେ ଏକ ଫ୍ୟାଶନ୍ ପାଲଟିଗଲାଣି। ହେଲେ ଗୋଟିଏ ହାତରେ ଦୀପ କିମ୍ବା କ୍ୟାଣ୍ଡେଲ୍ ଏବଂ ଅନ୍ୟ ହାତରେ ମୋବାଇଲ୍ ଧରି ଫଟୋ ଉଠାଇବା ବେଳେ ଡ୍ରେସ୍ କିମ୍ବା କେଶ ନିଆଁ ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଯଦି ଏଭଳି ଫଟୋ ଉଠାଇବାକୁ ଇଚ୍ଛା, ତେବେ ନିଜେ ନ ଉଠାଇ ଅନ୍ୟର ସାହାଯ୍ୟ ନିଅନ୍ତୁ ଏବଂ ଯଥାସମ୍ଭବ ନିଆଁଠାରୁ ଦୂରରେ ରୁହନ୍ତୁ। ସେହିପରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା ନିଶାରେ ଅନେକେ ବାଣ ଫୁଟାଇ ଫଟୋ ଉଠାଇବାକୁ ଗୁରୁତ୍ୱ ଦେଇଥା'ନ୍ତି। ହେଲେ ଏଭଳି ବାଣରୁ ବାହାରୁଥିବା ନିଆଁ ଛିଟିକି ପଡ଼ିବା ଯୋଗୁ ପୋଷାକରେ ନିଆଁ ଲାଗି ଅନେକଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ସୁନ୍ଦର ଆଲୋକସଜ୍ଜା ଭିତରେ ଫଟୋ ଏବଂ ଭିଡିଓ ଶୁଟ୍ କରିବାର ଚାର୍ମ ଅଲଗା। କିନ୍ତୁ ଏହାଦ୍ୱାରା କରେଣ୍ଟ ଲାଗିବାର ଆଶଙ୍କା ରହିଛି। ତେଣୁ ଏସବୁ ଲାଇଟ୍ ଧରି କିମ୍ବା ଦେହରେ ଗୁଡ଼ାଇ ଆଦୌ ଫଟୋ ଉଠାନ୍ତୁ ନାହିଁ। ଲିଚୁ କିମ୍ବା ଅନ୍ୟ ଇଲେକ୍ଟ୍ରିକ୍ ଲାଇଟ୍ ପାଖରେ ଦୀପ କିମ୍ବା କ୍ୟାଣ୍ଡେଲ୍ ଲଗାନ୍ତୁ ନାହିଁ। ନଚେତ୍ ଏହା ନିଆଁ ସଂସ୍ପର୍ଶରେ ଆସି ଅଗ୍ନିକାଣ୍ଡ ଘଟିବାର ଆଶଙ୍କା ରହିଛି। ତେଣୁ ଖୁସିର ପର୍ବରେ ଯେପରି କୌଣସି ଦୁର୍ଘଟଣା ନ ଘଟେ, ସେଥିପ୍ରତି ସତର୍କ ରୁହନ୍ତୁ।

**ଥଟ୍ଟା ମଜା ହୋଇପାରେ ବିପଦପୂର୍ଣ୍ଣ:** କେହି କେହି ଦୀପାବଳିରେ ଅନ୍ୟକୁ ଡରାଇବା ଲାଗି ପାଖକୁ ବାଣ ଫିଙ୍ଗିଥା'ନ୍ତି। ଅନେକେ କୁକୁର, ଗାଈ କିମ୍ବା ଅନ୍ୟ ବୁଲା ଜୀବଜନ୍ତୁଙ୍କ ଉପରକୁ ମଧ୍ୟ ବାଣ ଫିଙ୍ଗିବା କିମ୍ବା ସେମାନଙ୍କ ଲାଞ୍ଜରେ ବାଣ ଲଗାଇବାକୁ ବି ପଛାଇ ନ ଥା'ନ୍ତି। ବର୍ତ୍ତମାନ ସୋସିଆଲ୍ ମିଡିଆରେ ୟୁନିକ୍ ତଥା ଫନି ଭିଡିଓ ପୋଷ୍ଟ କରିବା ଆଳରେ ବି କେତେକ ଯୁବପିଢ଼ି ଏଭଳି କାର୍ଯ୍ୟ କରି ଭିଡିଓ କରୁଥିବା ଦେଖିବାକୁ ମିଳୁଛି। ହେଲେ ଏପରି କରିବା ଆଦୌ ଠିକ୍ ନୁହେଁ। କାରଣ ସାମାନ୍ୟ ମଜା ନେବା ଆଳରେ ଏହା କାହା ଜୀବନ ବି ନେଇଯାଇପାରେ।

**ବିଶେଷ ସତର୍କତା:** ଯଦି କାଶ, ଶ୍ୱାସ ଭଳି ସମସ୍ୟା ରହିଛି, ତେବେ ଏହିଦିନ ବାହାରକୁ ଯାଉଥିଲେ ମାସ୍କ ଲଗାନ୍ତୁ। ଆବଶ୍ୟକ ନ ଥିଲେ ଘରେ ରୁହନ୍ତୁ। ସିନ୍ଥେଟିକ୍ ପରିବର୍ତ୍ତେ ଶୀଘ୍ର ନିଆଁ ଧରୁ ନ ଥିବା ଭଳି କଟନ୍, ଜିନ୍ସ ଭଳି ମୋଟା ଡ୍ରେସ୍ ପିନ୍ଧନ୍ତୁ। ବାଣ ଫୁଟାଇବା ବେଳେ ଆଖିରେ ଚଷମା ଲଗାନ୍ତୁ ଏବଂ ଫୁଲ୍ ଜୋତା ପିନ୍ଧନ୍ତୁ। ପାଖରେ ପାଣି ବାଲ୍‌ଟି ଏବଂ ଏମର୍ଜେନ୍ସି ମେଡିସିନ୍, ବର୍ନ କ୍ରିମ୍ ଆଦି ରଖନ୍ତୁ। ଅଧାଫୁଟା ବାଣକୁ ଆଦୌ ହାତରେ ଧରନ୍ତୁ ନାହିଁ କିମ୍ବା ଏହାକୁ ପୁନର୍ବାର ଫୁଟାଇବାକୁ ଚେଷ୍ଟା କରନ୍ତୁ ନାହିଁ। ହାତରେ ବାଣ ନ ଫୁଟାଇ କାଉଁରିଆ କାଠି ବ୍ୟବହାର କରନ୍ତୁ।



## ବାଣ ନୁହେଁ, ହସ ଫୁଟଇବା ଲକ୍ଷ୍ୟ



**ଶିବରାମ ସୁବୁଦ୍ଧି (ବ୍ରହ୍ମପୁର)**– ଆଲୋକର ପର୍ବ ଯେପରି ପରିବେଶ ପ୍ରଦୂଷଣର କାରଣ ନ ସାଜୁ କିମ୍ବା କାହା ପାଇଁ ବିପଦ ସୃଷ୍ଟି ନ କରୁ ସେଥିପାଇଁ ଆମ ସଂଗଠନ ସବୁଜବାହିନୀ ସର୍ବଦା ତତ୍ପର। ତେଣୁ ଆମେ ଏନେଇ ପ୍ରତିବର୍ଷ ବିଭିନ୍ନ ଜନ ସଚେତନତାମୂଳକ କାର୍ଯ୍ୟ ଆୟୋଜନ କରିଆସୁଛୁ। ଏହା କିପରି ସମସ୍ତଙ୍କ ପାଇଁ ଆନନ୍ଦମୟ ହେଉ ସେଥିପାଇଁ ପ୍ରଚେଷ୍ଟା ମଧ୍ୟ ଜାରିରଖିଛୁ। ୬ ବର୍ଷ ହେବ ଦୀପାବଳିରେ ବାଣ ନ ଫୁଟାଇ ସେହି ଟଙ୍କାରେ ଅସହାୟମାନଙ୍କୁ କିଛି ସହାୟତା ଯୋଗାଇ ଦେଇ ସେମାନଙ୍କ ମୁହଁରେ ଫୁଟାବାକୁ ଚେଷ୍ଟା କରୁଛୁ। ଚଳିତ ବର୍ଷ ଦୀପାବଳି ବ୍ରହ୍ମପୁର ଉପକଣ୍ଠ ଆମ୍ବଗଡ଼ରେ ଥିବା ଓମ୍ ଜରା ନିବାସରେ ପାଳନ କରିବାକୁ ଯୋଜନା କରିଛି। ସେଠାରେ ରହୁଥିବା ବୃଦ୍ଧାବୃଦ୍ଧମାନଙ୍କୁ ନୂତନ ବସ୍ତ୍ର ଯୋଗାଇ ଦେବା ସହ ପିଠାପଣା ଏବଂ ମଧ୍ୟାହ୍ନ ଭୋଜନର ଆୟୋଜନ ମଧ୍ୟ କରିବୁ। ସେମାନଙ୍କ ପାଇଁ ଏହି ଉତ୍ସବ ଯେପରି ସମ୍ପୂର୍ଣ୍ଣ ଆନନ୍ଦମୟ ଏବଂ ସ୍ମରଣୀୟ ହୋଇପାରିବ ସେଥିପାଇଁ ଆଶା ରଖିଛୁ।

## ଏ ସପ୍ତାହର ପ୍ରଶ୍ନ ?

୧– ନ୍ୟାଶନାଲ୍ ପୋଷ୍ଟ ଡେ'.......... ତାରିଖରେ ପାଳନ କରାଯାଏ ?
୨– ତୁଙ୍ଗଭଦ୍ରା ନଦୀ ............ ନଦୀର ଉପନଦୀ ?
୩– ସୁମି ନାଗା ଜନଜାତି .................ରେ ମୁଖ୍ୟତଃ ବାସ କରନ୍ତି ?
୪– କୋକ୍‌ବୋରୋକ୍ ଭାଷା ଭାରତୀୟ ରାଜ୍ୟ ........ର ସରକାରୀ ଭାଷା ?
୫– ଅର୍ବିଟାଲ୍ ନଭେଲ୍ ପାଇଁ ୨୦୨୪ ବୁକର୍ ପ୍ରାଇଜ୍ ............... ଜିତିଛନ୍ତି ?

## ଗତ ଥରର ଉତ୍ତର

୧ ଚେନ୍ନାଇ
୨ ଇଜିପ୍ଟ
୩ ମିନିଷ୍ଟ୍ରି ଅଫ୍ ୟୁଥ୍ ଆଫାୟାର୍ସ ଆଣ୍ଡ ସ୍ପୋର୍ଟ୍ସ
୪ ଶ୍ରୀଲଙ୍କା
୫ ତ୍ରିପୁରା

## ଉତ୍ତର ଦାତା



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ଛବିଲାଲ୍ ଭାଟି, କଳାହାଣ୍ଡି

## ଟପ୍ ଟେନ୍ ୧୦

### ପୃଥିବୀର ସବୁଠୁ ବ୍ୟସ୍ତବହୁଳ ଏୟାରପୋର୍ଟ –୨୦୨୫

୧ ............ ଆଟ୍‌ଲାଣ୍ଟା ହାର୍ଟ୍ସଫିଲ୍ଡ ଜ୍ୟାକ୍‌ସନ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ।
୨ ............ ଦୁବାଇ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ।
୩ ............ ହାନେଡା ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ, ଟୋକିଓ।
୪ ............ ଲଣ୍ଡନ୍ ହିଟ୍‌ଥ୍ରୋ ଏୟାରପୋର୍ଟ।
୫ ............ ଡଲାସ୍ ଫୋର୍ଟ ୱର୍ଥ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ, ଆମେରିକା।
୬ ............ ସିକାଗୋ ଓ'ହେଆର୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ।
୭ ............ ଇସ୍ତାନ୍‌ବୁଲ୍ ଏୟାରପୋର୍ଟ।
୮ ............ ସାଙ୍ଘାଇ ପଡଙ୍ଗ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ।
୯ ............ ବାୟୁନ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ, ଚାଇନା।
୧୦ .......... ଡେନ୍‌ଭର୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ, ୟୁନାଇଟେଡ୍।

## ଜାଣନ୍ତୁ ଦୁନିଆ

# ଦୀପାବଳି: କିଛି କଥା

**ଆଲୋକର ପର୍ବ ଦୀପାବଳି ସଭିଙ୍କ ମନରେ ଆନନ୍ଦ ଭରିଦିଏ। ହେଲେ ଏହାକୁ ନେଇ ଅନେକ ଏଭଳି ତଥ୍ୟ ରହିଛି, ଯାହା ସମ୍ପର୍କରେ ହୁଏତ ସମସ୍ତେ ଅବଗତ ନ ଥିବେ। ଜାଣନ୍ତୁ ଏହା ସମ୍ପର୍କରେ...**



✲ ଦୀପାବଳି ପର୍ବକୁ କେବଳ ହିନ୍ଦୁ ନୁହନ୍ତି, ଜୈନ ଏବଂ ଶିଖ୍ ଧର୍ମାବଲମ୍ବୀମାନେ ବି ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଥା'ନ୍ତି। କୁହାଯାଏ, ଏହି ଦିନ ପ୍ରଭୁ ଶ୍ରୀରାମ ବନବାସ ସମାପ୍ତ କରି ଅଯୋଧ୍ୟା ଫେରିଥିଲେ ଏବଂ ତାଙ୍କୁ ସ୍ୱାଗତ ଜଣାଇବା ଲାଗି ସାରା ନଗରୀ ଦୀପ ଏବଂ ଫୁଲରେ ସଜାଯାଇଥିଲା। ସେବେଠାରୁ ହିନ୍ଦୁମାନେ ଦୀପାବଳି ପାଳିଆସୁଛନ୍ତି।

✲ ଶିଖ୍ ସମ୍ପ୍ରଦାୟରେ ଏହି ପର୍ବ 'ବନ୍ଦି ଛୋଡ୍ ଦିବସ' ଭାବେ ପାଳନ କରାଯାଇଥାଏ। କାରଣ ଏହିଦିନ ଶିଖ୍‌ମାନଙ୍କ ଗୁରୁ ହର୍‌ଗୋବିନ୍ଦ ଜୀ ଗ୍ୱାଲିଅର୍‌ରେ ମୋଗଲ ଶାସକ ଜାହାଙ୍ଗୀରଙ୍କ ବନ୍ଦିଶାଳାରୁ ମୁକ୍ତ ହୋଇଥିଲେ।

✲ ଜୈନ ଧର୍ମରେ ଏହାକୁ ମହାବୀରଙ୍କ 'ମୋକ୍ଷ ଦିବସ' ଭାବେ ପାଳନ ହୁଏ।

✲ ଏହି ପର୍ବକୁ ଭାରତର ଅନେକ ସ୍ଥାନରେ ୫ ଦିନ ଧରି ପାଳନ କରାଯାଇଥାଏ। ପ୍ରଥମ ଦିନ ଧନତେରସ୍, ୨ୟ ଦିନ ନରକ ଚତୁର୍ଦ୍ଦଶୀ (ଛୋଟି ଦୀୱାଲି), ୩ୟ ଦିନ ଲକ୍ଷ୍ମୀପୂଜା, ୪ର୍ଥ ଦିନ ଗୋବର୍ଦ୍ଧନ ପୂଜା ଏବଂ ୫ମ ଦିନ ଭାଇ ଦୁଜ୍ ଭାବେ ପାଳନ କରାଯାଇଥାଏ।

✲ କୁହାଯାଏ, ଦୀପାବଳି ଦିନ ମା' ଲକ୍ଷ୍ମୀ ପୃଥିବୀପୃଷ୍ଠରେ ପଦାର୍ପଣ କରିଥା'ନ୍ତି। ତେଣୁ ଧନପ୍ରାପ୍ତି ସହ ବିଦ୍ୟା, ବୁଦ୍ଧି ପ୍ରାପ୍ତି ନିମନ୍ତେ ମା' ଲକ୍ଷ୍ମୀଙ୍କ ସହ ପ୍ରଭୁ ଗଣେଶଙ୍କ ପୂଜା ମଧ୍ୟ କରାଯାଏ।

✲ ଅନେକ ଭାରତୀୟ ବ୍ୟବସାୟୀ ଏହି ଦିନକୁ ଆର୍ଥିକ ବର୍ଷର ଆରମ୍ଭ ଭାବେ ଗ୍ରହଣ କରିଥା'ନ୍ତି ଏବଂ ଅର୍ଥ ନିବେଶ ବି କରିଥା'ନ୍ତି।

✲ ପଶ୍ଚିମବଙ୍ଗରେ ଦୀପାବଳି ଦିନ ମା' ଲକ୍ଷ୍ମୀଙ୍କ ବଦଳରେ ମା' କାଳୀଙ୍କ ପୂଜା ପାଳନ କରାଯାଏ।

✲ ସେହିପରି ନେପାଳରେ ଏହି ଦିନକୁ ପ୍ରଭୁ ଶ୍ରୀକୃଷ୍ଣଙ୍କ ନରକାସୁରକୁ ବଧ କରିବା ଖୁସିରେ ପାଳନ କରାଯାଇଆସୁଛି।

✲ ଆମ ଦେଶ ବ୍ୟତୀତ ଦୀପାବଳି ପର୍ବ ମାଲେସିଆ, ମରିସସ୍, ମ୍ୟାନ୍‌ମାର୍, ନେପାଳ, ସିଙ୍ଗାପୁର, ଶ୍ରୀଲଙ୍କା, ୟୁନାଇଟେଡ୍ କିଙ୍ଗ୍‌ଡମ୍, ଫିଜି ସମେତ ଅନ୍ୟ କେତେକ ଦେଶରେ ମଧ୍ୟ ପାଳନ କରାଯାଇଥାଏ। ତେବେ ବାହାର ଦେଶରେ ୟୁକେର ଲିସେଷ୍ଟର ସହରରେ ସବୁଠୁ ବଡ଼ ଆକାରରେ ଅର୍ଥାତ୍ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇ ଲାଇଟ୍ ଶୋ' ଦେଖିବା, ମ୍ୟୁଜିକ୍ ଏବଂ ଡ୍ୟାନ୍ସ ସହିତ ଦୀପାବଳି ପାଳନ କରାଯାଇଥାଏ।

## ୟୁଥ୍ ଫ୍ୟାଶନ

# ୟୁନିସେକ୍ସ ଆଉଟ୍‌ଫିଟ୍ ଟ୍ରେଣ୍ଡ

**ବର୍ତ୍ତମାନ ସବୁ କ୍ଷେତ୍ରରେ ପୁରୁଷ ଏବଂ ନାରୀ ସମତାଳ ଦେଇ ଆଗକୁ ବଢୁଛନ୍ତି। ଏମିତିକି ବର୍ତ୍ତମାନ ଉଭୟ ଏକା ପ୍ରକାରର ପୋଷାକ ପିନ୍ଧିବାକୁ ମଧ୍ୟ ପଛାଉ ନାହାନ୍ତି। ଯେଉଁଥିପାଇଁ ଫ୍ୟାଶନ୍ ଦୁନିଆରେ ୟୁନିସେକ୍ସ ଆଉଟ୍‌ଫିଟ୍ ଏବେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି...**



**ଜିନ୍ସ ଓ ଟି–ଶାର୍ଟ:** ସ୍ମାର୍ଟ ଲୁକ୍ ସହ ପିନ୍ଧିବାକୁ କମ୍ଫର୍ଟେବଲ୍, କ୍ୟାରି କରିବାକୁ ସହଜ ହେଉଥିବାରୁ ଜିନ୍ସ ପ୍ୟାଣ୍ଟ ସହିତ ଟି–ଶାର୍ଟର କମ୍ବିନେଶନ୍ ବର୍ତ୍ତମାନ ଉଭୟ ଯୁବକ ଏବଂ ଯୁବତୀଙ୍କର ପ୍ରଥମ ପସନ୍ଦ ପାଲଟିଛି। ସେମାନଙ୍କ ରୁଚିକୁ ଆଖିଆଗରେ ରଖି ବର୍ତ୍ତମାନ ପ୍ଲେନ୍, ମେସଜ୍, ଫ୍ଲୋରାଲ୍ ପ୍ରିଣ୍ଟ, ଜ୍ୟୋମେଟ୍ରିକ୍, ଗ୍ରାଫିକ୍ସ ଡିଜାଇନ୍ ଟି–ଶାର୍ଟର ୟୁନିସେକ୍ସ କଲେକ୍ସନ ମାର୍କେଟ୍‌ରେ ଉପଲବ୍ଧ ହେଉଛି, ଯାହାକି ଉଭୟଙ୍କୁ କୁଲ୍ ଏବଂ ଫ୍ୟାଶନେବଲ୍ ଲୁକ୍ ଦେଇପାରୁଛି।

**ୟୁନିସେକ୍ସ ପ୍ୟାଣ୍ଟ:** ୟୁନିସେକ୍ସ ଫ୍ୟାଶନ୍‌ରେ ସବୁଠୁ ଅଧିକ ବ୍ୟବହାର ହେଉଥିବା ଆଉଟ୍‌ଫିଟ୍ ହେଉଛି ବିଭିନ୍ନ ପ୍ରକାରର ପ୍ୟାଣ୍ଟ। ଜିନ୍ସ, କାର୍ଗୋ, ଟ୍ରାଉଜର୍, ଜଗର୍ସ, ହାରେମ୍ ପ୍ୟାଣ୍ଟ, ବୋହୋ ପ୍ୟାଣ୍ଟ, ପାରାଚ୍ୟୁଟ୍ କାର୍ଗୋ, ବ୍ୟାଗି ପ୍ୟାଣ୍ଟ୍ସ ଆଦି ୟୁନିସେକ୍ସ ଫ୍ୟାଶନ୍ ଟ୍ରେଣ୍ଡରେ ସବୁଠୁ ଆଗରେ ଅଛି, ଯାହାକି ସ୍ମାର୍ଟ ସହିତ ଷ୍ଟାଇଲିଶ୍ ଲୁକ୍ ମଧ୍ୟ ଦେଇଥାଏ।

**ୱିଣ୍ଟର ୱେର:** ଏହି ୟୁନିସେକ୍ସ ଆଉଟ୍‌ଫିଟ୍ ତାଲିକାରେ ସ୍ୱେଟ୍ ଶାର୍ଟ, ସ୍ୱେଟର୍, ଜ୍ୟାକେଟ୍, ହୁଡିଜ୍, କାର୍ଡିଗାନ୍, କୋଟ୍ ଆଦି ସାମିଲ ରହିଛି, ଯାହାକି ଯୁବପିଢ଼ିଙ୍କ ପାଇଁ ଲାଟେଷ୍ଟ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି। ଏହା ଉଭୟ ଯୁବତୀ ଏବଂ ଯୁବକଙ୍କୁ ବେଶ୍ ଆକର୍ଷଣୀୟ ଲୁକ୍ ଦେଇଥାଏ। ଏହାର ବିଭିନ୍ନ ଡିଜାଇନ୍ ମାର୍କେଟ୍‌ରେ ଉପଲବ୍ଧ, ଯାହାକୁ କମ୍ଫି ଜିନ୍ସ ସହିତ ଟିମ୍ ଅପ୍ କରି ଷ୍ଟାଇଲିଶ୍ ଲାଗିପାରିବେ।

**ବ୍ଲେଜର୍ସ:** ଫର୍ମାଲ୍ ଗେଟ୍‌ଅପ୍ କିମ୍ବା ଅଫିସିଆଲ୍ ଗେଟ୍‌ଅପ୍ ପାଇଁ ଯୁବତୀ ହୁଅନ୍ତୁ ଅବା ଯୁବକ, ଉଭୟ ବ୍ଲେଜର ବ୍ୟବହାର କରିଥା'ନ୍ତି। ହେଲେ ଏବେ ମାର୍କେଟ୍‌ରେ ଭଳିକି ଭଳି କାଜୁଆଲ୍ ଏବଂ ଫ୍ୟାଶନେବଲ୍ ୟୁନିସେକ୍ସ କଲେକ୍ସନ ଉପଲବ୍ଧ, ଯାହାକୁ ଉଭୟ ଯୁବତୀ ଏବଂ ଯୁବକ ପିନ୍ଧି ଟ୍ରେଣ୍ଡି ଲୁକ୍ ପାଇପାରିବେ।

**ଶୁଜ୍:** ବର୍ତ୍ତମାନ ବଢୁଥିବା ୟୁନିସେକ୍ସ ଆଉଟ୍‌ଫିଟ୍‌ର ଡିମାଣ୍ଡକୁ ନଜରରେ ରଖି ଅନେକ ନାମୀଦାମୀ କମ୍ପାନି ପକ୍ଷରୁ ଉଭୟ ଯୁବତୀ ଏବଂ ଯୁବକ ବ୍ୟବହାର କରିପାରୁଥିବା ଭଳି ସ୍ନିକର୍ସ, ବୁଟ୍ସ, ଲୋଫର୍ସ, ଫ୍ଲାଟ୍ସ, ସ୍ଲିପ୍ ଅନ୍ ଆଦି ଉପଲବ୍ଧ, ଯାହାକି ବେଶ୍ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୧୯ ଅକ୍ଟୋବର, ୨୦୨୫ Bhubaneswar, Sunday, 19 October, 2025

# କୋହଲି, ରୋହିତଙ୍କ ଉପରେ ନଜର

## ଆଜି ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଦିନିକିଆ



ଟ୍ରଫି ସହ ଦୁଇ ଦଳର ଅଧିନାୟକ।

ପର୍ଥ, ୧୮।୧୦(ପି.ଟି.)

ସ୍ଥାନୀୟ ପର୍ଥ ଷ୍ଟାଡିୟମରେ ରବିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଦିନିକିଆ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ପୂର୍ଣ୍ଣକାଳୀନ ଦିନିକିଆ ଅଧିନାୟକ ଭାବେ ଶୁବମନ ଗିଲ୍‌ଙ୍କ ଲାଗି ଏହା ପ୍ରଥମ ମ୍ୟାଚ୍ ହେବ। ଏଥିସହିତ ଦୀର୍ଘଦିନର ବ୍ୟବଧାନ ପରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରୁଥିବା ଦୁଇ ସିନିୟର ଷ୍ଟାର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଉପରେ ନଜର ରହିବ।

ଦୁଇ ସିନିୟର ବ୍ୟାଟର ଗତ ମାର୍ଚ୍ଚରେ ଭାରତ ପାଇଁ ଚାମ୍ପିୟନ୍ସ ଟ୍ରଫି ଖେଳିଥିଲେ। ଗତ ୭ ମାସ ମଧ୍ୟରେ ଭାରତୀୟ କ୍ରିକେଟରେ ଅନେକ କିଛି ପରିବର୍ତ୍ତନ ଆସିଛି। ଦୁହିଁଙ୍କ ଅନୁପସ୍ଥିତିରେ ଟି୨୦ ଓ ଟେଷ୍ଟ ଫର୍ମାଟରେ ଭାରତୀୟ ଦଳର ପ୍ରଦର୍ଶନରେ କୌଣସି ଫରକ ଆସି ନାହିଁ। କିନ୍ତୁ ଦିନିକିଆ ଫର୍ମାଟରେ ଉଭୟ କୋହଲି ଓ ରୋହିତ ଅନ୍ୟତମ ସର୍ବକାଳୀନ ମହାନ ବ୍ୟାଟର। ଏହି ଫର୍ମାଟରେ ଦୁହିଁଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଇ ହେବ ନାହିଁ। ଏହି ସିରିଜ୍ ଲାଗି ରୋହିତ ଖୁବ ପରିଶ୍ରମ କରି ନିଜ ଓଜନ କମାଇଛନ୍ତି। ସେହିଭଳି କୋହଲି ଲଣ୍ଡନରେ ଜଣେ ବ୍ୟକ୍ତିଗତ ଟ୍ରେନର ସହ ଟ୍ରେନିଂ କରିଥିଲେ। କିନ୍ତୁ ଦୁଇ ବ୍ୟାଟର ଆଇପିଏଲ୍ ପରଠାରୁ କୌଣସି ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ ଖେଳି ନାହାନ୍ତି। ଉଭୟ ଖେଳାଳିଙ୍କୁ ଏହି ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ସିନିୟର ଭାବେ ନୂଆ ଭୂମିକା ତୁଲାଇବାକୁ ପଡ଼ିବ। 'ରୋ-କୋ' ଭାବେ ପରିଚିତ ଦୁଇ ବ୍ୟାଟରଙ୍କୁ ଏହି ସିରିଜ୍‌ରେ ମିଚେଲ ଷ୍ଟାର୍କ ଓ ଜୋଶ ହାଜେଲଉଡ୍‌ଙ୍କ ସମ୍ମୁଖୀନ ହେବାକୁ ପଡ଼ିବ। ଅନ୍ୟପକ୍ଷରେ ପ୍ରଥମଥର ପାଇଁ ଗିଲ୍‌ଙ୍କ ନେତୃତ୍ୱରେ ରୋହିତ ଓ କୋହଲି ଖେଳିବାକୁ ଯାଉଛନ୍ତି। ଗତ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଜଣେ ବ୍ୟାଟର ଭାବେ କୋହଲିଙ୍କ ସ୍ଥାନ ନେବାକୁ ସେ ଦକ୍ଷ ବୋଲି ଗିଲ ପ୍ରମାଣ କରିଥିଲେ। କିନ୍ତୁ ଏବେ ତାଙ୍କୁ ସୀମିତ ଓଭର ଫର୍ମାଟରେ ଅଧିନାୟକ ଭାବେ ରୋହିତଙ୍କ ଦ୍ୱାରା ଧାର୍ଯ୍ୟ ସ୍ତରକୁ ମ୍ୟାଚ୍ କରିବାକୁ ପଡ଼ିବ।

### ଟିମ୍ କମ୍ବିନେଶନ

ଅଧିନାୟକ ଗିଲ, ରୋହିତଙ୍କ ସହ ଓପନିଂ କରିବେ। ଏହି ଯୋଡ଼ି ଖୁବ୍ ସଫଳ ଥିବାରୁ ଏଥିରେ କୌଣସି ପରିବର୍ତ୍ତନ କରାଯିବାର ଆବଶ୍ୟକତା ନାହିଁ। କିନ୍ତୁ ଦଳରେ ଯଶସ୍ୱୀ ଜୟସ୍ୱାଲଙ୍କ ରୂପେ ବ୍ୟାକ୍ ଅପ୍ ବିକଳ୍ପ ରହିଛି। ନଂ-୩ରେ କୋହଲିଙ୍କ ପରେ ଶ୍ରେୟସ ଆୟାର ଓ ଲୋକେଶ ରାହୁଲ ବ୍ୟାଟିଂ କରିବେ। ରାହୁଲ ଉଇକେଟକିପର ଦାୟିତ୍ୱ ତୁଲାଇବେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ନୀତୀଶ କୁମାର ରେଡ୍ଡୀ ଦିନିକିଆରେ ପଦାର୍ପଣ କରିବାର ବିଶେଷ ସମ୍ଭାବନା ରହିଛି। ପେସ ବିଭାଗରେ ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ ଓ ଅର୍ଶଦୀପ ସିଂଙ୍କ ଭଳି ବୋଲର ରହିଛନ୍ତି। ସେହିଭଳି ଅକ୍ଷର ପଟେଲ ଓ କୁଲଦୀପ ଯାଦବ ସ୍ପିନ ବିଭାଗ ସମ୍ଭାଳିବେ।

**ଭାରତୀୟ ଦଳ:** ଶୁବମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟାର, ଲୋକେଶ ରାହୁଲ (ଉଇକେଟକିପର), ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ଯଶସ୍ୱୀ ଜୟସ୍ୱାଲ, ୱାଶିଂଟନ ସୁନ୍ଦର, ଧ୍ରୁବ ଜୁରେଲ (ଉଇକେଟକିପର), ହର୍ଷିତ ରାଣା।

**ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ମାର୍ନସ ଲାବୁସେନ, ମିଚେଲ ଓଓ୍ୱେନ, ମିଚେଲ ଷ୍ଟାର୍କ, ଜାଭିଅର ବାର୍ଟଲେଟ, କୁପର କନୋଲି, ବେନ ଡ୍ୱାରଶୁଇସ, ନାଥନ ଏଲିସ, ଜୋଶ ହାଜେଲଉଡ୍, ଜୋଶ ଫିଲିପ, ମାଥ୍ୟୁ ରେନଶ, ମାଥ୍ୟୁ ଶର୍ଟ, ମାଥ୍ୟୁ କୁହ୍ନେମାନ।

**ସମୟ: ସକାଳ ୯ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ ଓ ଜିଓ ହଟ୍‌ଷ୍ଟାର**

## ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

# ତନ୍‌ଭୀ ଫାଇନାଲରେ



ତନ୍‌ଭୀ ଶର୍ମା

ଗୁଆହାଟୀ, ୧୮।୧୦ (ପି.ଟି.)

ଭାରତର ଟପ୍ ସିଡ୍ ତନ୍‌ଭୀ ଶର୍ମା ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ଏକ ସେମିଫାଇନାଲରେ ସେ ଚାଇନାର ଲିଉ ସି ୟା'ଙ୍କୁ ୧୫-୧୧,୧୫-୯ରେ ହରାଇ ଦେଇଛନ୍ତି। ଫଳରେ ୧୬ବର୍ଷୀୟା ତନ୍‌ଭୀ ଏହି ଟୁର୍ନାମେଣ୍ଟର ଫାଇନାଲକୁ ଉନ୍ନୀତ ହେବାରେ ପୂର୍ବତନ ବିଶ୍ୱର ନମ୍ବର-୧ ସାଇନା ନେହ୍ୱାଲ ଓ ଅପର୍ଣା ପୋପଟଙ୍କ ପରେ ତୃତୀୟ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ତନ୍‌ଭୀ ଫାଇନାଲରେ ଦ୍ୱିତୀୟ ସିଡ୍ ତଥା ଥାଇଲାଣ୍ଡର ଅନ୍ୟାପାତ୍ ଫିଚିତ୍‌ପ୍ରିଚାସାକ୍‌ଙ୍କୁ ଭେଟିବେ। ଅନ୍ୟାପାତ୍ ଅନ୍ୟ ସେମିଫାଇନାଲରେ ନିଜ ଦେଶର ୟାତାୱିମନ୍ କେଟ୍‌କ୍ଲିଙ୍ଗ୍‌ଙ୍କୁ ୧୦-୧୫, ୧୫-୧୧, ୧୫-୫ରେ ହରାଇ ଦେଇଛନ୍ତି। ତନ୍‌ଭୀ ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରି ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ୧୭ ବର୍ଷରେ ପ୍ରଥମ ଥର ଭାରତ ପାଇଁ ପଦକ ପକ୍କା କରିସାରିଥିଲେ।

# ଓଡ଼ିଶାର ଲଜ୍ଜାଜନକ ପରାଜୟ

## ରଣ୍‌ଜୀ ଟ୍ରଫି

ଭୁବନେଶ୍ୱର, ୧୮।୧୦ (ତପନ ସ୍ୱାଇଁ)

ଦ୍ୱିତୀୟ ଇନିଂସରେ ଅତ୍ୟନ୍ତ ଖରାପ ବ୍ୟାଟିଂ କରି ଓଡ଼ିଶା ଚଳିତ ରଣ୍‌ଜୀ ଟ୍ରଫି ସିଜନର ପ୍ରଥମ ମ୍ୟାଚରେ ଲଜ୍ଜାଜନକ ପରାଜୟ ବରଣ କରିଛି। କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳର ବ୍ୟାଟରମାନେ ବରୋଦା ବୋଲରଙ୍କୁ ମୁକାବିଲା କରି ପୂରା ଦିନ ବ୍ୟାଟିଂ କରିପାରିଥିଲେ ଅତିକମ୍‌ରେ ମ୍ୟାଚ ଡ୍ର ରହି ପାରିଥାନ୍ତା। ମାତ୍ର ତାହା ହେଲାନାହିଁ। ବରୋଦା ତୃତୀୟ ଦିବସର ଅସମାପ୍ତ ସ୍କୋର ୪୧୩/୭ରେ ଇନିଂସ ଘୋଷଣା କରିଦେଲା। ଓଡ଼ିଶାର ଦ୍ୱିତୀୟ ଇନିଂସରେ କେବଳ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କୁ ଛାଡ଼ିଦେଲେ ଅନ୍ୟ ବ୍ୟାଟରମାନେ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠିପାରିଲେ ନାହିଁ। ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ମଧ୍ୟ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଫଳରେ ଓଡ଼ିଶାର ଦ୍ୱିତୀୟ ଇନିଂସ ୫୯.୩ ଓଭରରେ ୧୭୪ ରନ ମଧ୍ୟରେ ସୀମିତ ରହି ଯାଇଥିଲା। ଶୁଭ୍ରାଂଶୁ ୫୯ ରନକରି ଗୋଟିଏ ପଟରେ ଅପରାଜିତ ରହିଥିଲେ ହେଁ ଅନ୍ୟ ପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଘରୋଇ ଦଳ ପାଇଁ ମହଙ୍ଗା ପଡ଼ିଲା। ବରୋଦାର ଡାହାଣହାତୀ ଅଫ୍ ସ୍ପିନର ମହେଶ ପିଥିୟା ୬ ଉଇକେଟ ନେଇ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଭାର୍ଗବ ଭଟ୍ଟ ୩ଟି ଓ ରସିଖ ସଲାମ ଗୋଟିଏ ଉଇକେଟ ନେଇଥିଲେ।

ବିଜୟ ଲକ୍ଷ୍ୟ ୩୩ ଥିବାବେଳେ ବରୋଦା ୩ ଉଇକେଟ ହରାଇ ୩୬ ରନ ସଂଗ୍ରହ କରିନେଇଥିଲା। ପ୍ରଥମ ଇନିଂସରେ ଶତକ ହାସଲକାରୀ ଶିବାଲିକ ଶର୍ମା ଦ୍ୱିତୀୟ ଇନିଂସରେ ୩୨ ରନରେ ଅପରାଜିତ ରହି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ୨ଟି ଏବଂ ଗୋବିନ୍ଦ ପୋଦ୍ଦାର ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ କାନପୁରଠାରେ ଉତ୍ତର ପ୍ରଦେଶ ବିପକ୍ଷରେ ଚଳିତ ମାସ ୨୫ରୁ ୨୮ ପର୍ଯ୍ୟନ୍ତ ଖେଳିବ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୧। ବରୋଦା ପ୍ରଥମ ଇନିଂସ: ୪୧୩/୭ (ଘୋଷଣା)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୭୪/ଅଲ୍‌ଆଉଟ (ଶୁଭ୍ରାଂଶୁ ସେନାପତି-୫୯*, ଗୌରବ ଚୌଧାରୀ-୨୮, ରାଜେଶ ମହାନ୍ତି-୨୫, ମହେଶ ପିଥିୟା-୬/୬୩, ଭାର୍ଗବ ଭଟ୍ଟ-୩/୫୭, ରସିଖ ସଲାମ-୧/୩୧)। ବରୋଦା ଦ୍ୱିତୀୟ ଇନିଂସ: ୩୬/୩ (ଶିବାଲିକ ଶର୍ମା-୩୨*, ବାଦଲ ବିଶ୍ୱାଳ-୨/୨୦, ଗୋବିନ୍ଦ ପୋଦ୍ଦାର-୧/୧୬)।




## ତୀରନ୍ଦାଜୀ ବିଶ୍ୱକପ୍

# ବ୍ରୋଞ୍ଜ୍ ଜିତି ଇତିହାସ ରଚିଲେ ଜ୍ୟୋତି

ନାନ୍‌ଜିଙ୍ଗ (ଚାଇନା), ୧୮।୧୦ (ପି.ଟି.)

ଜ୍ୟୋତି ସୁରେଖା ଭେନମ ପ୍ରଥମ ଭାରତୀୟ ମହିଳା କମ୍ପାଉଣ୍ଡ ତୀରନ୍ଦାଜ ଭାବେ ଏଠାରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ତ୍ରୁଟିହୀନ ପ୍ରଦର୍ଶନ ସହ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ବର୍ତ୍ତମାନର ଏସିଆନ ଗେମ୍ସ ଚାମ୍ପିୟନ ବିଶ୍ୱର ୨ ନମ୍ବର ଗ୍ରେଟ୍‌ବ୍ରିଟେନର ଇଲା ଗିବସନଙ୍କ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଥିଲେ। ୧୫ ପର୍‌ଫେକ୍ଟ ଆରୋଜ ସହ ୧୫୦-୧୪୫ ବ୍ୟବଧାନରେ ବିଜୟ ଲାଭ କରି ଟୁର୍ନାମେଣ୍ଟରେ ତାଙ୍କର ପ୍ରଥମ ପୋଡିୟମ ଫିନିଶ କରିପାରିଛନ୍ତି। ୱାର୍ଲ୍ଡକପ୍ ସିଜନ ଫିନାଲେରେ ୨୯ ବର୍ଷୀୟା ଭାରତୀୟ କ୍ୱାର୍ଟରଫାଇନାଲରେ ଯୁକ୍ତରାଷ୍ଟ୍ର ଆମେରିକାର ଆଲେକ୍ସିସ ରୁଇଜଙ୍କୁ ପରାସ୍ତ କରିଥିବା ବେଳେ ସେମିଫାଇନାଲରେ ବିଶ୍ୱର ନମ୍ବର-୧ ମେକ୍ସିକୋର ଆଣ୍ଡ୍ରିଆ ବେସେରାଙ୍କଠାରୁ ୧୪୩-୧୪୫ରେ ପରାସ୍ତ ହୋଇଥିଲେ।

# ଭାରତ ପାଇଁ ଟିମ୍ କମ୍ବିନେଶନ ଚିନ୍ତାର କାରଣ



ପିଚ୍ ପରଖୁଛନ୍ତି ସ୍ମୃତି ମନ୍ଧାନା।

ଇନ୍ଦୋର, ୧୮।୧୦

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ରବିବାର ଖେଳାଯିବାକୁ ଥିବା ଲିଗ୍ ମ୍ୟାଚ୍‌ରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ଭେଟିବେ। ଲଗାତର ଦୁଇ ମ୍ୟାଚ୍‌ରେ ପରାଜିତ ହୋଇଥିବା ଭାରତୀୟ ଦଳ ପାଇଁ ଏହି ମ୍ୟାଚ୍ ଜିତିବା ବେଶ୍ ଗୁରୁତ୍ୱପୂର୍ଣ୍ଣ। ନ ହେଲେ ଭାରତକୁ ପ୍ରତ୍ୟେକ ପରବର୍ତ୍ତୀ ମ୍ୟାଚ୍‌ରେ କର-ବା-ମର ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ। ଏବେ ଭାରତକୁ ସେମିଫାଇନାଲ ଦୌଡ଼ରେ ରହିବା ପାଇଁ ବଳକା ୩ରୁ ୨ ମ୍ୟାଚ୍ ଜିତିବାର ଆବଶ୍ୟକତା ରହିଛି। ଏଣୁ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ମ୍ୟାଚ୍‌ରେ ପ୍ରଦର୍ଶନ ଓ ଷ୍ଟ୍ରାଟେଜିରେ ସୁଧାର ଆଣିବା ଲକ୍ଷ୍ୟରେ ରହିବ।

ଭାରତ ଗତ ଦୁଇ ମ୍ୟାଚ୍‌ରେ ଯଥାକ୍ରମେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇଛି। ବିଶାଖାପାଟଣାରେ ଖେଳାଯାଇଥିବା ଉଭୟ ମ୍ୟାଚ୍‌ରେ ଭାରତୀୟ ଦଳର ଟିମ୍ କମ୍ବିନେଶନ ଚିନ୍ତାର କାରଣ ପାଲଟିଥିଲା। ଏପର୍ଯ୍ୟନ୍ତ ଭାରତ ୫ ବ୍ୟାଟର, ଜଣେ ଉଇକେଟକିପର ଓ ୫ ବୋଲର ଖେଳାଉଥିଲା, ଯେଉଁମାନଙ୍କ ମଧ୍ୟରେ ୩ ଅଲରାଉଣ୍ଡର ରହିଥିଲେ। କିନ୍ତୁ ଏହି ଷ୍ଟ୍ରାଟେଜି ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ଏହାପରେ ବି ଟିମ୍ ମ୍ୟାନେଜମେଣ୍ଟ ସମାନ ଷ୍ଟ୍ରାଟେଜି ସହ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲା। ଏହି ମ୍ୟାଚ୍‌ରେ ୩୩୦ ରନର ଟାର୍ଗେଟ ଛିଡ଼ା କରିବା ପରେ ବି ଭାରତକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଲମ୍ବା ବ୍ୟାଟିଂ ଲାଇନ ଅପ୍ କାରଣରୁ ରେଣୁକା ସିଂ ଠାକୁରଙ୍କ ଭଳି ଉଇକେଟ ଟେକିଂ ପେସରଙ୍କୁ ଦଳରେ ସ୍ଥାନ ମିଳୁନାହିଁ। ତାଙ୍କ ଅନୁପସ୍ଥିତିରେ ଅନଭିଜ୍ଞ ଓ ଯୁବ ପେସର କ୍ରାନ୍ତି ଗୌଡ଼ଙ୍କ ଉପରେ ଚାପ ବଢ଼ାଉଛି। ଟିମ ମ୍ୟାନେଜମେଣ୍ଟ ପାଖରେ ସ୍ପିନର ରାଧା ଯାଦବ କିମ୍ବା ଅରୁନ୍ଧତୀ ରେଡ୍ଡୀଙ୍କ ମଧ୍ୟରେ ଜଣଙ୍କୁ ଖେଳିବାର ବିକଳ୍ପ ରହିଛି। କିନ୍ତୁ ଟପ୍ ଅର୍ଡର ବ୍ୟାଟରଙ୍କ ଖରାପ ଫର୍ମ କାରଣରୁ ଦଳକୁ ଲମ୍ବା ବ୍ୟାଟିଂ ଲାଇନଅପ୍ ସହ ଓହ୍ଲାଇବାକୁ ପଡ଼ୁଛି। ଅଷ୍ଟ୍ରେଲିଆ ବିପକ୍ଷରେ ସ୍ମୃତି ମନ୍ଧାନା ଓ ପ୍ରତିକା ରାଓ୍ୱଲ ଅର୍ଦ୍ଧଶତକୀୟ ପାଳି ଖେଳି ଫର୍ମକୁ ଫେରିଥିବା ନେଇ ସୂଚନା ଦେଇଛନ୍ତି। ହେଲେ ଅଧିନାୟିକା ହରମନ ଓ ଜେମିମା ରୋଡ୍ରିଗ୍ସ ଏପର୍ଯ୍ୟନ୍ତ ଆଖିଦୃଶିଆ ପ୍ରଦର୍ଶନ କରିନାହାନ୍ତି।

ହୋଲକର ଷ୍ଟାଡିୟମର ପିଚ୍ ପାରମ୍ପରିକ ଭାବେ ବ୍ୟାଟରଙ୍କୁ ସୁହାଏ। ଚଳିତ ବିଶ୍ୱକପ୍‌ରେ ଏହି ଗ୍ରାଉଣ୍ଡରେ ଖେଳାଯାଇଥିବା ଉଭୟ ମ୍ୟାଚ୍ ହାଇ ସ୍କୋରିଂ ରହିଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପରେ ଇଂଲଣ୍ଡ ଦ୍ୱିତୀୟ ଦଳ ଭାବେ ଏପର୍ଯ୍ୟନ୍ତ ଅପରାଜିତ ରହିଛି। ହେଲେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ବର୍ଷା କାରଣରୁ ଦଳ ଅଳ୍ପକେ ପରାଜୟରୁ ବର୍ତ୍ତି ଯାଇଥିଲା। ୪ ଥର ଚାମ୍ପିୟନ ଇଂଲଣ୍ଡକୁ ସେମିଫାଇନାଲରେ ସ୍ଥାନ ପକ୍କା କରିବା ପାଇଁ ମାତ୍ର ଗୋଟିଏ ବିଜୟ ଦରକାର।

# 'ଗେମ୍‌ଚେଞ୍ଜର' ଭୂମିକାରେ ଟିଁଲୋ ଆଥ୍‌ଲେଟିକ୍ସ ଆସୋସିଏଶନ

## ସରକାରଙ୍କ ସହ ଅନୁଷ୍ଠାନଗୁଡ଼ିକ ତତ୍ପର ହେଲେ କ୍ରୀଡ଼ାର ବିକାଶ ହୋଇପାରିବ



ଅଲିମ୍ପିଆନ ଦୂତୀ ଚାନ୍ଦ ଓ ତପନ ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର, ୧୮।୧୦ (ତପନ ସ୍ୱାଇଁ)

ବିଶିଷ୍ଟ ଶିକ୍ଷାବିତ, ଇଂଲିଶ ପୁସ୍ତକ ରଚୟିତା, ଭଦ୍ରକସ୍ଥିତ ଟିଁଲୋ ଆଥ୍‌ଲେଟିକ୍ ଆସୋସିଏଶନର ପ୍ରଥମ ସଭାପତି ତଥା ହାଇସ୍କୁଲର ଦିବଂଗତ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ୧୬ତମ ପୁଣ୍ୟତିଥି ଅବସରରେ ଭୁବନେଶ୍ୱରର ଏକ ହୋଟେଲରେ 'ଗେମ୍‌ଚେଞ୍ଜର-ଓଡ଼ିଶା ସ୍ପୋର୍ଟ୍ସ ଏଡିସନ ୨୦୨୫' ଆୟୋଜିତ ହୋଇଯାଇଛି। ରମେଶ ସାର୍ ସ୍ମୃତି ସଂସଦ ଓ ଟିଁଲୋ ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ଆୟୋଜିତ ଏହି କନ୍‌କ୍ଲେଭକୁ ଆସୋସିଏଶନର ଉପଦେଷ୍ଟା ମନ୍ମଥ ରାଉଳ ସଂଯୋଜନା କରିଥିଲେ। ଏହି ଅବସରରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସଭାପତି ତଥା ରାଜ୍ୟ ଭାଜପା ପୂର୍ବତନ ସଭାପତି ସମୀର ମହାନ୍ତି, ରାଜ୍ୟ ସରକାରଙ୍କ କ୍ରୀଡ଼ାବିଭାଗର ଅତିରିକ୍ତ ସଚିବ ଅଶୋକ ପଣ୍ଡା, ଉପସଚିବ ପଦ୍ମଲୋଚନ ସାହୁ, ବିଶିଷ୍ଟ କ୍ରିକେଟ ପ୍ରଶିକ୍ଷକ କିଶୋର ମାଣିଆ, ପୂର୍ବତନ ରାଜ୍ୟ କ୍ରିକେଟ ଖେଳାଳି ତଥା ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କଂଗ୍ରେସର ପୂର୍ବତନ ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରତିଷ୍ଠିତ ଜର୍ନାଲିଷ୍ଟ ସଂଗ୍ରାମ ଷଡ଼ଙ୍ଗୀ, ମାନସ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଟିଁଲୋ ଆଥ୍‌ଲେଟିକ ଆସୋସିଏଶନ କିପରି ବ୍ୟକ୍ତିଗତ ପ୍ରଚେଷ୍ଟାରେ ରାଜ୍ୟରେ କ୍ରୀଡ଼ାର ବିକାଶରେ 'ଗେମ୍‌ଚେଞ୍ଜର'ର ଭୂମିକା ନେଇଛି ତା' ଉପରେ ଚର୍ଚ୍ଚା କରିଥିଲେ। ଏଥିସହ ରାଜ୍ୟ ସରକାର ଓ ବିଭିନ୍ନ ଦାୟିତ୍ୱସମ୍ପନ୍ନ କ୍ରୀଡ଼ା ଅନୁଷ୍ଠାନଗୁଡ଼ିକର ମିଳିତ ସହଯୋଗରେ କ୍ରୀଡ଼ାର ଏକ ସୁଦୃଢ଼ ଭିତ୍ତିଭୂମି କିପରି ବିକାଶ ହୋଇପାରିବ ତା' ଉପରେ ଆଲୋଚନା ହୋଇଥିଲା।

ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ରମେଶ ସାର୍ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଅଲିମ୍ପିଆନ ଦୂତୀ ଚାନ୍ଦ, ଧରିତ୍ରୀର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ସିନିୟର ସ୍ପୋର୍ଟ୍ସ ଜର୍ନାଲିଷ୍ଟ ତପନ ସ୍ୱାଇଁ, ଅବସରପ୍ରାପ୍ତ କ୍ରୀଡ଼ାଧିକାରୀ ତଥା ଶିବସୁନ୍ଦର ଦାସଙ୍କ ଭଳି କ୍ରୀଡ଼ାବିତ ବାହାର କରିପାରିଥିବା ସୁନାମଧନ୍ୟ କ୍ରିକେଟ କୋଚ୍ କିଶୋର ମାଣିଆ, ଅବସରପ୍ରାପ୍ତ ଶିକ୍ଷାଧିକାରୀ, ପଣ୍ଡିତ ତଥା ସୁଲେଖକ ଓ ସର୍ବୋପରି ଆକାଶବାଣୀର କବି ଗଣେଶ ପ୍ରସାଦ କରଶର୍ମା, ଓଡ଼ିଶା ସରକାରଙ୍କ କାମ୍ପା ବିଭାଗର ସଦସ୍ୟ ସଞ୍ଜୀବ ପଣ୍ଡା ଓ ଜର୍ନାଲିଷ୍ଟ ମାନସ ପଣ୍ଡା ପ୍ରମୁଖ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ଟିଁଲୋ ସରପଞ୍ଚ ସଂଗ୍ରାମ ଜେନା, ଅସିତ କର, ପରମେଶ୍ୱର ବାରିକ, ଅମରଜିତ ସ୍ୱାଇଁ, ହୃଷୀକେଶ ରାଉତ, ମାଧବାନନ୍ଦ ବେହେରା, ସନାତନ ଲେଙ୍କା ପ୍ରମୁଖ ରମେଶ ସାର୍‌ଙ୍କ ସ୍ମୃତିଚାରଣ କରିଥିଲେ। ଟିଁଲୋ ଆଥ୍‌ଲେଟିକ ଆସୋସିଏଶନର ସଭାପତି ଲକି ସ୍ୱାଇଁ ଆସୋସିଏଶନର ବିସ୍ତୃତ କାର୍ଯ୍ୟଧାରା ବର୍ଣ୍ଣନା କରିବା ସହ ସରକାର ଯତ୍ନବାନ ହେଲେ କିପରି ତୃଣମୂଳ ସ୍ତରରୁ କ୍ରୀଡ଼ାର ଉନ୍ନତି ହୋଇପାରିବ ସେ ବିଷୟରେ ମତ ରଖିଥିଲେ। ଶେଷରେ ବିଭୁପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂଜ୍ୟପୂଜା ପରମ୍ପରା ତଥା କ୍ରୀଡ଼ାର ବିକାଶ ପାଇଁ ଆସୋସିଏଶନର ପ୍ରୟାସକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିବା ସହ ଓଡ଼ିଶା ସରକାର ଓ ରାଜ୍ୟସ୍ତରୀୟ କ୍ରୀଡ଼ା ଆସୋସିଏଶନ କିପରି ସହଯୋଗ କରିପାରିବେ ସେ ବିଷୟରେ ମତ ରଖିଥିଲେ। ପୂର୍ବାହ୍ନରେ ବନ୍ତ ଥାନା ଆଇଆଇସି ମୋନାଲିସା କର ସ୍ୱର୍ଗତ ରମେଶ ସ୍ୱାଇଁଙ୍କ ଭଦ୍ରକସ୍ଥିତ ଟିଁଲୋଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ରମେଶ ସାର୍ ସ୍ମୃତି ସଂସଦ ଓ ଟିଁଲୋ ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ସେମିରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା

କଲମ୍ବୋ, ୧୮।୧୦

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ଶନିବାର ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବର୍ଷାରେ ଧୋଇ ହୋଇଯାଇଛି। ଫଳରେ ଉଭୟ ଦଳକୁ ପଏଣ୍ଟ ଭାଗ କରିବାକୁ ପଡ଼ିଛି। ପଏଣ୍ଟ ଭାଗ ହେବାରୁ ନ୍ୟୁଜିଲାଣ୍ଡ ୫ ମ୍ୟାଚ୍‌ରୁ ୪ ପଏଣ୍ଟ ସହ ପଞ୍ଚମ ଓ ପାକିସ୍ତାନ ସମାନ ସଂଖ୍ୟକ ମ୍ୟାଚ୍‌ରୁ ୨ ପଏଣ୍ଟ ସହ ଅନ୍ତିମ ତଥା ଅଷ୍ଟମ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ର ଏଭଳି ଫଳାଫଳ ଯୋଗୁ ପଏଣ୍ଟ ଟେବୁଲ ଶୀର୍ଷରେ ଥିବା ଅଷ୍ଟ୍ରେଲିଆ ଓ ଦ୍ୱିତୀୟ ସ୍ଥାନରେ ଥିବା ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଟସ୍ ଜିତି ବ୍ୟାଟିଂ କରିଥିବା ପାକିସ୍ତାନ ବ୍ୟାଟିଂ ବିଫଳତାର ସମ୍ମୁଖୀନ ହୋଇ ୨୫ ଓଭରରେ ୫ ଉଇକେଟ ହରାଇ ୯୨ ରନ କରିଥିଲା। ଏହାପରେ ଲଗାଣ ବର୍ଷା ଯୋଗୁ ଖେଳ ସମ୍ଭବ ହୋଇପାରିନଥିଲା। ପାକିସ୍ତାନ ପାଇଁ ଆଲିୟା ରିଆଜ ଅପରାଜିତ ୨୮ ଓ ମୁନିବା ଅଲୀ ୨୨ ରନ କରିଥିଲେ। ନ୍ୟୁଜିଲାଣ୍ଡ ଲାଗି ଲି ତାହୁହୁ ଦୁଇ ଉଇକେଟ ନେଇଥିବା ବେଳେ ଜେସ କେର, ଆମେଲିକା କେର ଓ ଏଡେନ କାରସନ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

## ଜୋହର କପ୍ ହକି

# ଭାରତ ରନରଅପ୍

ଜୋହର ବାହରୁ (ମାଲେସିଆ), ୧୮।୧୦ (ପି.ଟି.)

ଭାରତୀୟ ଜୁନିୟର ପୁରୁଷ ହକି ଦଳ ଏଠାରେ ଅନୁଷ୍ଠିତ ସୁଲତାନ ଅଫ୍ ଜୋହର କପ୍ ୨୧ ବର୍ଷରୁ କମ୍ ହକି ଟୁର୍ନାମେଣ୍ଟରେ ରନରଅପ୍ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଇଆନ ଗ୍ରେବେଲାରଙ୍କ ଡବଲ ଗୋଲ୍ ବଳରେ ଅଷ୍ଟ୍ରେଲିଆ ୨-୧ ଗୋଲ୍‌ରେ ଭାରତକୁ ପରାସ୍ତ କରିଛି। ଗ୍ରେବେଲାର ପ୍ରଥମ କ୍ୱାର୍ଟର ଖେଳ ଶେଷ ହେବାର ଅଳ୍ପ ସମୟ ପୂର୍ବରୁ ୧୩ତମ ମିନିଟ୍‌ରେ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଜବାବରେ ୩ଥର ପୂର୍ବତନ ଚାମ୍ପିୟନ ଭାରତ ଦ୍ୱିତୀୟ କ୍ୱାର୍ଟରରେ ଅନମୋଲ ଏକ୍କାଙ୍କ ଗୋଲ୍ ବଳରେ ମ୍ୟାଚକୁ ୧-୧ରେ ବରାବର ସ୍ଥିତିକୁ ନେଇ ଆସିଥିଲା। ଅନମୋଲ ୧୭ତମ ମିନିଟ୍‌ରେ ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରିଥିଲେ। ତୃତୀୟ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଖେଳ ଶେଷ ହେବାକୁ ଆଉ ମାତ୍ର ୨ ମିନିଟ ଖେଳ ବାକି ରହିଥିବା ବେଳେ ଗ୍ରେବେଲାର ତାଙ୍କର ଦ୍ୱିତୀୟ ଗୋଲ ସ୍କୋର କରିଥିଲେ, ଯାହାକି ମ୍ୟାଚ ୧୧ଶ ପେନାଲ୍ଟି କର୍ନର ଥିଲା। ୨୦୨୨ରେ ଭାରତ ବିପକ୍ଷ ପରାଜୟ ସମେତ କ୍ରମାଗତ ୩ଟି ଫାଇନାଲରେ ପରାଜିତ ହେବା ପରେ ଅଷ୍ଟ୍ରେଲିଆ ଶେଷରେ ବିଜୟୀ ହୋଇପାରିଛି। ଏହାଦ୍ୱାରା ସେମାନେ ଆହୁରି ମଧ୍ୟ ଭାରତ ବିପକ୍ଷରେ ୩ବର୍ଷ ତଳର ପରାଜୟର ପ୍ରତିଶୋଧ ନେଇପାରିଛନ୍ତି। ଅଷ୍ଟ୍ରେଲିଆର ଓଭରଅଲ ଏହା ତୃତୀୟ ଓଭରଅଲ୍ ସୁଲ୍‌ତାନ ଅଫ୍ ଜୋହର କପ୍ ଟାଇଟଲ।

# ହାଇଦ୍ରାବାଦ୍ ଏଫ୍‌ସିର ନାମ ବଦଳିଲା

ନୂଆଦିଲ୍ଲୀ, ୧୮।୧୦

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) କ୍ଲବ ହାଇଦ୍ରାବାଦ୍ ଏଫ୍‌ସିର ଶନିବାର ନାମ ପରିବର୍ତ୍ତନ କରାଯାଇ ସ୍ପୋର୍ଟିଂ କ୍ଲବ ଦିଲ୍ଲୀ କରାଯାଇଛି। ଗତ ବର୍ଷ ବିସି ଜିନ୍ଦଲ ଗ୍ରୁପ୍‌ର ଅଂଶ ଥିବା ବିସି ଜିନ୍ଦଲ ଫୁଟବଲ ପ୍ରାଇଭେଟ ଲିମିଟେଡ୍ ହାଇଦ୍ରାବାଦ୍ ଏଫ୍‌ସିର ମାଲିକାନା ପୂର୍ବ ମାଲିକଙ୍କଠାରୁ ହାସଲ କରିଥିଲା। ଏହି କମ୍ପାନୀ ୨୦୨୫-୨୬ ସିଜନଠାରୁ ହାଇଦ୍ରାବାଦ୍ ପରିବର୍ତ୍ତେ ଦିଲ୍ଲୀକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଛି। ଏଥିଯୋଗୁ ଜାତୀୟ ରାଜଧାନୀକୁ ଆଇଏସ୍‌ଏଲ୍‌ରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀ ପ୍ରତିନିଧିତ୍ୱ କରିବ। ପୂର୍ବରୁ ଦିଲ୍ଲୀ ଡାଇନାମୋସ ଆଇଏସ୍‌ଏଲ୍‌ରେ ଅଂଶଗ୍ରହଣ କରିଥିଲା। ୨୦୧୯ରେ କ୍ଲବର ବେସ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯିବା ପରେ କ୍ଲବର ନାମକୁ ବଦଳାଯାଇ ଓଡ଼ିଶା ଏଫ୍‌ସି କରାଯାଇଥିଲା। ଆସନ୍ତା ୨୫ ତାରିଖରୁ ଗୋଆରେ ଆରମ୍ଭ ହେବାକୁ ଥିବା ସୁପର କପ୍‌ରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀ, ହାଇଦ୍ରାବାଦ୍ ଏଫ୍‌ସି ସ୍ଥାନରେ ଖେଳିବ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ